

୬୦ ବର୍ଷରେ ଅମିର୍‌ଙ୍କ ତୃତୀୟ ବିବାହ

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-12 ◆MONDAY ◆06 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୨ ◆ସୋମବାର ◆୦୬ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ପ୍ରକାଶ ପାଇଲା ଏସ୍‌ଆଇଆର୍ ଚିଠା ଭୋଟର ତାଲିକା

# ରାଜ୍ୟରେ ବାଦ୍ ପଡ଼ିଲେ ୨୦ ଲକ୍ଷ ୧୨ ହଜାର

■ ଭୁବନେଶ୍ୱର, ୫।୭ (ସମିସ): ଗତ ୨୮ ତାରିଖରେ ରାଜ୍ୟରେ ଶେଷ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଚିଠା ତାଲିକାରେ ମୃତକ କୁହାଯାଉଥିବା ୮.୩୨ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି ଏବଂ ସ୍ଥାନାନ୍ତର ଓ ଦୀର୍ଘ ଅନୁପସ୍ଥିତି ପାଇଁ ୧୦.୦୭ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିଛି। ଏକାଧିକ ସ୍ଥାନରେ ପଞ୍ଜୀକୃତ କରାଣରୁ ୧.୫୮ ଲକ୍ଷ ଭୋଟର ଓ ଅନ୍ୟାନ୍ୟ କାରଣ ପାଇଁ ୧୪ ହଜାର ଲୋକଙ୍କ ନାମ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିଠା ଭୋଟର ତାଲିକା ପ୍ରକାଶ ପରେ ରାଜ୍ୟର ୭୫ଟି ବିଧାନସଭା କ୍ଷେତ୍ର ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କଟାଯାଇଛି। କେବଳ କେନ୍ଦ୍ରାପଡ଼ା ଜିଲ୍ଲାରେ ୬୦ ହଜାର ୨୪୦ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ଜଣାପଡ଼ିଛି।

ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଚିଠା ତାଲିକା ଅନୁସାରେ ରାଜ୍ୟରେ ମୋଟ ୩ କୋଟି ୩୩ ଲକ୍ଷ ୯ ୯ ହଜାର ୫ ୯୧ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୭ ଓ ମହିଳା ଭୋଟର ସଂଖ୍ୟା ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ । ସେହିପରି ତାଲିକାରେ ୨୭୭୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଭୋଟର ତାଲିକାରେ ନାମଥିବା ସମସ୍ତ ବ୍ୟକ୍ତିଙ୍କୁ ପରିଗଣନା ଫର୍ମ ଦିଆଯାଇଥିଲା ଏବଂ ଏହାମଧ୍ୟରୁ ଦାଖଲ ହୋଇଥିବା ପରିଗଣନା ଫର୍ମ ସଂଖ୍ୟା ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଓ ଏହା ମୋଟ ଭୋଟର ସଂଖ୍ୟାର ୯୩.୯୭ ପ୍ରତିଶତ। ବଳକା ୨୦ ଲକ୍ଷ ୧୨ହଜାର ୫୫୭ ହଜାର ଭୋଟରଙ୍କ ନାମ ତାଲିକାରୁ କଟିଛି। ଏମାନଙ୍କ ମଧ୍ୟରେ ୮.୩୨ ଲକ୍ଷ ମୃତକ, ୧୦.୦୭ ଲକ୍ଷ ସ୍ଥାନାନ୍ତରିତ ବା ଅନୁପସ୍ଥିତ ଅଛନ୍ତି। ଏହି କାର୍ଯ୍ୟରେ ରାଜ୍ୟରେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ▶ପୃଷ୍ଠା-୭



### ୭୫ ନିର୍ବାଚନମଣ୍ଡଳୀରେ ୧୦ ହଜାର ଲେଖାଏଁ କଟିଲେ

### ମୃତ ଓ ସ୍ଥାନାନ୍ତରିତଙ୍କୁ ଗଣନା ଫର୍ମ ବଣ୍ଟନକୁ ନେଇ ପ୍ରଶ୍ନ

### ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କରିହେବ ଆପତ୍ତି-ଅଭିଯୋଗ

## ୩ ରାଜ୍ୟରେ କଟିଲେ ୨୨.୫୫ ଲକ୍ଷ; ଓଡ଼ିଶାରୁ ସର୍ବାଧିକ

| ରାଜ୍ୟ | ମୋଟ ଭୋଟର | ଚିଠା ଭୋଟର ତାଲିକା | ବାଦ ପଡ଼ିଥିବା ନାମ |
|---|---|---|---|
| ଓଡ଼ିଶା | ୩,୩୩,୯୯,୫୯୧ | ୩,୧୩,୮୭,୦୩୪ | ୨୦,୧୨,୫୫୭ (୬.୦୨%) |
| ମଣିପୁର | ୨୦,୯୩,୦୭୬ | ୧୯,୩୪,୩୯୯ | ୧,୫୮,୬୭୭ (୭.୫%) |
| ମିଜୋରାମ | ୮,୭୫,୦୬୮ | ୮,୨୮,୯୦୬ | ୪୬,୧୬୨ (୫.୨%) |

■ ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ସମ୍ପ୍ରତି ଦେଶରେ ଚାଲିଥିବା ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କ୍ରମରେ ୪ ରାଜ୍ୟରେ ପ୍ରକାଶ ପାଇଛି ଚିଠା ଭୋଟର ତାଲିକା। ଓଡ଼ିଶା, ମଣିପୁର, ମିଜୋରାମ ଓ ସିକ୍କିମର ଭୋଟର ତାଲିକା ସଂଶୋଧନ ପରେ ଚାରି ରାଜ୍ୟରୁ ୬.୧୨% ଭୋଟର ଅର୍ଥାତ୍ ୨୨.୫୫ ଲକ୍ଷ ଭୋଟର ଚିଠା ତାଲିକାରୁ ବାଦ ପଡ଼ିଛନ୍ତି। ଏହା ମଧ୍ୟରୁ କେବଳ ଓଡ଼ିଶାରେ ୨୦,୧୨,୫୫୭ ଭୋଟର କଟିଛନ୍ତି। ସଂଶୋଧନ ପୂର୍ବରୁ ରାଜ୍ୟରେ ମୋଟ ୩,୩୩,୯୯,୫୯୧ ଭୋଟର ଥିବାବେଳେ ଚିଠା ତାଲିକାରେ ଏହି ସଂଖ୍ୟା ୩,୧୩,୮୭,୦୩୪କୁ ହ୍ରାସ ପାଇଛି। ଭୋଟର ତାଲିକାରୁ ୬.୦୨ ପ୍ରତିଶତ ମତଦାତାଙ୍କ ନାମ ବାଦ ଦିଆଯାଇଛି। ସେହିପରି ମଣିପୁରରେ ସଂଶୋଧନ ପୂର୍ବରୁ ୨୦,୯୩,୦୭୬ ଜଣ ଭୋଟର ଥିବାବେଳେ ଚିଠା ତାଲିକାରେ ଏହା ୧୯,୩୪,୩୯୯କୁ ହ୍ରାସ ପାଇଛି। ଏହି ରାଜ୍ୟରେ ୧,୫୮,୬୭୭ ଜଣ (୭.୫ ପ୍ରତିଶତ) ବାଦ ପଡ଼ିଛନ୍ତି। ଅନ୍ୟପକ୍ଷରେ ମିଜୋରାମରେ ପୂର୍ବରୁ ୮,୭୫,୦୬୮ ଜଣ ଭୋଟର ଥିବାବେଳେ ସଂଶୋଧିତ ଖସଡ଼ା ତାଲିକାରେ ୮,୨୮,୯୦୬ ଜଣଙ୍କ ନାମ ରହିଛି। ଏଠାରେ ୪୬,୧୬୨ ଜଣ (୫.୨ ପ୍ରତିଶତ) ଭୋଟରଙ୍କ ନାମ ବାଦ ଦିଆଯାଇଛି।

## ମହିଳା ଟି-୨୦ | ଅଷ୍ଟ୍ରେଲିଆ ବିଶ୍ୱ ଚାମ୍ପିଅନ




ଲଣ୍ଡନ, ୫।୭ (ଏଜେନ୍ସି): ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ରେକର୍ଡ ୭ମଥର ଲାଗି ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଛି। କ୍ରିକେଟ୍‌ର ମକ୍କା କୁହାଯାଉଥିବା ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ରାତିରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆ ୭ ୱିକେଟରେ ଘରୋଇ ଇଂଲଣ୍ଡକୁ ମାତ୍ ଦେଇଛି। ବେଥ୍ ମୁନୀ (୬୪ ରନ)ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ୧୫୧ ରନର ଛୋଟିଆ ଲକ୍ଷ୍ୟକୁ ୧୭ଟି ବଲ୍ ବଳକା ଥାଇ ହାସଲ କରିନେଇଥିଲା। ଅଷ୍ଟ୍ରେଲିଆ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩ରେ ମହିଳା ଟି-୨୦ ବିଶ୍ୱକପ୍ ଟାଇଟଲ୍ ହାସଲ କରିଛି।

## ରାମ ମନ୍ଦିରରୁ ଲୁଟିନେଲେ ପାଞ୍ଚ କୋଟିର ସୁନା 'ରାମଚରିତମାନସ'

■ ଅଯୋଧ୍ୟା, ୫।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରୁ ଚୋରି ମାମଲାରେ ଦିନକୁ ଦିନ ଭୟଙ୍କର ତଥ୍ୟ ଆସିବାରେ ଲାଗିଛି। ଅଭିଯୁକ୍ତମାନେ କେବଳ ଟଙ୍କା ଚୋରି କରି ନାହାନ୍ତି, ସେମାନେ ସୁନା ଓ ରୁପା ଉପହାରକୁ ମଧ୍ୟ ଲୁଟି ନେଇଛନ୍ତି। ମନ୍ଦିରକୁ ଦାନ କରାଯାଇଥିବା ଏକ ବହୁମୂଲ୍ୟ ସୁନା ଛାଉଣି ରାମଚରିତମାନସ ଗ୍ରନ୍ଥ ହଠାତ୍ ଗାଏବ ଘଟଣା ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଜଣେ ପୂର୍ବତନ ଆଇଏଏସ ଅଧିକାରୀ ଏସଂପର୍କରେ ଗୁରୁତର ଅଭିଯୋଗ ଆଣିବା ପରେ ଘଟଣା ସାମନାକୁ ଆସିଛି। ବରିଷ୍ଠ ଆଇଏଏସ ତଥା ପୂର୍ବତନ କେନ୍ଦ୍ର ଗୃହ ସଚିବ ଏସ୍. ଲକ୍ଷ୍ମୀନାରାୟଣନ କହିଛନ୍ତି ଯେ, ତାଙ୍କ ପରିବାର ପକ୍ଷରୁ ମନ୍ଦିରକୁ ଦାନ କରାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ଏହି ସୁନା ଛାଉଣି ଧର୍ମଗ୍ରନ୍ଥଟିକୁ ମନ୍ଦିର ପରିସରରୁ ଗାଏବ କରିଦିଆଯାଇଛି। ତାଙ୍କ ପରିବାର ଏହି ବହୁମୂଲ୍ୟ ରାମଚରିତମାନସକୁ ଏପ୍ରିଲ ୨୦୨୪ରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ▶ପୃଷ୍ଠା-୭

### ପୂର୍ବତନ କେନ୍ଦ୍ର ଗୃହ ସଚିବଙ୍କ ଅଭିଯୋଗ ପରେ ହଟଚମଟ

### ମୁହଁ ଖୋଲୁ ନାହାନ୍ତି ଟ୍ରଷ୍ଟ କର୍ମକର୍ତ୍ତା



**ଦିନକୁ ଚୋରି ହେଉଥିଲା ୬ରୁ ୮ ଲକ୍ଷ ଟଙ୍କା**

# ଅବପାତ ଝାଡ଼ଖଣ୍ଡମୁହାଁ

## ଓଡ଼ିଶାରେ ଭରିଲା ମାସକର ନିଅଣ୍ଟିଆ ବର୍ଷା



ଭଦ୍ରକ ଜିଲ୍ଲା ଆଖୁଆପଦାଠାରେ ସତର୍କ ସଂକେତ ନିକଟତର ବୈତରଣୀ

■ ଭୁବନେଶ୍ୱର, ୫।୭ (ସମିସ): ଗୋଟିଏ ଲଘୁଚାପ ଭରଣା କରିଦେଲା ମାସକର ନିଅଣ୍ଟିଆ ବର୍ଷା। ଜୁନ୍ ମାସରେ ମୌସୁମୀ ଛୁଇଁଥିଲେ ମଧ୍ୟ ସାରା ରାଜ୍ୟରେ ବର୍ଷାର ଅଭାବ ଲାଗି ରହିଥିଲା। ମାସ ଶେଷ ସୁଦ୍ଧା ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ମାତ୍ର ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଅବପାତ ପ୍ରଭାବରେ ୫ ଦିନରେ ୪୫ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣା ହୋଇଛି। ଏଥିସହ ଆଜିସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପ ନେବା ସହିତ ରବିବାର ସ୍ଥଳଭାଗ ଅତିକ୍ରମ କରିଛି। ଏହି ଅବପାତଟି ବାଲେଶ୍ୱର ନିକଟରୁ ଉତ୍ତର ଉପକୂଳ ଓଡିଶା ଦେଇ ଝାଡ଼ଖଣ୍ଡ ମୁହାଁ ହୋଇଛି। ଆଗାମୀ ୨୪ଘଣ୍ଟା ଯାଏଁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଏହା ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ମଧ୍ୟ ଦେଇ ଗତିକରିବା ସମ୍ଭାବନା ରହିଛି। ଏହାର ପ୍ରଭାବର ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବା ନେଇ ଆଶଙ୍କା କରାଯାଇଛି। ତେବେ ସୋମବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇବ।

ପାଣିପାଗ କେନ୍ଦ୍ର ତଥ୍ୟରୁ ଜଣାପଡ଼ିଛି ଯେ ଅବପାତ ପ୍ରଭାବରେ ୯ ସ୍ଥାନରେ ଅତ୍ୟନ୍ତ ଭାରି ବର୍ଷା (୨୦ସେମି), ୪୬ ସ୍ଥାନରେ ଅତି ଭାରି ବର୍ଷା, (୧୨ରୁ ୨୦ ସେମି) ୫୭ ▶ପୃଷ୍ଠା-୭

### ୨୪ ଘଣ୍ଟାରେ ୬୪୯ ପ୍ରତିଶତ ଅଧିକ ବର୍ଷା

### ପ୍ରଥମ ୫ ଦିନରେ ମାସକର ୪୫ ପ୍ରତିଶତ ଭରଣା

## ମମତା ଗୃହବନ୍ଦୀ!

■ କୋଲକାତା, ୫।୭: ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଏବେ ଗୃହବନ୍ଦୀ। ମମତାଙ୍କ ବାସଭବନ ଚାରିପଟେ ବ୍ୟାରିକେଡ୍ ଲଗାଯିବା ସହିତ ପୁଲିସ ଫୋର୍ସ ଘେରି ରହିଛନ୍ତି। ଆଜି ରାତିରେ ଟିଏମ୍‌ସି ପକ୍ଷରୁ 'ଏକ୍ସ'ରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବାରୁଇପୁରରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ପିଟିପିଟି ଜଣେ ଅଭିଯୁକ୍ତକୁ ହତ୍ୟା କରିଛନ୍ତି। ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଜଣେ ବିଜେପି ନେତାଙ୍କ ସମେତ ୪ଜଣ ଗିରଫ ହୋଇଛନ୍ତି। ପୀଡ଼ିତାଙ୍କ ପରିବାରକୁ ଭେଟିବା ଲାଗି ମମତା ସଂପୃକ୍ତ ଅଞ୍ଚଳ ଗସ୍ତ କରିବାକୁ ଯୋଜନା କରିଥିଲେ। ଏଥିରୁ ନିବୃତ୍ତ କରିବା ଲାଗି ତାଙ୍କୁ ପୁଲିସ ପ୍ରଶାସନ ଗୃହବନ୍ଦୀ କରିଛି।

## ଡିଏସ୍‌ପିଙ୍କ ସମ୍ପତ୍ତି ୨୦୦ କୋଟି

■ ହାଇଦ୍ରାବାଦ, ୫।୭ (ଏଜେନ୍ସି): ତେଲଙ୍ଗାନାରେ ଦୁର୍ନୀତି ନିରୋଧୀ ସଂସ୍ଥା (ଏସିବି) ଚଢ଼ଉ ବେଳେ ଜଣେ ପୁଲିସ ଉପ ଅଧୀକ୍ଷକ (ଡ଼ିଏସ୍‌ପି) ସଙ୍କିରେଡ୍ଡୀ ଭୀମରେଡ୍ଡୀଙ୍କଠାରୁ ମିଳିଛି ବିପୁଳ ସମ୍ପତ୍ତି। ପ୍ରାଥମିକ ଆକଳନ ଅନୁସାରେ ଏହି ସବୁ ସମ୍ପତ୍ତିର ବଜାର ମୂଲ୍ୟ ୨୦୦ କୋଟି ଟଙ୍କାରୁ ଅଧିକ ବୋଲି ଏସିବି ସୂଚନା ଦେଇଛି। ଏକ ଅଜ୍ଞାତ ସୂଚନାଦାତାଙ୍କ ସୂଚନା ଆଧାରରେ ଏସିବି ହାଇଦ୍ରାବାଦ, ସାଇବରାବାଦ, ସଙ୍ଗାରେଡ୍ଡି, ଜାହିରାବାଦ, ଶାମଶାବାଦ, ଗାଚିବୌଲି, ବିକାରାବାଦ, ମୋମିନପେଟ ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ଉ ▶ପୃଷ୍ଠା-୭






ନରାଜରେ ପୁଣି ସେଲ୍‌ଫି ଅଘଟଣ

## କାଠଯୋଡ଼ି ସ୍ରୋତରେ ଭାସିଗଲେ ୩ ଯୁବକ

**୨ ଉଦ୍ଧାର ଓ ଜଣେ ନିଖୋଜ**



■ କଟକ / ତ୍ରିଶୂଳିଆ, ୫।୭ (ସମିସ): ମହାନଦୀର ନରାଜ ପୁରୁଣା ବନ୍ଧ (ଆନିକଟ୍) ନିକଟରେ ରବିବାର ସନ୍ଧ୍ୟାରେ ଏକ ବଡ଼ଧରଣର ଅଘଟଣ ଘଟିଯାଇଛି। ନଦୀକୂଳରେ ଛିଡ଼ା ହୋଇ ସେଲଫି ନେଉଥିବା ସମୟରେ ହଠାତ ପାଣିର ପ୍ରଖର ସ୍ରୋତରେ ୩ ଜଣ ଯୁବକ ଭାସି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ସ୍ଥାନୀୟ ଲୋକେ ସାହସର ସହ ଉଦ୍ଧାର କରିଥିବା ବେଳେ ଜଣେ ଯୁବକ ଏବେ ମଧ୍ୟ ନିଖୋଜ ଅଛନ୍ତି। ଭାସି ଯାଇଥିବା ୩ ଯୁବକ କଟକ ସହରର ମାଛୁଆ ବଜାର ଅଞ୍ଚଳର ବୋଲି ଜଣାପଡ଼ିଛି। ଉଦ୍ଧାର ହୋଇଥିବା ଦୁଇ ଯୁବକ ହେଲେ, ମନୋଜ ମାଝୀ (୨୨ ବର୍ଷ) ଓ ସୌମ୍ୟରଞ୍ଜନ ମଲ୍ଲିକ (୨୦ ବର୍ଷ)। ସେମାନଙ୍କ ସହ ଥିବା ଅନ୍ୟ ଜଣେ ସାଙ୍ଗ

ଆକାଶ ବେହେରା (୨୩ ବର୍ଷ) ପାଣିର ପ୍ରଖରସ୍ରୋତରେ ନିଖୋଜ ହୋଇଯାଇଛନ୍ତି। ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ଓ ଗୋଡ଼ିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବିଳମ୍ବିତ ରାତି ଓ ପ୍ରଖର ସ୍ରୋତ ଯୋଗୁଁ ଖୋଜାଖୋଜିରେ ▶ପୃଷ୍ଠା-୭

## ନବନିର୍ମିତ କେସିଙ୍ଗା ରେଳଷ୍ଟେସନ ଛାତରୁ ଗଳୁଛି ପାଣି



**କେସିଙ୍ଗା, ୫।୭(ସମିସ):** କଳାହାଣ୍ଡି ଜିଲ୍ଲାର ପ୍ରମୁଖ ଓ ପୁରୁଣା ରେଳଷ୍ଟେସନ କେସିଙ୍ଗା। ଜିଲ୍ଲାର ପ୍ରାୟ ୭୫ ପ୍ରତିଶତ ଲୋକ ଭାରତର ଯେ କୌଣସି ରାଜ୍ୟକୁ ଯିବା ଆସିବା କରିବା ପାଇଁ କେସିଙ୍ଗା ଉପରେ ହିଁ ନିର୍ଭର କରିଥାନ୍ତି। ସେଥିପାଇଁ ରେଳ ଷ୍ଟେସନ ପ୍ରାୟ ସବୁ ସମୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ରେଳବିଭାଗ ପକ୍ଷରୁ ଅମୃତଭାରତ ରେଳ ଷ୍ଟେସନ ଯୋଜନାରେ ସାମିଲ କରି କୋଟି କୋଟି ଟଙ୍କା ବ୍ୟୟରେ ଷ୍ଟେସନର ନବକଳେବର ହୋଇଛି। କାମ ପ୍ରାୟ ୯୦ ପ୍ରତିଶତ କାମ ସରିଯାଇଥିବା ବେଳେ କିଛିଦିନ ପରେ ଉଦ୍‌ଘାଟନ ମଧ୍ୟ ହେବ। ହେଲେ ଶନିବାର ଲଗାଣ ବର୍ଷାଯୋଗୁଁ ନବ ନିର୍ମିତ ପ୍ଲାଟଫର୍ମ ଛାତରୁ ପାଣି ଗଳୁଛି। ଏବାବଦରେ କେସିଙ୍ଗାର ସଚେତନ ନାଗରିକ ତଥା କେସିଙ୍ଗା ଷ୍ଟେସନ ପରାମର୍ଶଦାତା କମିଟିର ସଭ୍ୟ ସୁରେଶ ରାଓ ଷ୍ଟେସନ ମ୍ୟାନେଜରଙ୍କୁ ଅଭିଯୋଗ କରି ରେଳମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଟୁଇଟ୍ ଯୋଗେ ଉକ୍ତ ବିଷୟ ଉପରେ ଜଣାଇଛନ୍ତି।

## ଘନ ଘନ ବିଦ୍ୟୁତ୍ କାଟ୍; ବଢ଼ୁଛି ଅସନ୍ତୋଷ

**ମ. ରାମପୁର, ୫।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଦେଇ ନର୍ଲା, ମ. ରାମପୁରକୁ ସଂଯୋଗ କରିଥିବା ୩୩ କେ.ଭି ବିଦ୍ୟୁତ ସରବରାହ ବର୍ଷ ତମାମ ବିଭ୍ରାଟ ଦେଖିବାକୁ ମିଳିଛି। କଣ୍ଡକ୍ଟର, ଇନ୍ସୁଲେଟର, ସିଟି, ପିଟି ପୋଲ ଇତ୍ୟାଦିକୁ ବଦଳାଇ ଅତି ନିମ୍ନମାନର ସାମଗ୍ରୀ ଲଗାଉଥିବାରୁ ବିଦ୍ୟୁତ ବିଭ୍ରାଟ ହଉଛି ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି। ଏହି ୩୩କେ. ଭି ଲାଇନ ପୂର୍ବରୁ କେବେ ଏତେ ବିଭ୍ରାଟ ଦେଖିବାକୁ ମିଳୁନଥିଲା। ଏହି ହାଇ ଟ୍ରାନ୍ସମିଶନ ୩୩କେ. ଭି ଲାଇନ ଉପରେ ନର୍ଲା ବ୍ଲକ, ମରାମପୁ ବ୍ଲକ, କରଲାମୁଣ୍ଡା ବ୍ଲକ ନିର୍ଭରଶୀଳ। ଏହି ଲାଇନ ପ୍ରତ୍ୟହ ୩ ରୁ ୪ ଥର ବିଭ୍ରାଟ ହେଉଛି। କିଛି ଅଧିକାରୀ ଭବାନୀପାଟଣା କାର୍ଯ୍ୟାଳୟରେ ବସି ହୁକୁମ ଚଳାଉଥିବାବେଳେ କେବେ ବି କ୍ଷେତ୍ର ପ୍ରଦର୍ଶନ କରନ୍ତି ନାହିଁ, କେବଳ କେତେ ଟଙ୍କା ସଂଗ୍ରହ ହେଲା ତା ଉପରେ ଚାପ ପକାନ୍ତି। ଏନେଇ ଆମେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କେସିଙ୍ଗାରୁ ନର୍ଲା ଭିତରେ ବାରମ୍ବାର ତାର ଛିଣ୍ଡୁ ଥିବାରୁ ବିଦ୍ୟୁତ ବିଭ୍ରାଟ ହଉଛି ବୋଲି କହିଥିଲେ।

## ଜୁନାଗଡ଼ ମାଛ ବଜାରରେ ଓଜନରେ ଠକେଇ ଅଭିଯୋଗ

**ଜୁନାଗଡ଼, ୫।୭(ସମିସ):** ଜୁନାଗଡ଼ ସହର ସମେତ ଆଖପାଖ ଅଞ୍ଚଳର ଗ୍ରାହକଙ୍କ ପ୍ରମୁଖ ଭରସା ସାଜିଥିବା ସ୍ଥାନୀୟ ଦୈନିକ ମାଛ ବଜାରରେ ଏବେ ଗ୍ରାହକମାନେ ବ୍ୟାପକ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ବଜାରରେ କିଛି ଅସାଧୁ ବ୍ୟବସାୟୀ ଓଜନ ମାପରେ କାରସାଦି କରି ଲୋକଙ୍କୁ ସର୍ବସମ୍ମୁଖରେ ଲୁଟୁଥିବା ବେଳେ ସମ୍ପୃକ୍ତ ବିଭାଗ ଏଥିପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ଦେଖିବାକୁ ମିଳିଛି। ଜୁନାଗଡ଼ ଦୈନିକ ବଜାର ପରିସରରେ ଥିବା ଏହି ମାଛ ବଜାର ଉପରେ କେବଳ ସ୍ଥାନୀୟ ଜୁନାଗଡ଼ ପୌରାଞ୍ଚଳ ନୁହେଁ, ବରଂ ଆଖପାଖ ଗ୍ରାମାଞ୍ଚଳର ଶତାଧିକ ଲୋକ ନିର୍ଭର କରିଥାନ୍ତି। ପ୍ରତିଦିନ ସକାଳୁ ଏଠାରେ ମାଛ କିଣିବା ପାଇଁ ପ୍ରବଳ ଭିଡ଼ ଜମିଥାଏ। ତେବେ ଗତ କିଛି ଦିନ ହେବ ଏଠାରେ ମାଛ ଓଜନ କରିବା ସମୟରେ ସାଧାରଣ ନିକିତିରେ ବ୍ୟାପକ ଗଡ଼ବଡ଼ କରାଯାଉଥିବା ନେଇ ସାଧାରଣରେ ଗୁରୁତର ଅଭିଯୋଗ ପ୍ରକାଶ ପାଇଛି। ଓଜନ ଓ ମାପ ବିଭାଗର ଉଦାସୀନତା ସ୍ଥାନୀୟ ଗ୍ରାହକଙ୍କ କହିବା ଅନୁଯାୟୀ, ବଜାରରେ କିଣାଯାଉଥିବା ମାଛକୁ ବାହାରେ ଅନ୍ୟ ସ୍ଥାନରେ ଓଜନ କଲେ ୧୦୦ ରୁ ୩୦୦ ଗ୍ରାମ ପର୍ଯ୍ୟନ୍ତ କମ୍ ରହୁଛି। ଓଜନ ଓ ମାପ ବିଭାଗ ତଥା ସ୍ଥାନୀୟ ପ୍ରଶାସନ ଏହି ବଜାର ଉପରେ ତୁରନ୍ତ ଚଢ଼ଉ କରି ଦୋଷୀ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା : ଜଣେ ଗିରଫ

**ନୂଆପଡ଼ା/ସିନାପାଲି, ୫।୭ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା, ଜୀବନରୁ ମାରିଦେବାକୁ ଧମକ ଦେବା ଏବଂ ଲାଠିରେ ନିର୍ମମ ଭାବେ



ଆକ୍ରମଣ କରି ରକ୍ତାକ୍ତ କରିବା ଅଭିଯୋଗରେ ବୋଡ଼େନ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଏନେଇ ପୁଲିସ ପକ୍ଷରୁ ଏକ ପ୍ରେସ ନୋଟ୍ ଜାରି କରି ସୂଚନା ଦିଆଯାଇଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୋଡ଼େନ ଥାନା ଅଧୀନ ଲର୍କା ଗ୍ରାମର ଜଣେ ମହିଳା ଗତ ୧୪ତାରିଖ ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ଘଟିଥିବା ଏହି ହିଂସାକାଣ୍ଡ ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତା ଯୋଗୁଁ ଅଭିଯୁକ୍ତ ଜଣକ ମହିଳାଙ୍କୁ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଏହାପରେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଏକ ଲାଠିରେ ଆକ୍ରମଣ କରିଥିଲା। ଆକ୍ରମଣ ଯୋଗୁଁ ମହିଳାଙ୍କ ଶରୀର ରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣା ଘଟାଇବା ପରେ ଅଭିଯୁକ୍ତ ଜଣକ ସେଠାରୁ ଫେରାର ହୋଇଯାଇଥିଲା। ପୀଡ଼ିତାଙ୍କ ଅଭିଯୋଗ କୁ ଆଧାର କରି ବୋଡ଼େନ ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ପ୍ରଶାସନ ଶୁଣିଲାନି; ଡ୍ରେନ୍ ସଫା କଲେ ଯୁବକ

**କର୍ଲାମୁଣ୍ଡା, ୫।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଧୀନ ତେରେସିଂହା ଗ୍ରାମ ମୁଖ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱ ଡ୍ରେନରୁ ଆଜି ସକାଳେ କିଛି ଯୁବକ ଅଳିଆ ସଫା କରିଥିବା ଦେଖିବାକୁ ମିଳିଛି। ଗ୍ରାମର ପୁରୁଣା ବ୍ୟାଙ୍କ ଛକ (ରଣାଷ୍ଟଲ) ଠାରୁ ବସ୍ତି ସ୍କୁଲ ପର୍ଯ୍ୟନ୍ତ ଲମ୍ବି ଯାଇଥିବା ଡ୍ରେନ ଅଳିଆ ଆବର୍ଜନାରେ ସମ୍ପୂର୍ଣ୍ଣ ପୋତି ହୋଇଯାଇଥିଲା। ଡ୍ରେନ ସଫେଇ କାର୍ଯ୍ୟପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ହେଁ ପଞ୍ଚାୟତ ପ୍ରଶାସନ ଜାଣିଶୁଣି ନ ଦେଖିଲା ପରି ନୀରବ ରହିଥିଲା। ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୁଣସାଗର ପଧାନଙ୍କ ନେତୃତ୍ୱରେ ପ୍ରହ୍ଲାଦ ପଧାନ, ସମୀର ପଧାନ, ସତକୁମର ଭୋଇ, ହରିହର ନାଏକ, ତପିଭୋଇ, କୌଶିକ ପଧାନ, ବିଦୁରଭୋଇ, ତପବନ୍ତ ଗହିର ପ୍ରମୁଖ ସହଯୋଗ କରିଥିଲେ।

### ସ୍ୱତନ୍ତ୍ର ସଘନ ସଂଶୋଧନ

# ପ୍ରକାଶ ପାଇଲା ମତଦାତା ତାଲିକା; ବାଦ ପଡ଼ିଲେ ୭୪ ହଜାର ୫୪୬

**ଭବାନୀପାଟଣା, ୫।୭(ସମିସ)**

କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ରବିବାର ଦିନ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀର ଖସଡ଼ା ମତଦାତା ତାଲିକା ପ୍ରକାଶ କରାଯାଇଛି। ଏସ୍‌ଆଇଆର ପରେ ଜିଲ୍ଲାର ସମୁଦାୟ ୫ଟି ତଥା ଜୁନାଗଡ଼, ଭବାନୀପାଟଣା, ଲାଞ୍ଜିଗଡ଼, ଧର୍ମଗଡ଼ ଓ ନାର୍ଲା ନିର୍ବାଚନ ମଣ୍ଡଳୀର ୭୪ ହଜାର ୫୪୬ ଜଣ ଭୋଟର ବାଦ ପଡ଼ିଛନ୍ତି। ଏଥିରେ ଜିଲ୍ଲାର ସବୁଠୁ ଅଧିକ ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ୧୭ହଜାର ୬୯୧ ଜଣ ଭୋଟର ବାଦ ପଡ଼ିଛନ୍ତି। ସେହିପରି ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ ସବୁଠୁ କମ ୧୧ ହଜାର ୨୫୮ ଭୋଟର ବାଦ ପଡ଼ିଛନ୍ତି। ପୂର୍ବରୁ ଜିଲାରେ ୧୨ ଲକ୍ଷ ୮ହଜାର ୬୪୫ ଭୋଟର ରହିଥିବାବେଳେ ଏବେ ଏସଆଇଆର ପରେ ୧୧ଲକ୍ଷ ୩୪ ହଜାର ୯୯ ଜଣ ଭୋଟର ରହିଛନ୍ତି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୩୭ ହଜାର ୫୮୯ ଭୋଟର ରହିଥିବାବେଳେ ଏବେ ଏସଆଇଆର ପରେ ୨ଲକ୍ଷ ୨୦ ହଜାର ୧୧୩ ଭୋଟର ରହିଛନ୍ତି। ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୪୪ ହଜାର ୮୮୦ ଭୋଟର ରହିଥିବାବେଳେ ଏବେ ଏସଆଇଆର ପରେ ୨ଲକ୍ଷ ୩୩ ହଜାର ୬୨୨ ଭୋଟର ରହିଛନ୍ତି। ନର୍ଲା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୩୩ ହଜାର ୫୮୭ ଭୋଟର ରହିଥିବାବେଳେ ଏବେ ଏସଆଇଆର ପରେ ୨ଲକ୍ଷ ୨୦ ହଜାର ୧୧୩ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୧୩ ହଜାର ୪୭୪ ଜଣ ଭୋଟର ବାଦ ପଡ଼ିଛନ୍ତି। ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୬୩ ହଜାର ୪୯ ଭୋଟର ରହିଥିବାବେଳେ ଏବେ ଏସ୍‌ଆଇଆର ପରେ ୨ଲକ୍ଷ ୪୭ ହଜାର ୪୬୭ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୧୫ ହଜାର ୫୮୨ ଜଣ ଭୋଟର ବାଦ ପଡ଼ିଛନ୍ତି। ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୨୯ ହଜାର ୫୪୦ ରହିଥିବାବେଳେ ଏବେ ଏସ୍‌ଆଇଆର୍ ପରେ ୨ଲକ୍ଷ ୧୨ ହଜାର ୯୯୯ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୧୬ ହଜାର ୫୪୧ ଜଣ ଭୋଟର ବାଦ ପଡ଼ିଛନ୍ତି। ଯେଉଁ ବ୍ୟକ୍ତି ନାମ କଟିଛି ସେମାନେ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ସେହିପରି ୨ ସେପ୍ଟେମ୍ବର ସୁଦ୍ଧା ଦାବି




ଓ ଆପତ୍ତିର ସମାଧାନ କରାଯାଇ ୬ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଜିଲ୍ଲାରେ ବର୍ତ୍ତମାନ ନୂଆ ୨୯୨ଟି ବୁଥ୍ ସୃଷ୍ଟି କରାଯାଇଛି। ଫଳରେ ମୋଟ୍ ବୁଥ୍ ସଂଖ୍ୟା ୧୪୧୩ରୁ ବୃଦ୍ଧି ପାଇ ଏବେ ୧୭୦୫କୁ ପହଞ୍ଚିଛି। ଯାହାକି ମତଦାତାଙ୍କ ପାଇଁ ଭୋଟଦାନ କେନ୍ଦ୍ରକୁ ଅଧିକ ସୁଗମ କରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଏସ୍‌ଆଇଆର-୨୦୨୬ ର ପ୍ରଥମ ପର୍ଯ୍ୟାୟରେ ସଫଳତାର ସହ ସମ୍ପନ୍ନ ହୋଇଥିବା ଏନ୍ୟୁମେରେସନ ଫର୍ମ, ମୁଦ୍ରଣ, ବଣ୍ଟନ, ଡିଜିଟାଇଜେସନ ଏବଂ ପୋଲିଂ ଷ୍ଟେସନର ଯୁକ୍ତିସଙ୍ଗତୀକରଣ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଭୋଟର ତାଲିକାରେ ତ୍ରୁଟି ସଂଶୋଧନ, ନୂତନ ଭୋଟରଙ୍କ ନାମ ସାମିଲ ଓ ଦାବି-ଆପତ୍ତି ଦାଖଲ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଡେପୁଟି କଲେକ୍ଟର (ନିର୍ବାଚନ) ଅବିନାଶ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ବି ଯୋଗ୍ୟ ମତଦାତା ବାଦ୍ ପଡ଼ିବେ ନାହିଁ ଏବଂ ଜଣେ ବି ଅଯୋଗ୍ୟ ବ୍ୟକ୍ତି ମତଦାତା ତାଲିକାରେ ଯେମିତି ସାମିଲ ହେବେ ନାହିଁ ସେଥିପ୍ରତି ତୀକ୍ଷଣ ସୃଷ୍ଟି ରଖାଯିବବୋଲି ଜିଲ୍ଲାପାଳ କହିଛନ୍ତି।

## ବର୍ଷା ପରେ ଆରମ୍ଭ ହେଲା ଚାଷ କାର୍ଯ୍ୟ

**କେସିଙ୍ଗା, ୫।୭ (ସମିସ):** କେସିଙ୍ଗା ଅଞ୍ଚଳରେ ତିନିଦିନ ଧରି ବର୍ଷା ଯୋଗୁଁ ଚାଷୀର ମୁଖରେ ଟିକେ ହସ ଦେଖାଯାଉଛି। ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ରବିବାର ଦିନ ମଧ୍ୟ ଦିନଯାକ ଲାଗି ରହିଥିଲା। ଚଳିତ ବର୍ଷ କେସିଙ୍ଗା ବ୍ଲକରେ ପ୍ରାୟ ୧୦ ହଜାର ହେକ୍ଟର ଜମିରେ ଧାନଚାଷ ଓ ପ୍ରାୟ ୧୪ ହଜାର ହେକ୍ଟର ରେ କପା ଚାଷ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି କେସିଙ୍ଗା କୃଷି ବିଭାଗର ଅଧିକାରୀ ପ୍ରକାଶ କରିଛନ୍ତି। ବର୍ଷା ଆଗରୁ ପ୍ରାୟ ୧୫ ରୁ ୨୦ ପ୍ରତିଶତ ଚାଷ ସରିଥିବା ସରକାରୀ କାଗଜପତ୍ର କହୁଥିଲେ ମଧ୍ୟ ପ୍ରକୃତରେ ତାହା ୫ ରୁ ୧୦ ପ୍ରତିଶତ ବୋଲି ଜଣାପଡ଼ିଛି। ସେପଟେ କେସିଙ୍ଗା ପାଣିପାଗ ବିଭାଗର ରେକର୍ଡ ଅନୁଯାୟୀ ଜୁଲାଇ ୧ ତାରିଖରୁ ୫ ତାରିଖ ମଧ୍ୟରେ ଅଞ୍ଚଳରେ ୧୭୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି କେବଳ ୫ ତାରିଖ ଶନିବାର ଦିନ ୧୦୮.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ କେସିଙ୍ଗା ର ସାଇଡ ଏରିଆରୁ ସହରକୁ ସଂଯୋଗ କରୁଥିବା ଅନେକ ରାସ୍ତା ଖରାପ ହୋଇ ଯାଇଥିବା ବେଳେ କେସିଙ୍ଗା ରୁ ଟିଟଲାଗଡ଼ କୁ ଯାଉଥିବା ରାସ୍ତା କଥା ନ କହିଲେ ଭଲ। କିଛି ଦିନ ତଳେ କେସିଙ୍ଗା ସିଟିଜନ ଫୋରମ୍ ର ହସ୍ତକ୍ଷେପ ଓ ସହରର ବିଭିନ୍ନ ଗଣମାଧ୍ୟମରେ ଉକ୍ତ ରାସ୍ତା ବିଷୟରେ ଖବର ପ୍ରକାଶ ପରେ ବିଭାଗ ତରବରିଆ ଭାବରେ କେବଳ ଚିପ୍ସ ଗୁଣ୍ଡ ଓ କିଛି ଚିପ୍ସ ପକାଇ ଖାଲମାଳ ଗୁଡ଼ିକୁ ମରାମତି କରିଥିଲା, ହେଲେ ଶନିବାର ଦିନର ଗୋଟିଏ ଦିନର ବର୍ଷାରେ ତାହା ଧୋଇ ଯାଇଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର; ବର୍ତ୍ତିଲେ ପରିବାର



**ରିଷିଡ଼ା, ୫।୭(ସମିସ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାରେ ୨ଦିନ ଧରି ହୋଇଥିବା ବର୍ଷାରେ ହରି ବାରିକଙ୍କ ମାଟିଘର ଭୁଶୁଡି ପଡ଼ିଛି। ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ କରି ସୁଦ୍ଧା ଘର ଖଣ୍ଡେ ପାଇପାରୁ ନାହାନ୍ତି। ଫଳରେ ଭଙ୍ଗା ଦଦରା ଝାଟିମାଟି କୁଡିଆରେ ଏମାନଙ୍କ ଜୀବନ ବିତୁଛି। ତାଙ୍କର ସମ୍ବଳ ଅଭାବରୁ ଭଙ୍ଗା ଘରକୁ ମଧ୍ୟ ମରାମତି କରିପାରୁନାହାନ୍ତି। ଦୀର୍ଘବର୍ଷ ହେବ ଏମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବର୍ଷା ସହିତ ପ୍ରବଳ ଝଡ଼ ପବନ ଯୋଗୁଁ ଶନିବାର ଭୋର ସକାଳେ ଶୋଇଥିବା ବେଳେ ଗୋଟିଏ କାନ୍ଥ ଭୁଶୁଡ଼ିବା ସହ ଉପର ଚାଳଛପର ପଡ଼ିଯାଇଛି। ଯାହାଫଳରେ ଘରେ ଶୋଇଥିବା ଦୁଇ ସ୍ୱାମୀ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ବର୍ଷାରେ ବୁଡ଼ିଲା ବାଞ୍ଜିପଦର୍ ସ୍କୁଲ

**କର୍ଲାମୁଣ୍ଡା, ୫।୭(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ ବାଞ୍ଜିପଦର୍ ପ୍ରାଥମିକ ବିଦ୍ୟାଳୟରେ ଦୁଇଫୁଟ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଶୁକ୍ରବାର, ଶନିବାର ଓ ରବିବାର ତିନିଦିନ ଧରି ଲଗାଣ ବର୍ଷା ଯୋଗୁଁ ଗାଁ ପାଣି ବିଦ୍ୟାଳୟ ଭିତରକୁ ପଶି ଆସିଥିବା ଜଣାପଡ଼ିଛି। ପ୍ରତିବର୍ଷ ବର୍ଷା ସମୟରେ ଏହି ବିଦ୍ୟାଳୟ ଜଳ ଘେରରେ ରହୁଥିବାବେଳେ ସମାଧାନ ଦିଗରେ ଶିକ୍ଷା ବିଭାଗ କୌଣସି ପଦକ୍ଷେପ ନେଉ ନ ଅଭିଯୋଗ ହେଉଛି। ଏନେଇ ଦାୟିତ୍ୱରେ ଥିବା ରେଗଡ଼ା ସିଆରସିସି ପ୍ରଭାରଞ୍ଜନ ବନ୍‌ଛୋରଙ୍କୁ ପଚାରିବାରୁ ମୁଁ ଏହି ବିଦ୍ୟାଳୟ ସମସ୍ୟାକୁ ବ୍ଲକ ଶିକ୍ଷା ବିଭାଗକୁ ଜଣାଇଛି, ସମାଧାନ ପାଇଁ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନ ହୋଇ ପାରୁନାହିଁ ବୋଲି କହିଛନ୍ତି। ଏଣୁ ଏଦିଗରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ସୂଚନାଯୋଗ୍ୟ, ଶୁକ୍ରବାର ଶନିବାର ରବିବାର ସୁଦ୍ଧା ୧୯୦ ମି. ବର୍ଷା ରେକର୍ଡ ହୋଇଛି।



### ବଜାରରେ ବିଭିନ୍ନ ପ୍ରକାରର ପଟାସ୍ ସାର୍

## ଅସଲି-ନକଲି ଦ୍ୱନ୍ଦ୍ୱରେ ଚାଷୀ

**କୋକସରା, ୫।୭(ସମିସ):** ମୌସୁମୀ ବର୍ଷାର ଆଗମନ ସହିତ କୋକସରା ବ୍ଲକର ଚାଷୀ ଅଣ୍ଟା ଭିଡ଼ିଛନ୍ତି। ବିଲରେ ହଳ କରିବା ସହ ଖରିଫ୍ ଚାଷ ପାଇଁ ପ୍ରାକ୍ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଛି। ହେଲେ ଚାଷ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଅଞ୍ଚଳରେ ସାର ସମସ୍ୟାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ବିଶେଷକରି ବର୍ତ୍ତମାନ କୋକସରା ବଜାରରେ ବିଭିନ୍ନ ପ୍ରକାରର ପଟାସ୍ ସାର୍ ମିଳୁଥିବା ବେଳେ, ସେଥିମଧ୍ୟରୁ କେଉଁଟି ଅସଲି ଓ କେଉଁଟି ନକଲି ତାହାକୁ ନେଇ ଚାଷୀକୂଳ ଘୋର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସୂଚନା ଅନୁଯାୟୀ, ବଜାରରେ କିଛି ପ୍ରତିଷ୍ଠିତ କମ୍ପାନୀର ପଟାସ୍ ସାର୍ କିଣିବା ସମୟରେ ଚାଷୀଙ୍କ ଠାରୁ ଆଧାର କାର୍ଡ ମଗାଯାଉଛି ଏବଂ ପିଓଏସ୍ ମେସିନରେ ଫିଙ୍ଗରପ୍ରିଣ୍ଟ/ଏଣ୍ଟ୍ରି କରି ନିୟମିତ ଭାବେ ସାର୍ ବିକ୍ରି କରାଯାଉଛି। ମାତ୍ର ଅନ୍ୟପଟେ, ବଜାରକୁ ଆସିଥିବା ଏକ ନିର୍ଦ୍ଦିଷ୍ଟ କମ୍ପାନୀର 'ଅର୍ଗାନିକ୍ ପଟାସ୍' ସାର୍ ବିକ୍ରି ସମୟରେ କୌଣସି ଆଧାର କାର୍ଡ କିମ୍ବା ପିଓଏସ୍ ମେସିନ୍ ବ୍ୟବହାର କରାଯାଉ ନାହିଁ। ବିନା କୌଣସି ସରକାରୀ ଏଣ୍ଟ୍ରିରେ ସାର୍ ଦୋକାନୀମାନେ ଏହାକୁ ସିଧାସଳଖ ଚାଷୀଙ୍କୁ ବିକ୍ରି କରୁଛନ୍ତି, ଯାହା ଚାଷୀଙ୍କ ମନରେ ବଡ଼ ସନ୍ଦେହ ସୃଷ୍ଟି କରିଛି। ଅଭିଯୋଗ ହେଉଛି ଯେ, ଏହି ନିର୍ଦ୍ଦିଷ୍ଟ ଅର୍ଗାନିକ୍ ପଟାସ୍ ସାର୍ ର ପ୍ରକୃତ ମୂଲ୍ୟ ଠାରୁ ପ୍ରତିଷ୍ଠିତ କମ୍ପାନୀର ସାର ଭଳି ଚଡ଼ା ଦରରେ ଚାଷୀଙ୍କୁ ବିକ୍ରି କରାଯାଉଛି। ସାରର ସଠିକତାକୁ ନେଇ କୌଣସି ଗ୍ୟାରେଣ୍ଟି ନଥିବା ବେଳେ, ଅଧିକ ପଇସା ଦେଇ ଚାଷୀମାନେ ଠକାମିର ଶିକାର ହେଉଥିବା ଆଶଙ୍କା ପ୍ରକାଶ ପାଇଛି। ବଜାରରେ ବିକ୍ରି ହେଉଥିବା ଏହି ସନ୍ଦେହଜନକ ପଟାସ୍ ସାର୍ ର ପ୍ରକୃତ ସତ୍ୟାସତ୍ୟ ପରଖିବା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏ ବିଷୟରେ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କୁ ପଚାରିବାରୁ ଅସଲି ନକଲି କହିହେବ ନାହିଁ, ଅନ୍ୟ ପଟାସ ସାର୍ ତୁଳନାରେ ତା'ର ଟିକେ କମ୍ ପରିମାଣ ରହୁଛି। ତେଣୁ କରି ସେହି ସାର୍ ର ମୂଳ ମଧ୍ୟ କମ୍ ରହିଛି, ଯଦି କୌଣସି ସାର୍ ଦୋକାନୀ ଚଡ଼ା ଦରରେ ବିକ୍ରୀ କରୁଛନ୍ତି ଦେବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ନୂଆପଡ଼ାରେ ବର୍ଷା; ବୁଡ଼ିଲା ବିଭିନ୍ନ ପଡ଼ା

**ନୂଆପଡ଼ା/ସିନାପାଲି, ୫।୭(ସମିସ):** ନୂଆପଡ଼ା ଜିଲ୍ଲାରେ ଚଳିତବର୍ଷର ପ୍ରଥମ ମୌସୁମି ବର୍ଷା ଲାଗି ରହିଛି। ଚାଷକାର୍ଯ୍ୟ ପାଇଁ ଚାଷୀ ମହଲରେ ତତ୍ପରତା ଦେଖା ଦେଇଥିବା ବେଳେ ଗରମରୁ ଆଶ୍ୱସ୍ତି ମିଳିଛି। ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣବର୍ଷା ଲାଗି ରହିଥିବା ବେଳେ ଚାଷ ଉପଯୋଗୀ ବର୍ଷା ଫଳରେ ଚାଷୀମହଲରେ ତତ୍ପରତା ଦେଖା ଦେଇଛି। ଚାଷକାର୍ଯ୍ୟ ଆରମ୍ଭ କରିବା ସହ ଧାନ ବୁଣା ସାଙ୍ଗକୁ ବିଲ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ଅବ୍ୟବସ୍ଥା ଯୋଗୁଁ ଜିଲ୍ଲାର ଅନେକ ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜମା ହୋଇରହିଛି। ନୂଆପଡ଼ା ସହରର ସାଲେଭଟା ରାସ୍ତା ଉପରେ ବର୍ଷା ପାଣି ଚାଲୁଥିବା ବେଳେ ଯାତାୟତ ବାଧାପ୍ରାପ୍ତ ହୋଇଛି। ସେହିପରି ଠାକୁର ନୂଆପଡ଼ା, ମନ୍ଦିର ପଡ଼ା, ତେଲିପଡ଼ାରେ ପାଣି ନିଷ୍କାସନ ହୋଇ ପାରୁନାହିଁ। କୋମନା ବିଦ୍ୟୁତ ବିଭାଗୀୟ କାର୍ଯ୍ୟାଳୟ ସାମ୍ନା ଜାତୀୟ ରାଜପଥ ୩୫୩ ଉପରେ ପାଣି ଚାଲୁଥିବାରୁ ଦୀର୍ଘ ଚାରିଘଣ୍ଟା କାଳ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଲଖନା ସ୍ଥିତ ରେଲୱେ ଅଣ୍ଡର ବ୍ରିଜରେ ତିନିଫୁଟର ପାଣି ଜମିଥିବାରୁ ଲୋକେ ଯିବା ଆସିବା କରି ପାରୁନାହାନ୍ତି। ସୁନାବେଡ଼ା ଅଭୟାରଣ୍ୟ ଭିତରେ ମଧ୍ୟ ଅନେକ ସ୍ଥାନରେ ପାଣି ଚାଲୁଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ସୁନାବେଡା ପଟୁ ଛତିଶଗଡ଼କୁ ଯାତାୟତ ସମ୍ପୂର୍ଣ ବନ୍ଦ ରହିଛି। ପ୍ରଥମ ବର୍ଷା ପାଣି ରାତିସାରା ନୂଆପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଇଥିବା ବେଳେ କିଭଳି ଧନ ଜୀବନ ହାନି ନହୁଏ ସେଥିପ୍ରତି ଧ୍ୟାନ ଦିଆ ଯିବା ସହ ବିଭାଗୀୟ ଅଧିକାରୀ ମାନଙ୍କୁ ଆଲର୍ଟ ରଖାଯାଇଛି ବୋଲି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି।

### ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧୀ ସ୍ୱଚ୍ଛତା ଅଭିଯାନ

## ୪ଟନ୍ ଶୁଖିଲା ବର୍ଜ୍ୟ ଅପସାରଣ; ୧୨୯ କେଜି ନିଷିଦ୍ଧ ପ୍ଲାଷ୍ଟିକ୍ ଜବତ

**ନୂଆପଡ଼ା/ସିନାପାଲି, ୫।୭(ସମିସ):** ଏକକ ବ୍ୟବହୃତ ପ୍ଲାଷ୍ଟିକମୁକ୍ତ ନୂଆପଡ଼ା ଅଭିଯାନ ଅଧୀନରେ ପ୍ରତି ଶନିବାର ପାଳିତ ହେଉଥିବା ଜିଲ୍ଲା ସ୍ୱଚ୍ଛତା ଦିବସ ଅବସରରେ ଆଜି ସମଗ୍ର ଜିଲ୍ଲାରେ ବ୍ୟାପକ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲାର ବିଭିନ୍ନ ଧାର୍ମିକ ପୀଠ ଓ ସାର୍ବଜନୀନ ସ୍ଥାନରେ ୮ଟି ଜିଲ୍ଲାସ୍ତରୀୟ ସ୍ୱଚ୍ଛତା ଦଳ, ସମ୍ପୃକ୍ତ ବ୍ଲକ ପ୍ରଶାସନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଟିମ୍‌ଙ୍କ ସହଯୋଗରେ ବ୍ୟାପକ ସଫେଇ ଅଭିଯାନ ଚଳାଇଥିଲେ। ଏହି ଅଭିଯାନରେ ପ୍ରାୟ ୪ ଟନ୍ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଯଥାବିଧି ପରିଚାଳନା ପାଇଁ ପଠାଯାଇଛି। ସ୍ୱଚ୍ଛତା ଅଭିଯାନ ସହିତ ଏହି ଅବସରରେ ନିଷିଦ୍ଧ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧରେ କଡ଼ା ପ୍ରବର୍ତ୍ତନମୂଳକ ଯାଞ୍ଚ ମଧ୍ୟ କରାଯାଇଥିଲା। ଏଥିରେ ନୂଆପଡ଼ାର ସହରାଞ୍ଚଳରୁ ୨୪ କେଜି ଏବଂ ଗ୍ରାମାଞ୍ଚଳରୁ ୧୦୫ କେଜି, ମୋଟ ୧୨୯ କେଜି ନିଷିଦ୍ଧ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଜବତ କରାଯାଇଛି। ସେହିପରି ସହରାଞ୍ଚଳରେ ୭, ୭୦୦ ଟଙ୍କା ଓ ଗ୍ରାମାଞ୍ଚଳରେ ୪୧, ୨୦୦ ଟଙ୍କା, ମୋଟ ୪୮, ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।



ନିୟମ ଉଲ୍ଲଙ୍ଘନକାରୀମାନଙ୍କଠାରୁ ଭବିଷ୍ୟତରେ ନିଷିଦ୍ଧ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ଲିଖିତ ପ୍ରତିଶ୍ରୁତିପତ୍ର ମଧ୍ୟ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରିଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଗ୍ରାମ୍ୟ ଜଳଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ପ୍ରହ୍ଲାଦ ସାହୁ, ସମବାୟ ଉପନିବନ୍ଧକ ଶିବପ୍ରସାଦ ସ୍ୱାଇଁ, ପୂର୍ତ୍ତ ଭାଗ ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ଏବଂ ଆର୍.ଏମ୍.ସି. ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ନିଜ ନିଜ ଜିଲ୍ଲାସ୍ତରୀୟ ଦଳର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲାବାସୀଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ ଭାବେ ପରିହାର କରି କପଡ଼ା ଓ ଅନ୍ୟାନ୍ୟ ପରିବେଶବନ୍ଧବ ବିକଳ୍ପ ଆପଣାଇବାକୁ ଆହ୍ୱାନ ଜଣାଇଛନ୍ତି।

### ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ୍

# ୪ ଗିରଫ, ୭୮ ଗ୍ରାମ ସୁନା ଓ ୪.୪୨ ଲକ୍ଷ ଟଙ୍କା ଜବତ

**ଗୋଲାମୁଣ୍ଡା/ଧର୍ମଗଡ଼, ୫।୭(ସମିସ)**

କଳାହାଣ୍ଡି ପୁଲିସ ଧର୍ମଗଡ଼ ସବ୍‌ଡିଭିଜନ ଅଞ୍ଚଳରେ ଘଟିଥିବା ଏକାଧିକ ଚୋରି ଘଟଣାର ପର୍ଦ୍ଦାଫାସ କରି ଏକ ସକ୍ରିୟ ଚୋରି ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ସ୍ୱୀକାରୋକ୍ତି ଆଧାରରେ ପୁଲିସ ପ୍ରାୟ ୭୮ ଗ୍ରାମ ତରଳା ସୁନା, ୪ ଲକ୍ଷ ୪୨ ହଜାର ଟଙ୍କା ନଗଦ, ଗୋଟିଏ ଲୁହା ରଡ୍ ଓ ଲୁହା ହୁକ୍ ଜବତ କରିଛି। ଗୋଲାମୁଣ୍ଡା, କୋକସରା ଓ କେଗାଁ ଥାନା ଅଞ୍ଚଳରେ ଘଟିଥିବା ଏକାଧିକ ଚୋରି ଘଟଣାରେ ଏହି ଗ୍ୟାଙ୍ଗ ସମ୍ପୃକ୍ତ ଥିବା ପୁଲିସ କହିଛି। ତଦନ୍ତ ସମୟରେ ଅଭିଯୁକ୍ତମାନେ ସୁନା ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ସୁନାକୁ ସ୍ଥାନୀୟ ରିସିଭରଙ୍କ ନିକଟରେ ବିକ୍ରି କରି ପରିଚୟ ଲୁଚାଇବା ପାଇଁ ତରଳାଇ ଦେଇଥିବା ମଧ୍ୟ ପ୍ରକାଶ କରିଛନ୍ତି। ଗୋଲାମୁଣ୍ଡା, କୋକସରା ଓ କେଗାଁ ଥାନାରେ ମାମଲା ସହ ସମ୍ପୃକ୍ତ ବୋଲି ପୁଲିସ ସୂଚନା ଦେଇଛି। ଗିରଫ



ଅଭିଯୁକ୍ତମାନେ ହେଲେ କେଦାରନାଥ ଦାସ (୪୬), ରାକେଶ ବାଗ (୨୪), ଦୁର୍ଯ୍ୟାଧନ ହରିଜନ (୫୨) ଏବଂ ରାମା ସଗରିଆ ଓରଫ ରାମ ହରିଜନ ଓରଫ ରାଜୁ। ଏହାସହ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଲିମସେର ଗ୍ରାମର ଝସକେତନ ମେହେରଙ୍କୁ ଚୋରି ସାମଗ୍ରୀର ରିସିଭର ଭାବେ ଚିହ୍ନଟ କରାଯାଇଛି। ପୁଲିସ ମାମଲା ରୁଜୁ କରି ସେମାନଙ୍କୁ ଧର୍ମଗଡ଼ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିବା କଳାହାଣ୍ଡି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଫୁଲବଣୀ ଖାସହାଡ଼ିଗୋଛିଆ ସଂଯୋଗ ରାସ୍ତା ବିପଦସଙ୍କୁଳ

# ବାରମ୍ବାର ମରାମତି ସତ୍ତ୍ୱେ ଭାଙ୍ଗୁଛି ରାସ୍ତା

ଚନ୍ଦନେଶ୍ୱର,୫।୭ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଟୁକୁରୀହାଜିରା ପଞ୍ଚାୟତର ଫୁଲବଣୀ ଖାସ ଗ୍ରାମର ୧୫ ନମ୍ବର ୱାର୍ଡରେ ଥିବା ଫୁଲବଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ହାଡିଗୋଛିଆ ଓ ଶାନ୍ତିନଗରକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ଏବେ ସାଧାରଣ ଲୋକଙ୍କ ପାଇଁ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଛି। ବାବୁରାମ ମହାନ୍ତିଙ୍କ ଘର ନିକଟରେ ରାସ୍ତାର ଏକ ବଡ଼ ଅଂଶ ଭାଙ୍ଗିଯାଇଥିବାରୁ ପ୍ରତିଦିନ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣା ଆଶଙ୍କାରେ ରହୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ସଂଲଗ୍ନ ପୋଖରୀ ପାଶ୍ୱର୍ରେ କଂକ୍ରିଟ ଢଳାଇ ତଳର ମାଟି ବର୍ଷା ଜଳରେ ଧୋଇଯାଇ ଅତଡ଼ା ଖସିପଡ଼ିଛି। ଫଳରେ ରାସ୍ତା ତଳେ ଫାଙ୍କା ସ୍ଥାନ ବା ସୁଡ଼ଙ୍ଗ ସୃଷ୍ଟି ହୋଇ କଂକ୍ରିଟ ଅଂଶ ଫାଟି ଭାଙ୍ଗିପଡ଼ିଛି। ବର୍ତ୍ତମାନ ସେହି ସ୍ଥାନ ମରଣଯନ୍ତାରେ ପରିଣତ ହୋଇଥିବାରୁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ ବୋଲି ଆଶଙ୍କା କରାଯାଉଛି। ସବୁଠାରୁ ବଡ଼ କଥା ହେଉଛି, ପ୍ରାୟ ତିନି ବର୍ଷ ପୂର୍ବରୁ ନିର୍ମିତ ଏହି କଂକ୍ରିଟ ରାସ୍ତା ପୂର୍ବରୁ ମଧ୍ୟ ଭାଙ୍ଗିଯାଇଥିଲା। ସେତେବେଳେ ଗାର୍ଡ ୱାଲ୍ ଧସିପଡ଼ିବା ସହ ରାସ୍ତାର କ୍ଷତି ହୋଇଥିଲା। ପ୍ରାୟ ଦଶ ମାସ ପୂର୍ବରୁ ସରକାରୀ ଅର୍ଥ ବ୍ୟୟ କରି ପୁନର୍ବାର ମରାମତି କାର୍ଯ୍ୟ କରାଯାଇଥିଲେ ମଧ୍ୟ ଚଳିତ ବର୍ଷ କାଳବୈଶାଖୀ ସମୟର ସାମାନ୍ୟ ବର୍ଷାରେ ପୁଣି ସେହି ସ୍ଥାନ ଭାଙ୍ଗିଯାଇଛି। ଏହା ନିର୍ମାଣ କାର୍ଯ୍ୟର ମାନ ଏବଂ ବୈଷୟିକ ତଦାରଖର ଗୁଣବତ୍ତାକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ପ୍ରାୟ ୮୦୦ ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାର ଗୋଟିଏ ପ୍ରାନ୍ତରେ ହାଡ଼ିଗୋଛିଆ ପ୍ରାଥମିକ ବିଦ୍ୟାଳୟ ଓ ଅନ୍ୟ ପ୍ରାନ୍ତରେ ଫୁଲବଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଅବସ୍ଥିତ। ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। କିନ୍ତୁ ମାତ୍ର ୧୦ରୁ ୧୫ ମିଟର ରାସ୍ତାର ସଠିକ୍ ମରାମତି ନ ହେବାରୁ ସମଗ୍ର ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସ୍କୁଲ ପିଲାମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି ଏବଂ ନିର୍ଭୟରେ ପିଲାମାନଙ୍କୁ ସ୍କୁଲ ପଠାଇ ପାରୁନଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ରାସ୍ତାର ସ୍ଥାୟୀ ସମାଧାନ ପରିବର୍ତ୍ତେ ବାରମ୍ବାର କେବଳ ଉପରଠାଉରିଆ ମରାମତି କରାଯାଉଥିବାରୁ ସରକାରୀ ଅର୍ଥର ଅପଚୟ ହେଉଛି। ସମ୍ପୃକ୍ତ ବିଭାଗର ଅବହେଳା ଓ ଯନ୍ତ୍ରୀମାନଙ୍କ ବୈଷୟିକ ବିଫଳତା ଯୋଗୁଁ ଏପରି ପରିସ୍ଥିତି ଉପୁଜିଥିବା ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ବୈଷୟିକ ଯାଞ୍ଚ କରିବା ସହ ରାସ୍ତାର ସ୍ଥାୟୀ ମରାମତି, ପୋଖରୀ ପାଶ୍ୱର୍ରେ ଦୃଢ଼ ସୁରକ୍ଷା ପ୍ରାଚୀର ନିର୍ମାଣ ଏବଂ ଯାତାୟାତ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଧିବାସୀମାନେ ଦୃଢ଼ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଯେକୌଣସି ସମୟରେ ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।

## ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର



ଜଳେଶ୍ୱର ବ୍ଲକ,୫।୭ (ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ନୂତନ ରାସ୍ତା ନିର୍ମାଣ ସାଙ୍ଗକୁ ଅନେକ ସ୍ଥାନରେ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଅଛି। ଆଉ ଏହି ରାସ୍ତା କାର୍ଯ୍ୟ ପାଇଁ ରାଜ୍ୟ ସରକାର କୋଟି କୋଟି ଖର୍ଚ୍ଚ ମଧ୍ୟ କରୁଛନ୍ତି କିନ୍ତୁ ବିଭାଗ ଓ ଠିକାଦାର ମଧୁ ଚନ୍ଦ୍ରିକା ପାଇଁ କେଉଁଠି ରାସ୍ତା ନିର୍ମାଣ ନିମ୍ନମାନର ଚାଲିଛି ତ ପୁଣି କେଉଠି ରାସ୍ତା କାର୍ଯ୍ୟ ଶେଷ ନ ହେଉଣୁ ରାସ୍ତା ଫାଟି ଆ କଲାଣି ତ ପୁଣି ବିଭିନ୍ନ ସ୍ଥାନରେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ କରି ମାସ ମାସ ଧରି ପଡ଼ି ରହିଛି। ଯାହା ଫଳରେ ସଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ବରଡ଼ିହା ଗ୍ରାମ ପଞ୍ଚାୟତର ଦୁଧିଆଶୋଳ ଠାରୁ ମୟୁରଭଞ୍ଜ ବୋର୍ଡ଼ର କିଆଖାଲି ପର୍ଯ୍ୟନ୍ତ ଦୀର୍ଘ ୪ କିଲୋମିଟର ରାସ୍ତା ନିର୍ମାଣ ମନ୍ଥର ଗତିରେ ଚାଲିବା ସହିତ ଅତି ନିମ୍ନମାନର କାର୍ଯ୍ୟ ଚାଲିଛି। ରାସ୍ତାରେ ମାଟି ଗୋଡ଼ି ପକାଇ ଏହାକୁ ରୋଲରିଙ୍ଗ ନ କରିବା ହେତୁ ଅସରାୟ ବର୍ଷାରେ କାଦ ସାଙ୍ଗକୁ ବଡ ବଡ ଗର୍ତ ହୋଇ ଖଣ୍ଡିଆ ଖାବର ହେବାକୁ ପଡୁଛି ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଆଗକୁ କାର୍ଯ୍ୟାର ସୂଚନା ଫଳକ ଲାଗିବାର ନିୟମ ବାଧ୍ୟତାମୂଳକ ରହିଥିବା ବେଳେ ଠିକାଦାର କାହା ସ୍ୱାର୍ଥରେ ସାଧାରଣ ଲୋକମାନଙ୍କୁ ଅନ୍ଧାରରେ ରଖି ଏହି ପରି ନିମ୍ନମାନର କାର୍ଯ୍ୟ କରୁଛନ୍ତି।ଯାହା ଫଳରେ କାର୍ଯ୍ୟ କରିବାର କିଛି ମାସ ମଧ୍ୟରେ ରାସ୍ତାରେ ଉଠିଯାଉଛି ପିଚୁ ଓ ମେଟାଲ ଯାହାକୁ ନେଇ ଯୁବ ସମାଜସେବୀ ଜଗନ୍ନାଥ ବେରା ଅଭିଯୋଗ କରିଛନ୍ତି କି ଦୁଧିଆଶୋଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସାଙ୍ଗକୁ ଏହାର ସୂଚନା ଫଳକ ଲଗାଇଲେ କାର୍ଯ୍ୟର ମାନ ସାଧାରଣ ଲୋକେ ଜାଣିବା କାର୍ଯ୍ୟ ମଧ୍ୟ ଭଲ ମାନର ହୋଇ ପାରିବ।

## ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପରୀକ୍ଷା



ଜଳେଶ୍ୱର,୫।୭ (ସମିସ) : ଆଜି ପୂର୍ବାହ୍ନରେ ଜଳେଶ୍ୱର ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗୀତାରେ ବିଭିନ୍ନ ଶ୍ରେଣୀର ୮୨ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀ ଅନୁଭବୀ ହେବାକୁ ପରାମର୍ଶ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନ୍‌ଜୀବୀ ରାମଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ଡ. ଅଜିତ୍ ମହାନ୍ତି, ବିଦ୍ୟାଳୟର ଶିକ୍ଷୟତ୍ରୀ ସବିତା ପାଠୀ, ଭୂପତି ଜେନା, ରାଧାଗୋବିନ୍ଦ ଜେନା ପ୍ରମୁଖ ଯୋଗଦେଇ ସମାଜର ଏପରି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ସାମ୍ବାଦିକ ରବିନାରାୟଣ ପାତ୍ର ସଂଚାଳନା କରିଥିଲେ। ଚିତ୍ରାଙ୍କନରେ ଶୁଭଲକ୍ଷ୍ମୀ ମହାନ୍ତି ପ୍ରଥମ, ଅଭିଜିତ୍ ବେରା ଦ୍ୱିତୀୟ, ସଂଗୀତା ବେରା ୩ୟ ସ୍ଥାନ ଓ କୁଇଜ୍‌ରେ ଓମ୍ ପ୍ରକାଶ ଜେନା ପ୍ରଥମ, ପ୍ରତୀଭା ଦେବୀ ଜେନା ଦ୍ୱିତୀୟ, ରୁଦ୍ରାକ୍ଷ ଦାସଅଧିକାରୀ ୩ୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ସାର୍ଟିଫିକେଟ ସହିତ ନଗଦ ଅର୍ଥରାଶୀ ପ୍ରଦାନ କରାଯାଇଥିଲା। ଶିକ୍ଷକ କାଳିପଦ ମହାନ୍ତି ଓ ଗଣେଶ ଚନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲେ।

## ଭାରତୀୟ ବିଦ୍ୟା ନିକେତନରେ ବନ ମହୋତ୍ସବ



ଚନ୍ଦନେଶ୍ୱର,୫।୭ (ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପୃଥିବୀ ଏବେ ଧ୍ୱଂସାଭିମୁଖୀ। ଏଥିପାଇଁ କେବଳ ମଣିଷ ହିଁ ଦାୟୀ ବୋଲି ଭୋଗରାଇର ଚନ୍ଦନେଶ୍ୱର ନିକଟରେ ଥିବା ଭାରତୀୟ ବିଦ୍ୟା ନିକେତନରେ ଆୟୋଜିତ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଏନେଇ ଆୟୋଜିତ ସଚେତନତା ସଭାକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ତଥା ବରିଷ୍ଠ ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥ୍ୟ ଅବସରପ୍ରାପ୍ତ ରେଞ୍ଜ ଅଧିକାରୀ ତଥା କବି ସୁକୁମାର ଦାସ ଯୋଗଦେଇ ବିଶ୍ୱରେ ଦ୍ରୁତ ଶିଳ୍ପାୟନ ବୃଦ୍ଧି କାରଣରୁ ଜଳବାୟୁ ପରିବର୍ତ୍ତନ ଘଟୁଛି। ଏହାଛଡ଼ା ଜଙ୍ଗଲ କ୍ଷୟ ଫଳରେ ବହୁ ବନ୍ୟପ୍ରାଣୀ ମାନଙ୍କ ସଂଖ୍ୟା କ୍ରମଶଃ ଲୋପ ପାଇବାକୁ ବସିଲାଣି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ସୁଧାଂଶୁ ଶେଖର ପ୍ରଧାନ ଯୋଗଦେଇ ବୃକ୍ଷ ଆମ ବାପା, ମାଆ ଏବଂ ଏହା ଆମର ଜୀବନ। ତେଣୁ ଅଧିକରୁ ଅଧିକ ଗଛ ଲଗାଇ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମ୍ପାଦକ ଦଦୁଲ ଦାସ ଅଧିକାରୀ, ସାମ୍ବାଦିକ ରାଧା କାନ୍ତ ପ୍ରଧାନ, ସାମ୍ବାଦିକ ଜଗନ୍ନାଥ ଗିରି, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଦାସ, ସୁବାସ ଦାସ, ଭଗଦାନ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସବୁଜ ବନାନୀର ଉପକାରିତା ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ଗିରି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶେଷରେ ଶିକ୍ଷକ ବନମାଳୀ ଦେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରା ଯାଇଥିଲା। ପରେ ବିଦ୍ୟାଳୟ ପରିସର ମଧ୍ୟରେ ଫୁଲ ଓ ଫଳ ଗଛ ସବୁ ଲଗା ଯାଇଥିଲା।

## ପୋଖରୀକୁ ପଶିଗଲା କାର, ଅଳ୍ପକେ ବର୍ତ୍ତିଲେ ଚାଳକ

ନୀଳଗିରି,୫।୭ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧୀନ ରବିବାର ସନ୍ଧ୍ୟା ସମୟରେ ନୀଳଗିରି ସନ୍ତରାଗଡ଼ିଆ ରାସ୍ତାରେ ଜଣେ ମହିଳା ଏକ ମାରୁତି କାର ଚଲାଇ ଆସୁଥିବା ବେଳେ ନିଶ୍ଚିନ୍ତପୁର ଠାରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାଖରେ ଥିବା ଏକ ଗଛକୁ ଧକ୍କା ଦେଇ ପୋଖରୀ ଭିତରେ ପଶି ଯାଇଥିଲେ। ତେବେ ଏହି ଦୁର୍ଘଟଣାରେ ମହିଳା ଜଣକ ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ କୌଣସି ପଥଚାରୀଙ୍କର କ୍ଷୟ କ୍ଷତି ହୋଇନଥିବା ଜଣା ପଡ଼ିଛି। ଦୁର୍ଘଟଣାରେ ଗାଡି ଭାଙ୍ଗି ଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ନୀଳଗିରି ଅଗ୍ନିଶମ ବିଭାଗ ପହଞ୍ଚି ଥିବାବେଳେ ଗଭୀର ପୋଖରୀ ଭିତରୁ ଉକ୍ତ ଦୁର୍ଘଟଣା ଗ୍ରସ୍ତ କାରକୁ ଉଦ୍ଧାର କରିବା ସମ୍ଭବପର ହୋଇନଥିଲା। ପରେ ନୀଳଗିରି ପୁଲିସ ଘଟଣା ଇରେ ପହଞ୍ଚି କାର କୁ ଉଦ୍ଧାର କରି ଥାନାକୁ ଆଣିଥିଲା ବେଳେ ମହିଳାଙ୍କ ଘର ନୀଳଗିରି ଅଞ୍ଚଳରେ ହୋଇଥିବା ବେଳେ ସେ ବାହାରେ ରହୁଥିଲେ। ସେ ଆଜି ଘରକୁ ଆସୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ଏ ନେଇ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।



## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର,୫।୭ (ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଆନୁକୂଲ୍ୟରେ ସହର ଉପକଣ୍ଠସ୍ଥ ପାଗନଇ ନିକଟସ୍ଥ ପଦ୍ମପୁରଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା ଏବଂ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର, ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଲଳିତ୍ କୁମାର ଦାଶ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଜନକ ରାଉତ୍, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ସତୀକଣ୍ଠ ପ୍ରଧାନ ତଥା ଅନ୍ୟାନ୍ୟ ବିଚାରପତି, ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ଇନ୍ଦଲକର୍ ପ୍ରତୀକ୍ ପ୍ରକାଶ, ଏ.ସି.ଏଫ୍.ଓ. ତଟିନୀ ସେଠୀ, ସିଭିଲ୍ କୋର୍ଟର ମୁଖ୍ୟ ପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ୍ ଏବଂ ଅନ୍ୟାନ୍ୟ ବିଚାର ବିଭାଗୀୟ କର୍ମଚାରୀ, ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ, ପ୍ୟାନେଲ୍ ଲୟର, ପାରାଲିଗାଲ୍ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୨୦୦ ବୃକ୍ଷ ରୋପଣ କରାଯାଇଥିଲା। ଅନୁରୂପ ଭାବରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ତାଲୁକ୍ ଆଇନସେବା ସମିତି ସୋରା, ଜଳେଶ୍ୱର, ନୀଳଗିରି ଏବଂ ବସ୍ତା ଠାରେ ଆୟୋଜନ କରାଯାଇ ମୋଟରେ ଜିଲ୍ଲାରେ ୧୦୦୦ ବୃକ୍ଷ ରୋପଣ କରାଯାଇଛି।



## ଜିଲ୍ଲାସ୍ତରୀୟ ଛାତ୍ର ସମାବେଶ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୫।୭ (ସମିସ): ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ବାଲେଶ୍ୱର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ହେବାକୁ ଥିବା ଛାତ୍ର ସମାବେଶ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ସଭାପତି ତଥା ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ଉତ୍ତରର ପ୍ରଭାରୀ ଉମାକାନ୍ତ ମହାପାତ୍ର, ଓଡ଼ଶା ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଚନ୍ଦ୍ର ଶେଖର ନନ୍ଦ, ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ବିଜୟ ସାହୁ, ସମ୍ପାଦକ ରାଜେଶ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା କୋଷାଧ୍ୟକ୍ଷ ମୋହିତ ପୋଦ୍ଦାର ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟଙ୍କ ସମେତ କ୍ରିଷ୍ଣା ଶାହା, କାର୍ତ୍ତିକ ଗିରି, ଉମାକାନ୍ତ ପଣ୍ଡା, ଅଜିତ୍ ପାଢ଼ୀ, ନିଗମାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ଛାତ୍ର ସମାବେଶକୁ କିପରି ସଫଳ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା।

# ବେଲଦାରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ପାଇଁ ବଙ୍ଗ ପ୍ରଶାସନ ତତ୍ପର; ଜଳେଶ୍ୱରକୁ ଅଣଦେଖା

ଜଳେଶ୍ୱର ବ୍ଲକ୍,୫।୭ (ସମିସ)




ଓଡ଼ିଶା ସୀମାକୁ ଲାଗି ରହିଥିବା ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲ୍ଲା ନାରାୟଣଗଡ଼ ବ୍ଲକ୍‌ର ବେଲଦାଠାରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ପାଇଁ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନର ଏକ ଟିମ୍ ଗତ ସପ୍ତାହରେ ବେଲଦା ଗସ୍ତ କରିଛି ଟିମ୍‌ରେ ପଶ୍ଚିମ ମେଦିନୀପୁର ଜିଲ୍ଲା ଶାସକ ବିଜିନ କ୍ରିଷ୍ଣା, ଖଡ଼ଗପୁର ସବଡିଭିଜନ୍ ଶାସକ ଜ୍ୟୋତି ଘୋଷ ଓ ନାରାୟଣଗଡ଼ ବିଧାୟକ ରମା ପ୍ରସାଦ ଗିରି ସାମିଲ ଥିଲେ। ଯାହା ଜଣାପଡ଼ିଛି, ଟିମ୍ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ବିଧାୟକ ଶ୍ରୀ ଗିରି କହିଛନ୍ତି, ଖୁବ୍‌ଶୀଘ୍ର ସବ୍‌ଡିଭିଜନ୍ ପ୍ରତିଷ୍ଠାନେଇ ବିଧିବଦ୍ଧ ଘୋଷଣା ହେବ। ଉଲ୍ଲେଖ ଥାଉ ନାରାୟଣଗଡ଼, କେସିଆଡ଼ି, ମୋହନପୁର, ଦାନ୍ତୁନ-୧ ଓ ଦାନ୍ତୁନ-୨ ଆଦି ବ୍ଲକ୍‌କୁ ନେଇ ସବଡିଭିଜନ୍ ପ୍ରତିଷ୍ଠା କରିବାକୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା ତେବେ ପଶ୍ଚିମବଙ୍ଗରେ ନୂଆ ବିଜେପି ସରକାର ଆସିବା ପରେ ନାରାୟଣଗଡ଼ର ନବନିର୍ବାଚିତ ବିଧାୟକ ଶ୍ରୀ ଗିରି ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଛତେବେ ଓଡ଼ିଶା ସୀମାଠାରୁ ମାତ୍ର କିଛି ଦୂର ବେଲଦାରେ ସବ୍ ଡିଭିଜନ୍ ପ୍ରତିଷ୍ଠା ପାଇଁ ଉଭୟ ପ୍ରଶାସନିକ ଓ ରାଜନୈତିକସ୍ତରରେ ତତ୍ପରତା ପ୍ରକାଶପାଉଥିବା ବେଳେ ଦୁଇ ଦଶନ୍ଧିର ଦାବି ପରେ ବି ବାଲେଶ୍ୱର ଜିଲ୍ଲା ଅଧୀନ ଜଳେଶ୍?ରରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ନେଇ ତତ୍ପରତା ପ୍ରକାଶ ପାଉନି। ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳେଶ୍ୱର ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକ୍‌ର କେନ୍ଦ୍ରସ୍ଥଳୀ ଜଳେଶ୍ୱରକୁ ରାଜ୍ୟ ରାଜପଥ, ଜାତୀୟ ରାଜପଥ ଓ ରେଳପଥ ସଂଯୋଗ ମଧ୍ୟ ରହିଛି। ମୋଟାମୋଟି ଭାବେ ଏଠାରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ପାଇଁ ସବୁପ୍ରକାର ଭିତ୍ତିଭୂମି ଥିବା ସତ୍ତ୍ୱେ ଦାବିକୁ ଗୁରୁତ୍ୱ ଦିଆ ନ ଯିବା ପରିତାପର ବିଷୟ। ଉଲ୍ଲେଖ ଥାଉ କି ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତାର ବସ୍ତାର ବିଭିନ୍ନ ଅଞ୍ଚଳରୁ ବାଲେଶ୍ୱର ସଦର ମହକୁମା ଦୂରତା ୧୦୦ କିମିରୁ ୧୨୦ କିମି ଫଳରେ ଲୋକଙ୍କୁ ଉପଯୁକ୍ତ ପ୍ରଶାସନିକ ସେବା ମିଳି ପାରୁ ନାହିଁ। ଯଦି ମିଳୁଛି, ତେବେ ବାଲେଶ୍ୱର ଯିବା ପାଇଁ ଲୋକଙ୍କୁ ହଇରାଣ ସହ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେଣୁ ଜଳେଶ୍ୱରରେ ସବ୍‌ଡିଭିଜନ୍ ହେଲେ ଏହିସବୁ ସମସ୍ୟାର ସମାଧାନ ହୋଇପାରିବ। ସେହିପରି ଉତ୍ତର ବାଲେଶ୍ୱରରେ ଏକାଧିକ ପର୍ଯ୍ୟଟନସ୍ଥଳୀ ଥିବା ବେଳେ ଲଘୁଖଣିଜ ସମ୍ପଦରେ ଭରି ରହିଛି। ଜଳେଶ୍ୱରରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ହେଲେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଇପାରିବେ।

## ପାନ ବ୍ୟବସାୟୀଙ୍କ ଦେହାନ୍ତ

ଚନ୍ଦନେଶ୍ୱର,୫।୭ (ସମିସ): ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଭଟ୍ଟପୁର ଗାଁର ବିଶିଷ୍ଟ ପାନ ବ୍ୟବସାୟୀ ତଥା ଚାଷୀ ନୀଳକଣ୍ଠ ପ୍ରଧାନ(୬୨)ଙ୍କ ଦେହାନ୍ତ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିବା ସହିତ ମରଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୩ ଦଶନ୍ଧିରୁ ଉଦଶନ ବର୍ଷ ହେବା ପାନ ଚାଷ ଏବଂ ବ୍ୟବସାୟ କରି ଆସୁଥିଲେ ସ୍ୱର୍ଗତ ପ୍ରଧାନ। ଅସୁସ୍ଥତା କାରଣରୁ ପ୍ରାୟ ୬ମାସ ହେବ ଶଯ୍ୟାଶାୟୀ ଥିଲେ। ଜଣେ ପରାୟଣ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ସେ ବେଶ ପରିଚିତ ଥିଲେ। ସାହାବାଜିପୁର ସମିତି ସଦସ୍ୟ ତରଣୀକାନ୍ତ ସେନାପତି, ଭଟ୍ଟପୁର ୱାର୍ଡସଭ୍ୟ ସଞ୍ଜୟ ସେନାପତି, ସମାଜସେବୀ ପରିଡ଼ା, ଧରଣୀଧର ସେନାପତି, ପ୍ରଶାନ୍ତ ପାତ୍ର, ସୁଧାଂଶୁ ଶେଖର କର, ଅନନ୍ତ ଧଡା, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଅନ୍ତିମ ସଂସ୍କାରରେ ସାମିଲ ଥିଲେ। ତାଙ୍କ ଶବାଧାରକୁ ଏକ ପଟୁଆରରେ ଗାଁ ପରିକ୍ରଘିକ୍ରମା ପରେ ତାଳସାରୀ ବେଳାଭୂମିକୁ ନିଆ ଯାଇଥିଲା। ପୁଅ ରାମଶଙ୍କର,ଦେବ ଶଙ୍କର, ହରି ଶଙ୍କର ମୁଖାଗ୍ନି ଦେଇଥିଲେ।




# ଚିକିଟିରୁ ଚିକାଗୋ.. ଗଞ୍ଜାମରୁ ବିଦେଶ ଯାଏଁ କଳା ଧାନର ସୁଗନ୍ଧ

ବ୍ରହ୍ମପୁର,୫।୭(ସମିସ): (କ୍ଷୀରସିନ୍ଧୁ ମହାନ୍ତି)







କୃଷି କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ପରିଚୟ ଆଉ କେବଳ ଓଡ଼ିଶା ମଧ୍ୟରେ ସୀମିତ ନୁହେଁ। ଏଠାକାର ଚାଷୀମାନେ ଏବେ ବିଶ୍ୱ ବଜାରରେ ନିଜ ଉତ୍ପାଦର ପରିଚୟ ସୃଷ୍ଟି କରିବାରେ ସଫଳ ହେଉଛନ୍ତି। ଚିକିଟିଗଡ଼ର ଯୁବ ଚାଷୀ ବିକ୍ରମ ଗୌଡ଼ଙ୍କ ସଫଳତା ଏହାର ଏକ ଜ୍ୱଳନ୍ତ ଉଦାହରଣ। ନିଜ ଜମିରେ ଉତ୍ପାଦିତ କଳା ଚାଉଳକୁ ସେ ସିଧାସଳଖ ଆମେରିକାର ଚିକାଗୋକୁ ରପ୍ତାନି କରି ଗଞ୍ଜାମ କୃଷିକୁ ଆନ୍ତର୍ଜାତୀୟ ମଞ୍ଚରେ ପହଞ୍ଚାଇଛନ୍ତି। ପାରମ୍ପରିକ କୃଷିକୁ ଆଧୁନିକ ବିପଣନ ସହ ଯୋଡ଼ିଲେ କୃଷି ମଧ୍ୟ ବିଶ୍ୱସ୍ତରୀୟ ବ୍ୟବସାୟରେ ପରିଣତ ହୋଇପାରେ ବୋଲି ବିକ୍ରମଙ୍କ ସଫଳତା ପ୍ରମାଣ କରିଛି।

ବିକ୍ରମ ୧୦ ଏକର ଜମିରେ "ଲାବଣ୍ୟ' କିସମର କଳା ଧାନ ଚାଷ କରି ଚଳିତ ବର୍ଷ ୮ ଟନ୍‌ରୁ ଅଧିକ କଳା ଚାଉଳ ଉତ୍ପାଦନ କରିଥିଲେ। ସେଥିମଧ୍ୟରୁ ୭ ଟନ୍ ଚାଉଳ ଆମେରିକାର ଚିକାଗୋକୁ ରପ୍ତାନି କରାଯାଇଥିବା ବେଳେ ଅବଶିଷ୍ଟ ୧ ଟନ୍ କୋରାପୁଟର ଜଣେ କ୍ରେତାଙ୍କୁ ବିକ୍ରି କରାଯାଇଛି। ଗଞ୍ଜାମର ମାଟିରୁ ଉତ୍ପାଦିତ ଏହି ଚାଉଳ ବିଦେଶୀ ବଜାରରେ ପହଞ୍ଚିବା କେବଳ ବିକ୍ରମଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଓଡ଼ିଶା କୃଷିର ସାମର୍ଥ୍ୟର ଏକ ବଡ଼ ପ୍ରମାଣ ବୋଲି କୁହାଯାଉଛି।

ବିକ୍ରମଙ୍କ ସଫଳତାର ସବୁଠୁ ବଡ଼ ଦିଗ ହେଉଛି, ସେ ପାରମ୍ପରିକ ବ୍ୟବସାୟ ପଦ୍ଧତିରେ ସୀମିତ ରହିନଥିଲେ। ସ୍ଥାନୀୟ ବେପାରୀ କିମ୍ବା ମଣ୍ଡି ଉପରେ ନିର୍ଭର କରିବା ପରିବର୍ତ୍ତେ ସେ ଅନଲାଇନ୍ ପ୍ଲାଟଫର୍ମ, ସୋସିଆଲ ମିଡିଆ ଓ ଡିଜିଟାଲ୍ ଯୋଗାଯୋଗ ମାଧ୍ୟମରେ ବିଦେଶୀ କ୍ରେତାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ବିଦେଶକୁ ରପ୍ତାନି ପାଇଁ ଆବଶ୍ୟକ ଗୁଣବତ୍ତା ମାନଦଣ୍ଡ, ଆକର୍ଷଣୀୟ ପ୍ୟାକେଜିଂ ଓ ସମସ୍ତ ରପ୍ତାନି ଡକ୍ୟୁମେଣ୍ଟେସନ୍ ସମ୍ପୂର୍ଣ୍ଣ କରିବା ପରେ ଚାଉଳ ଆମେରିକା ପଠାଇବାରେ ସଫଳ ହୋଇଥିଲେ। ଏହା ପ୍ରମାଣ କରିଛି ଯେ, ଡିଜିଟାଲ୍ ଜ୍ଞାନ ଓ ଉଦ୍ୟମ ଥିଲେ ଗାଁର ଜଣେ ଚାଷୀ ମଧ୍ୟ ବିଶ୍ୱ ବଜାରକୁ ନିଜର କରିପାରିବେ। ଆଶ୍ଚର୍ଯ୍ୟର କଥା, ଆଭ୍ୟନ୍ତରୀଣ ବଜାରରେ କଳା ଚାଉଳର ଦର ପ୍ରତି କିଲୋ ୩୦୦ରୁ ୩୫୦ ଟଙ୍କା ରହିଥିବା ବେଳେ ବିକ୍ରମ ଏହାକୁ ରପ୍ତାନି ପାଇଁ ମାତ୍ର ୧୨୦ ଟଙ୍କା ପ୍ରତି କିଲୋ ଦରରେ ବିକ୍ରି କରିଛନ୍ତି। ଏହା ପଛରେ ତାଙ୍କର ସ୍ପଷ୍ଟ ବ୍ୟବସାୟିକ ରଣନୀତି ରହିଛି। ଆନ୍ତର୍ଜାତୀୟ ବଜାରରେ ଓଡ଼ିଶାର କଳା ଚାଉଳର ପରିଚୟ ସୃଷ୍ଟି କରିବା ଓ ଦୀର୍ଘମିଆଦି ବଜାର ଗଢ଼ି ତୋଳିବା ଉଦ୍ଦେଶ୍ୟରେ ସେ କମ୍ ଦରରେ ରପ୍ତାନି କରିଥିବା କହିଛନ୍ତି। ତାଙ୍କ ମତରେ, ପ୍ରଥମେ ବଜାର ସୃଷ୍ଟି ହେଲେ ଆଗାମୀ ଦିନରେ ଉଚିତ ମୂଲ୍ୟ ମିଳିବ ଓ ଏହାର ସୁଫଳ ଅନ୍ୟ ଚାଷୀମାନେ ମଧ୍ୟ ପାଇପାରିବେ। ଇଂରାଜୀ ସମ୍ମାନରେ ଏମ୍.ଏ. ଶିକ୍ଷା ସମାପ୍ତ କରିବା ପରେ ବିକ୍ରମ ସହରମୁହାଁ ହେବା ପରିବର୍ତ୍ତେ ପରିବାରର ପାରମ୍ପରିକ କୃଷିକୁ ନିଜର ପେସା ଭାବେ

## ■ ୧୦ଏକରରେ ଚାଷ, ୭ ଟନ୍ ଆମେରିକାକୁ ରପ୍ତାନି
## ■ ଯୁବ ଚାଷୀ ବିକ୍ରମଙ୍କ ସଫଳତା

ବାଛିଥିଲେ। ପ୍ରଥମେ ବିଭିନ୍ନ ପ୍ରକାର ଫସଲ ଚାଷ କରୁଥିବା ବେଳେ ୨୦୧୮ରୁ କଳା ଧାନ ଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ପରିବାରର ସମସ୍ତ ସଦସ୍ୟ ଓ ବିଶେଷକରି ତାଙ୍କ ଦାଦାଙ୍କ ସହଯୋଗ ତାଙ୍କୁ ଆଗକୁ ବଢ଼ିବାରେ ବଡ଼ ଶକ୍ତି ଦେଇଥିଲା। ଏହି ଚାଷ ପାଇଁ ବିକ୍ରମ ପ୍ରାୟ ୩ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ଏବେ ଉତ୍ପାଦିତ କଳା ଚାଉଳ ବିକ୍ରି କରି ସେ ପ୍ରାୟ ୮ ଲକ୍ଷ ଟଙ୍କା ଆୟ କରିବାରେ ସକ୍ଷମ ହୋଇଛନ୍ତି। କେବଳ ଉତ୍ପାଦନ ବଢ଼ାଇବା ନୁହେଁ, ସଠିକ୍ ବଜାର ଖୋଜି ମୂଲ୍ୟ ସଂଯୋଜନ କଲେ କୃଷି ମଧ୍ୟ ଲାଭଜନକ ହୋଇପାରିବ ବୋଲି ସେ ପ୍ରମାଣ କରିଛନ୍ତି। ବିକ୍ରମ କହିଛନ୍ତି, କଳା ଧାନ ଚାଷ ଆରମ୍ଭ କରିବା ପୂର୍ବରୁ ସେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇଥିଲେ। ଚାଷର ପ୍ରତ୍ୟେକ ପର୍ଯ୍ୟାୟରେ ବୈଜ୍ଞାନିକ ପଦ୍ଧତି ଅନୁସରଣ କରିବା ସହ ଗୁଣବତ୍ତାକୁ ପ୍ରାଥମିକତା ଦେଇଥିଲେ। ଓଡ଼ିଶାରେ ଏହି ଚାଉଳର ବଜାର ସୀମିତ ଥିବାରୁ ସେ କେବଳ ଦେଶୀ ବଜାର ଉପରେ ନିର୍ଭର କରିବାକୁ ଚାହିଁନଥିଲେ। ବିଦେଶରେ ଏହାର ଚାହିଦା ସମ୍ପର୍କରେ ଜାଣିବା ପରେ ରପ୍ତାନିର ସମ୍ଭାବନା ଖୋଜିଥିଲେ ଏବଂ ଶେଷରେ ସଫଳତା ପାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼. ସୁଜିତ୍ କୁମାର ନାଥ କହିଛନ୍ତି, "ସୁପର ଫୁଡ୍' ଭାବେ ପରିଚିତ କଳା ଚାଉଳରେ ପ୍ରଚୁର ପରିମାଣର ଆଣ୍ଟିଅକ୍ସିଡେଣ୍ଟ, ଉଦ୍ଭିଦ ପ୍ରୋଟିନ୍ ଓ ପୁଷ୍ଟିକର ଉପାଦାନ ରହିଛି। ସେଥିପାଇଁ ବିଶ୍ୱ ବଜାରରେ ଏହାର ଚାହିଦା ଦିନକୁ ଦିନ ବଢୁଛି। ଓଡ଼ିଶାର କୃଷି-ଜଳବାୟୁ କଳା ଧାନ ଚାଷ ପାଇଁ ଅନୁକୂଳ ଥିବାରୁ ଏହାର ବ୍ୟାପକ ରପ୍ତାନି ସମ୍ଭାବନା ରହିଛି। ବିକ୍ରମ ଚାଷ କରିଥିବା "ଲାବଣ୍ୟ' କିସମ ଉଚ୍ଚ ଅମଳକ୍ଷମ ଓ ଗୁଣବତ୍ତା ସମ୍ପନ୍ନ ହୋଇଥିବାରୁ ବିଦେଶୀ ବଜାରରେ ଏହାର ଗ୍ରହଣୀୟତା ଅଧିକ ରହିଛି। ବିକ୍ରମଙ୍କ ସଫଳତାକୁ ଆଧାର କରି ଯଦି ରାଜ୍ୟ ସରକାର କଳା ଧାନ ପାଇଁ ସ୍ୱତନ୍ତ୍ର ବ୍ରାଣ୍ଡିଂ, ପ୍ରୋସେସିଂ, ପ୍ୟାକେଜିଂ ଓ ରପ୍ତାନି ବ୍ୟବସ୍ଥା ବିକଶିତ କରନ୍ତି, ତେବେ ଗଞ୍ଜାମ ସମେତ ଓଡ଼ିଶାର ହଜାର ହଜାର ଚାଷୀ ଏଥିରୁ ଉପକୃତ ହୋଇପାରିବେ। ବିଶେଷ କରି ଶିକ୍ଷିତ ଯୁବପିଢ଼ିଙ୍କୁ କୃଷି ପ୍ରତି ଆକୃଷ୍ଟ କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇପାରେ। ଗଞ୍ଜାମର ଜଣେ ଯୁବ ଚାଷୀଙ୍କ ଏହି ସଫଳତା କେବଳ ଏକ ରପ୍ତାନି କାହାଣୀ ନୁହେଁ, ବରଂ ଏହା ପ୍ରମାଣ କରିଛି ଯେ ପାରମ୍ପରିକ କୃଷି ସହ ଶିକ୍ଷା, ପ୍ରଯୁକ୍ତି, ଡିଜିଟାଲ୍ ବିପଣନ ଓ ଦୂରଦୃଷ୍ଟିକୁ ଯୋଡ଼ି ପାରିଲେ ଚାଷୀ କେବଳ ଅନ୍ନଦାତା ନୁହେଁ, ବରଂ ବିଶ୍ୱ ବଜାରର ସଫଳ ଉଦ୍ୟୋଗୀ ମଧ୍ୟ ହୋଇପାରିବେ। ବିକ୍ରମଙ୍କ ଏହି ସଫଳତା ଗଞ୍ଜାମର କୃଷି ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି।

# ୧୭ଟି କେନ୍ଦ୍ରରେ ପରୀକ୍ଷା ଦେଲେ ଓଟିଇଟି ପରୀକ୍ଷାର୍ଥୀ

ବ୍ରହ୍ମପୁର,୫।୭(ସମିସ): ବହୁ ପ୍ରତୀକ୍ଷିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୬ ରବିବାର ଗଞ୍ଜାମ ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଜିଲ୍ଲାର ୧୭ଟି ପରୀକ୍ଷା କେନ୍ଦ୍ରରେ ଦୁଇଟି ସିଟିଂରେ ପରୀକ୍ଷା ସମ୍ପନ୍ନ ହୋଇଥିବା ବେଳେ ସମଗ୍ର ପ୍ରକ୍ରିୟାକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସମ୍ପନ୍ନ କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପୁଲିସ ମୁତୟନ ସହ ଉଡ଼ନ୍ତା ସ୍କ୍ୱାଡ୍ ଏବଂ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀମାନେ ନିରନ୍ତର ତଦାରଖ କରିଥିଲେ। କୌଣସି ପ୍ରକାରର ଅପ୍ରୀତିକର ଘଟଣା କିମ୍ବା ଅନିୟମିତତାର ଖବର ମିଳିନାହିଁ।



ଜିଲ୍ଲା ଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ମୋଟ ୬୧୪୮ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ସେଥିମଧ୍ୟରୁ ୫୪୬୧ ଜଣ ପରୀକ୍ଷାରେ ଉପସ୍ଥିତ ରହିଥିବା ବେଳେ ୬୮୭ ଜଣ ଅନୁପସ୍ଥିତ ରହିଛନ୍ତି। ଏହାଦ୍ୱାରା ଜିଲ୍ଲାରେ ମୋଟ ଉପସ୍ଥାନ ହାର ପ୍ରାୟ ୮୯ ପ୍ରତିଶତ ରହିଥିବା ଜଣାପଡ଼ିଛି। ପ୍ରଥମ ସିଟିଂରେ ପେପର-୧ ପରୀକ୍ଷା ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ପରୀକ୍ଷା ପାଇଁ ୧୯୫୫ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୧୭୪୫ ଜଣ ପରୀକ୍ଷା ଦେଇଥିବା ବେଳେ ୨୧୦ ଜଣ ଅନୁପସ୍ଥିତ ରହିଥିଲେ। ଅପରପକ୍ଷରେ ଦ୍ୱିତୀୟ ସିଟିଂରେ ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୧୯୩ଜଣ ଆବେଦନକାରୀଙ୍କ ମଧ୍ୟରୁ ୩୭୧୬ଜଣ ଉପସ୍ଥିତ ଥିବାବେଳେ ୪୭୭ଜଣ ପରୀକ୍ଷାରେ ସାମିଲ ହୋଇନଥିଲେ। ପରୀକ୍ଷାକୁ ସ୍ୱଚ୍ଛ ଓ ନକଲମୁକ୍ତ କରିବା ପାଇଁ ସମସ୍ତ କେନ୍ଦ୍ରରେ କଡ଼ା ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷାର୍ଥୀମାନଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ କେନ୍ଦ୍ରରେ ପହଞ୍ଚିବାକୁ କୁହାଯାଇଥିଲା। ପ୍ରବେଶ ପୂର୍ବରୁ ଆଡମିଟ୍ କାର୍ଡ ଓ ପରିଚୟପତ୍ର ଯାଞ୍ଚ ସହ ନିଷିଦ୍ଧ ସାମଗ୍ରୀ ନେଇ ଭିତରକୁ ପ୍ରବେଶ ଉପରେ କଡ଼ା କଟକଣା ଲାଗୁ କରାଯାଇଥିଲା। ଏଥିପାଇଁ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସକାଳୁ ପରୀକ୍ଷାର୍ଥୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅନେକ ପରୀକ୍ଷାର୍ଥୀଙ୍କ କହିବା ଅନୁଯାୟୀ, ପ୍ରଶ୍ନପତ୍ରର ମାନ ସନ୍ତୋଷଜନକ ରହିଥିଲା ଏବଂ ଅଧିକାଂଶ ପ୍ରଶ୍ନ ପାଠ୍ୟକ୍ରମ ଭିତରୁ ଆସିଥିଲା। ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଶୃଙ୍ଖଳିତ ପରିବେଶ ଥିବାରୁ ପରୀକ୍ଷା ଦେବାରେ କୌଣସି ସମସ୍ୟା ହୋଇନଥିବା ସେମାନେ ପ୍ରକାଶ କରିଛନ୍ତି। ଶିକ୍ଷକ ନିଯୁକ୍ତି ପାଇଁ ଓଟିଇଟିକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପରୀକ୍ଷା ଭାବେ ଧରାଯାଉଥିବାରୁ ଚଳିତବର୍ଷ ମଧ୍ୟ ବହୁ ସଂଖ୍ୟକ ଆଶାୟୀ ପ୍ରାର୍ଥୀ ଏଥିରେ ସାମିଲ ହୋଇଥିଲେ। ଏବେ ପରୀକ୍ଷା ଶେଷ ହେବା ପରେ ଫଳ ପ୍ରକାଶକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି।

# ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ



ବ୍ରହ୍ମପୁର,୫।୭(ସମିସ): ଆରସିସିଏଫ୍ ଅଫିସ କାର୍ଯ୍ୟାଳୟରେ ୭୭ ତମ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବ୍ରହ୍ମପୁର ଡିଏଫଓ ସନ୍ନି ଖୋକରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଆରସିସିଏଫ୍ ବିଶ୍ୱନାଥ ଏନ୍ ଯୋଗ ଦେଇଥିଲେ। ସ୍କୁଲ, କଲେଜ ଛାତ୍ରଛାତ୍ରୀ, ସ୍ଥାନୀୟ ଅଞ୍ଚଳବାସୀ ଓ ବେସରକାରୀ ଅନୁଷ୍ଠାନ ସହାୟତାରେ ବୃକ୍ଷର ସୁରକ୍ଷା ବହୁତ୍ ଭଲ ହୋଇ ପାରିବ। ବୃକ୍ଷ ରୋପଣ ଓ ତାହାର ସୁରକ୍ଷା ନେବା ସହ କୃତ୍ରିମ ବନି କରଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ରହ୍ମପୁର ଉପଖଣ୍ଡର ତାଡ଼କାସାହି ବନ ସୁରକ୍ଷା ସମିତି, ଛତ୍ରପୁର ଉପଖଣ୍ଡର ଅଗସ୍ତିନୂଆଗାଁ ବନ ସୁରକ୍ଷା ସମିତି ଓ ଭଞ୍ଜନଗର ଉପଖଣ୍ଡର ଡାଙ୍ଗୁଆପଲ୍ଲୀ ବନ ସୁରକ୍ଷା ସମିତିକୁ ସମ୍ମାନିତ କରାଯାଇଛି। ସେମାନଙ୍କୁ ଅତିଥିଙ୍କ ଦ୍ୱାରା ୫୦ହଜାର ଲେଖାଏଁ ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ବର୍ତ୍ତମାନ ସମୟରେ ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ଓ ପରିବେଶ ସନ୍ତୁଳନ ରକ୍ଷା କରିବାରେ ଭୂମିକା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍ ମଞ୍ଚ ସଂଯୋଜନା କରିଥିବା ବେଳେ ଏସିଏଫ ସସ୍ମିତା ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏସିଏଫ୍ ମାଣିକେଶ୍ୱରୀ ହାଁସଦା, ଦିବ୍ୟ ଶଙ୍କର ବେହେରା, ମନୋଜ ପାତ୍ର, ବିବେକ ଦାସ, ରେଞ୍ଜର ଦିବ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବନପାଳ ସୋମନାଥ ମାଲିକ, ବାବୁ ସେଠୀ, ପ୍ରମିଳା ସାବତ, ପ୍ରଶାନ୍ତ କାଜି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୂଅରୁ ଉଦ୍ଧାର ହେଲା ୭ଟି ନାଗ ସାପ ଛୁଆ

ବ୍ରହ୍ମପୁର,୫।୭(ସମିସ): ଲାଞ୍ଜିପଲ୍ଲୀ ଗଣେଶ ନଗରର ଏକ କୂଅରୁ ଉଦ୍ଧାର ହେଲା ୭ଟି ନାଗ ସାପ ଛୁଆ। ସ୍ନେକ ହେଲ୍ପ ଲାଇନ୍ ପକ୍ଷରୁ ଏହାକୁ ଉଦ୍ଧାର କରିବା ପରେ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଉଦ୍ଧାର ସାପଙ୍କୁ ରବିବାର ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଥିବା ବନ ବିଭାଗ ସୂଚନା ଦେଇଛି। ସୂଚନା ମୁତାବକ, ଲାଞ୍ଜିପଲ୍ଲୀ ଗଣେଶ ନଗରର ପ୍ରଶାନ୍ତ କୁମାର ଦାଶଙ୍କ ଘର ବାଡ଼ିରେ ଥିବା କୂଅରେ ଗତ ଶୁକ୍ରବାର କିଛି ସାପ ଛୁଆ ଭାସୁଥିବା ପରିବାର ସଦସ୍ୟ ଦେଖୁଥିଲେ। ସାପକୁ ଉଦ୍ଧାର କରିବାକୁ ସେ ସ୍ନେକ ହେଲ୍ପ ଲାଇନ ସଦସ୍ୟ ସନ୍ଦୀପ ସେଠୀଙ୍କୁ ଯୋଗାଯୋଗ କରିଥିଲେ। ତେବେ ସନ୍ଧ୍ୟା ହୋଇ ଯାଇଥିବାରୁ ଶନିବାର ଉକ୍ତ ସାପ ଗୁଡ଼ିକୁ କୂଅ ମଧ୍ୟରୁ ସ୍ନେହ ହେଲ୍ପ ଲାଇନ ସଂଯୋଜକ ସ୍ୱାଧୀନ ସାହୁ ଓ ସଦସ୍ୟ ସନ୍ଦୀପ ପହଞ୍ଚି ଉଦ୍ଧାର କରିଥିଲେ। ଏହାପରେ ସମସ୍ତ ୭ ନାଗ ସାପ ଛୁଆକୁ ବନବିଭାଗକୁ ହସ୍ତାନ୍ତର କରିଥିଲେ। ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖରଙ୍କ ପରାମର୍ଶକ୍ରମେ ସବୁ ସାପକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଛି। ଉଲ୍ଲେଖ ଥାଉକି, ୨୦୨୧ ଜୁଲାଇ ମାସରେ ସେହି କୂଅରୁ ୧୫ଟି ନାଗ ସାପ ଛୁଆ ସ୍ନେକ ହେଲ୍ପ ଲାଇନ ପକ୍ଷରୁ ଉଦ୍ଧାର କରାଯାଇଥିଲା।

## ● ଆଜିଠୁ ନିୟମିତ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ
# ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀ

ବ୍ରହ୍ମପୁର,୫।୭(ସମିସ): ସୋମବାରରୁ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ ନିମୟିତ ଚାଲିବ। ଏହାକୁ ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀ ଉଦଘାଟନ କରିବେ ବୋଲି ସୂଚନା ମିଳିଛି। ଏହା ଫଳରେ ସୁରଥ ଯାତ୍ରା ସୁବିଧା ପାଇବେ। ଏଡ଼େଇ ଦିନିକିଆ ଗସ୍ତରେ କେନ୍ଦ୍ର ରେଳ, ଇଲୋକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶା ଆସୁଛନ୍ତି। ସକାଳ ୧୦.୩୦ରେ ପୂର୍ବତଟ୍ ରେଳପଥ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ୧୧.୩୦ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ରହିବେ। ପରେ ୧୨.୩୦ରେ ପୁରୀ ରେଳଷ୍ଟେସନରେ ପହଞ୍ଚି କରି ରଥଯାତ୍ରାର ପ୍ରସ୍ତୁତି ସମୀକ୍ଷା କରିବେ। ସେଠାରେ ପୁରୀ-କୋରାପୁଟ ଟ୍ରେନରୁ ଶୁଭାରମ୍ଭ କରିବେ। ସେଠାରୁ ବାହାରି ଅପରାହ୍ନ ୪ଟା ୩୦ରେ ବ୍ରହ୍ମପୁର ରେଳ୍‌ଷ୍ଟେସନରେ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସର ନିୟମିତ ସେବାକୁ ଶୁଭାରମ୍ଭ କରିବେ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି। ସଂନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ଯୋଜନା ରହିଛି। ଦିନିକିଆ ଗସ୍ତରେ ଦୁଇଟି ଟ୍ରେନର ଶୁଭାରମ୍ଭ ସହ କାର୍ଯ୍ୟର ସମୀକ୍ଷା ଓ ରଥଯାତ୍ରାର ପ୍ରସ୍ତୁତି ସମୀକ୍ଷା ସୂଚୀ ଥିବା ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେତେ ରେଳ ବିଭାଗ ପକ୍ଷରୁ ଜାରି ନିମନ୍ତ୍ରଣ ପତ୍ରରେ ମୁଖ୍ୟମନ୍ତ୍ରୀ ମଧ୍ୟ ବ୍ରହ୍ମପୁର କାର୍ଯ୍ୟକ୍ରମରେ ଯୋଗଦେବାର ବିଶେଷ କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।

# ମୋବାଇଲ ଝାମ୍ପି ନେବା ମାମଲାରେ ୨ ନାବାଳକକୁ କାବୁକଲା ପୁଲିସ

ବ୍ରହ୍ମପୁର,୫।୭(ସମିସ): ଗୋପାଳପୁର ପୁଲିସ ଆଜି ମୋବାଇଲ ଝାମ୍ପି ନେବା ମାମଲାରେ ଦୁଇ ନାବାଳକକୁ କାବୁ କରିଛି। ଦୁଇ ନାବାଳକ ୧୭ ବୟସ ହୋଇଥିବା ବେଳେ ପଥରା ଗ୍ରାମର ବୋଲି ଜଣାପଡ଼ିଛି। ଦୁଇ ନାବାଳକକୁ ପୁଲିସ ଜେଜେବିରେ ହାଜର ପରେ ବାଳ ସୁଧାର ଗୃହକୁ ପଠାଇଛି। ସୂଚନା ପ୍ରକାରେ ବୈଦ୍ୟନାଥପୁର ଥାନା ସରଦାବାଲିର ସୌରଭ ଚିନ୍ନି ଗତ ୩ ତାରିଖ ସକାଳ ସାଢେ ୧୧ଟା ସମୟରେ ଘରକୁ ଯାଉଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ସୌରଭଙ୍କ ମୋବାଇଲଟିକୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଏ ନେଇ ସୌରଭ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୩୮୭/୨୬ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ସିସି ଫୁଟେଜ ଯାଞ୍ଚ କରିଥିଲା। ସିସି ଫୁଟେଜକୁ ଆଧାର କରି କୌଣସି ସୂତ୍ରରୁ ପୁଲିସ ଖବର ପାଇଁ ଆଜି ନିଜ ଗ୍ରାମରୁ ଦୁଇ ନାବାଳକକୁ କାବୁ କରିବା ସହ ବ୍ୟବହାର କରିଥିବା ସ୍କୁଟି ଓ ଝାମ୍ପି ନେଇଥିବା ମୋବାଇଲ ଜବତ କରିଥିବା ପୁଲିସ କହିଛି।

## ● ଚିଠା ଭୋଟର ତାଲିକା ପ୍ରକାଶିତ
# ଦାବି, ଆପତ୍ତି ଅଭିଯୋଗର ସଂଶୋଧନ ପ୍ରକ୍ରିୟା ଆରମ୍ଭ



ବ୍ରହ୍ମପୁର,୫।୭(ସମିସ): ବ୍ରହ୍ମପୁର ଉପଖଣ୍ଡ ଅନ୍ତର୍ଗତ ୫ଟି ନିର୍ବାଚନ ମଣ୍ଡଳୀ ସାନଖେମୁଣ୍ଡି, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଏବଂ ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏ.ଡି.ଏମ୍ ସୁନିଲ୍ କୁମାର କେର୍କେଟା, ମହାନଗର ନିଗମ ଡେପୁଟି କମିସନର କଲ୍ୟାଣୀ ସଂଘମିତ୍ରା, ଅତିରିକ୍ତ ଉପ ଜିଲ୍ଲାପାଳ ରୀନା କୁମାରୀ ନାଏକ, ଡ଼େପୁଟି କଲେକ୍ଟର ଅଲେଖ ରଞ୍ଜନ ମହାଙ୍କୁଡ଼, ସୁବ୍ରତ ଶତପଥି, ତହସିଲଦାର ରାକେଶ କୁମାର ପରିଡ଼ାଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଉପ ଜିଲ୍ଲାପାଳ ଉପସ୍ଥିତ ରାଜନୈତିକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି କହିଥିଲେ କି, ଚିଠା ଭୋଟର ତାଲିକା ପ୍ରକାଶନ ପର ପର୍ଯ୍ୟାୟ ହେଉଛି ଏସ୍. ଆଇ.ଆର୍ ପ୍ରକ୍ରିୟାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ତାଲିକାରେ ରହିଯାଇଥିବା ତ୍ରୁଟି ସଂଶୋଧନ, ଯୋଗ୍ୟ ଏବଂ ନୂତନ ଭୋଟରଙ୍କ ଅନ୍ତର୍ଭୁକ୍ତି, ଅଯୋଗ୍ୟ, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ମୃତ, ନକଲି ଭୋଟରଙ୍କ ନାମ ବାଦ୍ ଦେବା ପରି ପଦକ୍ଷେପ ଦ୍ୱାରା ସ୍ୱଚ୍ଛ ଭୋଟର ତାଲିକା ପ୍ରକାଶିତ ହୋଇପାରିବ। ଏଥିପାଇଁ ଚଳିତ ପର୍ଯ୍ୟାୟରେ ଆଗାମୀ ଅଗଷ୍ଟ ମାସ ୪ ତାରିଖ ପର୍ଯ୍ୟନ୍ତ ତ୍ରୁଟି ସଂଶୋଧନ ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିବ। ଏହି ପର୍ଯ୍ୟାୟରେ ରାଜନୈତିକ ଦଳର ପ୍ରତିନିଧିଗଣଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ କାରଣ ବୁଥ୍‌ସ୍ତରୀୟ ତର୍ଜମା କରି ସେମାନେ ଆବଶ୍ୟକ ପଦକ୍ଷେପ ଦିଗରେ ସହାୟକ ହୋଇପାରିବେ। ଏ ଦିଗରେ ସେମାନେ ସଂପୃକ୍ତ ବିଏଲ୍.ଓ ଙ୍କ ସହାୟତା ନେଇପାରିବେ ବୋଲି ଉପ ଜିଲ୍ଲାପାଳ କହିଥିଲେ।

## ■ ବ୍ରହ୍ମପୁରରେ ଉପଲବ୍ଧ କେୟାର ହସ୍ପିଟାଲ୍‌ର ସୁପର ସ୍ପେଶାଲିଟି ଡାକ୍ତର
# ଜିଆଇ, ରୋବୋଟିକ୍ ସର୍ଜରୀ ଏବଂ କିଡ୍‌ନୀ ରୋଗର ମିଳିବ ପରାମର୍ଶ

ବ୍ରହ୍ମପୁର,୫।୭(ସମିସ): ଦକ୍ଷିଣ ଓଡ଼ିଶାରେ ଉନ୍ନତ ସୁପର-ସ୍ପେଶାଲିଟି ସ୍ୱାସ୍ଥ୍ୟସେବା ଅଧିକ ସୁଲଭ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବାକୁ ଆଗେଇ ଆସିଛି ବିଶାଖାପାଟଣାର କେୟାର ହସ୍ପିଟାଲ୍ସ। ଏହାର ପ୍ରସିଦ୍ଧ ସୁପର-ସ୍ପେଶାଲିଟି ଡାକ୍ତର ବିଶ୍ୱବାସୁ ଦାସ, କ୍ଲିନିକାଲ୍ ନିର୍ଦ୍ଦେଶକ ଏବଂ ମୁଖ୍ୟ, ସର୍ଜରୀ, ଲିଭର ଟ୍ରାନ୍ସପ୍ଲାଣ୍ଟେସନ୍ ଏବଂ ରୋବୋଟିକ୍ ସର୍ଜରୀ ଓ ଡ଼ାକ୍ତର ଏ.ଭି. ଭେନୁଗୋପାଳ, ବରିଷ୍ଠ ପରାମର୍ଶଦାତା ନେଫ୍ରୋଲୋଜିଷ୍ଟ ଏବଂ କିଡନୀ ଟ୍ରାନ୍ସପ୍ଲାଣ୍ଟ ଚିକିତ୍ସକଙ୍କ ଦ୍ୱାରା ବ୍ରହ୍ମପୁରରେ ମାସିକ ପରାମର୍ଶ କ୍ଲିନିକ୍ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମାସିକ କ୍ଲିନିକ୍ ଗୁଡ଼ିକ ବ୍ରହ୍ମପୁର, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଏବଂ ପଡ଼ୋଶୀ ଜିଲ୍ଲା ଗୁଡ଼ିକର ରୋଗୀମାନଙ୍କୁ ଘର ପାଖରେ ବିଶେଷଜ୍ଞ ପରାମର୍ଶ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଉନ୍ନତ ଚିକିତ୍ସା ମାର୍ଗଦର୍ଶନ ପାଇବାକୁ ସକ୍ଷମ କରୁଛି। ଫଳରେ ବିଶେଷଜ୍ଞ ଚିକିତ୍ସା ପାଇଁ ବିଶାଖାପାଟଣା ଯିବାର ଆବଶ୍ୟକତା ହ୍ରାସ ପାଇଛି। ଜଟିଳ ପାକସ୍ଥଳୀ ରୋଗ, ଯକୃତ ଏବଂ ଅଗ୍ନାଶୟ ରୋଗ, ପାଚନ କର୍କଟ, ବୃକକ୍ ରୋଗ ଏବଂ ଅନ୍ୟାନ୍ୟ ଦୀର୍ଘକାଳୀନ ରୋଗରେ ପୀଡିତ ରୋଗୀମାନଙ୍କୁ ପ୍ରାୟତଃ ବିଶେଷଜ୍ଞଙ୍କ ସହିତ ବାରମ୍ବାର ପରାମର୍ଶ ଆବଶ୍ୟକ ହୁଏ। ପ୍ରତି ମାସରେ ବ୍ରହ୍ମପୁରରେ ଏହି ସେବା ଉପଲବ୍ଧ କରାଇ, କେୟାର ହସ୍ପିଟାଲ୍ସ ରୋଗୀଙ୍କୁ ମୂଲ୍ୟବାନ ସମୟ ଏବଂ ଯାତ୍ରା ଖର୍ଚ୍ଚ ବଞ୍ଚାଇବାରେ ସାହାଯ୍ୟ କରୁଛି। ସମୟୋଚିତ ରୋଗ ନିର୍ଣ୍ଣୟ, ଉପଯୁକ୍ତ ଚିକିତ୍ସା ଯୋଜନା ଏବଂ ଆବଶ୍ୟକ ସମୟରେ ଉନ୍ନତ ଚିକିତ୍ସା ପାଇଁ ସୁଗମ ସୁବିଧା ସୁନିଶ୍ଚିତ କରୁଛି। ପ୍ରତି ମାସର ୫ ତାରିଖରେ ବିଶେଷଜ୍ଞମାନେ ପରାମର୍ଶ ପାଇଁ ଉପଲବ୍ଧ ଅଛନ୍ତି। ଡ଼ାକ୍ତର ଏ. ଭି. ଭେନୁଗୋପାଳ ବ୍ରହ୍ମପୁରର ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ସୁବୁଦ୍ଧି ଡାଇଗ୍ନୋଷ୍ଟିକ୍ସ ଏବଂ ବ୍ରହ୍ମପୁରର କୋର୍ଟପେଟା ସ୍କୋୟାରରେ ମା କାଳୁଆ ଡାକ୍ତର ପରାମର୍ଶ ଚାମ୍ବରରେ ରୋଗୀଙ୍କ ପରାମର୍ଶ ନିଅନ୍ତି। ଡ଼ାକ୍ତର ବିଶ୍ୱାବସୁ ଦାସ ବ୍ରହ୍ମପୁରର କୋର୍ଟପେଟା ମା କାଳୁଆ ଡାକ୍ତର ପରାମର୍ଶ ଚାମ୍ବରରେ ତାଙ୍କର ମାସିକ ପରାମର୍ଶ କ୍ଲିନିକ୍ ପରିଚାଳନା କରନ୍ତି। ୩୦ବର୍ଷରୁ ଅଧିକ ଅଭିଜ୍ଞତା ସହିତ, ଡ଼ାକ୍ତର ବିଶ୍ୱାବସୁ ଦାସ ଭାରତର ଅଗ୍ରଣୀ ରୋବୋଟିକ୍ ସର୍ଜନମାନଙ୍କ ମଧ୍ୟରୁ ଜଣେ। ଉନ୍ନତ ମିନିମାଲି ଇନଭେସିଭ୍ ଗ୍ୟାଷ୍ଟ୍ରୋ ଇଣ୍ଟେଷ୍ଟାଇନେଷ୍ଟିନାଲ୍ ସର୍ଜରୀର ଜଣେ ଅଗ୍ରଣୀ। ସେ ୧୦୦୦ରୁ ଅଧିକ ରୋବୋଟିକ୍ ପାକସ୍ଥଳୀ ଅସ୍ତ୍ରୋପଚାର ସଫଳତାର ସହ କରିଛନ୍ତି। ଡ଼ାକ୍ତର ଏ. ଭି. ଭେନୁଗୋପାଳ ଜଣେ ଅତ୍ୟନ୍ତ ଅଭିଜ୍ଞ ନେଫ୍ରୋଲୋଜିଷ୍ଟ ଏବଂ ବୃକକ୍ ପ୍ରତିରୋପଣ ଡାକ୍ତର ଯାହାଙ୍କର ୧୮ ବର୍ଷରୁ ଅଧିକ କ୍ଲିନିକାଲ୍ ଅଭିଜ୍ଞତା ଅଛି। ସେ କ୍ରନିକ୍ ବୃକକ୍ ରୋଗ, ମଧୁମେହ ବୃକକ୍ ରୋଗ, ଉଚ୍ଚ ରକ୍ତଚାପ, ଡାଏଲିସିସ୍ ଯତ୍ନ, ବୃକକ୍ ପ୍ରତିରୋପଣ, ମୂତ୍ର ନଳୀ ରୋଗ, ବୃକକ୍ ପଥର ପରିଚାଳନା ଏବଂ ଅନ୍ୟାନ୍ୟ ଜଟିଳ ବୃକକ୍ ରୋଗରେ ବିଶେଷଜ୍ଞ। ସେ ବ୍ୟାପକ, ରୋଗୀ-କେନ୍ଦ୍ରିକ ବୃକକ୍ ଚିକିତ୍ସା ପ୍ରଦାନ କରିବା ପାଇଁ ଜଣାଶୁଣା। ବ୍ରହ୍ମପୁର ନିୟମିତ ମାସିକ ବିଶେଷଜ୍ଞ ପରାମର୍ଶ କ୍ଲିନିକ୍ ମାଧ୍ୟମରେ, କେୟାର ହସ୍ପିଟାଲ୍ ଦକ୍ଷିଣ ଓଡ଼ିଶାରେ ଉନ୍ନତ ସୁପର-ସ୍ପେଶାଲିଟି ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁଦୃଢ଼ କରିଚାଲିଛି।




## ଏଆଇଡିଏସ୍‌ଓର କନ୍‌ଭେନସନ
# ବିଜ୍ଞାନସମ୍ମତ, ନିର୍ଭୁଲ, ମୌଳିକ ପାଠ୍ୟପୁସ୍ତକ ଯୋଗାଣ ଦାବି

ବ୍ରହ୍ମପୁର,୫।୭(ସମିସ):




ସ୍ଥାନୀୟ ଗଞ୍ଜାମ କଳା ପରିଷଦ ପରିସରରେ ଏଆଇଡ଼ିଏସଓର ଏକ କନଭେସନସନ୍ ଅନୁଷ୍ଠିତ ହୋଇଯାଇଛି। କେବଳ ଭ୍ରମ ସଂଶୋଧନ ନୁହେଁ ବିଜ୍ଞାନସମ୍ମତ ଓ ମୌଳିକ ବିଷୟ ସନ୍ନିବେଶିତ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷ ବହିରେ ଶିକ୍ଷାଦାନ କରିବାକୁ ଏଠାରେ ଦାବି କରାଯାଇଛି। ବିଷୟ ଭିତ୍ତିକ ବିଶେଷଜ୍ଞମାନଙ୍କୁ ନେଇ ଏକ ବୋର୍ଡ ଗଠନ କରାଯାଇ ସେହି ବୋର୍ଡକୁ ପାଠ୍ୟପୁସ୍ତକ ଲେଖିବାର ଦାୟିତ୍ୱ ପ୍ରଦାନ କରି ତାଙ୍କ ନାମକୁ ସର୍ବସମ୍ମୁଖରେ ପ୍ରକାଶ କରିବା। ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ପୁନର୍ଲିଖିତ ନୂତନ ବହି ମୁଦ୍ରଣ କରିବା। ତୁରନ୍ତ ଜାତୀୟ ଶିକ୍ଷାନୀତି-୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବାକୁ ଏଆଇଡିଏସଓ, ଗଞ୍ଜାମ ଜିଲ୍ଲା କମିଟି ଦାବି କରିଛି। ଜାତୀୟ ଶିକ୍ଷାନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତବର୍ଷ ବ୍ୟାପକ ପ୍ରସ୍ତୁତି ନ ନେଇ ତରବରିଆ ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଲେ ତାହା ମାଳ ମାଳ ଭୁଲରେ ଭର୍ତ୍ତି। ତ୍ରୁଟିକୁ ସୁଧାରିବା ପାଇଁ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ "ସଂଶୋଧନ ଦଲିଲ' ପ୍ରସ୍ତୁତ କରାଗଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ୍ୟ ବ୍ୟାପକ ତ୍ରୁଟି ରହିଲା। ପୁଣି ଏବେ ଏହି ତ୍ରୁଟିକୁ ସଂଶୋଧନ କରି ଏସସିଇଆରଟି, ଓଡ଼ିଶା ପକ୍ଷରୁ ଗତ ୨ତାରିଖରେ ଏକ ବିଜ୍ଞପ୍ତି ଜାରି କରାଯାଇ ସର୍ବସାଧାରଣ ନିମନ୍ତେ ସୂଚନା ଦିଆଯାଇଛି ଯେ, ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟ ପୁସ୍ତକଗୁଡିକୁ ୱେବସାଇଟରେ ଦିଆଯାଇଛି। ସେହି ପୁସ୍ତକଗୁଡିକ ସମ୍ବନ୍ଧରେ ସୁଚିନ୍ତିତ ମତାମତ ଜନସାଧାରଣ ସାତଦିନ ମଧ୍ୟରେ ଦେବେ। ଅସଲରେ ଏହି ଜନମତ ସଂଗ୍ରହ ଆଳରେ ସରକାର ଅବୈଜ୍ଞାନିକ ଓ ଅଯୌକ୍ତିକ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଚକ୍ରାନ୍ତ କରୁଥିବା ଏଆଇଡ଼ିଏସଓ ଅଭିଯୋଗ କରିଛି। ପ୍ରଥମତଃ ପାଠ୍ୟ ପୁସ୍ତକରେ ସଂଶୋଧନ କେବଳ କିଛି ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତ୍ତିକ କରାଯିବ ସେତିକି ନୁହେଁ ଆହୁରି ମଧ୍ୟ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣା ଭିତ୍ତିକ ବିଷୟବସ୍ତୁ ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା ଆବଶ୍ୟକ। ଏହା ଏତେ ଅଳ୍ପ ସମୟ ମଧ୍ୟରେ ସମ୍ଭବ ନୁହେଁ, ଏଥିପାଇଁ ବିଭିନ୍ନ ବିଷୟ ଭିତ୍ତିକ ବିଶେଷଜ୍ଞ, ଶିକ୍ଷାବିତ ଆବଶ୍ୟକ। ତେଣୁ ଚଳିତବର୍ଷ ଆଉ ବିଳମ୍ବ ନକରି ଗତ ବର୍ଷ ବହିରେ ପାଠ ପଢ଼ା ଆରମ୍ଭ କରାଯାଉ ବୋଲି ବକ୍ତାଗଣ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ବିଧୁପ୍ରଭା ରଥ ଓ ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ଓଡିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଯୋଗଦେଇ ଆଲୋଚନା କରିଥିଲେ। ତା' ସହିତ ଶିକ୍ଷକ ନେତା ବିଜୟ କୁମାର ବେହେରା, ସମାଜସେବୀ ଅବନୀ ଗୟା, ଏଆଇଡିଏସଓ ଗଞ୍ଜାମ ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା କୋଷାଧ୍ୟକ୍ଷ କିଶାନ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ କାମରାଜୁ ସାହୁ, ଜଗନ୍ନାଥ ବେହେରା ସମେତ ବହୁ ବୁଦ୍ଧିଜୀବି, ଅଭିଭାବକ ଓ ଛାତ୍ରଛାତ୍ରୀ ଏହି କନ୍‌ଭେନସନରେ ଅଂଶଗ୍ରହଣ କରିଥିଲେ। ଆଇଡିଏସଓ, ଗଞ୍ଜାମ ଜିଲ୍ଲା ସଭାପତି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ।

● କେନ୍ତିଆ ଗ୍ରାମରେ ଜମିଜମା ବିବାଦ

## ବଡ଼ଭାଇ ଓ ପୁଅଙ୍କ ଆକ୍ରମଣରେ ସାନଭାଇ, ତାଙ୍କ ପତ୍ନୀ ଆହତ



ମହାକାଳପଡା, ୫।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ କେନ୍ତିଆ ଗ୍ରାମରେ ଚାଷଜମିକୁ କେନ୍ଦ୍ର କରି ପାରିବାରିକ ବିବାଦ ଉଗ୍ରରୂପ ନେଇଛି। ବଡ଼ଭାଇ ଓ ତାଙ୍କ ପୁଅଙ୍କ ଆକ୍ରମଣରେ ସାନଭାଇ ଓ ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଥିବାବେଳେ ଅନ୍ୟ ଦୁଇଜଣ ଫେରାର ଥିବା ଜଣାପଡ଼ିଛି। କେନ୍ତିଆ ଗ୍ରାମର ବାବୁଲି ପ୍ରଧାନ ଓ ତାଙ୍କ ପୁଅ ବିଶ୍ୱଜିତ ପ୍ରଧାନ ଚାଷଜମିରେ ମଙ୍ଗୁଳି ପ୍ରଧାନ ଓ ତାଙ୍କ ପତ୍ନୀ ସୁକାନ୍ତି ପ୍ରଧାନଙ୍କ ସହ ପ୍ରଥମେ ପାଟିତୁଣ୍ଡ କରିଥିଲେ। ପରେ ଉଭୟ ବାପା-ପୁଅ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଉଭୟଙ୍କୁ ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ମଙ୍ଗୁଳି ଓ ସୁକାନ୍ତି ଗୁରୁତର ଆହତ ହୋଇଥିଲେ। ଜୀବନ ବଞ୍ଚାଇବା ପାଇଁ ଦୌଡ଼ି ପଳାଉଥିବା ସମୟରେ ବାବୁଲିଙ୍କ ସମ୍ପର୍କୀୟ ସଂଗ୍ରାମ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଧାରୁଆ ଅସ୍ତ୍ର ଦେଖାଇ ଧମକ ଦେବା ସହ ଅଶାଳୀନ ବ୍ୟବହାର କରିଥିଲେ। ଗୁରୁତର ଆହତ ମଙ୍ଗୁଳି ପ୍ରଧାନ ଓ ସୁକାନ୍ତି ପ୍ରଧାନଙ୍କୁ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ଉଭୟଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଏ ନେଇ ମଙ୍ଗୁଳି ପ୍ରଧାନ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ବିଶ୍ୱଜିତ ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ମୁଖ୍ୟ ଅଭିଯୁକ୍ତ ବାବୁଲି ପ୍ରଧାନ ଓ ସଂଗ୍ରାମ ପାତ୍ର ଫେରାର ଥିବା ସୂଚନା ମିଳିଛି। ସେମାନଙ୍କୁ ଗିରଫ କରିବା ପାଇଁ ଚଢ଼ଉ ଜାରି ରଖିଛି।

## ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ



କେନ୍ଦ୍ରାପଡ଼ା, ୫।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଶନିବାର ଗୌରୀଶଙ୍କର ହୋଟେଲ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବେକାରୀ ସମସ୍ୟା, ଯୁବକ ଯୁବତୀଙ୍କ ନିଯୁକ୍ତି, ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଓ ବିଭିନ୍ନ ସାମ୍ପ୍ରତିକ ପ୍ରସଙ୍ଗକୁ ନେଇ ବିସ୍ତୃତ ଆଲୋଚନା ସହ ଏକାଧିକ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ଜିଲ୍ଲାର ବେକାର ଯୁବକ ଓ ଯୁବତୀଙ୍କ ପାଇଁ କର୍ମସଂସ୍ଥାନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ତିନିମାସ ମଧ୍ୟରେ ନିଯୁକ୍ତି ଦାବିରେ ଜିଲ୍ଲାବ୍ୟାପୀ ବିକ୍ଷୋଭ ଓ ଆନ୍ଦୋଳନ କରାଯିବ ବୋଲି ସ୍ଥିର କରାଯାଇଥିଲା। ସେହିପରି ସରପଞ୍ଚ ଚାମେଲି ଓଝାଙ୍କ ସଂଗ୍ରାମ ପ୍ରତି ପୂର୍ଣ୍ଣ ସମର୍ଥନ ଜଣାଇବା ସହ ତାଙ୍କ ପ୍ରତି ଅନ୍ୟାୟ କରିଥିବା ଅଭିଯୋଗରେ ଜିଲ୍ଲା ପ୍ରଶାସନ ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଥିଲା। ଜିଲ୍ଲାରେ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରି ଏହା ବିରୋଧରେ ପ୍ରତ୍ୟେକ ବ୍ଲକରେ ଯୁବ କଂଗ୍ରେସ ପକ୍ଷରୁ ପର୍ଯ୍ୟାୟକ୍ରମେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ "ଛାତ୍ରଙ୍କ ସ୍ୱର' କାର୍ଯ୍ୟକ୍ରମକୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସଂଗଠନକୁ ସକ୍ରିୟ କରାଯିବ ବୋଲି ମଧ୍ୟ ସ୍ଥିର କରାଯାଇଥିଲା। ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସୁଦୀପ ସାମଲ ବୈଠକରେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସକୁ ଅଧିକ ସଂଗଠିତ କରି ଯୁବ ସମାଜର ସ୍ୱାର୍ଥ ସୁରକ୍ଷା ଓ ସରକାରଙ୍କ ଅନ୍ୟାୟ ବିରୋଧରେ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ମହିଳା ନେତ୍ରୀ ପ୍ରମିଳା ସାହୁଙ୍କ ସମେତ ବିଚିତ୍ର ବେହେରା, ଅମିତ ନାୟକ, ସ୍ୱାଗତ ପ୍ରଧାନ, ରତ୍ନାକର ସେଠୀ, ଜୀବନଜ୍ୟୋତି ରାଉତ, ରତିକାନ୍ତ ବେଉରା, ରାକେଶ ଦାଶ, ଏସ୍.କେ. ଆତିବ, ମଳୟ ମହାକୁଡ଼, ରାଜମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ କଲେଜର ୫୬ତମ ପ୍ରତିଷ୍ଠା ଦିବସ



ପଟ୍ଟାମୁଣ୍ଡାଇ, ୫।୭ (ସମିସ): ପଟ୍ଟାମୁଣ୍ଡାଇ କଲେଜର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ କ୍ୟାପଟେନ ମନୋଜ ପରିଡାଙ୍କ ପୌରୋହିତ୍ୟ ଓ ଅଧ୍ୟାପିକା ଶୁଭଶ୍ରୀ ପୋଥାଳଙ୍କ ସଂଯୋଜନାରେ କଲେଜ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ପାଣିପାଗ ବିଶେଷଜ୍ଞ ଡ. ଶରତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଲଘୁଚାପ ସୃଷ୍ଟି, ପରିବେଶର ସୁରକ୍ଷା ଅନିୟମିତ ବର୍ଷା ସମ୍ପର୍କରେ ନିଜର ଦୀର୍ଘ ଦିନର ଅନୁଭୂତି ବର୍ଣ୍ଣନା କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ପରାମର୍ଶଦାତା ଡ. ତୁଷାରକାନ୍ତି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ସାମାଜିକ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ଶବ୍ଦ ହିଁ ଶିକ୍ଷା ଓ ଏହି ମହାବିଦ୍ୟାଳୟ ୧୯୭୦ରୁ ପ୍ରତିଷ୍ଠିତ ହୋଇ ଆଜି ଏକ ମହାଦ୍ରୁମରେ ପରିଣତ ହେବା ସହିତ ବହୁ ପ୍ରତିଷ୍ଠିତ ଛାତ୍ରଛାତ୍ରୀଙ୍କୁ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଅଧ୍ୟକ୍ଷ କ୍ୟାପଟେନ ପରିଡା ସ୍ୱାଗତ ଭାଷଣ ଓ ରସାୟନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ନିକଟରେ ବିଦାୟ ନେଇଥିବା କଲେଜର ପୂର୍ବତନ ଅଧ୍ୟକ୍ଷ, କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ସହିତ ଉଭୟ +୨ ଓ +୩ କଳା, ବାଣିଜ୍ୟ ଓ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜସେବୀ ରଞ୍ଜନ ପ୍ରଧାନ +୩ କଳା ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ରଞ୍ଜନ ବେହୁରା ଧନ୍ୟବାଦ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ପ୍ରେମଲତା ରାଉତ, ଉମାକାନ୍ତ ପାତ୍ର, ସର୍ବେଶ୍ୱର ସାହୁ, ପ୍ରାଧ୍ୟାପକ ରଂଜିତ କେଶରୀ ସେନାପତି, ଗଣେଶ୍ୱର ଦାସ, ସନାତନ ବେହେରା, ଆଲୁମିନି ଆସୋସିଏସନ ସଭାପତି ରଶ୍ମିରଂଜନ ପ୍ରଧାନ, ସମ୍ପାଦକ ନିଶିକାନ୍ତ ପ୍ରଧାନ, ସହସମ୍ପାଦକ ରାଜେନ୍ଦ୍ର ଦାଶ, ପୂର୍ବତନ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ପ୍ରକୃତି ମିତ୍ର ଅନ୍ତର୍ଯ୍ୟାମୀ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଡ. ରମେଶ ସାହୁ, ପ୍ରମୋଦ ସ୍ୱାଇଁ, ବୈକୁଣ୍ଠ ରାଉଳ, ଅରବିନ୍ଦ ପାଣ୍ଡବ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲଗାଣ ବର୍ଷାରେ ବେହାଲ ବାଗପାଟିଆ



ରାଜନଗର, ୫।୭ (ସମିସ): ରାଜନଗର ବ୍ଲକ୍ ସାତଭାୟାବାସୀଙ୍କ ଥଇଥାନ ସ୍ଥଳୀ ବାଗପାଟିଆରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ଥଇଥାନ ସ୍ଥଳୀର ସଂଯୋଗୀକରଣ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଲଗାଣ ବର୍ଷା ପରେ ପାଣି ନିଷ୍କାସନ ହୋଇ ନ ପାରିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି।

### ଆଉ ଦିନ କେତେଟା ପରେ ରଥଯାତ୍ରା

# ମଦନପୁର-ଗୋପାଳପୁର ରାସ୍ତା ଶୋଚନୀୟ

ରାଜନଗର, ୫।୭ (ସମିସ)



ଉପକୂଳ ଅଞ୍ଚଳର ଆରାଧ୍ୟ ଦେବତା ରାଜନଗର ବ୍ଲକ କେରଡାଗଡସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯିବା ପାଇଁ ଏକମାତ୍ର ରାସ୍ତା ମଦନପୁର-ଗୋପାଳପୁର ଭାୟା କେରଡାଗଡ ପୂର୍ତ୍ତ ବିଭାଗ ରାସ୍ତା। ଏହି ରାସ୍ତା ଦେଇ ହଜାର ହଜାର ସଂଖ୍ୟାରେ ଲୋକ ପ୍ରତ୍ୟେକ ଦିନ ଯାତାୟାତ କରନ୍ତି। ଗୋପାଳପୁରଠାରୁ କେରଡାଗଡ଼ ପର୍ଯ୍ୟନ୍ତ ପ୍ରାୟ ୬ କିଲୋମିଟର ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଅପରପକ୍ଷରେ ମଦନପୁରଠାରୁ କେରଡାଗଡ ପର୍ଯ୍ୟନ୍ତ ୯ କିଲୋମିଟର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଆଉ ଦିନ କେତେଟା ପରେ ରଥଯାତ୍ରା। କେବଳ ରାଜନଗର ନୁହେଁ, ପଡୋଶୀ ମହାକାଳପଡା, ପଟ୍ଟାମୁଣ୍ଡାଇ, ଆଳି ଓ ରାଜକନିକା ବ୍ଲକର ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ ରଥଯାତ୍ରା ପାଇଁ କେରଡାଗଡ ଆସିଥା'ନ୍ତି। ଚଳିତବର୍ଷ ରାସ୍ତାର ଦୁରବସ୍ଥା ଯୋଗୁଁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି।

୩୦ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ ଏ ନେଇ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଙ୍କ ରତିକାନ୍ତ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଉକ୍ତ ୧୫ କିମି.୨୨୫ ମିଟର ରାସ୍ତା ପାଇଁ ୨୦୨୫ ସେପ୍ଟେମ୍ବର ୧୦ ତାରିଖରେ ୧୦ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଥିଲା। ଇତିମଧ୍ୟରେ ଟେଣ୍ଡର ଫାଇନାଲ ହୋଇସାରିଛି। ଠିକାସଂସ୍ଥା ରାସ୍ତା ବୁଲି ଦେଖିଯାଇଛନ୍ତି। ଶୀଘ୍ର କାମ ଆରମ୍ଭ ହେବ ବୋଲି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ରାଉତଙ୍କୁ କହିଥିଲେ। ଦୀର୍ଘ ୧୦ ମାସ ହେବ ଟେଣ୍ଡର ସରିଥିଲେ ମଧ୍ୟ ଜୁଲାଇ ମାସ ପ୍ରଥମ ସପ୍ତାହ ମଧ୍ୟରେ ରାସ୍ତା ମରାମତି କିମ୍ବା ଉନ୍ନତିକରଣ କାର୍ଯ୍ୟ ନ ହେବା ବିଡମ୍ବନାର ବିଷୟ। ବର୍ଷାଦିନେ ଖାଲଖମାରେ ପାଣି ରହି ଗଡିଆ ଭ୍ରମ ସୃଷ୍ଟି କରିବ। ଅଜଣା ପଥିକ ଖାଲରେ ପଡ଼ି ଆହତ ହେବା ସାର ହେବ। ଏହି ରାସ୍ତା ଉପରେ ସାନବଡଗୋପାଳପୁର, ବାଲିସାହିପାଟଣା, କେରଡାଗଡ, ରାଜପୁର, ବେଳପାଳ, ଓସ୍ତିଆ, ବନ୍ଧପଡା ପଞ୍ଚାୟତର ପ୍ରାୟ ୬୦ ହଜାର ଲୋକ ଗମନାଗମନ ପାଇଁ ନିର୍ଭର କରନ୍ତି। କେବଳ ସେତିକି ନୁହେଁ, ଆଳି ବ୍ଲକର ଲୋକ ମଧ୍ୟ ଏହି ରାସ୍ତା ଦେଇ ରାଜନଗରକୁ ଆସିଥା'ନ୍ତି। ଏଭଳି ଏକ ସମ୍ବେଦନଶୀଳ ରାସ୍ତାକୁ ପୂର୍ତ୍ତ ବିଭାଗ ମରାମତି କିମ୍ବା ପୁନଃନିର୍ମାଣ ନ କରିବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ତୁରନ୍ତ ଏହି ରାସ୍ତା ପୁନଃନିର୍ମାଣ କରିବାକୁ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ରାଉତ ଦାବି କରିଛନ୍ତି।

● ଲଗାଣ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଉବୁଟୁବୁ

## ପାଣି ଘେରରେ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ବ୍ଲକ ଅଫିସ



ପଟ୍ଟାମୁଣ୍ଡାଇ, ୫।୭ (ସମିସ): ପଟ୍ଟାମୁଣ୍ଡାଇବାସୀଙ୍କୁ ସହରୀ ସୁବିଧାର ସୁନେଲି ସ୍ୱପ୍ନ ଦେଖାଇ ୧୯୮୮ରେ ପଟ୍ଟାମୁଣ୍ଡାଇକୁ ଏନଏସି ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୩୮ ବର୍ଷ ବିତିଯାଇଥିଲେ ମଧ୍ୟ ପୌରାଞ୍ଚଳବାସୀଙ୍କ ଭାଗ୍ୟ ବଦଳିନାହିଁ। ପୌରାଞ୍ଚଳ ଅଧିବାସୀ ସହରୀ ମାନ୍ୟତା ପାଇବା ପାଇଁ କେବଳ ଟିକସ ଗଣିବା ସାର ହୋଇଛି। ପଞ୍ଚାୟତ ଗ୍ରାମର ମଫସଲି ସଭ୍ୟତାରୁ ସହରୀ ସଭ୍ୟତାର ମୋହରେ ପୌରାଞ୍ଚଳବାସୀ ମହରଗରୁ ଯାଇ କାନ୍ତାରାରେ ପଡିବା ଭଳି ହୋଇଛି। ଅତ୍ୟାଧୁନିକ ସହରୀ ସୁବିଧା ସୁଯୋଗ, ଉଜ୍ଜ୍ୱଳ ଆଲୋକ, ପାଇପ ଯୋଗେ ବିଶୁଦ୍ଧ ପାଣି, ଢଳେଇ ରାସ୍ତା ଆଦି ବିଭିନ୍ନ ସୁବିଧା ପାଉଥିବା ପୌରାଞ୍ଚଳରେ ମାତ୍ରାଧିକ ଟିକସ ଦେଇ ଯନ୍ତ୍ରଣା ଭୋଗ କରୁଥିବା ଅଂଚଳବାସୀ ସମସ୍ୟା ପରେ ସମସ୍ୟାକୁ ସାଥୀ କରି କେବଳ ଭାଗ୍ୟକୁ ନିନ୍ଦିବା ଛଡା କିଛି କରିପାରୁନାହାଁନ୍ତି। ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳର ଜଳନିଷ୍କାସନ ଏକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦୀର୍ଘବର୍ଷ ଧରି ଉଭା ହୋଇଛି। ଇତିମଧ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୫ଟି ନିର୍ବାଚିତ ବୋଡର୍ ନିଜର କାର୍ଯ୍ୟ କାଳ ସଂପୂର୍ଣ୍ଣ କରିଥିବାବେଳେ ଜଳନିଷ୍କାସନ ଯୋଜନା କେବଳ କାଗଜକଲମରେ ଚାଲିଥିବା ଜଣାପଡିଛି। ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ସହର ସ୍ଥିତି ବିଗିଡ଼ିବା ସହିତ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି। ସାମାନ୍ୟ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ପ୍ରଶାସନର ପାରିବାପଣିଆକୁ ପ୍ରମାଣିତ କରିଛି। ସମ୍ପ୍ରତି ଲଘୁଚାପଜନିତ ଲଗାଣବର୍ଷାରେ ପଟ୍ଟାମୁଣ୍ଡାଇ ସହର, ସବଡିଭିଜନ ହସ୍ପିଟାଲ, ପଶୁ ଡାକ୍ତରଖାନା, ଥାନା, ସରକାରୀ ବାଳିକା ହାଇସ୍କୁଲ, ସବରେଜିଷ୍ଟ୍ରେସନ ଅଫିସ, ସରକାରୀ ବସ୍‌ଷ୍ଟାଣ୍ଡ, ଯଜ୍ଞ ପଡିଆ, ଡେଲି ମାର୍କେଟ, ବ୍ଲକ ଅଫିସ ଓ ବ୍ଲକ କଲୋନୀ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ସରକାରୀ ଅଫିସ ଦପ୍ତରରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପଶି ରୋଗୀ ସେବା ପ୍ରଭାବିତ ହୋଇଥିବାବେଳେ ବିଭିନ୍ନ ସରକାରୀ ଅଫିସରେ ପାଣି ପଶି ସରକାରୀ କାର୍ଯ୍ୟ ବ୍ୟାହତ ହୋଇଛି। ୧୧ନଂ ୱାର୍ଡ ମୁସଲମାନ ବସ୍ତିରେ ପାଣି ପଶିବା ଦ୍ୱାରା ସ୍ଥିତି ସଂଗୀନ ହୋଇଛି। ବସ୍ତିବାସିନ୍ଦାଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ୧୪ନଂ ୱାର୍ଡ ସ୍ଥିତି ବିଗିଡି ଯାଇଛି। ୧୩ନଂ ୧୯ନଂ ଓ ୨୦ନଂ ୱାର୍ଡରେ ସ୍ଥିତି ଖରାପ ହୋଇଛି। ପଟ୍ଟାମୁଣ୍ଡାଇ କଲେଜ ରୋଡ଼ରେ ସ୍ଥିତି ସଂଗୀନ ହୋଇପଡିଛି। ଏ ଦିଗରେ ସରକାର ଓ ପୌର ପ୍ରଶାସନ ଅବିଳମ୍ବେ ସ୍ଥାୟୀ ଜଳ ନିଷ୍କାସନ ଯୋଜନା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଜନଅସନ୍ତୋଷ ଉଗ୍ରରୂପ ଧାରଣ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

## ମହାକାଳପଡ଼ା ବ୍ଲକ୍‌ରେ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ମୁଖ୍ୟ କିରାଣି ଦାୟିତ୍ୱ

କେନ୍ଦ୍ରାପଡ଼ା/ ମହାକାଳପଡ଼ା, ୫।୭ (ସମିସ): ମହାକାଳପଡ଼ା ବ୍ଲକ୍‌ରେ ସ୍ଥାୟୀ ମୁଖ୍ୟ କିରାଣି ପଦ ଦୀର୍ଘ ଦୁଇବର୍ଷ ଧରି ଖାଲି ପଡ଼ିଥିବାବେଳେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ବ୍ଲକ୍‌ରେ ବରିଷ୍ଠ କିରାଣି ଥିବା ସତ୍ତ୍ୱେ ସେମାନଙ୍କୁ ଦାୟିତ୍ୱ ନ ଦେଇ ଅନ୍ୟ ପଦବୀର ଅଧିକାରୀଙ୍କୁ ମୁଖ୍ୟ କିରାଣି ଦାୟିତ୍ୱ ଦେବା ପଛରେ କ'ଣ କାରଣ ରହିଛି ବୋଲି ପ୍ରଶ୍ନ ଉଠୁଛି। ୨୦୨୪ ଜୁନ୍‌ରେ ତତ୍କାଳୀନ ମୁଖ୍ୟ କିରାଣି ବଳରାମ ବରାଳ ଅବସର ଗ୍ରହଣ କରିବା ପରେ ବରିଷ୍ଠ କିରାଣି ଅରୁଣ ଦାସଙ୍କୁ ଅତିରିକ୍ତ ଭାବେ ମୁଖ୍ୟ କିରାଣି ଦାୟିତ୍ୱ ଦିଆଯାଇଥିଲା। ପରେ ୨୦୨୪ ଅକ୍ଟୋବରରେ ତାଙ୍କର ବଦଳି ହେବା ପରଠାରୁ କମ୍ପ୍ୟୁଟର ପ୍ରୋଗ୍ରାମର ହିମାଂଶୁ ଦାଶ ମୁଖ୍ୟ କିରାଣି ଦାୟିତ୍ୱ

**ପ୍ରଶାସନିକ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ**

ତୁଲାଇ ଆସୁଛନ୍ତି। ମୁଖ୍ୟ କିରାଣି ପଦରେ ଆକାଉଣ୍ଟସ୍ ସମ୍ପର୍କିତ କାର୍ଯ୍ୟର ଗୁରୁତ୍ୱ ଥିବା ସତ୍ତ୍ୱେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ଏହି ଦାୟିତ୍ୱ ଦେବାର କାରଣ ସ୍ପଷ୍ଟ କରାଯାଇନାହିଁ। ଏଥିସହ ବ୍ଲକ୍‌ରେ ବରିଷ୍ଠ କିରାଣି କାର୍ଯ୍ୟରତ ଥିବା ସତ୍ତ୍ୱେ ସେମାନଙ୍କୁ ଦାୟିତ୍ୱ ନ ଦେବାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ହିମାଂଶୁ ଶେଖର ଦାଶ ୨୦୨୧ ମାର୍ଚ୍ଚ ୩୦ରୁ ମହାକାଳପଡ଼ା ବ୍ଲକ୍‌ରେ କାର୍ଯ୍ୟରତ ଅଛନ୍ତି। ଦୀର୍ଘ ସମୟ ଧରି ଏକା ସ୍ଥାନରେ କାର୍ଯ୍ୟରତ ରହିବା ଓ ଅତିରିକ୍ତ ଭାବେ ମୁଖ୍ୟ କିରାଣି ଦାୟିତ୍ୱ ପାଳନ କରିବାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏହି ପରିସ୍ଥିତିରେ ବ୍ଲକ୍ ପ୍ରଶାସନ କେଉଁ ନିୟମ କିମ୍ବା ପ୍ରଶାସନିକ ଆଦେଶ ଆଧାରରେ ଏହି ଦାୟିତ୍ୱ ପ୍ରଦାନ କରିଛି, ତାହା ସ୍ପଷ୍ଟ କରିବା ସହ ସ୍ଥାୟୀ ମୁଖ୍ୟ କିରାଣି ନିଯୁକ୍ତି ଓ ସମଗ୍ର ଘଟଣାର ତଦନ୍ତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ମଧ୍ୟ ଦାବି କରାଯାଉଛି।

## ବିରୂପା ନଦୀରେ କୁମ୍ଭୀର, ଅଞ୍ଚଳବାସୀ ଆତଙ୍କିତ

ଡେରାବିଶ, ୫।୭ (ସମିସ): ଡେରାବିଶ ବ୍ଲକ୍ ଛୋଟି ପଞ୍ଚାୟତ ଅନ୍ତର୍ଗତ ବିରୂପା ନଦୀର ଛୋଟି ବ୍ରିଜ୍ ନିକଟରେ ନଦୀରେ କୁମ୍ଭୀର ପହଁରୁଥିବା ଦେଖିବାକୁ ମିଳିଛି। ଏହି ଖବର ବ୍ୟାପିବା ପରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଇଛି। ଜଣେ ବ୍ୟକ୍ତି ବିରୂପା ନଦୀର ଛୋଟି ବ୍ରିଜ ନିକଟରେ ଯାଉଥିବାବେଳେ ନଦୀରେ ଏକ ବଡ଼ କୁମ୍ଭୀର ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକଙ୍କୁ ଡାକି ଏହାକୁ ଦେଖାଇଥିଲେ। ନଦୀରେ ପାଖାପାଖି ୮ରୁ ୧୦ ଫୁଟ



ଲମ୍ବର କୁମ୍ଭୀର ପହଁରୁଥିବାବେଳେ ଲୋକଙ୍କ ପାଟି ଶୁଣି ସଠାରୁ ଗଭୀର ପାଣିକୁ ପଳାଇଯାଇଥିଲା। ଗତ କିଛିମାସ ତଳେ ନଦୀର ଏହି ସ୍ଥାନରୁ ଯାଜପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ କୁମ୍ଭୀର ନଦୀକୁ ଟାଣି ମାରିଦେଇଥିଲା। ଏହି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ନଦୀରେ ଏତେବଡ଼ କୁମ୍ଭୀରକୁ ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ବନବିଭାଗ ଏହି ଘଟଣାକୁ ଗୁରୁତର ସହ ନେଇ କୁମ୍ଭୀରକୁ ଧରିନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଘଟଣା ଘଟାଇ ପଳାଇଯାଉଥିବା ଗାଡ଼ି ଜବତ, ଡ୍ରାଇଭର ଅଟକ

ରାଜକନିକା, ୫।୭ (ସମିସ): ଦୁଇ ଦୁଇଟି ଦୁର୍ଘଟଣା ଘଟାଇ ଗୋଟିଏ ଚକ ପଞ୍ଚର ହୋଇ ଟାୟାର ବାହାରିଯିବା ପରେ ୨୩ କିମି ଦୂର ଯାଏ ଦ୍ରୁତ ଗତିରେ ଆସିବା ପରେ ରାଜକନିକା ପୁଲିସ ଗାଡ଼ିକୁ ଜବତ କରି ଡ୍ରାଇଭରକୁ ଅଟକ ରଖିଛି। ଏକ ହୁଣ୍ଡାଇ ସେଣ୍ଟ୍ରୋ କାର ଅତି ଦ୍ରୁତ ଗତିରେ ଭଦ୍ରକ ଜିଲ୍ଲା ମତୋ ବଜାରରେ ସ୍କୁଟିକୁ ପିଟି ପୁଣି ଚାନ୍ଦବାଲିରେ ଆଉ ଜଣକୁ ଧକ୍କା ଦେଇ ରାଜକନିକା ଆଡ଼କୁ ଆସୁଥିବାବେଳେ ଏହି ଗାଡିକୁ ଧରିବାକୁ ଚାନ୍ଦବାଲି ପୁଲିସ ରାଜକନିକା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଆଜି ଅପରାହ୍ନରେ ରାଜକନିକା ପୁଲିସ ୩ଟି ଚକରେ ଅତି ବିପଦଜନକ ଭାବେ ଆସୁଥିବା ଏହି ଗାଡ଼ିକୁ ଓସ୍ତିଆ ପାଖରେ ଅଟକ ରଖି ଡ୍ରାଇଭରକୁ ଅଟକ ରଖିଛି। କଟକ-ଚାନ୍ଦବାଲି ରାସ୍ତାରେ ଏହା ପୂର୍ବରୁ ଏକ ହାଇୱା ଆଳିଠାରେ ୩ ଗୋରୁଙ୍କୁ ଦଳି ଦେଇ ଏମିତି ପଛ ଚକ ଲିକ ହେବା ପରେ ବିନା ଟାୟାରରେ ଦ୍ରୁତ ଗତିରେ ଆସୁଥିବାବେଳେ ଜବତ ହୋଇଥିଲା।

## ପେଣ୍ଠ ବେଳାଭୂମିରେ ମୃତ ଡଲଫିନ



ରାଜନଗର, ୫।୭ (ସମିସ): ପଣ୍ଠ ବେଳାଭୂମିରେ ମୃତ ଡ଼ଲଫିନ ଲାଗିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଯୁବକ ବେଳାଭୂମିରେ ବୁଲୁଥିବାବେଳେ ଡଲଫିନ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଓଡ଼ିଶାର ଗହୀରମଥାରେ ସବୁଠୁ ଅଧିକ ଡଲଫିନ ଦେଖିବାକୁ ମିଳେ। ଡଲଫିନଙ୍କ ସହିତ ଡଲଫିନ ଶାବକଙ୍କୁ ଦେଖିବାକୁ ମିଳିଥାଏ। କେଉଁ କାରଣରୁ ଡଲଫିନର ମୃତ୍ୟୁ ଘଟିଛି, ତାହା ଜଣାପଡ଼ିନାହିଁ।

## ବିଦ୍ୟୁତ ସେକ୍ସନ ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ



ରାଜକନିକା, ୫।୭ (ସମିସ): ଗତକାଲିଠୁ ବିଜୁଳି ନ ଥିବାରୁ ଆଜି ଅପରାହ୍ନ ୪ଟା ବେଳେ ରାଜକନିକା ବିଦ୍ୟୁତ ସେକ୍ସନ ଆଗରେ ଜାଗୁଳାଇପଡା ଗ୍ରାମବାସୀ ବିକ୍ଷୋଭ କରିବା ସହ ତାଲା ପକାଇଥିଲେ। ଦୁଇଘଣ୍ଟା ତାଲା ପଡ଼ିବା ପରେ ପୁଲିସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଦୁଇ ଘଣ୍ଟାରେ ଲାଇନ ପାଇବାର ପ୍ରତିଶ୍ରୁତି ପାଇବାରୁ ତାଲା ଖୋଲିଥିବା ଜଣାପଡ଼ିଛି। ରାଜକନିକାରେ ବାରମ୍ବାର ହେଉଥିବା ଅଘୋଷିତ ବିଜୁଳି କାଟରେ ଅତିଷ୍ଠ ହୋଇଉଠିଲେଣି ଗ୍ରାହକ। ବିଶେଷକରି ଓସ୍ତିଆ ଫିଡ଼ର ଅଧୀନ ଉପଭୋକ୍ତା ବିଜୁଳି ପାଇଁ ବେଶୀ ଦହଗଞ୍ଜ ହେଉଥିବାରୁ ଏଭଳି ଚରମ ପରିସ୍ଥିତି ସୃଷ୍ଟି ହେଉଛି। ଦାୟିତ୍ୱରେ ଥିବା ଜେଇଙ୍କ ଦାୟିତ୍ୱହୀନତା ଓ ଖାମଖିଆଲ ମନୋଭାବରୁ ଏଠାରେ ସବୁଦିନ ବିଦ୍ୟୁତ୍ ବିଭ୍ରାଟ ହେବା, ଜେଇ ଅନେକ ସମୟରେ ମୋବାଇଲ ଫୋନକୁ ନଟ ରିଚେବଲ କରୁଥିବାରୁ ଲୋକେ ସଠିକ ଖବର ପାଉନାହାନ୍ତି। ବିଭିନ୍ନ ସମୟରେ ଲୋକଙ୍କ ଆକ୍ରୋଶର ଶିକାର ଜେଇ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କ ଉପରେ ଆଜିର ତାଲା ବନ୍ଦ ବେଶ ପ୍ରଭାବ ପକାଇଥିବାବେଳେ ଦୁଇଦିନ ଧରି ବିନା ବିଜୁଳିରେ ଜୀବନ ବିତେଇ ଥିବା ଜାଗୁଳାଇପଡା ଗ୍ରାମବାସୀଙ୍କ ଆନ୍ଦୋଳନ ପରେ ରାଜକନିକାର ବିଜୁଳି ସେବା ବ୍ୟବସ୍ଥିତ ହେବା ଆଶା କରାଯାଇଛି।


● ଆର୍‌ଡି ବିଭାଗର ଦାୟିତ୍ୱହୀନତା

## ଶୁକଦେଇପୁର-ଗୋପାଳପୁର ରାସ୍ତାରେ ଗର୍ତ୍ତ



ରାଜକନିକା, ୫।୭ (ସମିସ): ଆର୍‌ଡି ବିଭାଗର ଦାୟିତ୍ୱହୀନତା ଓ ମରାମତି ଅଭାବରୁ ବହୁ ରାସ୍ତାରେ ଉପର ଠାଉରିଆ ଢଙ୍ଗରେ ପିଚୁ କରାଯାଇଥିଲେ ହେଁ ଏହାର ମାନ ପ୍ରତି ଆଦୌ ଦୃଷ୍ଟି ଦିଆଯାଇନାହିଁ। ଫଳରେ ବ୍ୟସ୍ତବହୁଳ ଗୋପାଳପୁରରୁ ଶୁକଦେଇପୁର ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା ମଝିରେ ଏତେ ବଡ଼ ଗାତ୍ତ ହୋଇଥିବାରୁ ସ୍ୱେଛାସେବୀ ମାନେ ଏହି ଗର୍ତ୍ତରେ ୫ଟା ପୋତି ଦିଆଯାଇଥିବାରୁ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରୁଛି। ତେବେ ଏଭଳି ବ୍ୟସ୍ତବହୁଳ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ କୌଣସି ଜଗୁଆଳି ନ ରହିବା କିମ୍ବା ଠିକାଦାରଙ୍କ ତରଫରୁ ରାସ୍ତା କାମର ଗ୍ୟାରେଣ୍ଟି ପାଇଁ ସମୟ ସୀମା ଥିଲେ ହେଁ ତାହା ବି ପାଳନ କରାଯାଉନାହିଁ। ବ୍ୟସ୍ତବହୁଳ ଏହି ରାସ୍ତାରେ ହୋଇଥିବା ଗର୍ତ୍ତର ମରାମତି କରାଯିବାକୁ ଦାବି ହେଉଛି।

## ମେଡିକାଲ ଓ ଅଗ୍ନିଶମ ବିଭାଗକୁ ଷ୍ଟ୍ରେଚର ଦାନ



ରାଜକନିକା, ୫।୭ (ସମିସ): ରାଜକନିକା ମେଡିକାଲରେ ଷ୍ଟ୍ରେଚର ନ ଥିବାରୁ ରୋଗୀଙ୍କୁ ସେମାନଙ୍କ ସମ୍ପର୍କୀୟ ହାତରେ ହାତ ଛନ୍ଦି ମେଡିକାଲକୁ ନେଉଥିବା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ କଟକ ମେୟର ସୁବାସ ସିଂଙ୍କ ଧର୍ମପତ୍ନୀ ନିବେଦିତା ଦାସ ରାଜକନିକା ମେଡିକାଲ ଓ ଅଗ୍ନିଶମ ବିଭାଗକୁ ଗୋଟିଏ ଲେଖାଏଁ ଷ୍ଟ୍ରେଚର ଦାନ କରିଛନ୍ତି। ମେଡ଼ିକାଲର ଷ୍ଟ୍ରେଚର ଭାଙ୍ଗିଯିବା ପରେ ମେଡିକାଲରେ ରୋଗୀ ସେବା ପ୍ରଭାବିତ ହେଉଥିବା ଖବର ପ୍ରକାଶ ପରେ ନିବେଦିତାଙ୍କ ଦ୍ୱାରା ପ୍ରଦତ୍ତ ଷ୍ଟ୍ରେଚର ମିଳିବା ପରେ ରୋଗୀ ଆଶ୍ୱସ୍ତ ହୋଇଥିବାବେଳେ ଅନ୍ୟଏକ ଷ୍ଟ୍ରେଚର ଅଗ୍ନିଶମ ବିଭାଗକୁ ଦେଇ ସେ ନିଜର ମାଟି ମନସ୍କତାକୁ ପ୍ରମାଣ କରିଛନ୍ତି।

## ନାଗାନାରାୟଣ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ରାଜନଗର, ୫।୭ (ସମିସ): ରାଜନଗର ବ୍ଲକ ଡାଙ୍ଗମାଳସ୍ଥ ପିଏମଶ୍ରୀ ନାଗାନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମାର୍ଶାଘାଇ ବ୍ଲକ ଅନ୍ତେଇ ସରକାରୀ ଉଚ୍ଚବିଦ୍ୟାଳୟର ବରିଷ୍ଠ ଗଣିତ ଶିକ୍ଷକ ତ୍ରୈଲୋକ୍ୟ ନାଥ ମହାପାତ୍ର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମହାପାତ୍ରଙ୍କୁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ପରିଚାଳନା କମିଟି ଓ ପଞ୍ଚସଖା ଶିକ୍ଷା ସେତୁ ପକ୍ଷରୁ ସ୍ୱାଗତ କରାଯାଇଛି। ଶୈକ୍ଷିକ ଓ ସହଶୈକ୍ଷିକ ବିକାଶ ସହ ବିଦ୍ୟାଳୟର ଉନ୍ନତିରେ ସମସ୍ତଙ୍କ ସହଯୋଗ ନୂତନ ଅଧ୍ୟକ୍ଷ କାମନା କରିଥିଲେ।

### ଚିଠା ଭୋଟର ତାଲିକା ପ୍ରକାଶ

# ଅଗଷ୍ଟ ୪ ସୁଦ୍ଧା ଦାବି ଓ ଆପତ୍ତି ଦାଖଲ ପାଇଁ ଆହ୍ୱାନ

କେନ୍ଦ୍ରାପଡ଼ା, ୫।୭ (ସମିସ)




କେନ୍ଦ୍ରାପଡ଼ା ଜିଲ୍ଲାର ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଗତ ଚିଠା ଭୋଟର ତାଲିକା ରବିବାର ପ୍ରକାଶ ପାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟର କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇ ସମସ୍ତ ଯୋଗ୍ୟ ମତଦାତାଙ୍କୁ ନିଜ ନାମ ଓ ବିବରଣୀ ଯାଞ୍ଚ କରିବା ସହ କୌଣସି ତ୍ରୁଟି ଥିଲେ ଅଗଷ୍ଟ ୪ ସୁଦ୍ଧା ଦାବି ଓ ଆପତ୍ତି ଦାଖଲ କରିବାକୁ ଆହ୍ୱାନ କରିଛନ୍ତି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗତ ମେ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ପରିଗଣନା ପତ୍ର ବଣ୍ଟନ, ସଂଗ୍ରହ ଓ ତଥ୍ୟ ସନ୍ନିବେଶ କାର୍ଯ୍ୟ ଚାଲିଥିଲା। ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ଆଜିଠାରୁ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ, ମତଦାନ କେନ୍ଦ୍ର, ଭାରତ ନିର୍ବାଚନ ଆୟୋଗର ଅନଲାଇନ୍ ପୋର୍ଟାଲରେ ଉପଲବ୍ଧ ହୋଇଛି। ଜିଲ୍ଲାପାଳ କହିଛନ୍ତି, ସୁଦୃଢ଼ ଗଣତନ୍ତ୍ର ପାଇଁ ସଠିକ୍ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ଅପରିହାର୍ଯ୍ୟ। ନୂତନ ନାମ ସାମିଲ, ନାମ ବିଲୋପ, ବିବରଣୀ ସଂଶୋଧନ ଓ ସ୍ଥାନାନ୍ତରଣ ଭଳି କାର୍ଯ୍ୟ ପାଇଁ ବୁଥସ୍ତରୀୟ ଅଧିକାରୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ କିମ୍ବା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଆବେଦନପତ୍ର ମାଧ୍ୟମରେ ଆବେଦନ କରାଯାଇପାରିବ। ଏଥିପାଇଁ ସହାୟତା ନମ୍ବର ୧୯୫୦ରେ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ଜିଲ୍ଲାରେ ମତଦାନ କେନ୍ଦ୍ର ସଂଖ୍ୟା ୧୪୪୯ରୁ ବୃଦ୍ଧି ପାଇ ୧୬୪୭ରେ ପହଞ୍ଚିଛି। ପୂର୍ବରୁ ମୋଟ ମତଦାତା ସଂଖ୍ୟା ୧୨,୫୧,୧୩୫ ଥିବାବେଳେ ତଥ୍ୟ ସନ୍ନିବେଶ ପରେ ଏହା ୧୧,୯୦,୮୯୫କୁ ହ୍ରାସ ପାଇଛି। ଅନୁପସ୍ଥିତ, ସ୍ଥାୟୀ ସ୍ଥାନାନ୍ତରଣ, ଏକାଧିକ ସ୍ଥାନରେ ନାମ ଥିବା ଓ ମୃତ୍ୟୁ ଭଳି କାରଣରୁ ୬୦,୨୪୦ ଜଣଙ୍କ ନାମ ସନ୍ନିବେଶ ହୋଇପାରିନାହିଁ।

ସେହିପରି ୧,୫୨,୫୩୪ ଜଣ ମତଦାତାଙ୍କ ବିବରଣୀରେ ସଂଶୋଧନ କରାଯିବ ଓ ବୁଥସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ଏହି କାର୍ଯ୍ୟ ସମ୍ପନ୍ନ କରିବେ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୯୫.୧୯ ପ୍ରତିଶତ ଭୋଟର ତାଲିକାର ତଥ୍ୟ ସନ୍ନିବେଶ ସମ୍ପୂର୍ଣ୍ଣ ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଜିଲ୍ଲାପାଳ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ କରି ଚିଠା ଭୋଟର ତାଲିକା ପ୍ରଦାନ କରିବା ସହ ଭୋଟର ତାଲିକାକୁ ତ୍ରୁଟିମୁକ୍ତ କରିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାରାଣୀ ମାଝୀ, ଡେପୁଟି କଲେକ୍ଟର (ନିର୍ବାଚନ) ଅମୀୟ କେତନ ସ୍ୱାଇଁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

# ରଥଯାତ୍ରା ପାଇଁ ବାଲେଶ୍ୱର ଦେଇ ଯିବ ୨ଟି ସ୍ପେଶାଲ ଟ୍ରେନ୍

ବାଲେଶ୍ୱର,୫।୭ (ସମିସ): ଆସନ୍ତା ରଥଯାତ୍ରା ପାଇଁ ଯାତ୍ରୀଙ୍କ ସୁବିଧା ନିମନ୍ତେ ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ୨ଟି ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯିବ। ଏହି ଦୁଇଟି ଟ୍ରେନ୍ ବାଲେଶ୍ୱର ଷ୍ଟେସନରେ ମଧ୍ୟ ଷ୍ଟପେଜ୍ ଦେବ। ୦୩୧୦୧/୦୩୧୦୨ କୋଲକାତା- ଖୋର୍ଦ୍ଧା ରୋଡ୍ - କୋଲକାତା ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚାଲିବ। ୦୩୧୦୧ କୋଲକାତା ରୁ ଖୋର୍ଦ୍ଧା ରୋଡ୍ ଆସନ୍ତା ୧୨, ୧୪, ୧୫, ୨୧, ୨୨ ଓ ୨୩ ତାରିଖ ରାତି ୧୧.୫୦ ରେ କୋଲକାତା ରୁ ଛାଡି ପର ଦିନ ସକାଳ ୯.୩୫ ମିନିଟ୍‌ରେ ଖୋର୍ଦ୍ଧା ରୋଡ୍ ପହଞ୍ଚିବ। ୦୩୧୦୨ ଖୋର୍ଦ୍ଧା ରୋଡ୍ ରୁ କୋଲକାତା ୧୪, ୧୭, ୧୮, ୨୨, ୨୫ ଓ ୨୬ ରେ ଅପରାହ୍ନ ୩.୪୦ ରେ ଖୋର୍ଦ୍ଧା ରୋଡ୍ ରୁ ଛାଡି ପର ଦିନ ରାତି ୨.୦୦ ରେ କୋଲକାତା ପହଞ୍ଚିବ। ସେହିପରି ୦୩୪୦୩/୦୩୪୦୪ ମାଲଦା ଟାଉନ୍ - ପୁରୀ - ମାଲଦା ଟାଉନ୍ ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚାଲିବ। ୦୩୪୦୩ ମାଲଦା ଟାଉନ୍ ରୁ ପୁରୀ ଆସନ୍ତା ୧୪ ଓ ୨୨ ତାରିଖ ଦିନ ୧.୧୦ ଘଟିକାରେ ମାଲଦା ରୁ ଛାଡି ପର ଦିନ ସକାଳ ୫.୩୦ ରେ ପୁରୀରେ ପହଞ୍ଚିବ। ୦୩୪୦୪ ପୁରୀ ରୁ ମାଲଦା ଟାଉନ୍ ଆସନ୍ତା ୧୭ ଓ ୨୫ ରେ ସନ୍ଧ୍ୟା ୬.୦୦ ରେ ପୁରୀରୁ ଛାଡି ପର ଦିନ ସକାଳ ୯.୨୦ ରେ ମାଲଦା ପହଞ୍ଚିବ। ଏସ୍ ଇ ଆର୍ ଅଧିକାର କ୍ଷେତ୍ରେ ଉପରୋକ୍ତ ଉଭୟ ଟ୍ରେନ୍ ଆଣ୍ଡୁଲ, ଖଡଗପୁର ଓ ବାଲେଶ୍ୱର ରେ ଷ୍ଟପେଜ୍ ଦେବ। ଫଳରେ ରଥଯାତ୍ରା ଦେଖିବାକୁ ଯିବାକୁ ଇଚ୍ଛୁକ ବାଲେଶ୍ୱର ତଥା ଆଖପାଖ ଅଞ୍ଚଳର ଯାତ୍ରୀମାନେ ଏହି ଟ୍ରେନ୍ ରେ ପୁରୀ ଯାତ୍ରା କରିପାରିବେ।

# ନିଖୋଜ ୪ ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର

ଜଳେଶ୍ୱର/ଜଳେଶ୍ୱର ବ୍ଲକ୍,୫।୭ (ସମିସ)



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳରୁ ୩ ଦିନ ଧରି ନିଖୋଜ ହୋଇଥିବା ୪ଜଣ ନାବାଳିକାଙ୍କୁ ଜଳେଶ୍ୱର ପୁଲିସ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ଗୋପୀବଲ୍ଲଭପୁର ଅଞ୍ଚଳରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ନିଖୋଜ ନାବାଳିକା ମାନଙ୍କର ମାଆମାନେ ଜଳେଶ୍ୱର ଥାନାରେ ଦୁଇଟି ଅଭିଯୋଗ ଦେଇଥିଲେ। ଯାହାର ଆଧାରରେ ପୁଲିସ କିଛି ସୂଚନା ପାଇଁ ତଦନ୍ତ ଆରମ୍ଭ କରିଥିଲା। ତେବେ ଉଦ୍ଧାର ନାବାଳିକାମାନେ ପରିବାର ଲୋକଙ୍କ ତାଗିଦ ଯୋଗୁଁ ରାଗିଯାଇ ଘର ଛାଡ଼ି ଚାଲିଯାଇଥିବା କହିଛନ୍ତି ବୋଲି ଜଳେଶ୍ୱର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜଳେଶ୍ୱର ଏସ୍‌ଡିପିଓ ସୁରେଶ ତ୍ରିପାଠୀ। ଉଦ୍ଧାର ହୋଇଥିବା ନାବାଳିକାଙ୍କ ମଧ୍ୟରୁ ୩ ଜଣଙ୍କ ଘର ଜଳେଶ୍ୱର ପୌରାଞ୍ଚଳ ମଧ୍ୟରେ ହୋଇଥିବା ବେଳେ ଜଣକ ଘର ରୁପ୍‌ସା ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି। ଉକ୍ତ ନାବାଳିକାଙ୍କୁ ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଜିଲ୍ଲା ଗୋପୀବଲ୍ଲଭପୁର ଥାନା ଜାମବଣୀ ଅଞ୍ଚଳର ଜାନକୀ ନାମକ ମହିଳାଙ୍କ ଘରୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ମହିଳାଙ୍କ ସ୍ୱାମୀ ଜଣେ ସେନା କର୍ମଚାରୀ ଯାହାଙ୍କ ନାମ ସନିମ ବୋଲି ଜଣାଯାଇଛି। ତେବେ ବଙ୍ଗୀୟ ମହିଳା ଜାନକୀଙ୍କ ସହିତ ୪ମାସ ପୂର୍ବରୁ ଇନ୍‌ଷ୍ଟାଗ୍ରାମ ଜରିଆରେ ନାବାଳିକାଙ୍କର ବନ୍ଧୁତା ହୋଇଥିଲା ବୋଲି ନାବାଳିକାମାନେ କହିଛନ୍ତି। ଏହି ନାବାଳିକାଙ୍କୁ ଚାଲାଣ କରାଯାଉଥିଲା ନା ଅନ୍ୟ କାରଣ ରହିଛି ସେଥିନେଇ ପୁଲିସ ତଦନ୍ତ କରୁଥିବା ବେଳେ ଚାରିଜଣ ନାବାଳିକା ଗୋଟିଏ ସ୍ଥାନରୁ ଏବଂ ଜଣେ ମହିଳାଙ୍କ ଘରୁ ଉଦ୍ଧାର ହୋଇଥିବାରୁ ସେହି ପରିବାରର ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପୁଲିସ କହିଛି। ତେବେ ରୁପ୍‌ସା ଅଞ୍ଚଳର ଥିବା ନାବାଳିକାଙ୍କ ନାମରେ ପୂର୍ବରୁ କିଛି ଅଭିଯୋଗ ରହିଛି ବୋଲି ପୁଲିସ ସୂଚନା ପାଇଛନ୍ତି। ତେବେ ଜଳେଶ୍ୱର ଝିଅମାନଙ୍କୁ ରୁପ୍‌ସାର ଝିଅ ପଶ୍ଚିମବଙ୍ଗ ନେଇ ଯାଇଥିଲେ ବୋଲି ଜଣାପଡ଼ିଛି। ସେଥିପାଇଁ ନାବାଳିକାମାନେ ପ୍ରଥମେ ନୂଆଗାଁ ମୟୂରଭଞ୍ଜ ରୋଡ୍ ଷ୍ଟେସନ ଯାଇଥିଲେ। ସେଠାରୁ ବସ୍ ଯୋଗେ ରାସଗୋବିନ୍ଦପୁର ଓ ପରେ ବାରପଦା ହୋଇ ଝାଡଗ୍ରାମ ଅଞ୍ଚଳର ଗୋପୀବଲ୍ଲଭପୁର ଅଞ୍ଚଳକୁ ଯାଇଥିବା ଜଣାଯାଇଛି। ବର୍ତ୍ତମାନ ଉଦ୍ଧାର କରାଯାଇଥିବା ନାବାଳିକାମାନଙ୍କୁ ବାଲେଶ୍ୱର ନାରୀ ସଂଘରେ ରଖାଯାଇଛି। ପ୍ରଥମେ ତାଙ୍କର ମେଡିକାଲ ଚେକ୍‌ଅପ୍ କରାଯିବ ତାପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇ ସିଡବ୍ଲ୍ୟୁସିଙ୍କ ସମ୍ମୁଖରେ ହଜର କରାଯିବ ତାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀ ତ୍ରିପାଠୀଙ୍କ ସହିତ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଉପସ୍ଥିତ ଥିଲେ।

# କ୍ରିୟାନୁଷ୍ଠାନ କମିଟିର ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ




ବାଲେଶ୍ୱର,୫।୭ (ସମିସ): ଡାକ୍ତରମାନଙ୍କ ଧର୍ମଘଟ ଯୋଗୁଁ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଏକ ଅଚଳ ଅବସ୍ଥା ସୃଷ୍ଟି ହୋଇଥିଲା। ରାଜ୍ୟ ସରକାର ଡାକ୍ତରମାନଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ହୋଇ ଡାକ୍ତରମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ଏନେଇ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟି ସାପ୍ତାହିକ ବୈଠକରେ ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହ ଡାକ୍ତର ସଂ ସଂଘର ଦ୍ୱିପାକ୍ଷିକ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଥିବାରୁ ଉଭୟ ପକ୍ଷଙ୍କୁ ବୈଠକରେ ଧନ୍ୟବାଦ ଦିଆଯାଇଛି। ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବିଗୁଡ଼ିକୁ ରାଜ୍ୟ ସରକାର ପୁନଶ୍ଚ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବାକୁ କ୍ରିୟାନୁଷ୍ଠାନ କମିଟି। ବୈଠକରେ ସରକାରଙ୍କ ଠାରେ ଦାବି କରାଯାଇଛି। ଗତ ମାସ ୨୮ ତାରିଖ ଦିନ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲାସ୍ତରୀୟ ବୈଠକରେ ବହୁ ବିଚାରବିମର୍ଶ ପରେ ବାଲେଶ୍ୱରରେ ସ୍ୱାସ୍ଥ୍ୟ ସେବାରେ ଥିବା ସମସ୍ୟା ଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା। ଏଥିପାଇଁ ଚଳିତ ମାସ ଶେଷ ସପ୍ତାହରେ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣତାନ୍ତ୍ରିକ ପଦ୍ଧତିରେ ଦିନିକିଆ ଗଣଧାରଣା ଓ ଅଗଷ୍ଟ ପହିଲାଦିନ ୧୬ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଏମସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ବୈଠକରେ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସମସ୍ତ ବ୍ଲକ୍ ଓ ଶାଖା କମିଟିଗୁଡ଼ିକର ବୈଠକ ତୁରନ୍ତ ଆହ୍ୱାନ କରାଯାଇଛି। ଏହି ବୈଠକ ଗୁଡ଼ିକରେ ଜିଲ୍ଲା କମିଟିର କର୍ମକର୍ତ୍ତାମାନେ ଯୋଗଦେବାକୁ ତାଲିକା ପ୍ରସ୍ତୁତ ହୋଇଛି। ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧ ସାଧାରଣ ସଂପାଦକ ପ୍ରଦୀପ ଦାସ ଗତ ବୈଠକର ନିଷ୍ପତି ଗୁଡ଼ିକ ଉପସ୍ଥାପନ କରି ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଶଚୀନ୍ଦ୍ର ଦାସ, ଶଶାଙ୍କ ଦତ୍ତ, ଡା. ତାରାକାନ୍ତ ନନ୍ଦ, ଶ୍ୟାମସୁନ୍ଦର ଜେନା, ବିଜନ ଦେ, ଶତ୍ରୁଘ୍ନ ମଲ୍ଲିକ, ଅରୁଣ ଜେନା, ଯତୀନ୍ ପାତ୍ର, ନିରଞ୍ଜନ ପୋଥାଲ, ପୁରୁଷୋତ୍ତମ ଜେନା, ଗୋପିକିଶନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ହିସାବ ଆଗତ କରିଥିଲେ। ଶେଷରେ ଭରତ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

# ଶାନ୍ତିଲତାଙ୍କୁ ସହାୟତାର ହାତ ବଢ଼ାଇଲା ବାରିକ ଭାଇ ସେବା ସଙ୍ଘ



ବାଲେଶ୍ୱର,୫।୭ (ସମିସ): 'ମାନବ ସେବା ହିଁ ମାଧବ ସେବା'। ଏହାକୁ ପ୍ରମାଣିତ କରିଛନ୍ତି ବାଲେଶ୍ୱର ସୁଏଲପୁରସ୍ଥିତ ବାରିକ ଭାଇ ସେବା ସଂଘର କର୍ମକର୍ତ୍ତାମାନେ। ସେମାନେ କେବଳ ଯେ ନିଜ ବୃତ୍ତିରେ ସୀମିତ ହୋଇ ରହିଛନ୍ତି ତାହା ନୁହେଁ, ସମାଜସେବା କ୍ଷେତ୍ରରେ ନିଜକୁ କିଞ୍ଚିତ ରୂପେ ସାମିଲ କରିବା ସହ ଅନ୍ୟର ଦୁଃଖକୁ ଲାଘବକରି ଆତ୍ମସନ୍ତୋଷ ଲାଭ କରୁଛି ସଂଗଠନ। ଏହି ପରିପ୍ରେକ୍ଷୀରେ ଦୀର୍ଘଦିନରୁ ଗର୍ଭାଶୟ ଜନିତ ସମସ୍ୟାରେ ପୀଡ଼ିତ ରହି ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବାଲେଶ୍ୱର କ୍ଷୀରକୋଣା ଅଞ୍ଚଳର ଶାନ୍ତିଲତା ବେଜଙ୍କୁ ଚିକତ୍ସାରେ ସହାୟ ହୋଇଛି ବାରିକ ଭାଇ ସେବା ସଂଘ। ତାଙ୍କୁ ନଗଦ ଅର୍ଥରାଶି ୪ ହଜାର ଟଙ୍କା, ଫଳ, ବିସ୍କୁଟ, ହର୍ଲିକ୍ସ ଆଦି ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ସଂଘର ସଭାପତି ରମାକାନ୍ତ ବେଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ ବାରିକ, କୋଷାଧ୍ୟକ୍ଷ ଯୋଗେଶ୍ୱର ବାରିକ, ଉପଦେଷ୍ଟା କାଶୀନାଥ ବାରିକଙ୍କ ସମେତ ସଦସ୍ୟ ଶ୍ରୀଧର ବାରିକ, ମନୋରଞ୍ଜନ ବାରିକ, ରଞ୍ଜନ ବାରିକ, ସଞ୍ଜୟ କୁମାର ବାରିକ, ବଳରାମ ବାରିକ, ଜୟନ୍ତ ବାରିକ, ଶଙ୍କର ମାନ୍ନା, ମହେଶ୍ୱର ବେଜ, ଖଗେଶ୍ୱର ବାରିକ, ବୁଲୁ ବାରିକ, ମନୋଜ ବାରିକ, ରଞ୍ଜିତା ବେଜ, ଶୁଭଶ୍ରୀ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବାଲେଶ୍ୱରରେ ଲଗାଣ ବର୍ଷା | ୨୪ ଘଣ୍ଟାରେ ୪୨.୬ ମିମି ରେକର୍ଡ



ବାଲେଶ୍ୱର,୫।୭ (ସମିସ): ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହୋଇଛି। ଏଥିସହିତ ବାଲେଶ୍ୱର ସହରରେ ମଧ୍ୟ ଆଜି ଦିନ ତମାମ ବର୍ଷା ଲାଗିରହିଛି। ତୁହାକୁ ତୁହା ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳ ୮.୩୦ ସୁଦ୍ଧା ବାଲେଶ୍ୱରେ ୪୨.୬ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ ଜିଲ୍ଲାରେ ତାତି ମଧ୍ୟ ହ୍ରାସ ପାଇଛି। ଆଜି ସର୍ବାଧିକ ତାପମାତ୍ରା ୩୦.୬ଓ ସେଲସିୟସ୍ ରହିଥିବା ବେଳେ ଏହା ସ୍ୱାଭାବିକ ଠାରୁ ୨.୧ଓ କମ୍। ସେହିପରି ସର୍ବନିମ୍ନ ତାପମାତ୍ରା ୨୫.୬ଓ ସେଲସିୟସ୍ ରହିଛି। ସକାଳ ୮.୩୦ ସୁଦ୍ଧା ବାୟୁରେ ଆର୍ଦ୍ରତାର ପରିମାଣ ୯୪ଧ ରହିଥିଲା। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ଯେ, ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ବାଲେଶ୍ୱର ସମେତ ଉତ୍ତର ଓଡିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି। ଲଗାଣ ବର୍ଷା ଯୋଗୁଁ ନିମ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିପାରେ। ତେଣୁ ସାଧାରଣ ଜନତାଙ୍କୁ ସତର୍କ ରହିବା ସହ ଅତ୍ୟାବଶ୍ୟକ କାମ ବିନା ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଚାଷୀମାନଙ୍କୁ ମଧ୍ୟ ପନିପରିବା ଓ ଧାନ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାକୁ କୁହାଯାଇଛି।

# ବସ୍ତା ନିର୍ବାଚନମଣ୍ଡଳୀର ଏସ୍‌ଆଇଆର୍ ଡ୍ରାଫ୍ଟ ତାଲିକା ପ୍ରକାଶ



କାଳିପଦା,୫।୭ (ସମିସ): ବାଲେଶ୍ୱର ଜିଲ୍ଲା ୩୭ ନମ୍ବର ବିଧାନସଭା ନିର୍ବାଚନ ମଣ୍ଡଳୀ ବସ୍ତାର ସଘନ ପୁନଃ ସଂଶୋଧନ (ଏସ୍‌ଆଇ ଆର) ଡ୍ରାଫ୍ଟ ତାଲିକା ବାଲିଆପାଳ ବ୍ଲକ ପକ୍ଷରୁ ରବିବାର ପ୍ରକାଶ କରାଯାଇଛି। ଏହି ଅବସରରେ ବାଲିଆପାଳ ବ୍ଲକର ବୁଥ ନଂ ୨୧୨ ଚୌଧୁରୀକୁଦ ପ୍ରାଇମେରୀ ସ୍କୁଲକୁ ୩୭ ନମ୍ବର ବସ୍ତା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରିଣୀ ବିଥିକା ସ୍ୱାଇଁ, ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମୁଦୁଲି, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ପ୍ରମୁଖ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ଲୋକଙ୍କ ସଚେତନତା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ପରିଦର୍ଶନରେ ଯାଇଥିବା ଅଧିକାରୀ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏସ ଆଇ ଆର ଡ୍ରାଫ୍ଟ ତାଲିକାରେ ପ୍ରକାଶ ପାଇଥିବା ପଞ୍ଜିକରଣ ତଥ୍ୟରେ ଭୁଲ ଥିଲେ ଏହା ଆଜି ଠାରୁ ଏକମାସ ଅର୍ଥାତ ଅଗଷ୍ଟ ୪ତାରିଖ ମଧ୍ୟରେ ସଂଶୋଧନ ପାଇଁ ଆବେଦନ କରି ପାରିବେ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏଲଓ ସୁପର ଭାଇଜର ଅଶୋକ କୁମାର ଗିରିଙ୍କ ସହିତ ୨୧୨ ନମ୍ବର୍ ବୁଥ୍‌ର ବିଏଲଓ ଏବଂ ଏସ ଆଇ ଆର କାର୍ଯ୍ୟରେ ଲାଗିଥିବା ଅନ୍ୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ବର୍ଷାରେ ଛତା ବଣ୍ଟନ

ବାଲେଶ୍ୱର,୫।୭ (ସମିସ): ବର୍ଷାରେ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ ଛତା ବଣ୍ଟନ କରାଯାଇଛି। ରବିବାର ଦ୍ୱିପ୍ରହରରେ ସମାଜସେବୀ ହରିଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଦୁଇ କୁନି ପୁଅ ଲିପୁନ, ଜିତୁନଙ୍କ ସହାୟତାରେ ୪୦ ଜଣ ନିରାଶ୍ରୟଙ୍କୁ ଛତା ବଣ୍ଟନ କରାଯାଇଥିଲା। ଷ୍ଟେସନ ବଜାର କାଳୀ ମନ୍ଦିର ନିକଟରେ ଥିବା ଦୋକାନୀ ପବିତ୍ର ଦେବନାଥ ଛତା ଗୁଡ଼ିକ ଦାନ କରିଥିବା ବେଳେ ପ୍ରତିଦିନ ଭଳି ସଂଗଠନ ପକ୍ଷରୁ ମଧ୍ୟାହ୍ନ ଭୋଜନ ପ୍ରଦାନ ହୋଇଥିଲା।

# ବାଲେଶ୍ୱର ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶିତ

ବାଲେଶ୍ୱର,୫।୭ (ସମିସ): ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅନୁଯାୟୀ ଆଜି ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏହି ଚିଠା ଭୋଟର ତାଲିକା ଉନ୍ମୋଚିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ସମସ୍ତ ପ୍ରମୁଖ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକ ଏବଂ ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଭୋଟର ତାଲିକାର କପି ସମସ୍ତ ରାଜନୈତିକ ଦଳର ସଭାପତି ଓ ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଚିଠା ଭୋଟର ତାଲିକାରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଛି। ବିଗତ ଦିନରେ ବୁଥସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ଆଧାରରେ ନୂତନ ଭୋଟରଙ୍କ ନାମ ସାମିଲ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦିଆଯାଇ ଏହି ଚିଠା ତାଲିକା ପ୍ରସ୍ତୁତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ଆଜିଠାରୁ ଏହି ଚିଠା ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ହେବ। ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇନାହିଁ କିମ୍ବା କାହାର ନାମ, ବୟସ, ଠିକଣା ବା ଫଟୋରେ କିଛି ତ୍ରୁଟି ରହିଛି, ତେବେ ସେମାନେ ସଂଶୋଧନ ପାଇଁ ଆବେଦନ କରିପାରିବେ। ଆଗାମୀ ଏକ ମାସ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର, ନିର୍ବାଚନ ସୁଶ୍ରୀ ସମୀକ୍ଷା ବେହୁରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ



ବାଲେଶ୍ୱର,୫।୭ (ସମିସ) : ସହରର ଆତିଥ୍ୟ ସଭାଗୃହରେ ଜିଲ୍ଲା ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲ୍ଲା ପ୍ରଭାରୀ କରୁଣାକର ଶିଅଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ଭାରତ ସ୍ୱାଭିମାନ ଟ୍ରଷ୍ଟର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଯୋଗଦେଇ ଯୋଗର ଉପକାରିତା ଉପରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କମରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ସାଧନା ଦାସ, ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ, ମହିଳା ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ ଯଶମତି ଶିଅଳ, ଜିଲ୍ଲା କିଷାନ ପ୍ରଭାରୀ ଅକ୍ଷୟ କୁମାର ସାହୁ, ସୋସିଆଲ ମିଡିଆ ପ୍ରଭାରୀ ଗୋପ ଗୋବିନ୍ଦ ମଲ୍ଲିକ ଓ ମିଡିଆ ପ୍ରଭାରୀ ଯାମିନିକାନ୍ତ ପାତ୍ରପ୍ରମୁଖ ଯୋଗଦେଇ ଯୋଗ ସମ୍ବନ୍ଧିୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଗୋସେବା ସମିତିର ପ୍ରଶିକ୍ଷଣବର୍ଗ

ଖଇରା,୫।୭ (ସମିସ): ଓଡ଼ିଶା ଗୋସେବା ସମିତି ପକ୍ଷରୁ ପ୍ରଶିକ୍ଷଣ ବର୍ଗ ଶନିବାର ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ ପତିରାଜପୁର ମିଳନ ପଡ଼ିଆସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ବିଶ୍ୱହିନ୍ଦୁ ପରିଷଦର ଖଇରା ପ୍ରଖଣ୍ଡ ସଭାପତି ବାସୁଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୁଳମଣି ଯୋଗଦାନ କରି ଗୋମାତାର ମହିମା, ଜୈବ କୃଷି, ଗୋ ଆଧାରିତ ଔଷଧ, ରାସାୟାନିକ ସାର ପ୍ରତ୍ୟାହାର କରିବା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଜେନା, ଶିବପ୍ରସାଦ ବଳ, ବିଶ୍ୱନାଥ ସେଣ୍ଠ, ପ୍ରଭାତ ଦାସ, ଭଗବାନ ଜେନା, ବଜରଙ୍ଗ



ପୁରୀ ବାଲିଘାଇ ହରିହରାନନ୍ଦ ଗୁରୁକୁଳ କ୍ରିୟାଯୋଗ ଆଶ୍ରମର ସନ୍ଥ କୃଷ୍ଣାନନ୍ଦ, ନିର୍ମଳାନନ୍ଦ, ସତସ୍ୱରୂପାନନ୍ଦ ତଥା ଡଃ ଦଳ ସଂଯୋଜକ ବାପି ନାୟକ, ଦମୟନ୍ତୀ ପଣ୍ଡା ଓ ଅକ୍ଷୟ ପଣ୍ଡାଙ୍କ ସମେତ ୫୦ ଶିବିରାର୍ଥ ଯୋଗଦାନ କରିଥିଲେ।

# ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ କରିବେ ସୀତାପୁର ଗ୍ରାମବାସୀ

ଖଇରା,୫।୭ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ କୁରୁଡ଼ା ପଞ୍ଚାୟତ ଅଧୀନ ସୀତାପୁର ଗାଁର ୩୦ ପରିବାର ପାଇଁ ଦୁଃଖ ବଢ଼ିଯାଇଛି। ଗ୍ରାମକୁ ଥିବା ରାସ୍ତାର ଅବସ୍ଥାରେ କିଛି ପରବର୍ତ୍ତନ ହେଉନି। ପାଣି କାଦୁଅରେ ଭର୍ତ୍ତି ଏହି ୧.୫କିମି ରାସ୍ତାରେ ଗାଡ଼ି ତ ଦୂର କଥା, ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ଦୀପତଳ ଅନ୍ଧାର ଭଳି ଜୀବନ ଅତିବାହିତ କରୁଥିବା ଏହି ପରିବାର ପାଇଁ ଯାତାୟାତ ଉପଯୋଗୀ ରାସ୍ତାଟିଏ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ଭାସ୍କର ଚନ୍ଦ୍ର ଜେନା, ପ୍ରଭାକର ଜେନା, ରତ୍ନାକର ଜେନା, ଭାସ୍କର ଗିରି, ଯଶୋଦା ପ୍ରଧାନ, ବାସନ୍ତୀ ଜେନା, ସୁଶାନ୍ତ ଜେନା, ସରୋଜ ଜେନା, ରାଜେଶ ଗିରି ଓ ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଦାବି କରିଛନ୍ତି।

ଦୀର୍ଘଦିନଧରି ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଭାଗ୍ୟକୁ ଆଦରି କଚ୍ଚା ରାସ୍ତାରେ ଯିବା ଆସିବା କରୁଛନ୍ତି। କଂଗ୍ରେସ ଶାସନ ସମୟରୁ ଗ୍ରାମବାସୀ ବିଭିନ୍ନ ସମୟରେ ରହୁଥିବା ନେତୃବୃନ୍ଦକୁ ଭଲ ରାସ୍ତା ଖଣ୍ଡିଏ ପାଇଁ ଗୁହାରି କରି ଆସୁଛନ୍ତି। ହେଲେ ନିର୍ବାଚନ ପୂର୍ବରୁ ବଡ଼ବଡ଼ ପ୍ରତିଶ୍ରୁତି ଦେଇ ଭୋଟ ହାସଲ କରିବା ପରେ ରାସ୍ତା କଥା ଭୁଲିଯାଉଛନ୍ତି। କଂଗ୍ରେସ ପରେ ବିଜେଡି ଶାସନ ପରେ ଏବେ ବିଜେପିର ୨ବର୍ଷ ଅତିକ୍ରମ କରିସାରିଥିବା ବେଳେ ରାସ୍ତାର ନାଁଗନ୍ଧ ଧରୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷା ପରେ ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇ ଯାଉଥିବାରୁ ଗାଁଲୋକେ ନିଜର ସାଇକଲ ଓ ବାଇକ୍‌କୁ ମୁଖ୍ୟରାସ୍ତା ସଂଲଗ୍ନ ଘରେ ରଖି ଘରକୁ ଚାଲି ଚାଲି ଯିବାକୁ ବାଧ୍ୟ ହୋଇଥାନ୍ତି। ଯଦି ବର୍ତ୍ତମାନ ମରାମତି ସହ ଚଳିତ ଆର୍ଥିକ ବର୍ଷରେ ରାସ୍ତାପ୍ରତି ଦୃଷ୍ଟି ଦିଆନଯାଏ ତେବେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି।



# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବକ



ଲଙ୍ଗଳେଶ୍ୱର,୫।୬ (ସମିସ): ଅସ୍ତି ଗ୍ରାମପଞ୍ଚାୟତ ବଡ଼ାପାଳ ଗାଁର ଯୁବନେତା ରୂପକ କୁମାର ପାତ୍ର ତାଙ୍କ ଜନ୍ମଦିନ ଅବସରରେ କେକ୍ ନ କାଟି ଇଡ୍‌କୋ ହସ୍ପିଟାଲରେ ୨୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ଡଗରାସ୍ଥିତ ମଦର ଟେରେସା ଅନ୍ଧ ମୂକ ବଧିର ବିଦ୍ୟାଳୟରେ ମଧ୍ୟ ସମସ୍ତ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନ କରି ଜନ୍ମଦିନ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ସୁଶାନ୍ତ ବେହେରା, ବିନୋଦ ବିହାରୀ ପଣ୍ଡା, ମାନସ ଜେନା, ନିଗମ କୃଷ୍ଣ ଜେନା ଯୋଗଦେଇଥିଲେ। ଏଥିପାଇଁ ତାଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଓଡ଼ିଆ ଲେଖକ ସମ୍ମିଳନୀ ଉଦ୍‌ଘାଟିତ

# ସମାଜର ହିତ ପାଇଁ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପାରାଦୀପ,୬।୭ (ସମିସ)




ସାହିତ୍ୟକୁ ବାଦ୍ ଦେଇ ସୁନ୍ଦର ସାମ୍ୟ ସମାଜର ପରିକଳ୍ପନା ଅସମ୍ଭବ। ମଣିଷର ସୁଖ ସମୃଦ୍ଧି କାମନା କରିବା ସହିତ ମୁକ୍ତ ଜୀବନଯାପନ ପାଇଁ ସାହିତ୍ୟ ମାର୍ଗଦର୍ଶନ କରିଥାଏ ବୋଲି ଓଡ଼ିଆ ଲେଖକ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଛନ୍ତି।

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ କୁଜଙ୍ଗର ମିଳିତ ଆନୁକୂଲ୍ୟରେ ପାରାଦୀପ ଅଫିସର୍ସ କ୍ଲବ ଠାରେ ଆୟୋଜିତ ଓଡ଼ିଆ ଲେଖକ ସମ୍ମିଳନକୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କୃତ ଗାଳ୍ପିକା ପାରମିତା ଶତପଥୀ ଉଦ୍‌ଘାଟନ କରି ମାନବ ସମାଜର ଦୁଃଖ ଶୋକ ଓ ଅସହାୟତାର ଯନ୍ତ୍ରଣାକୁ ଲାଘବ କରି ସତ୍ୟ ସହିତ ଯୋଡ଼ିହୋଇ ଭୟଶୂନ୍ୟ ଭାବରେ ବଞ୍ଚିବା ପାଇଁ ସାହିତ୍ୟର ସ୍ୱର ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଡ. ଗୌରହରି ଦାସ ଅଧ୍ୟକ୍ଷତା କରି ଜୀବନ ଓ ଜଗତର ରହସ୍ୟ ଭେଦ କରିବା ପାଇଁ ସାହିତ୍ୟ ହେଉଛି ଶକ୍ତିଶାଳୀ ମନୋରମ ଅସ୍ତ୍ର। ଏହି ସୃଜନ ଅସ୍ତ୍ର ନିର୍ମାଣ କରୁଥିବା ସମକାଳର ସାହିତ୍ୟିକ ମାନେ ସମ୍ବେଦନଶୀଳ ହେବା ଉଚିତ୍ ବୋଲି କହିଥିଲେ। ପ୍ରାରମ୍ଭରେ କବି ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ସଭାପତି ଡ. ରଘୁନାଥ ସାହୁ ଲେଖକ ସମ୍ମିଳନୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦିକା ଡ. ରୋଜାଲିନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ ଗାଳ୍ପିକ ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଆଦିତେଶ୍ୱର ମିଶ୍ର, ଡ. ସନ୍ତୋଷ ସାମଲ, ବିଜୟ ମଲ୍ଲ ସ୍ୱରଚିତ ଗଳ୍ପ ପାଠ କରିଥିବା ବେଳେ କବି ପୀତାମ୍ବର ତରାଇଙ୍କ ସଭାପତିତ୍ୱରେ ଏକାଡେମୀ ଦ୍ୱାରା ନିମନ୍ତ୍ରିତ କବି ରାଜୀବ ପାଣି, ଅମୀୟ ମହାପାତ୍ର, ସ୍ୱପ୍ନା ମିଶ୍ର, ସୁରେଶ ନାୟକ, ଈପ୍‌ସିତା ଷଡ଼ଙ୍ଗୀ, ପ୍ରତୀକ୍ଷା ଜେନା, ପ୍ରଭାତୀ ମାଝୀ, ଶ୍ରୀମନ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଗାଳ୍ପିକ ଅରବିନ୍ଦ ରାୟ, ଡ. କେଶବଚନ୍ଦ୍ର ଦଳାଇ, କବି ସବିତା ମହାପାତ୍ର, ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ● ଘରେ ପଶି ଲୁଟ୍

# ନଗଦ ଟଙ୍କା, ସୁନା ଅଳଙ୍କାର ଚୋରି

ବାଲିକୁଦା,୬।୭ (ସମିସ): ଲଗାଣ ବର୍ଷାର ସୁଯୋଗ ନେଇ ବାଲିକୁଦା ଥାନା ଅନ୍ତର୍ଗତ ଅଢଙ୍ଗା ପଞ୍ଚାୟତର ଦେବଗ୍ରାମରେ ଘଟିଛି ଏକ ବଡ଼ ଧରଣର ଚୋରି। ଦୁର୍ବୃତ୍ତମାନେ ଘରର ତାଲା ଓ କୁଣ୍ଡା ତାଡ଼ି ଘର ଭିତରକୁ ପ୍ରବେଶ କରି ନଗଦ ୮୦ ହଜାର ୫୦୦ ଟଙ୍କା, ସୁନା ହାର, ଦୁଇଟି ସୁନା ମୁଦି, ଏକ ଯୋଡ଼ା କାନ ଝରା ସମେତ ଅନ୍ୟାନ୍ୟ ସୁନା ଅଳଙ୍କାର ଏବଂ ନୂତନ ବସ୍ତ୍ର ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଦେବଗ୍ରାମର ଚିକନଜିତ ମହାନ୍ତିଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ଚୋରମାନେ କୋଳପ ତାଡ଼ି ଘରେ ପଶିଥିଲେ। ପ୍ରଥମେ ଟେବୁଲ ଡ୍ରୟର ଭାଙ୍ଗି ସେଥିରେ ଥିବା ନଗଦ ୮୦,୫୦୦ ଟଙ୍କା ନେଇଥିଲେ। ପରେ ଡ୍ରୟର ଭିତରୁ ଗଡ଼ରେଜର ଚାବି ବାହାର କରି ଆଲମାରି ଖୋଲି ସୁନା ଅଳଙ୍କାର ଲୁଟି ନେଇଥିଲେ। ଏଥିସହ ଘରେ ଥିବା ଦୁଇଟି ଦସ୍ତା ବାକ୍ସ ଉଠାଇ ନେଇ ସେଥିରୁ ନୂତନ ବସ୍ତ୍ର ବାହାର କରି ଚୋରି କରିବା ପରେ ଖାଲି ବାକ୍ସକୁ ଘର ପଛପଟେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ରାତିରେ ଚିକନଜିତଙ୍କ ବଡ଼ ଭାଇ ପରିସ୍ରା କରିବା ପାଇଁ ଉଠିଥିବା ବେଳେ ଘରର କବାଟ ଭଙ୍ଗା ଓ ସାମଗ୍ରୀ ବିଚ୍ଛିନ୍ନ ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଉଠାଇଥିଲେ। ଘଟଣା ସମ୍ପର୍କରେ ରାତି ପ୍ରାୟ ୨ଟାରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକଙ୍କୁ ଫୋନ ଯୋଗେ ଅବଗତ କରାଯାଇଥିଲା। ଖବର ପାଇବା ପରେ ଥାନା ଅଧିକାରୀ ପୁଲିସ ଟିମ୍ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ଭିତ୍ତି କରି ବାଲିକୁଦା ପୁଲିସ ମାମଲା ନଂ୨୬୪/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁରର ସହାୟତାରେ ପ୍ରମାଣ ସଂଗ୍ରହ କରାଯାଉଥିବା ବେଳେ କୁକୁରଟି ଘର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଯାଇ ରହିଥିଲା। ଏହାକୁ ଆଧାର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଯିବ ବୋଲି ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳିନି ପକ୍କାଘର



ରଘୁନାଥପୁର,୬।୭ (ସମିସ): ଜଗତସିଂହପୁର ଜିଲ୍ଲା ରଘନାଥପୁର ବ୍ଲକ ଅଞ୍ଚଳରେ ଏବେ ସରକାରଙ୍କ ପକ୍ଷରୁ ଆସୁଥିବା ଅନ୍ତୋଦୟ ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଦେଖିବାକୁ ମିଳିଛି। ଏହି ବ୍ଲକରେ କିଛି ତଦନ୍ତକାରୀ ଅଫିସର ପ୍ରିୟାପ୍ରୀତି, ଶୋଷଣ ଓ ପଞ୍ଚାୟତର କିଛି କୁଜି ନେତାଙ୍କ ପ୍ରରୋଚନାରେ ପଡ଼ି ଅର୍ଥ ଲାଳସାରେ ଅନେକ ଗରିବ ଲୋକଙ୍କ ନାଁ ତାଲିକାରୁ ବାଦ୍ ଦେଇ ଛାତ ଘର ଥିବା ବ୍ୟକ୍ତିଙ୍କୁ ତାଲିକାରେ ସାରମି କରିଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଏହି ବ୍ଲକ ଅଧୀନ ତାରପୁର ଗ୍ରାମପଞ୍ଚାୟତରେ। ଏହି ପଞ୍ଚାୟତର ତାରପୁର ଗ୍ରାମର ଶୁଭଦର୍ଶିନୀ ରାଉତ, ସ୍ୱାମୀ ନାରାୟଣ ରାଉତ ଓ ଅଚ୍ଛୁତପୁର ଗ୍ରାମର ଅନୁପମା ନାୟକ, ସ୍ୱାମୀ ସୁକାନ୍ତ କୁମାର ନାୟକ; ଯିଏ କି ପକ୍କା ଘର ପାଇଁ ବାରମ୍ବାର ଆବେଦନ କଲେ ମଧ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ପକ୍କା ଘରଟିଏ ମିଳିପାରୁନାହିଁ। ବ୍ଲକ ପ୍ରଶାସନର ତଦନ୍ତକାରୀ ଅଧିକାରୀମାନେ ବାରମ୍ବାର ଅନୁକମ୍ପା ଦେଖାଇ ତାଙ୍କ ଘରକୁ ଯାଇ ତଦନ୍ତ କରି ପ୍ରତିଶ୍ରୁତି ଦେଇ ଘର ମିଳିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ନିକଟ ଭବିଷ୍ୟତରେ ତଦନ୍ତକାରୀ ଅଧିକରୀ ପଣ୍ଡା ବାବୁ ତାଙ୍କ ମାଆ ମରିଥିବା ସମୟ ରେ ଠିକ୍ ଭାବରେ ତଦନ୍ତ ନକରି ତରବରିଆ ଭାବରେ ରିପୋର୍ଟ ଦେଇଛନ୍ତି ବୋଲି ସାଧାରଣ ଚର୍ଚ୍ଚା ହେଉଛି। ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି ବ୍ଲକ ପ୍ରଶାସନ ଠିକ୍ ଭାବରେ ତଦନ୍ତ ନକରି ରିପୋର୍ଟ ଦେଇଛି। ବ୍ଲକ୍ ଏବିଡିଓଙ୍କୁ ପଚାରିବାରୁ ସେ କହୁଛନ୍ତି ମୁଁ କିଛି ଜାଣିନାହିଁ। ତଦନ୍ତକାରୀ ରିପୋର୍ଟ ଅନୁସାରେ ତାଲିକାରେ ନାମ ଅନ୍ତର୍ଭୁକ୍ତ କରାଯାଇଛି। ତାରପୁର ଗ୍ରାମପଞ୍ଚାୟତର ତଦନ୍ତକାରୀ ଅଫିସର ଶୁଭେନ୍ଦୁ ପଣ୍ଡାଙ୍କୁ ପଚାରିବାରୁ 'ମୋ ରିପୋର୍ଟ ଠିକ୍ ଅଛି। ହିତାଧିକାରୀମାନେ ବିଡ଼ିଓ ଓ କଲେକ୍ଟରଙ୍କ ସହାୟତା ଲୋଡନ୍ତୁ।' ଏହାର ଏକ ନିରପେକ୍ଷ ତଦନ୍ତ କରିବା ପାଇଁ ଜନସାଧାରଣମାନେ ପ୍ରଶାସନ ନିକଟରେ ଦାବି ଜଣାଉଛନ୍ତି।

# ନାଟ୍ୟକାର ଉତ୍ତମ ଦାସଙ୍କ ପତ୍ନୀ ବିୟୋଗ

କୁଜଙ୍ଗ,୬।୭ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଇ ପଞ୍ଚାୟତ ଅଧୀନ ଓକଲା ନିବାସୀ ନାଟ୍ୟକାର ତଥା ପ୍ରାଧ୍ୟାପକ ଉତ୍ତମ ଦାସଙ୍କ ପତ୍ନୀ ଶୈଳବାଳା ଦାସଙ୍କ ୭୨ ବର୍ଷ ବୟସରେ ଜଗତସିଂପୁର ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଆଧ୍ୟାମିକ ବାଦୀ ମହିଳା ଭାବେ ଠାକୁର ଅଭିରାମ ପରମହଂସଙ୍କ ଦେବଙ୍କ ଆଶ୍ରିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା ବେଳେ ଏକମାତ୍ର ପୁତ୍ର ଆଇନଜୀବୀ ସୌଭାଗ୍ୟ ଦାସ ମୁଖାଗ୍ନି ଦେଇ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଭାଇଁ ଡ. ଶୁଭ୍ରାଂଶୁ ସୁନ୍ଦର ଦାସ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜଙ୍କ ସହ ବହୁ ମୂରବୀ, କନ୍ୟା, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ମଠସାହି ବିଦ୍ୟାଳୟରେ ବନ ମହୋତ୍ସବ

ଏରସମା,୬।୭ (ସମିସ): କୁଜଙ୍ଗ ବନାଞ୍ଚଳ ଅଧୀନ ହୱାଖାନା ବନପାଳଙ୍କ ପକ୍ଷରୁ ମଠସାହିସ୍ଥିତ ବିଜୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ଉତ୍ସାହର ସହ ପାଳିତ ହୋଇଯାଇଛି। କୁଜଙ୍ଗ ବନାଞ୍ଚଳ ଅଧିକାରୀ ସଞ୍ଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ପଞ୍ଚାୟତର ସରପଞ୍ଚ ପ୍ରତିଭାରାଣୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁରୁପଦ ଭୂୟାଁ, ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ଦିବ୍ୟଜୀବନ ବେହେରା, ସାମ୍ବାଦିକ ସ୍ମୃତିରଞ୍ଜନ ମହାନ୍ତି, ସମାଜସେବୀ ରାଜେନ୍ଦ୍ର ସାମନ୍ତ ଏବଂ ବନପାଳ ପ୍ରିୟବ୍ରତ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଅତିଥିମାନଙ୍କ ଉପସ୍ଥିତିରେ ଶିଶୁ, ଅଁଳା, ବାହାଡ଼ା, ଜାମୁ, ଆମ୍ବ, କରଞ୍ଜ ଓ ପିଜୁଳି ଆଦି ବିଭିନ୍ନ ପ୍ରଜାତିର ଶତାଧିକ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମଇନା ମୁର୍ମୁ, ଅରୁନ୍ଧତୀ ନାୟକ, ଲକ୍ଷ୍ମୀପ୍ରିୟା ଚାନ୍ଦ, ଶିକ୍ଷକ କାଳୀଚରଣ ସିଂ, ବନ ସୁରକ୍ଷା କର୍ମୀ ଶ୍ରୀରାମ ମୁର୍ମୁ, ସଇଯେନ୍ଦ୍ର ଦାସ, ବନକର୍ମୀ ଯାଦବ ଦାସ, ଝଡେଶ୍ୱର ଜେନାଙ୍କ ସମେତ ବନ ବିଭାଗର କର୍ମଚାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଲୁଣା ଚାରା ରୋପଣ



ପାରାଦୀପ,୬।୭ (ସମିସ): ବନମହୋତ୍ସବ ସପ୍ତାହ ଅବସରରେ ପାରାଦୀପରେ ନୀଳଚକ୍ର ୟୁଥ ଟ୍ରଷ୍ଟ, ବିବେକାନନ୍ଦ ୟୁଥ କ୍ଲବ ଓ ସାତ୍ତ୍ୱିକ୍ ସୋଲ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଲୁଣା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପକୂଳ ପରିବେଶର ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ଲୁଣା ଜଙ୍ଗଲର ଭୂମିକା ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରିଥିଲେ। ଉପସ୍ଥିତ ସମସ୍ତେ ଲୁଣା ଜଙ୍ଗଲର ସଂରକ୍ଷଣ ଓ ସମ୍ପ୍ରସାରଣ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନୀଳଚକ୍ର ୟୁଥ ଟ୍ରଷ୍ଟର ସଭାପତି ଦେବ ମଣ୍ଡଳଙ୍କ ସହ ସଦସ୍ୟ ବଳରାମ ରାଉତ, ନରେଶ ପାତ୍ର ଓ ଜ୍ୟୋତି ରଞ୍ଜନ ଜେନା ଯୋଗଦେଇଥିଲେ। ସେହିପରି ବିବେକାନନ୍ଦ ୟୁଥ କ୍ଲବର ସଭାପତି ଜଗନ୍ନାଥ ହାଲଦାରଙ୍କ ସହ ସଦସ୍ୟ ଜୟଦେବ ମାନ୍ନା, କାର୍ତ୍ତିକ ମାଝୀ, ମଣିଶଙ୍କର ମଣ୍ଡଳ ଓ ସୁକୁଦେବ ମାନ୍ନା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସାତ୍ତ୍ୱିକ୍ ସୋଲ ଫାଉଣ୍ଡେସନ ଜଗତସିଂହପୁରର କୋଅର୍ଡିନେଟର ବିଶ୍ୱଜିତ ସାମଲଙ୍କ ସହ ଧର୍ମପଦ ବାଡୋଇ, ଅବନୀ କୁମାର ପାଇଟାଲ, ନୀରଞ୍ଜନ ପାଢ଼ୀ, ଅବିନାଶ ଦାଶ, ପ୍ରମୋଦ କୁମାର ବାରିକ ଓ ସିଦ୍ଧାର୍ଥ ବାରିକ ମଧ୍ୟ ଉପସ୍ଥିତ ରହି ଚାରା ରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ।

# ଗଣପତି ଶିଶୁ ବିଦ୍ୟାମନ୍ଦିରରେ ବନ ମହୋତ୍ସବ



ପାରାଦୀପ,୬।୭ (ସମିସ): ଆଜି ୭୭ତମ ବନ ମହୋତ୍ସବ ଅବସରରେ 'ଏକ ପେଡ୍ ମା'କେ ନାମ' ଡାକରାରେ ପୌର ପରିଷଦ ଅଧୀନ ୪ ନମ୍ବର ୱାର୍ଡ ବାଲିଝରାରେ ଥିବା ଗଣପତି ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୭୭ତମ ବନ ମହୋତ୍ସବ ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇଫକୋ ସାର କାରଖାନାର ଡିଜିଏମ ବିକେ ପଣ୍ଡା ଓ ତାଙ୍କ ସହଧର୍ମିଣୀ ତଥା ଇଫକୋ ଲେଡିଜ କ୍ଲବର ସଭାନେତ୍ରୀ ଆରତୀ ପରିଡ଼ା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କ୍ୟାପଟେନ ପ୍ରେମାନନ୍ଦ ରାଉତ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିଜିଓନାଲ ଅଫିସର ବିବେଚିତା ଷଡ଼ଙ୍ଗୀ, ପରିବେଶବିତ ରେଞ୍ଜର ସଞ୍ଜୟ କୁମାର ବେହେରା, ଡିଏଫଓ ମହନ୍ତ ମଲ୍ଲିକ ଓ ପରିବେଶବିତ ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ସହିତ ଗୁରୁମା ମୋନାଲିସା ମହାପାତ୍ର, କଲ୍ୟାଣୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଅମୃତା ଗୁପ୍ତା, ତିଳଉମା ପରିଡା, ରୋଜାଲିନ ବେହେରା, ମଇନା ଲେଙ୍କା, ରୂପାଲି ମାମଙ୍କ ସହିତ ଗୁରୁଜୀ ସୁଧାକର ସ୍ୱାଇଁ, ବିପ୍ଳବ ମହାନ୍ତି, ସୁକାନ୍ତ ମହାନ୍ତି ଓ ଦିବ୍ୟଜ୍ୟୋତି ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷାବିତ୍ ରବୀନ୍ଦ୍ର ନାଥଙ୍କ ସ୍ମୃତିସଭା



ତିର୍ତ୍ତୋଲ,୬।୭ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତ ନବୀନାବାଗ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ରବୀନ୍ଦ୍ର ନାଥ ମହାପାତ୍ରଙ୍କ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ବାନାମ୍ବର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଡ. ନଗେନ୍ଦ୍ରନାଥ ସ୍ୱାଇଁ, ଶିକ୍ଷକ ମହାସଙ୍ଘର ରାଜ୍ୟସଭାପତି ଅକ୍ଷୟ କୁମାର ଦାସ, ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ପବିତ୍ର କୁମାର କର, କୃଷ୍ଣଚନ୍ଦ୍ର ଭୋଳ, ସୁଶାନ୍ତ ନାୟକ, ଶିକ୍ଷକ ପ୍ରଭାତ କର, ଜଗତସିଂହପୁର ମଣ୍ଡଳ ଶିକ୍ଷାଧିକାରୀ ଶୁକଦେବ ସାହୁ, ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ, ଅଜୟ ସ୍ୱାଇଁ, ସମିତି ସଭ୍ୟ ବସନ୍ତ ମହାପାତ୍ର, ଜିଲ୍ଲାପରିଷଦ ରଞ୍ଜିତା ସିଂହ, ପୂର୍ବତନ ସରପଞ୍ଚ ସନାତନ ଦଳାଇ, ହୃଦୟନିଧି ମହାନ୍ତି, ସମାଜସେବୀ ପ୍ରଭାସ ସାହୁ, ଗୋପାଳ ଚନ୍ଦ୍ର ଜେନା, ନିରଞ୍ଜନ ବେହେରା, ଅଶୋକ ମହାପାତ୍ର, କ୍ଷୀରୋଦ ବାରିକ, ରତ୍ନାକର ନାୟକ, ବୈରାଗୀ ଚରଣ ପତି, ଚିକିଣିଆ ସରପଞ୍ଚ ବିଷ୍ଣୁଚରଣ ସେଠୀ, ଗୁଆଳିପୁର ସରପଞ୍ଚ ମନୋଜିନୀ ସାହୁ, ଛପଡ଼ା ସରପଞ୍ଚ ଅମିତା ଖୁଣ୍ଟିଆ, ଅମୂଲ୍ୟ ମହାପାତ୍ର, ଦିଲ୍ଲୀପ ପରିଡା, ବିଲେଇ ଶୁଣି ମକର ମେଳା ସଭାପତି, ବିକାଶ ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ଲତଙ୍ଗଗଡ଼ରେ ଜଗତସିଂହପୁରର ଐତିହ୍ୟ ପଦଯାତ୍ରା




ଜଗତସିଂହପୁର,୬।୭ (ସମିସ): ଜଗତସିଂହପୁର ଜିଲ୍ଲାର ପ୍ରାଚୀନ କୀର୍ତ୍ତିରାଜି ଓ ସାଂସ୍କୃତିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଗଠିତ 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ୧୭ତମ ଅଧ୍ୟାୟ ରବିବାର ଧଳତଙ୍ଗଗଡ଼ ଜଙ୍ଗଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଅଞ୍ଚଳର ପୁରାତନ ମନ୍ଦିର ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିକଟରୁ ସନ୍ଦର୍ଶନ କରିଥିଲେ। ପ୍ରାଚୀନ କୀର୍ତ୍ତିରାଜିର ସନ୍ଧାନରେ ପଦଯାତ୍ରୀମାନେ ପ୍ରଥମେ ଦେଉଳିସାହିସ୍ଥିତ ସିଦ୍ଧେଶ୍ୱର ଠାକୁରାଣୀଙ୍କ ପୀଠ ପରିଦର୍ଶନ କରିଥିଲେ। ଏଠାରେ ଥିବା ଦଶମ ଓ ଏକାଦଶ ଶତାବ୍ଦୀର ଶୈବ ଓ ବୈଷ୍ଣବ ମୂର୍ତ୍ତିଗୁଡ଼ିକ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶେଷକରି ମୁଖ୍ୟ ଦେବୀ ମନଶା (ସିଦ୍ଧେଶ୍ୱରୀ), ଉଗ୍ରତାରା ନାମୀ ପାର୍ବତୀ, ଗୋପୀନାଥ, ନୃସିଂହ, ତ୍ରିବିକ୍ରମ ଏବଂ ବିଶାଳ ଗରୁଡ଼ ମୂର୍ତ୍ତିଗୁଡ଼ିକ ଏହି ସ୍ଥାନର ଗରିମା ବର୍ଣ୍ଣନା କରୁଥିଲେ। ଏହାପରେ ଐତିହ୍ୟାନୁରାଗୀଗଣ ଧଳତଙ୍ଗଗଡ଼ ଜଙ୍ଗଲସ୍ଥିତ ଗୋପାଳପୁର ଗ୍ରାମର ପଞ୍ଚଦଶ ଶତାବ୍ଦୀର ଗୋପୀନାଥ ମନ୍ଦିରରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ଧଉଳିକୁଦର ଐତିହାସିକ ବନଦୁର୍ଗା ମନ୍ଦିର ଓ ଧ୍ରୁବ ତପସ୍ୟାସ୍ଥଳୀ ଦର୍ଶନ କରିଥିଲେ। ଲୋକକଥା ଅନୁସାରେ, ଏହି ପବିତ୍ର ସ୍ଥାନରେ ଧ୍ରୁବ ମହାରାଜ ତପସ୍ୟା କରି ବିଷ୍ଣୁଙ୍କୁ ପ୍ରାପ୍ତ ହୋଇଥିଲେ। ସେଠାରେ ଥିବା ଦଶମ ଶତାବ୍ଦୀର ଦୁର୍ଗାମୂର୍ତ୍ତିର ଦିବ୍ୟ ରୂପ ସମସ୍ତଙ୍କୁ ଆକର୍ଷିତ କରିଥିଲା। ପ୍ରକୃତି କୋଳରେ ପଦଯାତ୍ରାରେ ଯାଇ ଐତିହ୍ୟ ସ୍ଥଳୀ ପରିଦର୍ଶନ ସହିତ ଜଙ୍ଗଲର ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ପାଇଁ ଏକ ବଣଭୋଜିର ଆୟୋଜନ କରାଯାଇଥିଲା। ଏହି ସାମୂହିକ ସହଭାଗିତା ପଦଯାତ୍ରାକୁ ଅଧିକ ସ୍ମରଣୀୟ କରିଥିଲା। ଏହି ସଫଳ ଆୟୋଜନରେ ବୟୋଜ୍ୟେଷ୍ଠ ସଦସ୍ୟ ଅଧ୍ୟାପକ ବିଶ୍ୱରଞ୍ଜନ ଦେହୁରୀ, ଶ୍ରୀକାନ୍ତ ସିଂହ, ଶିକ୍ଷାବିତ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଓ ହୃଦାନନ୍ଦ ବେହେରା ପ୍ରମୁଖ ସକ୍ରିୟ ଭୂମିକା ନିଭାଇଥିଲେ। ସେହିପରି ଦେବାଶିଷ ପାତ୍ର, ତ୍ରିଲୋଚନ ସ୍ୱାଇଁ, ରାଜେଶ ପ୍ରଧାନ, ସୌରଭ ସିଂହ, ସାହିଲ୍ ସିଂହ, ରୁଦ୍ର ମାଧବ ଦାଶ, କୁନ୍ଦନ ପାସୱାନ, ଶୌର୍ଯ୍ୟ ପ୍ରକାଶ ନାୟକ, ସ୍ୱାଧୀନ କୁମାର ସାହୁ ଓ ସମ୍ବିତ୍ ସିଂହ ପ୍ରମୁଖ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

# ଚିଠା ଭୋଟର ତାଳିକା ସଚେତନତା

ବାଲିକୁଦା,୬।୭ (ସମିସ): ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଅନୁସାରେ ରବିବାର ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ଅବସରରେ ବାଲିକୁଦାର ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର ବିକାଶ ରଞ୍ଜନ ଏବଂ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ବ୍ଲକର ୨୭୫, ୨୭୬ ଓ ୨୭୮ ନମ୍ବର ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଉଭୟ ଅଧିକାରୀ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ), ବୁଥ୍‌ସ୍ତରୀୟ ଏଜେଣ୍ଟ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ମତବିନିମୟ କରି ଚିଠା ଭୋଟର ତାଲିକା ସମ୍ପର୍କିତ ସଚେତନତା ସୃଷ୍ଟି କରିଥିଲେ। ଭୋଟର ତାଲିକାକୁ ସଠିକ୍ ଓ ତ୍ରୁଟିମୁକ୍ତ କରିବାରେ ସମସ୍ତଙ୍କ ସକ୍ରିୟ ସହଯୋଗ ଲୋଡ଼ା ବୋଲି ସେମାନେ କହିଥିଲେ। ଏହି ଅବସରରେ ସୂଚନା ଦିଆଯାଇଥିଲା ଯେ, ଯେଉଁ ଯୋଗ୍ୟ ମତଦାତାଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ, ସେମାନେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଫର୍ମ-୬ ମାଧ୍ୟମରେ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରି ନିଜ ନାମ ସାମିଲ କରିପାରିବେ। ସେହିପରି ନାମ ବାଦ ଦେବା ପାଇଁ ଫର୍ମ-୭ ଏବଂ ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ ପାଇଁ ଫର୍ମ-୮ ମାଧ୍ୟମରେ ଆବେଦନ କରିହେବ। ପରିଦର୍ଶନ କାର୍ଯ୍ୟକ୍ରମରେ ବିଏଲ୍‌ଓ ସୁପରଭାଇଜର ଉଲ୍ଲାସ ଚନ୍ଦ୍ର ମହାନ୍ତି ଓ ଜ୍ଞାନରଞ୍ଜନ ସାହୁ, ବିଏଲ୍‌ଓ ରମାକାନ୍ତ ମୁଦୁଲି, ରୀନା ଦାସ, କାନନବାଳା ମହାନ୍ତି, ପୂର୍ବତନ ସରପଞ୍ଚ ସାଧୁ ଚରଣ ସାହୁଙ୍କ ସମେତ ସଞ୍ଜୟ କୁମାର ସେନାପତି, ଅକ୍ଷୟ ସେଠୀ, ସୁକାନ୍ତ କୁମାର ମିଶ୍ର, ପ୍ରୀତିଶ ଗୋଚ୍ଛାୟତ, ମୋହିତ କୁମାର ଜେନା ଓ ଶଙ୍କର୍ଷଣ ପଢ଼ୀଆରି ପ୍ରମୁଖ ଉପସ୍ଥିତ ଥିଲେ।

## ଚିଠା ଭୋଟର ତାଲିକା ପ୍ରକାଶିତ

# ତାଲିକାରୁ ବାଦ୍ ପଡ଼ିଲେ ୬୫,୦୨୬ ଜଣ

ଜଗତସିଂହପୁର,୬।୭ (ସମିସ)




ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରୀୟାରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାର ସମସ୍ତ ମତଦାନ କେନ୍ଦ୍ର, ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ଏହି ତାଲିକା ପ୍ରକାଶ କରାଯାଉଛି। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂଚନା ଦେଇ କହିଛନ୍ତି, ଚିଠା ଭୋଟର ତାଲିକା ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦିଷ୍ଟ ଅନଲାଇନ୍ ପ୍ଲାଟଫର୍ମରେ ମଧ୍ୟ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଉପଲବ୍ଧ ରହିବ। ଜିଲ୍ଲାର ସମସ୍ତ ମତଦାତାଙ୍କୁ ଚିଠା ଭୋଟର ତାଲିକାରେ ନିଜର ନାମ ଓ ବିବରଣୀ ଯାଞ୍ଚ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସ୍ଥାନ ପାଇନାହିଁ କିମ୍ବା କୌଣସି ସଂଶୋଧନ, ବିଲୋପ ଅଥବା ଆପତ୍ତି ଦାଖଲ କରିବାର ଆବଶ୍ୟକତା ଥାଏ, ତେବେ ଆଜିଠାରୁ ଠାରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଅବଧି ମଧ୍ୟରେ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ/ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ।

ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ପରେ, ପ୍ରକାଶିତ ଏହି ଭୋଟର ତାଲିକା ଅନୁଯାୟୀ, ମୋଟ ୬୫,୦୨୬ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ଏହି ନାମଗୁଡ଼ିକୁ ବାଦ୍ ଦିଆଯାଉଛି। ଯେପରି ସର୍ବାଧିକ ୨୨,୫୮୫ ଜଣଙ୍କ ନାମ ମୃତ୍ୟୁବରଣ କରିଥିବା କାରଣରୁ ବାଦ୍ ପଡ଼ିବ। ସେହିପରି ୨୮,୩୧୫ ଜଣ ବ୍ୟକ୍ତି ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଥିବାରୁ ତାଙ୍କ ନାମ ତାଲିକାରୁ କଟାଯିବ। ଅନ୍ୟପକ୍ଷରେ, ୪୧୧୭ ଜଣଙ୍କର ନାମ ଦୁଇଥର ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଥିବା ବେଳେ ୯୦୯୫ ଜଣ ବ୍ୟକ୍ତି ଅନୁପସ୍ଥିତ ରହିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ କାରଣରୁ ଆଉ ୯୨୬ ଜଣଙ୍କ ନାମକୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ସମସ୍ତ ଯୋଗ୍ୟ ମତଦାତା, ସ୍ୱୀକୃତ ରାଜନୈତିକ ଦଳ, ବୁଥ୍ ଲେଭେଲ ଏଜେଣ୍ଟ ଏବଂ ଅନ୍ୟାନ୍ୟ ସମସ୍ତ ଅଂଶୀଦାରଙ୍କୁ ଚିଠା ଭୋଟର ତାଲିକା ଯାଞ୍ଚ କରିବା ସହ ଆବଶ୍ୟକ ସ୍ଥଳେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଓ ଆପତ୍ତି ଦାଖଲ କରି ଏକ ସ୍ୱଚ୍ଛ, ସଠିକ୍, ତ୍ରୁଟିମୁକ୍ତ ଓ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତିରେ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ତଥା ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ପଞ୍ଜିକରଣ ଅଧିକାରୀ ସମ୍ବିତ କୁମାର ରାଉତ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପାରାଦୀପ ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଡେପୁଟି କଲେକ୍ଟର ନିର୍ବାଚନ ପ୍ରଶାନ୍ତ ସେଠୀ, ଡେପୁଟି କଲେକ୍ଟର ତଥା ନୋଡାଲ ଅଧିକାରୀ ତୃପ୍ତିମୟୀ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତିଙ୍କ ସମେତ ନିର୍ବାଚନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଫିରିଙ୍ଗିଆ ଅଞ୍ଚଳରେ ଲଗାଣ ବର୍ଷା

# ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ଗଛ ପଡି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମେସିନ ଓ କଞ୍ଚାମାଲ ନଷ୍ଟ

ଫିରିଙ୍ଗିଆ,୫।୭ (ସମିସ)





କନ୍ଧମାଳ ଜିଲ୍ଲାରେ ଗତ ୬ ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବାବେଳେ ତାଣ୍ଡବ ରଚିଛି। ବର୍ଷା ବିପ୍ୱାତରେ ଘର ଭାଙ୍ଗିଥିବାବେଳେ ଅନେକ ଜାଗାରେ ରାସ୍ତା ଧୋଇ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଦେଖିବାକୁ ମିଳିଛି। ଗତକାଲି ରାତି ପ୍ରାୟ ଦୁଇଟା ସମୟରେ ଗୋଛାପଡା ପଞ୍ଚାୟତର ଖଜୁରୀ ଗାଁରେ ଥିବା ମା' ରାପା ମୁଟାଙ୍ଗି ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ଚାଲିଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ର ଉପରେ ପଚାଶ ବର୍ଷର ପୁରୁଣା ବରଗଛ ପଡି ଚାଳିଶ ଲକ୍ଷରୁ ଅଧିକ କ୍ଷୟକ୍ଷତି ହୋଇଛି। ୫ଟି ୨୦ ଲକ୍ଷ ଟଙ୍କାରୁ ଅଧିକ ମେସିନ, ୩ ଶହ ବସ୍ତା ଗହମ, ଚିନି ପଚାଶ କ୍ୱିଣ୍ଟାଲ, ମୁଡି, ଚୁଡା, ସହ ବିଭିନ୍ନ ଆବଶ୍ୟକ ଜିନିଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଗଛ ପଡିବା ଦ୍ୱାରା ଛତୁଆ ପ୍ରସ୍ତୁତି କେନ୍ଦ୍ର ଘର ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଗୋଛାପଡା-ବାଲନ୍ଦାପଡ଼ା ରାସ୍ତା ମଧ୍ୟ ସମ୍ପୂର୍ଣ୍ଣ ଅବରୋଧ ହୋଇଥିଲା। ଆଜି ସକାଳୁ ଖବର ପାଇ ଶିଶୁ ବିକାଶ ଅଧିକାରିଣୀ ନିବେଦିତା ପ୍ରଧାନ, ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ, ଗୋଛାପଡା ପଞ୍ଚାୟତ ସରପଞ୍ଚ ଯୁଗାନ୍ତ କହଁର, ଗୋଛାପଡା ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ, ଡିଏସଡବ୍ଲୁ ମିନତୀ ବେହେରା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

- କୁଚେଣ୍ଡି ନାଳ କାଠ ପୋଲ ଭାଙ୍ଗି ୭ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ
- ବିଦ୍ୟୁତ ତାର ଛିଣ୍ଡି ଗୋଛାପଡ଼ାର ବିଭିନ୍ନ ଅଞ୍ଚଳରେ ସରୋବରାହ ବିଚ୍ଛିନ୍ନ

ଅନ୍ୟପକ୍ଷରେ ମାଁ ରାପାମୁଟାଙ୍ଗି ସ୍ୱୟଂସହାୟିକା ଗୋଷ୍ଠୀ ସଭାପତି ଯମୁନା କହଁର ଗତ ୨୦୦୮ ମସିହାରୁ ଛତୁଆ ପ୍ରସ୍ତୁତି କରି ଅଙ୍ଗନବାଡିମାନଙ୍କୁ ବଣ୍ଟାଯାଉଥିବାବେଳେ ବର୍ତ୍ତମାନ ୧୫ ଲକ୍ଷରୁ ଅଧିକ ଲୋନ କରିଥିବାବେଳେ ପୁରୁଣା ମେସିନ ସହ ନୂଆ ମେସିନ ଓ ପ୍ରସ୍ତୁତ କରାଯାଉଥିବା କଞ୍ଚାମାଲର ଆନୁମାନିକ ମୂଲ୍ୟ ପାଖାପାଖି ୫୦ ଲକ୍ଷ ହେବ ବୋଲି କହିଛନ୍ତି। କ୍ଷୟକ୍ଷତି ହୋଇଥିବାବେଳେ ବର୍ତ୍ତମାନ ଭାଙ୍ଗି ପଡ଼ିଥିବାବେଳେ ପୁନର୍ବାର କାର୍ଯ୍ୟକ୍ଷମ ହେବାକୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି କହିଛନ୍ତି। ସେହିପରି ଫିରିଙ୍ଗିଆ ବ୍ଲକ୍‌ରେ ଲୁଇସିଂ ପଞ୍ଚାୟତର କୁଚେଣ୍ଡି ନାଳ କାଠ ପୋଲ ଭାସିଯିବାରୁ ନାଳ ଆରପଟେ ଥିବା ସାତରୁ ଅଧିକ ଗାଁର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କ୍ରାଣ୍ଡିବାଲି ପଞ୍ଚାୟତର ବାଘ ନଦୀ ପାଣି ବଢ଼ିବାରୁ ତିରିଶ ଘର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସଲାଗୁଡା ପଞ୍ଚାୟତର ପ୍ରବଳ ବର୍ଷାରେ ନଦୀ ପାଣି ବଢ଼ି ୩ ଦିନ ହେବ ୧୨ରୁ ଊର୍ଦ୍ଧ୍ୱ ଘର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସାଲାଗୁଡା ପଞ୍ଚାୟତ ମୁର୍ଜା ଗାଁ ମଧ୍ୟ ବାଘ ନଦୀ ବଢିବା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫୁଲବାଣୀଠାରୁ ଗୋଛାପଡା ଯାଇଥିବା ରାସ୍ତାର ନମେରୀ ବାଲି ନିକଟରେ ବିଦ୍ୟୁତ ତାର ଉପରେ ଗଛ ପଡିବା ଦ୍ୱାରା ବିଦ୍ୟୁତ ସରୋବରାହ ବନ୍ଦ ରହିଛି। କୁଏର ମାଣ୍ଡ ପଞ୍ଚାୟତର ସୁମାଙ୍ଗି ଗାଁର ସୁଶାନ୍ତ କହଁରଙ୍କ ଘର ଲଗାଣ ବର୍ଷାରେ ଭାଙ୍ଗିଯିବାରୁ ବିଭିନ୍ନ ଆସବାବ ନଷ୍ଟ ହୋଇଥିବାବେଳେ ଅଳ୍ପକେ ପରିବାର ବଞ୍ଚିଯାଇଛନ୍ତି। ସେହିଭଳି ଫିରିଙ୍ଗିଆ ବ୍ଲକ୍‌ରେ ଅନେକ କ୍ଷୟକ୍ଷତି ହୋଇଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।

## ସ୍ୱତନ୍ତ୍ର ସଂଘନ ସଂଶୋଧନ ନେଇଁ ସର୍ବଦଳୀୟ ବୈଠକ

# କନ୍ଧମାଳରେ ଚିଠା ଭୋଟର ତାଲିକା ପ୍ରକାଶ




ଫିରିଙ୍ଗିଆ, ୫।୭ (ସମିସ): ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଏସଆଇଆର-୨୦୨୬ ଅନ୍ତର୍ଗତ ଚିଠା ଭୋଟର ତାଲିକା (ଡ୍ରାଫ୍ଟ ଇଲେକ୍ଟ୍ରାଲ ରୋଲ) ପ୍ରକାଶ ଉପଲକ୍ଷେ ରବିବାର ପୂର୍ବାହ୍ନ ୧୧ଟାରେ ସଦଭାବନା ସଭାଗୃହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚିଠା ଭୋଟର ତାଲିକା ପ୍ରକାଶ, ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ଓ ଜନସଚେତନତା ସୃଷ୍ଟି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ବେଦଭୂଷଣ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ତ୍ରୁଟିମୁକ୍ତ କରିବା ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରାଥମିକତା ବୋଲି ବକ୍ତବ୍ୟ ରଖିଥିଲେ। ଏଥିପାଇଁ ରାଜନୈତିକ ଦଳ, ଜନପ୍ରତିନିଧି, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମର ସକ୍ରିୟ ସହଯୋଗ ଅପରିହାର୍ଯ୍ୟ। ସେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଚିଠା ଭୋଟର ତାଲିକାକୁ ଭଲଭାବେ ଯାଞ୍ଚ କରି ଯୋଗ୍ୟ ଭୋଟରଙ୍କ ନାମ ସଂଯୋଜନ, ଅଯୋଗ୍ୟ ଭୋଟରଙ୍କ ନାମ ବିଲୋପ ଓ ତ୍ରୁଟି ସଂଶୋଧନ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବା ସହ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାରରେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ବୈଠକରେ ସୂଚନା ଦିଆଯାଇଥିଲା ଯେ କନ୍ଧମାଳ ଜିଲ୍ଲାର ମୋଟ ୫,୭୦,୮୯୮ ଜଣ ଭୋଟରଙ୍କ ମଧ୍ୟରୁ ୫,୩୧,୮୪୨ ଜଣ ଏନୁମେରେସନ ଫର୍ମ ଦାଖଲ କରିଥିବାବେଳେ ୩୯,୦୫୬ଟି ଫର୍ମ ମୃତ, ସ୍ଥାନାନ୍ତରିତ, ଡୁପ୍ଲିକେଟ୍ କିମ୍ବା ଅନୁପସ୍ଥିତ ଭୋଟରଙ୍କ କାରଣରୁ ସଂଗ୍ରହ ହୋଇପାରିନାହିଁ। ଭାରତୀୟ ନିର୍ବାଚନ କମିଶନଙ୍କ ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ବର୍ତ୍ତମାନ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ରରେ ସର୍ବାଧିକ ୧,୨୦୦ ଜଣ ଭୋଟର ରହିବେ। ପୂର୍ବରୁ ଗୋଟିଏ ବୁଥ୍‌ରେ ପ୍ରାୟ ୧,୫୦୦ ଜଣ ଭୋଟର ରହୁଥିବା ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଥିବାରୁ ଜିଲ୍ଲାରେ ୧୫୧ଟି ନୂତନ ଭୋଟଗ୍ରହଣ କେନ୍ଦ୍ର ସୃଷ୍ଟି କରାଯାଇଛି। ଏହାଫଳରେ ଜିଲ୍ଲାର ମୋଟ ବୁଥ୍ ସଂଖ୍ୟା ୬୬୧ରୁ ବୃଦ୍ଧି ପାଇ ୮୧୨ରେ ପହଞ୍ଚିଛି। ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ-୨୦୨୬ର କାର୍ଯ୍ୟସୂଚୀ ସମ୍ପର୍କରେ ମଧ୍ୟ ବୈଠକରେ ସୂଚନା ଦିଆଯାଇଥିଲା। ୫ ଜୁଲାଇ ୨୦୨୬ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଥିବାବେଳେ ୫ ଜୁଲାଇ ୨୦୨୬ରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ। ୫ ଜୁଲାଇ ୨୦୨୬ରୁ ୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତିର ଶୁଣାଣି ଓ ସମାଧାନ କରାଯିବ। ଏହାପରେ ୦୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ବୈଠକରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ କୁମୁଦିନୀ ମଲ୍ଲିକ, ଡେପୁଟି କଲେକ୍ଟର ଅଙ୍କିତ ଜେନା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିନିଆଲ ନାଇକା, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ନିର୍ବାଚନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ରାଜନୈତିକ ଦଳକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ପାଳନ କରି ସ୍ୱଚ୍ଛ, ନିର୍ଭୁଲ ଓ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା।

# ମାଧ୍ୟମ ଫାଉଣ୍ଡେସନ ପକ୍ଷରୁ ସମବାୟ ସମ୍ପଦ ଗୃହ ଉଦଘାଟିତ



ରାଇକିଆ, ୫।୭ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ କାଲୁମାହା ଠାରେ ମାଧ୍ୟମ ଫାଉଣ୍ଡେସନର ଦ୍ୱାରା ଆୟୋଜିତ ଓ ଏଡବ୍ଲୁଓ ଇଣ୍ଟରନ୍ୟାସନାଲ ସହାୟତାରେ ହୋଇଥିବା ସମବାୟ ସମ୍ପଦ କେନ୍ଦ୍ରର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମବାୟ ସମ୍ପଦ ଗୃହକୁ ବ୍ଲକ୍‌ର ୧୩୫ଟି ଉତ୍ପାଦକ ଗୋଷ୍ଠୀ ମାର୍କେଟିଂ ଓ ଗୋଦାମ ଗୃହ ଭାବେ ବ୍ୟବହାର କରି ଉପକୃତ ହୋଇପାରିବେ। ଏଥିସହ ବାର୍ଷିକ ସାଧାରଣ ପରିଷଦ ସଭା ମାଧ୍ୟମ ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁବ୍ରତ କୁମାର ସିଂଦେଓ, ଫୁଲବାଣୀଙ୍କ ଜିଲ୍ଲା ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସ, ବାଲିଗୁଡ଼ାଙ୍କ ସହକାରୀ ସମବାୟ ନିବନ୍ଧକ ସୁକାନ୍ତ କୁମାର ପାଢୀ, ରାଇକିଆ ବ୍ଲକ କୃଷି ଅଧିକାରୀ ସଚିନ୍ଦ୍ର ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମଧ୍ୟ ଉପସ୍ଥିତି ଥିଲେ। ସମବାୟ ପରିଚାଳନା ପରିଷଦର ସଦସ୍ୟ ବୃନ୍ଦ, ଉତ୍ପାଦକ ଗୋଷ୍ଠୀ ଓ ନିମନ୍ତ୍ରିତ ଅତିଥି, ସଦସ୍ୟମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜଳନ୍ଧର ପରିଡ଼ା, ସୌଭାଗ କୁମାର ମିଶ୍ର, ସଞ୍ଜୀବ ଖଣ୍ଡଗିରି, ସତ୍ୟଜିତ ରାୟ, ବିଷ୍ଣୁ ଚରଣ ସାହୁ, ନମିତା ପ୍ରଧାନ ସହଯୋଗ କରିଥିଲେ। ପଦ୍ମିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପଦସଂକୁଳ ଅବସ୍ଥାରେ ଶୁଖିଲା ଗଛ; ବଢୁଛି ବିପଦ

ଜି ଉଦୟଗିରି,୫।୭ (ସମିସ): ଜି ଉଦୟଗିରି ଭେଟେନାରୀ ରାସ୍ତାରେ ବିପଦସଂକୁଳ ଅବସ୍ଥାରେ ଏକ ବୃହତ ଶୁଖିଲା ଗଛ ରହିଥିବାବେଳେ ନାନା ଆଶା ଆଶଙ୍କାରେ ଯାତାୟାତ କରୁଛନ୍ତି ଲୋକେ। ଏହା ଏକ ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାବେଳେ ଏହି ରାସ୍ତା ଦେଇ ସ୍କୁଲ କଲେଜକୁ ଛାତ୍ରଛାତ୍ରୀଙ୍କ ଯିବାଆସିବା ଲାଗି ରହିଥାଏ। ଏବେ ବର୍ଷାଋତୁରେ ଲଗାତର ତିନଦିନ ହେଲା ବର୍ଷା ସାଙ୍ଗକୁ ପବନ ବହୁଥିବାବେଳେ ଏହି ବିପଦସଂକୁଳ ଅବସ୍ଥାରେ ରହିଥିବା ଗଛ ଅଧିକ ବିପଦ ସୃଷ୍ଟି କରିବା ଆଶଙ୍କା ଦେଖାଦେଇଥାଏ। ଏଥିସହିତ ଏଠାରେ ଟାକ୍ସି ଷ୍ଟାଣ୍ଡ ଥିବା ଯୋଗୁ ଅଧିକ ଗହଳି ଚହଳି ଲାଗିଥାଏ। ତେଣୁ କିଛି ଅଘଟଣ ଘଟିବା ପୂର୍ବରୁ ଏହାର ବ୍ୟବସ୍ଥା ଶୀଘ୍ର କରିବା ପାଇଁ ସାଧାରଣରେ ଦାବି ହୋଇଛି।



## ● ଲଗାତାର ବର୍ଷା ଯୋଗୁଁ ଡୁଲୁରୀ ଶଙ୍ଖ ନିକଟରେ ଗଛ ପଡ଼ି ରାସ୍ତା ଅବରୋଧ

# ଗଛ କାଟି ଯାତାୟାତ ସ୍ୱାଭାବିକ କଲା ଅଗ୍ନିଶମ ବାହିନୀ



ଦାରିଙ୍ଗବାଡ଼ି, ୫।୭ (ସମିସ): ଗତ କିଛିଦିନ ହେବ ଅଞ୍ଚଳରେ ଲଗାତର ବର୍ଷା ଲାଗି ରହିଥିବା ଯୋଗୁଁ ଆଜି ସକାଳ ସମୟରେ ଦାରିଙ୍ଗବାଡ଼ି-ବ୍ରାହ୍ମଣୀଗାଁ ମୁଖ୍ୟ ରାସ୍ତାର ଡୁଲୁରୀ ଶଙ୍ଖ ନିକଟରେ ଏକ ବିରାଟ ଗଛ ଉପୁଡ଼ି ପଡ଼ି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ତେବେ ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କାହାର କୌଣସି କ୍ଷୟକ୍ଷତି ବା ଅସୁବିଧା ହୋଇନାହିଁ। ସୂଚନା ମୁତାବକ, କ୍ରମାଗତ ବର୍ଷା ଯୋଗୁଁ ମାଟି ନରମ ହୋଇ ଆଜି ସକାଳେ ହଠାତ୍ ଏହି ବଡ଼ ଗଛଟି ଡୁଲୁରୀ ଶଙ୍ଖ ନିକଟରେ ମୁଖ୍ୟ ରାସ୍ତା ଉପରେ ଭାଙ୍ଗି ପଡ଼ିଥିଲା। ସକାଳ ସମୟ ହୋଇଥିବାରୁ ଏହି ବ୍ୟସ୍ତବହୁଳ ରାସ୍ତାର ଦୁଇ ପାଖରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିବା ସହ ସ୍ଥାନୀୟ ଲୋକ ଓ ପ୍ରବାସୀ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ତତ୍ପରତା ପ୍ରକାଶ କରି ଆଧୁନିକ କଟର ମେସିନ ସାହାଯ୍ୟରେ ଗଛକୁ ଛୋଟ ଛୋଟ ଖଣ୍ଡ କରି କାଟି ରାସ୍ତାରୁ ଗଛ ହଟାଇଥିଲେ। ଦୀର୍ଘ ସମୟର ପରିଶ୍ରମ ପରେ ରାସ୍ତା ସମ୍ପୂର୍ଣ୍ଣ ସଫା ହେବା ସହ ଗାଡ଼ି ଚଳାଚଳ ପୁଣିଥରେ ସ୍ୱାଭାବିକ ହୋଇଥିଲା। ଅଗ୍ନିଶମ ବିଭାଗର ଏଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ବାସିନ୍ଦା ଓ ଗାଡ଼ି ଚାଳକ ପ୍ରଶଂସା କରିଛନ୍ତି।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଛାତ




ଡୁମୁଡିବନ୍ଧ, ୫।୭ (ସମିସ): ରାଜ୍ୟରେ କିଛିଦିନ ହେବ ଲଗାଣ ବର୍ଷା ଲାଗିରହିଛି। ଯଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହେଇପଡିଛି। ଗ୍ରାମାଞ୍ଚଳରେ କ୍ଷୁଦ୍ର କ୍ଷୁଦ୍ର ସେତୁ ଓ ପୋଖରୀରେ ପ୍ରବଳ ପାଣି ଯାଉଥିବା ଦେଖିବାକୁ ମିଳିଛି। ଫଳରେ ଗମନାଗମନ ବିଚ୍ଛିନ୍ନ ହୋଇପଡିଛି। ସାଧାରଣ ଲୋକ ମୌଳିକ ସୁବିଧା ଓ ଆବଶ୍ୟକତାରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ରହିଛନ୍ତି। ଲଗାଣ ବର୍ଷା ଯୋଗୁଁ ଭଣ୍ଡରଙ୍ଗୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିର୍କୀ ଗ୍ରାମର ସୁରେନ୍ଦ୍ର ମାଝିଙ୍କ ଘରର ଛାତ ଭୁଶୁଡିପଡିଛି। ଛାତ ଭାଙ୍ଗିପଡିବା ପରେ ଘରେ ରହିଥିବା ଅତ୍ୟାବଶ୍ୟକ ଜିନିଷ ନଷ୍ଟ ହେଇଯାଇଛି। ସୁରେନ୍ଦ୍ର ମାଝୀ ଘର ବାରଣ୍ଡାରେ ୭ଟି ଘୁଷୁରୀ ରଖିଥିଲେ। ଛାତ ଭାଙ୍ଗିବା ପରେ ୫ଟି ଘୁଷୁରୀ ଉଦ୍ଧାର ହୋଇଥିବାବେଳେ ୨ଟି ଘୁଷୁରୀ ବର୍ତ୍ତମାନ ପର୍ଯ୍ୟନ୍ତ ଛାତ ତଳେ ଚାପି ହୋଇରହିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ସରପଞ୍ଚଙ୍କୁ ଯୋଗାଯୋଗ କରି ସୂଚନା ଦେଇଥିଲେ। ଦିନ ତମାମ ବର୍ଷା ଲାଗିରହିଥିବା ହେତୁ ସରପଞ୍ଚ ସିର୍କୀ ପହଞ୍ଚିପାରିନଥିଲେ ମଧ୍ୟ ନିଜ ସମ୍ପର୍କୀୟଙ୍କୁ ଉକ୍ତ ସ୍ଥାନକୁ ପଠାଇ ସପରିବାରଙ୍କ ସ୍ଥିତି ପଚାରି ବୁଝିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିବାପରେ ଅନ୍ତ୍ୟୋଦୟ ଯୋଜନା ମାଧ୍ୟମରେ ନୂତନ ଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ସହିତ ସରକାରଙ୍କ ଯାହା ସୁବିଧା ଅଛି, ତାହା ସବୁ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ସରପଞ୍ଚ। ଡୁମୁଡିବନ୍ଧ ଅଞ୍ଚଳର ପ୍ରାୟ ସ୍ଥାନରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଗୁମା, ବେଲଘର, ବିଳାମାଲ ଝିରିପାଣି, ଭଣ୍ଡରଙ୍ଗୀ ଓ ଲଙ୍କାଗଡ଼ ଅଞ୍ଚଳରେ ଛୋଟ ଛୋଟ ସେତୁରେ ପାହାଡିଆ ପାଣି ମାଡ଼ି ଆସିବାରୁ ଗମନାଗମନ ବିଚ୍ଛିନ୍ନ ହେଇଥିବା ସୂଚନା ମିଳିଛି।

## ବିକାଶର ବିକଳ ଚିତ୍ର : ଗାଁକୁ ନାହିଁ ରାସ୍ତା

# ଯାତାୟାତରେ ବାଧକ ସାଜିଛି ବାଘ ନଦୀ

ଫିରିଙ୍ଗିଆ,୫।୭ (ସମିସ)




ସାଧାରଣତଃ ନଦୀ ପାର ହେବା ପାଇଁ ଡଙ୍ଗା କିମ୍ବା ବୋଟ ଦ୍ୱାରା ନଦୀ ପାର ହେବାକୁ ପଡିଥାଏ। କିନ୍ତୁ ନଦୀ ପାର ହେବା ପାଇଁ ଭୋଜିରେ ରୋଷେଇ ପାଇଁ ବ୍ୟବହାର ହେଉଥିବା ରସ ହଣ୍ଡା ସାହାର ପାଲଟିଛି। ଘଟଣାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନ ଶଳାଗୁଡା ପଞ୍ଚାୟତରେ। ଏହି ଅଞ୍ଚଳ ପାଇଁ ଏହା ନୁଆଁ ଘଟଣା ନୁହେଁ। ପ୍ରତିବର୍ଷ ବର୍ଷାଋତୁ ଆସିଲେ ନଦୀ ପାର ହେବା ପାଇଁ ସିଲଭର ହଣ୍ଡା କିମ୍ବା କାଠ ଗଣ୍ଡି ସାହାରା ହୋଇଥାଏ।

ସୂଚନା ଅନୁସାରେ ଏହି ସଲାଗୁଡା ପଞ୍ଚାୟତ ଅଧୀନରେ ରହିଛି ବୁମେରଗାଟା ଗାଁ। ଗାଁଟି ଏକ ଉପାନ୍ତ ଗାଁ ହୋଇଥିବାବେଳେ ବଣ ପାହାଡ଼ ଜଙ୍ଗଲ ମଧ୍ୟରେ ରହିଛି। ପ୍ରାୟ କୋଡିଏ ପରିବାର ବସବାସ କରି ଆସୁଥିବା ଏହି ଗାଁକୁ କୌଣସି ରାସ୍ତା ନଥିବା ବେଳେ ବାଧକ ସାଜିଛି ଗାଁକୁ ଲାଗି ରହିଥିବା ବାଘ ନଦୀ ଓ ଯେକୌଣସି କାମ ହେଉ କିମ୍ବା ସ୍କୁଲ କଲେଜ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ଏହି ଗ୍ରାମର ଲୋକଙ୍କୁ ଏହି ବାଘ ନଦୀ ପାର ହୋଇ ଆସିବାକୁ ପଡିଥାଏ। ବର୍ଷ ବର୍ଷ ଧରି ଏହି ଗାଁର ଲୋକ ଏଭଳି ଯିବା ଆସିବ କରି ଆସୁଥିବାବେଳେ ବର୍ଷାଦିନ ଆସିଲେ କିନ୍ତୁ ଗ୍ରାମବାସୀଙ୍କ ଦୁଃଖ ବଢିଯାଏ। ବାଘ ନଦୀରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ସମ୍ପୂର୍ଣ୍ଣ ଭାବରେ ଜଳବନ୍ଦୀ ହୋଇଯାଆନ୍ତି। ଏହି ବୁମେରଗାଟା ଗାଁର ଗ୍ରାମବାସୀ ଜରୁରୀ କାମ ହେଉ କିମ୍ବା ଗାଁର କୌଣସି ବ୍ୟକ୍ତିଙ୍କ ଦେହ ଅସୁସ୍ଥ ହେଲେ ବାଧହୋଇ ଗାଁଠାରୁ ଦୁଇ କିଲୋମିଟର ଦୋଳାରେ ବୋହି ଆଣିବା ପରେ ନଦୀ ପାର ହେବା ପାଇଁ ବଡ଼ ରସ ହଣ୍ଡାକୁ ବ୍ୟବହାର କରି ନଦୀ ପାର କରିଥାନ୍ତି। ଏମିତିକି ଏବେ ନଦୀ ପାର ହେବା ପାଇଁ ଗାଁର ପ୍ରତେକ ପରିବାର ଲୋକ ଗୋଟିଏ ଗୋଟିଏ ସିଲଭର ହଣ୍ଡା କିଣି ଘରେ ରଖିଛନ୍ତି। ଯାହାକି ବର୍ଷା ମାସ ଆସିଲେ ନଦୀ ପାର ହେବା ପାଇଁ ବ୍ୟବହାର କରୁଥିବା ଗ୍ରାମବାସୀ କହିଛନ୍ତି। ତେବେ ଗତ ୬ ଦିନ ହେଲା। ସାରା କନ୍ଧମାଳ ଜିଲ୍ଲାରେ ବର୍ଷା ଲାଗି ରହିଥିବାବେଳେ ନଦୀ ପୋଖରୀରେ ବର୍ଷା ପାଣି ଭରି ରହିଛି। ଲଗାଣ ବର୍ଷା ପାଇଁ କନ୍ଧମାଳ ଜିଲ୍ଲାରେ ବହୁ କ୍ଷୟକ୍ଷତି ହୋଇଥିବାବେଳେ ଏହି ଡୁମୁରିଗାଟା ଗାଁ ପାଖରେ ଥିବା ବାଘ ନଦୀରେ ମଧ୍ୟ ବର୍ଷା ପାଣି ପ୍ରବାହିତ ହେଉଛି। ତେବେ ବର୍ଷା ଲାଗି ରହିଥିବା ସତ୍ତ୍ୱେ କିଛି ଜରୁରୀ କାମ ପାଇଁ ରବିବାର ଏହି ଡୁମୁରିଗାଟା ଗାଁର କିଛିଲୋକ ଭରା ନଇରେ ହଣ୍ଡା ସାହାଯ୍ୟରେ ନଦୀ ପାର ହେଉଥିବା ଦେଖିବାକୁ ମିଳିଥିଲା ଓ ସେପଟେ ହଣ୍ଡା ରେ ଭରା ନଇ ପାର ହେବା ରାଜ୍ୟ ସରକାର ଙ୍କ ବିକାଶ ଧାରା ର ସଫଳ ରୂପାୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ରାଜ୍ୟ ସରକାରଙ୍କ ବିକାଶ ର ବିକଳ ଚିତ୍ର ଓ ଅନ୍ୟପଟେ ବର୍ଷବର୍ଷ ଧରି ଏଭଳି ଅବହେଳିତ ହୋଇ ରହି ଆସୁଥିବା ଗ୍ରାମବାସୀ ଙ୍କ ସମସ୍ୟା ଓ ତାର ସମାଧାନ ପାଇଁ ବାରମ୍ବାର ସ୍ଥାନୀୟ ସରପଞ୍ଚ ଙ୍କ ଠାରୁ ଆରମ୍ଭ କରି ଅଞ୍ଚଳ ବାସି ପ୍ରଶାସନ ପାଖରେ ଗୁହାରି କରି ଆସୁଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଛି। ନିର୍ବାଚନ ପରେ ନିର୍ବାଚନ ଆସୁଛି ଭୋଟ ମାଗିବା ପାଇଁ ନେତାଠାରୁ ମନ୍ତ୍ରୀ ଗାଁକୁ ସମସ୍ତେ ଆସୁଛନ୍ତି। ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ନିର୍ବାଚନ ସରିଲା ପରେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଉଛି ବୋଲି କହିଛନ୍ତି ଗାଁର ଗ୍ରାମବାସୀ। ତେବେ ଗାଁର ଏହି ସମସ୍ୟା ପ୍ରତି ଧ୍ୟାନ ଦେଇ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ସମାଧାନର ବାଟ ବାହାର କରନ୍ତୁ ବୋଲି ଗୁହାରି କରିଛନ୍ତି ଏହି ବୁମେରଗାଟା ଗାଁର ଗ୍ରାମବାସୀ।

## ଘରେ ପଶିଲା ପାଣି; ୭ ପରିବାର ଜଳବନ୍ଦୀ



ବାରିକପୁର,୫।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଲଘୁଚାପ କାରଣରୁ ଗତ ୨ଦିନ ଧରି ବର୍ଷା ଲାଗି ରହିଛି। ବ୍ଲକ୍‌ର ଖାଲୁଆ ସ୍ଥାନଗୁଡ଼ିକରେ ବର୍ଷା ଜଳ ଜମିଥିବାବେଳେ ଆଉ କେତେକ ସ୍ଥାନରେ ଜଳବନ୍ଦୀ ଅବସ୍ଥା ଦେଖାଯାଇଛି। ସୂଚନା ମୁତାବକ, ନେରଡା ଭାରତୀ ସାହିଠାରେ ପ୍ରାୟ ୭ଟି ପରିବାର ଜଳ ଘେରରେ ରହିଛନ୍ତି। ଶନିବାର ରାତିଠାରୁ ବର୍ଷା ଲାଗି ରହିଥିବାବେଳେ ରବିବାର ସକାଳୁ ସକାଳୁ ଜନବସତି ଚତୁଃପାର୍ଶ୍ୱରେ ବର୍ଷା ପାଣି ଘେରିଯାଇଛି। ପରିବାରବର୍ଗ ଏଥିପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିଭଳି ଗ୍ରାମର ୨ ନମ୍ବର ୱାର୍ଡ ବାସିନ୍ଦା ତପନ ଜେନାଙ୍କ ବାସଗୃହରେ ମଧ୍ୟ ବର୍ଷା ଜଳ ପ୍ରବେଶ କରିଛି। ଏଥିପାଇଁ ଚାରି ପ୍ରାଣୀ କୁଟୁମ୍ବ ଦହଗଞ୍ଜ ହୋଇଛନ୍ତି। ଆହୁରି ୨ଦିନ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ଏଥିପାଇଁ ଅନେକ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଅନୁମାନ କରାଯାଇଛି।

## ଲଗାଣ ବର୍ଷାରେ ଉବୁଟୁବୁ ଚାନ୍ଦବାଲି



ଭଦ୍ରକ,୫।୭ (ସମିସ): ଲଘୁଚାପ ବର୍ଷାରେ ଉବୁଟୁବୁ ଭଦ୍ରକ ଜିଲ୍ଲା ଚାନ୍ଦବାଲି ସହର। ବିଶେଷକରି ଚାନ୍ଦବାଲି ଏନ୍‌ଏସି ୫ନମ୍ବର ୱାର୍ଡ ଅଧିକ ପ୍ରଭାବିତ ହୋଇଛି। ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ନିଷ୍କାସିତ ହୋଇପାରୁନି ବର୍ଷା ଜଳ। ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାନ୍ଦବାଲିବାସୀ। ଲଘୁଚାପ ଜନିତ ବର୍ଷା ଯୋଗୁଁ ଲଗାତାର ୩ଦିନ ହେବ ଚାନ୍ଦବାଲି ଅଞ୍ଚଳରେ ଲାଗି ରହିଛି ବର୍ଷା। ଏହି ଲଗାଣ ବର୍ଷା ଯୋଗୁଁ ଚାନ୍ଦବାଲି ଏନ୍‌ଏସିରେ ଥିବା ଚାନ୍ଦବାଲି ସହର ଓ ତା'ର ଆଖପାଖ ଅଞ୍ଚଳରେ ଜମି ରହିଛି ପାଣି। ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ଏଠାରେ ଥିବା ଡାକ୍ତରଖାନା, ତହସିଲ୍ ଅଫିସ, ବ୍ଲକ୍ ଅଫିସ, ଆହାର କେନ୍ଦ୍ର, ରାସ୍ତାଘାଟ ଆଦି ବିଭିନ୍ନ ସ୍ଥାନରେ ବହୁଳ ପରିମାଣରେ ପାଣି ଜମି ରହିଛି। ଫଳରେ ସାଧାରଣ ଲୋକ ନାହିଁ ନ ଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଧିବାସୀ ଅମୂଲ୍ୟ ରାଉତ, ପ୍ରଫୁଲ୍ଲ ଦାସ ଓ ବିଦ୍ୟାଧର ନାୟକ ପ୍ରମୁଖ ଦାବି କରିଛନ୍ତି।

● ଲଗାଣ ବର୍ଷାରେ ଘରେ ପଶିଲା ପାଣି

## ୩ ଦିନ ଉପବାସରେ ପରିବାର



ଆରଡ଼ି,୫।୭ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ର ସୁନ୍ଦରପୁର ପଞ୍ଚାୟତସ୍ଥିତ ଦୋହରାପାଟଣା ଗାଁର ଉମାକାନ୍ତ ବାରିକ (୫୫)ଙ୍କ ପରିବାର ଲଗାଣ ବର୍ଷା ଯୋଗୁଁ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଜୀବନ ବିତାଉଛନ୍ତି। ଗତ ୩ ଦିନ ଧରି ହୋଇଥିବା ଅବିରତ ବର୍ଷାରେ କଚ୍ଚା ଘର ଭିତରକୁ ପାଣି ପଶିଯାଇଥିବାରୁ ପରିବାର ସଦସ୍ୟଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଘରେ ଥିବା ଚାଉଳ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପାଣିରେ ନଷ୍ଟ ହୋଇଯାଇଥିବାରୁ ଉମାକାନ୍ତ, ସ୍ତ୍ରୀ କନକଲତା ଓ ପୁଅ ଚନ୍ଦନ ଗତ ୩ ଦିନ ଧରି ପ୍ରାୟ ଉପବାସରେ ଦିନ କାଟୁଥିବା କହିଛନ୍ତି। ଉମାକାନ୍ତ କ୍ଷୀର ବିକି ପରିବାର ପ୍ରତିପୋଷଣ କରୁଥିବାବେଳେ ଗୁହାଳେ ମଧ୍ୟ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଗାଈଗୋରୁ ପାଣିରେ ଛିଡ଼ା ହୋଇଛନ୍ତି। ଏଥିସହିତ ଚୁଲିରେ ପାଣି ପଶିଯିବାରୁ ରୋଷେଇ ହୋଇପାରୁନି। ଘରର ଆସବାବପତ୍ର, ପୋଷାକ ଏବଂ ଜରୁରୀ କାଗଜପତ୍ର ମଧ୍ୟ ପାଣିରେ ନଷ୍ଟ ହୋଇଯାଇଥିବାରୁ ପରିବାରର ଦୁଃଖ ଆହୁରି ବଢ଼ିଯାଇଛି। ତୁରନ୍ତ ଶୁଖୁଲା ଖାଦ୍ୟ, ପାନୀୟ ଜଳ, ପାଲ ଓ ଆର୍ଥିକ ସହାୟତା ଯୋଗାଇଦେବା ସହିତ ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଉକ୍ତ ପରିବାରକୁ ଆବଶ୍ୟକ ରିଲିଫ୍ ଓ ଆବାସ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବର୍ଷା ପାଣିରେ ବୁଡ଼ିଲା ବସନ୍ତିଆ ବଜାର

# ଯାତାୟାତ ଠପ୍; ଜନଜୀବନ ବେହାଲ

ବନ୍ତ/ଆଗରପଡ଼ା,୫।୭ (ସମିସ):



ରାଜ୍ୟରେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ବସନ୍ତିଆ ନିକଟରେ ଏବେ ଏକ ବଡ଼ ସମସ୍ୟା ଦେଖାଦେଇଛି। ଗତ କିଛି ଦିନ ଧରି କ୍ରମାଗତ ଭାବେ ହେଉଥିବା ପ୍ରବଳ ବର୍ଷା ଯୋଗୁଁ ଏହି ମୁଖ୍ୟ ରାଜପଥ ଉପରେ ପ୍ରାୟ ୨ ଫୁଟ୍‌ର ବର୍ଷା ପାଣି ଜମି ରହିଛି, ଯାହା ଏକ କୃତ୍ରିମ ବନ୍ୟାର ସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଯାହାଫଳରେ ସବୁ ବର୍ଷା ଜଳ ଆସି ରାଜପଥ ଉପରେ ଲହଡ଼ି ମାରୁଛି। ଏହି ଜଳବନ୍ଦୀ ସ୍ଥିତି ଯୋଗୁଁ ସ୍ଥାନୀୟ ବସନ୍ତିଆ ବଜାରର ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଆଖପାଖ ଅଞ୍ଚଳର କୌଣସି ଲୋକ ବଜାରକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିବାକୁ ଆସିପାରୁନାହାନ୍ତି। ଗ୍ରାହକ ନ ଥିବାରୁ ବ୍ୟବସାୟୀମାନେ ଦୋକାନ ଖୋଲି ମଧ୍ୟ ନିରାଶ ହୋଇ ବସି ରହିଛନ୍ତି। ସେହିପରି ଦୈନନ୍ଦିନ କାମ ପାଇଁ ବାହାରକୁ ବାହାରୁଥିବା ସାଧାରଣ ଲୋକ ଏବଂ ପଥଚାରୀମାନେ ଏହି ଅଳିଆ ଓ ଦୂଷିତ ପାଣି ଭିତରେ ଚାଲିଚାଲି ଯିବାକୁ ବାଧ୍ୟ ହେଉଛନ୍ତି। ଅନେକ ସମୟରେ ପାଣି ଯୋଗୁଁ ରାସ୍ତାର ଖାଲଖମା ଜଣାପଡୁ ନ ଥିବାରୁ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ, ଏହି ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ବସ୍ ଏବଂ ବଡ଼ ବଡ଼ ଟ୍ରକ୍‌ଗୁଡ଼ିକ କୌଣସିମତେ ବିପଦପୂର୍ଣ୍ଣ ଭାବେ ଧୀରେ ଧୀରେ ପାଣି ପାର୍ ହେଉଥିବାବେଳେ ମୋଟରସାଇକଲ୍ ଏବଂ ଅଟୋ ଭଳି ଛୋଟ ଗାଡ଼ିଗୁଡ଼ିକ ପାଇଁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଅନେକ ଗାଡ଼ିର ସାଇଲେନ୍ସର ଓ ଇଞ୍ଜିନ୍‌ରେ ପାଣି ପଶିଯାଉଥିବାରୁ ଗାଡ଼ିଗୁଡ଼ିକ ରାସ୍ତା ମଝିରେ ଅଚଳ ହୋଇ ପଡୁଛି। ଏଭଳି ସ୍ଥିତି ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଡ୍ରେନ୍ ସଫା କରିବା ସହ ରାଜପଥରୁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର କରୁ ବୋଲି ସ୍ଥାନୀୟ ବାସିନ୍ଦା ଓ ପଥଚାରୀମାନେ ଦାବି କରିଛନ୍ତି।

## ଚାରିଘରିଆବାସୀଙ୍କୁ କନ୍ଦାଉଛି ବର୍ଷାଦିନ



ବନ୍ତ/ଆଗରପଡ଼ା,୫।୭ (ସମିସ): ଜଳ ନିଷ୍କାସନର ସୁବନ୍ଦୋବସ୍ତ ହୋଇପାରୁ ନ ଥିବାରୁ ଅସରାଏ ବର୍ଷା ହେଲେ ଗ୍ରାମବାସୀ ଜଳବନ୍ଦୀରେ ରହିଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପୂରା ଠପ୍ ହୋଇଯାଉଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ୧୨ନଂ ୱାର୍ଡର ଚାରିଘରିଆଠାରେ। ଉକ୍ତ ଗାଁର ଲୋକ ସଂଖ୍ୟା ପାଖାପାଖି ୪୫୦। ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାର ମେଡିକାଲ (ଆଗରପଡ଼ା) ଛକଠାରୁ ଏକ ରାସ୍ତା ଉକ୍ତ ଗାଁକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ମୁଣ୍ଡଳୀ, ରଇଁତରା, ପୁରୁଷଣ୍ଡ ଆଦି ଗ୍ରାମକୁ ମଧ୍ୟ ସଂଯୋଗ କରୁଛି। ଏପରିସ୍ଥଳେ ଉକ୍ତ ଗ୍ରାମରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଉ ନ ଥିବାରୁ ଗାଁ ମଝିରେ ଥିବା ପୋଖରୀ ବର୍ଷା ଜଳରେ ପୂରିଯିବା ମାତ୍ରେ ଗ୍ରାମବାସୀମାନେ ଜଳବନ୍ଦୀ ହୋଇଯାଉଛନ୍ତି। ବଜାରକୁ ଆସିବା ପୂରା ବନ୍ଦ ହୋଇଯିବା ସହ ଉକ୍ତ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଅଚଳ ହୋଇପଡୁଛି। ପିଲାମାନେ କଲେଜ ଓ ସ୍କୁଲକୁ ମଧ୍ୟ ଶିକ୍ଷା ଲାଭ ପାଇଁ ଆସିପାରୁ ନାହାନ୍ତି। ଅନ୍ୟ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ବର୍ଷା ଜଳ ଏହିପରି ନାନାଦି ସମସ୍ୟା ଗ୍ରାମବାସୀଙ୍କ ପାଇଁ ସୃଷ୍ଟି କରୁଥିବାରୁ ବର୍ଷା ଆସିଲେ ଗ୍ରାମବାସୀଙ୍କ ଆଖିରେ ଲୁହ ଆସିଯାଉଛି।


ବିଡ଼ମ୍ବନାର ବିଷୟ ଜଳ ନିଷ୍କାସନ ପାଇଁ ୨୦୨୪ରେ ବିଭାଗ ତରଫରୁ ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ କରାଯାଇଥିଲେ ସୁଦ୍ଧା ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଡ୍ରେନ୍‌ର ପାଣି ମୁଖ୍ୟ ଡ୍ରେନ୍‌ରେ ପଡ଼ିବା ପରିବର୍ତ୍ତେ ମୁଖ୍ୟ ଡ୍ରେନ୍ ପାଣି ଉକ୍ତ ଡ୍ରେନ୍‌ରେ ଫେରିଆସି ଗାଁ ଭିତରକୁ ପଶୁଥିବାର ଜଣାପଡ଼ିବା ପରେ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ ଉକ୍ତ ଖବର ମଧ୍ୟ ପ୍ରକାଶ ପାଇଥିଲା। କିନ୍ତୁ ବିଭାଗ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଗତ କିଛିଦିନ ଧରି ହେଉଥିବା ଲଗାଣ ବର୍ଷାରେ ଗ୍ରାମବାସୀମାନେ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମଧ୍ୟ ଗାଁର ଚାରିପାଖରେ ବର୍ଷାଜଳ ଘେରି ରହିଛି। ତେଣୁ ଏହା ଜମି ରହିବା ଦ୍ୱାରା ଡେଙ୍ଗୁକୁ ମଧ୍ୟ ଆମନ୍ତ୍ରଣ କରୁଛି। ତେଣୁ କିଛି ବଡ଼ ଅଘଟଣ ଘଟିବା ଆଗରୁ ଉକ୍ତ ଗାଁରେ ଜମି ରହୁଥିବା ବର୍ଷା ଜଳର ନିଷ୍କାସନ ପାଇଁ ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଡ୍ରେନେଜ୍ ବିଭାଗର ଖାମଖିଆଲି କାର୍ଯ୍ୟ; ଲୋକେ ହନ୍ତସନ୍ତ



ବାରିକପୁର,୫।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ବୋଧପଡ଼ା ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଯାତାୟାତ ଜନିତ ସମସ୍ୟାରେ ପେଷି ହେଉଛନ୍ତି। ବିଶେଷ କରି ବର୍ଷା ଦିନେ ଗ୍ରାମବାସୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଉଛି। ଏବେ ସୁଦ୍ଧା ଗ୍ରାମକୁ ଭଲ ପକ୍କା ରାସ୍ତା ଖଣ୍ଡିଏ ନ ଥିବାବେଳେ ଗାଁ ମୁଣ୍ଡ କଣ୍ଟି ଡ୍ରେନେଜ୍ ନାଳ ଉପରେ ଭଗ୍ନ ପାଦଚଲା ପୋଲଟି ଉପରେ ଲୋକମାନେ ଦୀର୍ଘ ଦିନ ଧରି ଯାତାୟାତ କରୁଥିଲେ। ବହୁ ଆପତ୍ତି ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଚଳିତ ବର୍ଷ ଡ୍ରେନେଜ୍ ବିଭାଗ ନାଳ ଉପରେ କ୍ଷୁଦ୍ର ସେତୁଟିଏ ନିର୍ମାଣ କରିଛି। ପୂର୍ବ ଭଳି ରାସ୍ତା ଯନ୍ତ୍ରଣା ଜାରି ରହିଥିବାବେଳେ ଏହା ସହିତ ସେତୁ ନିର୍ମାଣ ପରବର୍ତ୍ତୀ ଦୁଃଖ ଗାଁ ଲୋକଙ୍କୁ ବଳିଯାଇଛି। ଡ୍ରେନେଜ୍ ବିଭାଗ ସେତୁ ନିର୍ମାଣ ପରେ ୨ ପାର୍ଶ୍ୱରେ ଥିବା ସହଯୋଗୀ ରାସ୍ତାକୁ ସମ୍ପୂର୍ଣ୍ଣ ନିର୍ମାଣ କରିନାହିଁ। କେବଳ ମାଟି ମୁଠାଏ ପକାଇ ଦେଇ ବିଭାଗ ଓ ଠିକାଦାର କାର୍ଯ୍ୟକ୍ଷେତ୍ରରୁ ଅପସାରିତ ହୋଇଥିବା ମନେ ହେଉଛି। ସାମାନ୍ୟ ବର୍ଷା ହେଲେ ଗ୍ରାମବାସୀମାନେ ଗାଁରୁ ସାଇକେଲ କିମ୍ବା ବାଇକ୍ ଯୋଗେ ବାହାରକୁ ଆସିବା କଷ୍ଟକର ହେଉଛି। ପୋଲ ଦୁଇ ମୁଣ୍ଡ ପାଣି କାଦୁଅରେ ଜର୍ଜରିତ ହୋଇଥିବାବେଳେ ଜରୁରୀ ଯାନ ଗାଁକୁ ଯିବା ସମ୍ଭବ ହେଉନାହିଁ। ନବନିର୍ମିତ ସେତୁ ଦୁଇ ପାର୍ଶ୍ୱରେ ମୋରମ୍ ସହିତ ବାଲି ଓ ଡଷ୍ଟ ପକାଇବାକୁ ଗ୍ରାମବାସୀ ବାରମ୍ବାର କହୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଅତି ଖାମଖିଆଲି ମନୋଭାବ ନେଇ ବିଭାଗ କାର୍ଯ୍ୟ କରୁଥିବା ଗ୍ରାମବାସୀମାନେ ଅଭିଯୋଗକରିଛନ୍ତି। ଏପଟେ ସମ୍ପ୍ରତି ଲଗାଣ ବର୍ଷା ଯୋଗୁଁ ଲୋକଙ୍କ ଯାତାୟାତ ଯନ୍ତ୍ରଣା ଆହୁରି ବଢ଼ିଯାଇଛି। ତେଣୁ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦୃଢ଼ ଦାବି କରିଛନ୍ତି।

## ବର୍ଷା ପାଣିରେ ଚାଲିଛି ରୋଗୀଙ୍କ ଚିକିତ୍ସା



ଭଦ୍ରକ,୫।୭ (ସମିସ): ରୋଗୀଙ୍କ ଶେଯ ତଳେ ଲହଡ଼ି ମାରୁଛି ବର୍ଷା ପାଣି। ଆଉ ସେହି ବର୍ଷା ପାଣିରେ ଚାଲିଛି ରୋଗୀଙ୍କ ଚିକିତ୍ସା। ଏମିତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ସୂଚନାଯୋଗ୍ୟ, କୋଟି କୋଟି ଟଙ୍କାରେ ନିର୍ମିତ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୫ମ ମହଲା ନିର୍ମାଣ ଚାଲିଛି। ମାତ୍ର ଠିକାଦାରଙ୍କ ମନମାନୀ ଯୋଗୁଁ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନି ସିଡ଼ି ଘର। ଫଳରେ ଉକ୍ତ ରାସ୍ତା ଦେଇ ପାଣି ସବୁ ମହଲାରେ ପ୍ରବେଶ କରୁଛି। ଯାହା ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ରୋଗୀ ହୁଅନ୍ତୁ ବା ରୋଗୀଙ୍କ ସମ୍ପର୍କୀୟ ବା ଡାକ୍ତର କେହି ପାଣିରେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଚାନ୍ଦବାଲିବାସୀ ଦାବି କରିଛନ୍ତି।

## ଭଣ୍ଡାରିପୋଖରୀରେ ସର୍ବାଧିକ ୧୧୦ ମି.ମି. ବର୍ଷା

ଭଦ୍ରକ,୫।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ସୁଦୃଢ଼ ଲଘୁଚାପର ପ୍ରଭାବରେ ଗତ ୨ ଦିନ ହେବ ଭଦ୍ରକ ଜିଲ୍ଲାରେ ଲଗାତାର ବର୍ଷା ଜାରି ରହିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ଭାରି ବର୍ଷା ସମ୍ଭାବନା ନେଇ ସତର୍କତା ଜାରି ରହିଥିବାବେଳେ ଭଦ୍ରକ ଜିଲ୍ଲା ମଧ୍ୟ ଅରେଞ୍ଜ ସତର୍କତା ଅଧୀନରେ ରହିଛି। ରବିବାର ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ଜିଲ୍ଲାର ଭଣ୍ଡାରିପୋଖରୀ ବ୍ଲକ୍‌ରେ ସର୍ବାଧିକ ୧୧୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଚାନ୍ଦବାଲିରେ ୭୬ ମି.ମି., ଧାମନଗରରେ ୪୬ ମି.ମି., ତିହିଡ଼ିରେ ୪୫ ମି.ମି., ଭଦ୍ରକରେ ୪୨.୨ ମି.ମି., ବାସୁଦେବପୁରରେ ୨୪ ମି.ମି. ଏବଂ ବନ୍ତରେ ୧୩ ମି.ମି. ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁଁ ନିମ୍ନାଞ୍ଚଳରେ ଜଳ ଜମି ରହିବା ସହ ନଦୀ ଜଳସ୍ତର ବୃଦ୍ଧି ଉପରେ ପ୍ରଶାସନ ସତର୍କ ନଜର ରଖିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଥିବା ବେଳେ ଲୋକମାନଙ୍କୁ ଅନାବଶ୍ୟକ ଘରୁ ବାହାରକୁ ନ ଯିବା ଏବଂ ପ୍ରଶାସନର ପରାମର୍ଶ ମାନିବାକୁ ଅନୁରୋଧ କରାଯାଇଛି।

## ଗୋଟିଏ ରାତିରେ ଚାରିଆଡ଼େ ଜଳମଗ୍ନ

ବାରିକପୁର,୫।୭ (ସମିସ): ଲଘୁଚାପ ଜନିତ ଗୋଟିଏ ରାତି ବର୍ଷାରେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ସବୁଠି ଜଳମଗ୍ନ ସୃଷ୍ଟି ହୋଇଛି। ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଦୁଇ ଦିନ ଧରି ଝିପିଝିପି ବର୍ଷା ଓ କୋହଲା ପାଗ ଲାଗି ରହିଥିବାବେଳେ ଗତ ଶନିବାର ରାତିରେ ବର୍ଷା ପରିମାଣ ବୃଦ୍ଧି ହୋଇଥିଲା। ରାତି ପାହିଲା ବେଳକୁ ସବୁଆଡ଼େ ଜଳପୂର୍ଣ୍ଣ ହୋଇଥିଲା। ମଞ୍ଜୁରୀରୋଡ୍‌ଠାରୁ ବିଷ୍ଣୁପୁର ଓ ମାଳଦାଠାରୁ ଆଖୁଆପଦା ସବୁଆଡ଼େ ବିଲବାଡ଼ି ପାଣିରେ ବୁଡ଼ିଯାଇଥିଲା। କେତେକ ସ୍ଥାନରେ ଜଳ ନିଷ୍କାସନ ଜନିତ ସମସ୍ୟା ଦେଖାଦେଇଛି। ବିଶେଷ କରି ଲଗାଣ ବର୍ଷା ଯୋଗୁଁ ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆ ନିକଟବର୍ତ୍ତୀ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାଛଡ଼ା ନେରଡ଼ା, ସରସଦା, ନପଙ୍ଗ, ବନସ୍ତା, ମାଳଦା, କୁମ୍ଭାରିଆ, ତୁଳସୀପୁର ପ୍ରମୁଖ ସ୍ଥାନରେ ମଧ୍ୟ ସମସ୍ୟା ଦେଖାଦେଇଛି। ଅନେକ ସ୍ଥାନରେ ଶୁଖିଲା ଧାନ ତଳି ସମ୍ପୂର୍ଣ୍ଣ ବୁଡ଼ି ଯାଇଥିବାବେଳେ କେତେକ ଗ୍ରାମ୍ୟ ରାସ୍ତା ଉପରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଡ୍ରେନେଜ୍ ନାଳଗୁଡ଼ିକ ଜଳ ପୂର୍ଣ୍ଣ ହୋଇଥିବା ବେଳେ କେତେକ ଜାଗାରେ ନାଳ ପୁନରୁଦ୍ଧାର ନ ହେବା କାରଣରୁ ଜଳ ନିଷ୍କାସନରେ ଏହା ଘୋର୍ ଅସୁବିଧା ସୃଷ୍ଟି କରୁଛି। ଯଦି ବର୍ଷା ପରିମାଣ ବଢ଼ିବ ତାହେଲେ ଆହୁରି ଉତ୍କଟ ଡ୍ରେନେଜ୍ ସମସ୍ୟା ସୃଷ୍ଟି ହେବ ବୋଲି କୁହାଯାଉଛି। ଜଳ ନିଷ୍କାସନ ସମସ୍ୟା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ମରଣଯନ୍ତା ପାଲଟିଛି ତିହିଡ଼ି ତହସିଲ୍ ରାସ୍ତା



ଦୋଳସାହି,୫।୭ (ସମିସ): ସଦର ମହକୁମା ତିହିଡ଼ିରେ ତହସିଲ କାର୍ଯ୍ୟାଳୟକୁ ଯିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ମରଣଯନ୍ତା ପାଲଟିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଭଦ୍ରକ-ଚାନ୍ଦବାଲି ରାଜପଥକୁ ସଂଯୋଗ କରିଥିବା ପୂର୍ତ୍ତ ବିଭାଗ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲାବେଳେ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ସାମାନ୍ୟ ବର୍ଷାରେ ଜଳମଗ୍ନ ହେଉଥିବା ଦେଖିବାକୁ ମିଳୁଥିବାବେଳେ ଯାତାୟାତ କରିବା କଷ୍ଟକର ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ୮ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବାବେଳେ ଏହି ରାସ୍ତା ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

# ବିକାଶ ଖୋଜୁଛି ଜୟସିଂପୁର; ମିଳିଲାନି ସ୍ଥାୟୀ ରାସ୍ତା

ବନ୍ତ/ଆଗରପଡ଼ା,୫।୭ (ସମିସ)



ସରକାର ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଗାଁର ବିକାଶ କରିବାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଓ ଜନନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସ୍ୱାଧୀନତାର ବହୁ ବର୍ଷ ପରେ ବି ଜିଲ୍ଲାର ଅନେକ ଗାଁରେ ବିକାଶ ତ ଦୂରର କଥା ମୌଳିକ ସୁବିଧା ମଧ୍ୟ ଅପହଞ୍ଚ ରହିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ଅନ୍ତର୍ଗତ ଜୟସିଂପୁର ଗାଁରେ। ଏଠି ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସବୁ ବ୍ୟବସ୍ଥା ଲୋକଙ୍କ ପାଇଁ ପାଲଟିଛି ସାତ ସପନ।

ଏକ ଛୋଟିଆ ଗାଁ ଜୟସିଂପୁର; ଯାହାର ଲୋକସଂଖ୍ୟା ପାଖାପାଖି ୩୦୦। ମାତ୍ର ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ। ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ରାସ୍ତାର କାଦବରାଙ୍ଗଠାରୁ ରାଉତରାଗଡ଼ିଆ ପର୍ଯ୍ୟନ୍ତ ଲମ୍ବିଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ଏହି ଗାଁ ରାସ୍ତାଟି ସଂଯୋଗ କରୁଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ସଂଯୋଗ କରୁଥିବା ରାସ୍ତାଠାରୁ ଲମ୍ବିଥିବା ମାଟି ରାସ୍ତାରେ ପ୍ରାୟ ୨ କିଲୋମିଟର ଗଲାପରେ ଏହି ଗାଁ ପଡ଼େ। ଏହି ରାସ୍ତାକୁ ଖରାଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନ ବର୍ଷା ଦିନ ଚାଲୁଥିବାରୁ ଅସରାଏ ବର୍ଷାରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଚାଲି ଯିବା ମଧ୍ୟ ବିପଦସଙ୍କୁଳ ପାଲଟିଛି। ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇଁ ଆଦୌ ସମ୍ଭବପର ହୋଇପାରୁନାହିଁ। ଚାଷଜମି ମଧ୍ୟରେ ୨/୩ ଫୁଟ୍‌ର ଲମ୍ବ ଥିବା ଏହି ମାଟି ରାସ୍ତାଟି ଖାଲ ଢିପରେ ପରିପୂର୍ଣ୍ଣ। ସନ୍ଧ୍ୟା ପରେ ଯିବା ଅର୍ଥ ବିପଦକୁ ଡାକି ଆଣିବା, କିନ୍ତୁ ଏହା ଉପରେ ଗାଁ ଲୋକମାନେ ଯାତାୟାତ କରୁଛନ୍ତି। ଏହି ଗାଁରୁ ଛାତ୍ରଛାତ୍ରୀ ଓ କୁନିକୁନି ପିଲାମାନେ ସ୍କୁଲ ତଥା କଲେଜକୁ ଏହି ରାସ୍ତା ଦେଇ ପ୍ରତିଦିନ ପାଠ ପଢ଼ିବା ପାଇଁ ମଧ୍ୟ ଆସୁଛନ୍ତି। ବର୍ତ୍ତମାନ ବର୍ଷା ଋତୁରେ ଏହି ଗାଁ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏହି ଗାଁର ରୋଗୀଙ୍କୁ ଖଟିଆରେ ବୁହା ହୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯିବାର ନଜିର ମଧ୍ୟ ରହିଛି। ସେହିପରି ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ, ଏହି ଗାଁର ପ୍ରାୟ ୨ କିଲୋମିଟର ଦୂରରେ ରହିଥା'ନ୍ତି। ଏହିପରି ଅସମ୍ଭବ ପରିସ୍ଥିତିମାନ ଏହି ଗାଁ ଲୋକେ ସମ୍ମୁଖୀନ ହେଉଛନ୍ତି। ନେତାମାନେ ପ୍ରତିଶ୍ରୁତିମାନ ଗମନାଗମନ ସମସ୍ୟାର ସମାଧାନ ପାଇଁ ଦେଇଥିଲେ ସୁଦ୍ଧା ତାହା ଆଜିଯାଏ କେବଳ ପ୍ରତିଶ୍ରୁତିରେ ହିଁ ରହିଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। ସବୁ ଗାଁ ରାସ୍ତା କଂକ୍ରିଟ ହେଉଥିବାବେଳେ ଜୟସିଂପୁର ଗାଁ ରାସ୍ତା ଅବସ୍ଥାରେ ପରିବର୍ତ୍ତନ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ମୁକୁଳା ପଡ଼ିଛି ରାଜପଥ ଡ୍ରେନ୍



ବାରିକପୁର,୫।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଥିବା ଡ୍ରେନ୍‌ଗୁଡ଼ିକ ଦୀର୍ଘ ବର୍ଷ ହେବ ମୁକୁଳା ପଡ଼ିଛି। ଫଳରେ ବିଭିନ୍ନ ଦୁର୍ଘଟଣାମାନ ଘଟୁଛି। ବିଶେଷ କରି ରାଜପଥ ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକର ଗାଈଗୋରୁ ଓ ଛେଳିମେଣ୍ଢା ଆଦି ଗୃହପାଳିତ ପଶୁ ମୁକୁଳା ଡ୍ରେନ୍‌ରେ ପଡ଼ି ଆହତ ହେଉଛନ୍ତି। ଅନେକ ସମୟରେ ବାଇକ୍ ଓ ସାଇକଲ ଆରୋହୀ ମଧ୍ୟ ଏଥିଯୋଗୁଁ ଦୁର୍ଘଟଣାରେ ପଡୁଛନ୍ତି। ସୂଚନା ମୁତାବକ, ରାଜପଥ ସମ୍ପ୍ରସାରଣ ବେଳେ ବର୍ଷା ଦିନିଆ ରାସ୍ତା ଜଳ ନିଷ୍କାସନ ପାଇଁ ଯେଉଁ ଡ୍ରେନ୍ ନିର୍ମାଣ ହୋଇଥିଲା ସେଗୁଡ଼ିକ ମଧ୍ୟରୁ କେତେକ ଏବେବି ଅଧପନ୍ତରିଆ ଭାବେ ପଡ଼ିରହିଛି। ଏହାଛଡ଼ା କିଛି ଜାଗାରେ ଡ୍ରେନ୍ ପାଇଁ କଂକ୍ରିଟ୍ ୱାଲ୍ ନିର୍ମାଣ ହୋଇଥିବାବେଳେ ଏହାର ସୁରକ୍ଷା ଢାଙ୍କୁଣି ନିର୍ମିତ ହୋଇନାହିଁ। ଅନ୍ୟ କିଛି ସ୍ଥାନରେ ନିର୍ମାଣ ହୋଇଥିବା ପକ୍କା ଡ୍ରେନ୍ ଭାଙ୍ଗିରୁଜି ଯାଇଛି। ଏଭଳି ଚିତ୍ର ବିଷ୍ଣୁପୁର, ଛତାବର, ଭଣ୍ଡାରିପୋଖରୀ, ଦରଡ଼ା, ଆଖୁଆପଦା, ବାରିକପୁର, ଡାହାଲା, ଧାମନଗର ଛକ ଆଦି ସ୍ଥାନରେ ଦେଖାଯାଇଛି। ବିଶେଷକରି ସଂଯୋଗୀକରଣ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍‌ଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇଛି। ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ନିର୍ମାଣକାରୀ ସଂସ୍ଥାର କର୍ମଚାରୀ ଓ ଅଧିକାରୀମାନେ ଦୈନିକ ଏହି ପଥରେ ଗମନାଗମନ କରୁଥିବାବେଳେ କେହି ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଚିଠା ଭୋଟର ତାଲିକା ପ୍ରକାଶ

## ତାଲିକାରୁ ୬୪,୩୭୫ ଭୋଟର ବାଦ୍

କେନ୍ଦୁଝର,୫।୭(ସମିସ)



ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ ଅଧୀନରେ ରବିବାର କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସିଂହ ଏସଆଇଆର ସମ୍ବନ୍ଧିତ ସୂଚନା ଉପସ୍ଥାପିତ କରିଥିଲେ। ଜିଲ୍ଲାର ୧,୯୧୫ଟି ବୁଥ୍ ପାଇଁ ଚିଠା ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରି ବାଦ୍ ଦେବା ବୋଲି ଜିଲ୍ଲାପାଳ କହିଛନ୍ତି। ପରିଗଣନା ପର୍ଯ୍ୟାୟରେ ମୋଟ ୧୩,୦୮,୭୬୨ ଜଣ ଡିଜିଟାଇଜ୍ଡ୍ ଇଏଫ୍ ଚିହ୍ନଟ ହୋଇଥିବାବେଳେ ମୃତ୍ୟୁ, ସ୍ଥାୟୀ ଭାବେ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ କାରଣରୁ ୬୪,୩୭୫ ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହି କାର୍ଯ୍ୟରେ ୨,୯୬୬ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ ସହଯୋଗ କରିଛନ୍ତି।

ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜୁଲାଇ ୫ ତାରିଖ ଆଜିଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଯେଉଁ ନାଗରିକମାନେ ନିଜ ନାମ ସଂଶୋଧନ କରିବାକୁ ଚାହୁଁଛନ୍ତି କିମ୍ବା ତାଲିକା ନେଇ କୌଣସି ଆପତ୍ତି ରହିଛି, ସେମାନେ ଜୁଲାଇ ୫ ତାରିଖଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ।

ନିର୍ବାଚନ କମିଶନଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ଦାଖଲ ହୋଇଥିବା ଦାବି ଓ ଆପତ୍ତିଗୁଡ଼ିକର ଶୁଣାଣି ଏବଂ ଯାଞ୍ଚ ଜୁଲାଇ ୫ ତାରିଖଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ, ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ପ୍ରକାଶ ପାଇବ। ତେଣୁ ସମସ୍ତ ଯୋଗ୍ୟ ଭୋଟରମାନେ ନିଜ ନାମ ତାଲିକାରେ ଠିକ୍ ଅଛି କି ନାହିଁ, ତାହା ଯାଞ୍ଚ କରିନେବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି ଯେ ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ, ମୋବାଇଲ୍ ଆପ୍ କିମ୍ବା ୱେବସାଇଟ୍ ମାଧ୍ୟମରେ ନିଜ ନାମ ଯାଞ୍ଚ କରନ୍ତୁ। ଯଦି କାହାର ନାମ ନଥିବ, ତେବେ ସେମାନେ ଫର୍ମ-୬ ପୂରଣ କରି ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏହି କାର୍ଯ୍ୟର ସୁପରିଚାଳନା ପାଇଁ ୬ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୩୬ ଜଣ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିୟୋଜିତ ହୋଇଛନ୍ତି। ଏସଆଇଆର ନିର୍ଦ୍ଦେଶାବଳୀର ପାରା ୫(ଖ) ଅନୁଯାୟୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ/ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଙ୍କ ବିନା ନୋଟିସ୍ ଏବଂ ସ୍ପଷ୍ଟ ଆଦେଶରେ ପ୍ରକାଶିତ ଚିଠା ତାଲିକାରୁ କୌଣସି ନାମ ବାଦ୍ ଦିଆଯାଇପାରିବ ନାହିଁ। କୌଣସି କ୍ଷତିଗ୍ରସ୍ତ ଭୋଟର ଜନପ୍ରତିନିଧିତ୍ୱ ଆଇନ ୧୯୫୦ ର ଧାରା ୨୪ ଅଧୀନରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ତା'ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଦନଧର ମହାଳିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

## ଚମ୍ପୁଆ ନିର୍ବାଚନମଣ୍ଡଳୀ: ୪୮ ନୂଆ ବୁଥ୍, ୧୦,୨୮୯ ନାମ ବାଦ୍



ଚମ୍ପୁଆ, ୫।୭ (ସମିସ): ଏସ୍‌ଆଇଆର-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ଶନିବାର ପ୍ରକାଶ ପାଇଛି। ଏହି ଅବସରରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ସଭାକକ୍ଷରେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ ଯେ ପୂର୍ବରୁ ଚମ୍ପୁଆ ବିଧାନସଭା ଅଧୀନରେ ୨୫୫ଟି ମତଦାନ କେନ୍ଦ୍ର ଥିବାବେଳେ ଭୋଟରଙ୍କ ସୁବିଧା ଦୃଷ୍ଟିରୁ ଚଳିତ ସଂଶୋଧନ ପ୍ରକ୍ରିୟାରେ ଅତିରିକ୍ତ ୪୮ଟି ନୂତନ ବୁଥ୍ ସ୍ଥାପନ କରାଯାଇଛି। ଏହାଫଳରେ ମତଦାନ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇ ଭୋଟରମାନଙ୍କ ପାଇଁ ମତଦାନ ପ୍ରକ୍ରିୟା ଅଧିକ ସୁଗମ ହେବ। ପୂର୍ବ ଭୋଟର ତାଲିକାରେ ମୋଟ ୨,୩୩,୪୦୬ ଜଣ ଭୋଟରଙ୍କ ନାମ ରହିଥିଲା। ସ୍ୱତନ୍ତ୍ର ସଘନ ଯାଞ୍ଚ ପରେ ମୃତ, ସ୍ଥାନାନ୍ତରିତ, ଦୁଇଥର ନାମ ଥିବା ଏବଂ ଅନ୍ୟାନ୍ୟ ଅଯୋଗ୍ୟତା କାରଣରୁ ୧୦,୨୮୯ ଜଣଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। ଫଳରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ବର୍ତ୍ତମାନ ମୋଟ ୨,୨୩,୧୧୭ ଜଣ ଯୋଗ୍ୟ ଭୋଟରଙ୍କ ନାମ ସ୍ଥାନ ପାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ପ୍ରକାଶିତ ଚିଠା ତାଲିକାରେ ନିଜ ନାମ ଯାଞ୍ଚ କରିବା ସହ କୌଣସି ତ୍ରୁଟି କିମ୍ବା ସଂଶୋଧନର ଆବଶ୍ୟକତା ଥିଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାକୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକାକୁ ଅଧିକ ତ୍ରୁଟିମୁକ୍ତ ଓ ସଠିକ୍ କରାଯାଇପାରିବ ବୋଲି ଅଧିକାରୀମାନେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସୋମରେନ୍ଦ୍ର ଦାସ, ଫଳରାଇ ବେଶ୍ରା, ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ଯୋଡ଼ା ବିଡିଓ ଡାନିସ ବେହେରା, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଚମ୍ପୁଆ ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଯୋଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ବଡ଼ବିଲ ପୌରପାଳିକାର ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବୁଥ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଆନନ୍ଦପୁରରୁ ୭୭୨ ବାଦ୍ ପଡ଼ିଲେ



ଆନନ୍ଦପୁର, ୫।୭ (ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀ ପାଇଁ ଆଜି ଉପଜିଲ୍ଲାପାଳ ନୀଳମାଧବ ସୁନା, ଆସିଷ୍ଟାଣ୍ଟ କଲେକ୍ଟର ବନଜା ପାତ୍ର ପ୍ରମୁଖ ପ୍ରସ୍ତୁତ ହୋଇଥିବା ତ୍ରୁଟିଶୂନ୍ୟ ଚିଠା ତାଲିକା ପ୍ରକାଶ କରିଥିଲେ। ନିର୍ବାଚନମଣ୍ଡଳୀରେ ୨,୨୨,୫୯୧ ଜଣ ଚୂଡ଼ାନ୍ତ ଭୋଟର ମଧ୍ୟରୁ ୧,୧୩,୩୧୨ ପୁରୁଷ ଏବଂ ୧,୯,୨୭୬ ମହିଳା ଭୋଟର ରହିଛନ୍ତି। ଏହାସହ ୩ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଥିବା ବେଳେ ମୋଟ ୭୭୨ ଭୋଟର ଅନୁପସ୍ଥିତି, ମୃତ୍ୟୁ, ସ୍ଥାନାନ୍ତରଣ ଆଦି କାରଣରୁ ବାଦ୍ ପଡ଼ିଥିବା ଏହି ତାଲିକାରୁ ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଶୁଭେନ୍ଦୁ ସାହୁ, ଗୌରାଙ୍ଗ ଜେନା ସହଯୋଗ କରିଥିଲେ।

## କାହା ଇସାରାରେ ସାପ୍ତାହିକ ହାଟ ପଡ଼ିଆ ଜବରଦଖଲ?

ବଡ଼ବିଲ, ୫।୭ (ସମିସ): ବଡ଼ବିଲ ପୌରାଞ୍ଚଳସ୍ଥିତ ସାପ୍ତାହିକ ହାଟ ପଡ଼ିଆରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ହାଟ ପଡ଼ିଆର ବିସ୍ତୃତ ସ୍ଥାନକୁ କିଛି ବାହାର ରାଜ୍ୟର ବ୍ୟବସାୟୀ ଜବରଦଖଲ କରି ସ୍ଥାୟୀ ଦୋକାନ ଗଢ଼ିଥିବାରୁ ପ୍ରକୃତ କ୍ଷୁଦ୍ର ବ୍ୟବସାୟୀ ଓ ଚାଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୌରାଞ୍ଚଳ ନିକଟବର୍ତ୍ତୀ ଗ୍ରାମାଞ୍ଚଳରୁ ଆସୁଥିବା କ୍ଷୁଦ୍ର ଚାଷୀମାନେ ନିଜ ଉତ୍ପାଦିତ ପନିପରିବା ବିକ୍ରି ପାଇଁ ହାଟ ଭିତରେ ସ୍ଥାନ ନପାଇ ରାସ୍ତା କଡ଼ ଏବଂ ନାଳି-ନର୍ଦ୍ଦମା ପାଖରେ ବସିବାକୁ ବାଧ୍ୟ ହେଉଛନ୍ତି। ଏଥିଯୋଗୁଁ ସେମାନେ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଥିବା ବେଳେ କ୍ରେତାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ, ରାସ୍ତା ଉପରେ ବ୍ୟବସାୟ ଚାଲୁଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହେଉଛି। ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି ଯେ କାହାର ପ୍ରଶ୍ରୟରେ ହାଟ ପଡ଼ିଆରେ ଏଭଳି ଜବରଦଖଲ ଚାଲିଛି ଏବଂ ପ୍ରଶାସନ ଏହାକୁ ରୋକିବାରେ କାହିଁକି ବିଫଳ ହେଉଛି? ହାଟ ପଡ଼ିଆରୁ ଜବରଦଖଲ ଉଚ୍ଛେଦ କରି କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଓ ସୁରକ୍ଷିତ ବ୍ୟବସାୟ ସ୍ଥାନ ଯୋଗାଇ ଦେବା ସହ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଚାରୁ ରଖିବା ପାଇଁ ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



## ଲଗାଣ ବର୍ଷା: ଆନନ୍ଦପୁର ବ୍ୟାରେଜ୍‌ର ଖୋଲିଲା ୪ ଗେଟ୍





▶▶ ଉବୁଟୁବୁ ଆନନ୍ଦପୁର ସହରାଞ୍ଚଳ
▶▶ ୪ ପରିବାର ଜଳବନ୍ଦୀ


ଆନନ୍ଦପୁର, ୫।୭ (ସମିସ): ଗତ ତିନିଦିନ ଧରି ଲଗାଣ ବର୍ଷାରେ ସମଗ୍ର ଆନନ୍ଦପୁର ଉପଖଣ୍ଡ ପ୍ରଭାବିତ ହୋଇଥିବା ବେଳେ ଆନନ୍ଦପୁର ପୌରାଞ୍ଚଳର ଶାଳପଡା ରାଜନଗର ଘସିପୁରା ଓ ଶୈଲଙ୍ଗ ଅଞ୍ଚଳରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ସତସଙ୍ଗ ବିହାର ଅଞ୍ଚଳରେ ଅନେକ ବାସିନ୍ଦାଙ୍କ ଘରେ ପାଣି ପଶିଥିବାରୁ ଦୁର୍ଦ୍ଦଶା ବଢିଯାଇଛି। ପୌର ପରିମଳ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ୩ ଦିନରେ ଆନନ୍ଦପୁରରେ ସର୍ବାଧିକ ୧୫୩. ୮ମିମି ବର୍ଷା ହୋଇଥିବା ବେଳେ ଚମ୍ପୁଆରେ ୨୮. ୬ ମି ମି ବର୍ଷା ହୋଇଥିବାରୁ ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁରରେ ୩୪.୨୮୦ମିଟରରେ ବନ୍ୟା ଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ସୂଚନା ମିଳିଛି। ରବିବାର ସକାଳ ୮ଟା ସମୟରେ ଆନନ୍ଦପୁର ବ୍ୟାରେଜ୍‌ର ଜଳ ପତନ ବୃଦ୍ଧି ହୋଇଥିବାରୁ ୪ଟିଗେଟ୍ ଖୋଲି ଦିଆଯାଇଥିବା ଜଣାପଡ଼ିଛି।

ବିଭିନ୍ନ ନଦୀ ନାଳରେ ବର୍ଷାଜଳ ପ୍ରବାହିତ ହେବାରୁ ଆନନ୍ଦପୁର ପୌରାଞ୍ଚଳ ୧୪ ନଂ ୱାର୍ଡ ନାଳସାହିଠାରେ ଜଳବନ୍ଦୀରେ ଫସିଥିଲେ ୪ ପରିବାରର ୮ ଜଣ ସଦସ୍ୟ। ଦିନତମାମ ଲଗାଣ ବର୍ଷା ଲାଗି ରହିଥିବାବେଳେ ଆଜି ମଧ୍ୟାହ୍ନରେ ହଠାତ୍ ୧୪ନଂ ୱାର୍ଡ ନାଳସାହି ରାସ୍ତା ଉପରେ ପାଣି ସୁଅ ଛୁଟିଥିଲା। ଘଷିପୁରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଜଣଙ୍କୁ ଉଦ୍ଧାର କରିଥିବାବେଳେ ଅନ୍ୟମାନେ ଘରଛାଡି ଯିବିକୁ ଅମଙ୍ଗ ହୋଇଥିଲେ। କିଛି ସମୟପରେ ଘରପଛ ପଟେ ପାଣିରେ ଅନ୍ୟ ସଦସ୍ୟମାନେ ସୁରକ୍ଷିତ ବାହାରି ଆସିଛନ୍ତି। ସାହିକୁ ସଠିକ୍ ରାସ୍ତା ନଥିବାବେଳେ ଏକ ନାଳ ରାସ୍ତାଦେଇ ଏମାନେ ନିୟମିତ ଯାୟତ କରୁଥିବାରୁ ପ୍ରତିବର୍ଷ ବର୍ଷା ଦିନରେ ସମସ୍ୟା ଭୋଗୁଥିବା କହିଛନ୍ତି।

## ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

କେନ୍ଦୁଝର,୫।୭(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର 'ସ୍ୱନକ୍ଷତ୍ର ଦିବସ' ୪ ଜୁଲାଇ ଉପଲକ୍ଷେ କେନ୍ଦୁଝରସ୍ଥିତ ନରସିଂହ ସ୍ୱାଇଁ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, କେନ୍ଦୁଝରଙ୍କ ପକ୍ଷରୁ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଏହାର ଆୟୋଜନ କରିଥିଲା। ପ୍ରତିଯୋଗିତା ପୂର୍ବରୁ ଏକ ସାଧାରଣ ସଭାରେ ଉପସ୍ଥିତ ଅତିଥି ଓ ବିଚାରକମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ପ୍ରସାରରେ ଏଭଳି ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଏହାପରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଏବଂ ସାଧାରଣ ଜ୍ଞାନ ବିଭାଗରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୮୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। କନିଷ୍ଠ ବର୍ଗର ପ୍ରବନ୍ଧ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଟିକିରାର ସପ୍ତମ ଶ୍ରେଣୀର ଛାତ୍ରୀ କ୍ଷୀରାବ୍ଧି ତନୟା ଜେନା, ବକ୍ତୃତା ବିଭାଗରେ ସେହି ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଦୀପ୍ସିଖା ରାଉତ, କବିତା ଆବୃତ୍ତି ବିଭାଗରେ ସେଣ୍ଟ ଜାଭିୟର୍ସ ଉଚ୍ଚବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ଏବଂ ସାଧାରଣଜ୍ଞାନ ବିଭାଗରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରର ସପ୍ତମ ଶ୍ରେଣୀର ଛାତ୍ରୀ ସାଇ ଅର୍ପିତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗର ପ୍ରବନ୍ଧ ବିଭାଗରେ ନରସିଂହ ସ୍ୱାଇଁ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ହିତେଶ କୁମାର ଘଣା, ବକ୍ତୃତା ବିଭାଗରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରର ନବମ ଶ୍ରେଣୀର ଛାତ୍ରୀ ତନୁଶ୍ରୀ



ପଣ୍ଡା, କବିତା ଆବୃତ୍ତି ବିଭାଗରେ ପ୍ରତୀକ୍ଷା ପରିଣିତା ସାହୁ ଏବଂ ସାଧାରଣ ଜ୍ଞାନ ବିଭାଗରେ ପ୍ରିୟଙ୍କା ନାଏକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟ ବର୍ଗର ପ୍ରତ୍ୟେକ ବିଭାଗର ପ୍ରଥମ ସ୍ଥାନ ଅଧିକାରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ।

କନିଷ୍ଠ ବର୍ଗର ରାଜ୍ୟସ୍ତରୀୟ ପ୍ରତିଯୋଗିତା ୧୨ ଜୁଲାଇ ୨୦୨୬ ଏବଂ ବରିଷ୍ଠ ବର୍ଗର ପ୍ରତିଯୋଗିତା ୧୯ ଜୁଲାଇ ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାରୀ ପ୍ରତିଯୋଗୀମାନଙ୍କୁ ୨୫ ଜୁଲାଇ ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ସମ୍ବର୍ଦ୍ଧିତ କରାଯିବ। ପ୍ରତିଯୋଗିତାରେ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ମଧୁସୂଦନ ମିଶ୍ର, ଶାନ୍ତନୁ ମହାପାତ୍ର, ରଙ୍ଗାଧର ବେହେରା, ଦ୍ୱିତୀକୃଷ୍ଣ ବେହେରା, ଶିଶିର କୁମାର ରାୟ, ଧ୍ରୁବ ରାଉତ, କମଳ ଲୋଚନ ପ୍ରଧାନ ଏବଂ ବିବେକାନନ୍ଦ ରାଉତ ବିଚାରକ ଭାବେ ଯୋଗଦେଇ ନିରପେକ୍ଷ ଭାବେ ମୂଲ୍ୟାୟନ କରିବା ସହ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ନରସିଂହ ସ୍ୱାଇଁ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବେଲା ରାଉତ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ ତତ୍ତ୍ୱାବଧାନ କରିଥିଲେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଆ ଅସ୍ମିତା ପ୍ରତି ଆଗ୍ରହ ଏବଂ ସଚେତନତା ବୃଦ୍ଧି ପାଇଥିବା ମତ ପ୍ରକାଶ ପାଇଥିଲା।

## ଲୋକପ୍ରିୟ ହିନ୍ଦୀ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



କେନ୍ଦୁଝର,୫।୭(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ମଣ୍ଡଳପାଟ ନୋଡାଲ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରବିନ୍ଦ୍ରନାଥ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ପ୍ରଧାନଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଗୋଲକଚନ୍ଦ୍ର ମହାନ୍ତ ବିଦାୟୀ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ମିଶ୍ର, ରମାକାନ୍ତ ପ୍ରଧାନ, ସଂଯୁକ୍ତା ମହାନ୍ତ, ସୁଫଳ ବେହେରା, କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ଘୋଷ, ନୂଆଗାଁ ସିଆର୍‌ସିସି ନେତ୍ରାନନ୍ଦ ଦେହୁରୀ, ବରିଷ୍ଠ ଶିକ୍ଷୟିତ୍ରୀ ସବିତା ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜିବ କୁମାର ସାହୁ ବିଦାୟୀ ଶିକ୍ଷକଙ୍କ ଅବସରପ୍ରାପ୍ତ ଜୀବନ ମଙ୍ଗଳ କାମନା କରିଥିଲେ। ଶିକ୍ଷକ ପରମାନନ୍ଦ ଭଞ୍ଜ ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଦେବବ୍ରତ ସାମଲ ଧନ୍ୟବାଦ ଅର୍ପଣ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ସମେତ ଗ୍ରାମବାସୀ ସାମିଲ ହୋଇ ଶ୍ରୀ ସାହୁଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶୋଭାଯାତ୍ରାରେ ବୀରକିଶୋପୁର ଗାଁ ପରିକ୍ରମା କରାଯାଇଥିଲା।

## ମାଟୋଆ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ



ଯୋଡ଼ା, ୫।୭(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ଅବସ୍ଥିତ ମାଇନିଙ୍ଗ ଏରିଆ ଟ୍ରକ ମାଲିକ ସଂଘ (ମାଟୋଆ)ର ବହୁ ପ୍ରତୀକ୍ଷିତ ନିର୍ବାଚନ ଆସନ୍ତା ୧୪ ଜୁଲାଇରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ବିଭିନ୍ନ ପଦପଦବୀ ପାଇଁ ନୋମିନେସନ ଦାଖଲ ପର୍ବ ଆରମ୍ଭ ହୋଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଚତୁର୍ଭୁଜ ପଲେଇ ସଭାପତି, ସତ୍ୟପ୍ରିୟ ବାରିକ ସମ୍ପାଦକ, ଅଜୟ କୁମାର ସିନ୍‌ହା ଉପସଭାପତି, ସାଗର କୁମାର ମଙ୍ଗରାଜ ଯୁଗ୍ମ ସମ୍ପାଦକ, ସୁରେଶଚନ୍ଦ୍ର ଗିରି କୋଷାଧ୍ୟକ୍ଷ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ସମସ୍ତ ପ୍ରାର୍ଥୀ ଯୋଡ଼ା ଆଜାଦବସ୍ତିସ୍ଥିତ ମା' ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ନିଜ ନିଜ ସମର୍ଥକ ଟ୍ରକ ମାଲିକମାନଙ୍କ ଗହଣରେ ଶୋଭାଯାତ୍ରାରେ ମାଟୋଆ କାର୍ଯ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଦାଖଲକୁ ନେଇ ମାଟୋଆ କାର୍ଯ୍ୟାଳୟ ପରିସରରେ ଉତ୍ସବମୁଖର ପରିବେଶ ସହ ବେଶ୍ ଚଳଚଞ୍ଚଳ ଦେଖାଯାଇଥିଲା। ବହୁ ସଂଖ୍ୟାରେ ଟ୍ରକ ମାଲିକ ଓ ସମର୍ଥକଙ୍କ ଉପସ୍ଥିତି ନିର୍ବାଚନକୁ ଅଧିକ ସରଗରମ କରିଥିଲା। ଆଗାମୀ ଦିନରେ ପ୍ରଚାର କାର୍ଯ୍ୟକ୍ରମ ଜୋରଦାର ହେବା ସହ ୧୪ ଜୁଲାଇରେ ହେବାକୁ ଥିବା ଭୋଟଗ୍ରହଣକୁ ନେଇ ଟ୍ରକ ମାଲିକମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଉଛି। ଆସନ୍ତା ଜୁଲାଇ ୧୪ ତାରିଖରେ ମାଇନିଙ୍ଗ ଏରିଆ ଟ୍ରକ ଓନର୍ସ ଆସୋସିଏସନ (ମାଟୋଆ)ର ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ତାରିଖରୁ ୬ ତାରିଖ ପ୍ରାର୍ଥିପତ୍ର ଦାଖଲ, ୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ, ୮ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୪ ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ମାଟୋଆ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଂଘରେ ପ୍ରାୟ ୧୯୦୦ ହାଇୱା ସହ ୧୨୦୦ ଟ୍ରକ ପଞ୍ଜୀକରଣ ଥିବାବେଳେ ମୋଟ ୧୦୨୮ ସଦସ୍ୟ ରହିଛନ୍ତି।

## ତମ୍ପୋ ବାଲି ଘାଟରୁ ବାଲି ଚାଲାଣ
## ଶାସକ ଦଳର ଆତ୍ମଘୋଷିତ କର୍ମୀ ଦେଉଛନ୍ତି ସୁରକ୍ଷା

ଆନନ୍ଦପୁର, ୫।୭(ସମିସ)



ଆନନ୍ଦପୁର ଉପଖଣ୍ଡର ତମ୍ପୋ ବାଲି ଘାଟରେ ପୁଣି ସକ୍ରିୟ ବାଲି ମାଫିଆ। ପ୍ରଶାସନର ଗତିବିଧି ଲକ୍ଷ୍ୟ ରଖି ରାତିସାରା ଚାଲିଛି ବାଲି ଉତ୍ତୋଳନ। କିଛି ଶାସକ ଦଳର ଆତ୍ମଘୋଷିତ କର୍ମୀ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଖବର ପ୍ରସାରଣ ପରେ ଯାଞ୍ଚ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କ'ଣ ହେଲା, ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏପଟେ ଓଭର ଲୋଡ୍ ବାଲି ଗାଡ଼ି ଚଳାଚଳ ପାଇଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଥିବାରୁ ଛାତ୍ରଛାତ୍ରୀ ଓ ଜରୁରିକାଳୀନ ସେବାରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏଥିପ୍ରତି ଖଣି ବିଭାଗର ନିଘା ନାହିଁ। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତର ବୈତରଣୀ ନଦୀସ୍ଥିତ ତମ୍ପୋ ବାଲି ଘାଟରେ ପୁଣି ଥରେ ବେଆଇନ ବାଲି ଉତ୍ତୋଳନ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅନୁମତି ସୀମା ବାହାରେ ଏବଂ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବାଲି ଉତ୍ତୋଳନ କରାଯାଉଛି। ରାତିର ଅନ୍ଧାରରେ ହାଇୱା ଯୋଗେ ବାଲି ପରିବହନ କରାଯାଉଥିବାରୁ ସରକାରୀ ରାଜସ୍ୱର ବ୍ୟାପକ କ୍ଷତି ହେଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ବର୍ତ୍ତମାନ ପୁଣି ସେହି ପୁରୁଣା ଢଙ୍ଗରେ ବେଆଇନ ବାଲି ଉତ୍ତୋଳନ ଚାଲିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଚର୍ଚ୍ଚା ବଢ଼ିଥିବା ବେଳେ କିଛି ଶାସକ ଦଳର ଆତ୍ମଘୋଷିତ କର୍ମୀ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ମଧ୍ୟ ଉଠିଛି। ଏବେ ପ୍ରଶ୍ନ ଉଠୁଛି, ପୂର୍ବ ଯାଞ୍ଚ ପରେ କାହା ବିରୋଧରେ କେଉଁ କାର୍ଯ୍ୟାନୁଷ୍ଠାନ ନିଆଗଲା? ପୁଣି କିପରି ବେଆଇନ ବାଲି ଉତ୍ତୋଳନ ଆରମ୍ଭ ହେଲା? ଏହା ପଛରେ କାହାର ଆଶୀର୍ବାଦ ରହିଛି? ବେଆଇନ ବାଲି କାରବାର ଉପରେ ଜିଲ୍ଲା ପ୍ରଶାସନ କେବେ କଠୋର ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା।

## ବଜ୍ରାଘାତରେ ମହିଳା ଗୁରୁତର

ଆନନ୍ଦପୁର, ୫।୭ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡ଼ା ଗ୍ରାମରେ ବଜ୍ରପାତ ହେବାରୁ କୋଇଲି ସାହୁ ନାମକ ମହିଳା ଆହତ ହୋଇଛନ୍ତି। ଏଥିରେ ଜଣେ ୩ ବର୍ଷର ଶିଶୁ ଅଳ୍ପକେ ବର୍ତ୍ତିଯାଇଛି। ଗୁରୁତର ମହିଳା ଜଣକ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଟୋଲଙ୍କପଡା ଗାଁରେ ଆଜି ମଧ୍ୟାହ୍ନ ସମୟରେ ଘଟିଛି ଏହି ଘଟଣା। ଗାଁର ଜ୍ଞାନରଞ୍ଜନ ସାହୁଙ୍କ ପତ୍ନୀ କୋଇଲି ପୁଅକୁ ଧରି ଦାଣ୍ଡପିଣ୍ଡାରେ ଖେଳାଉଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ମହିଳା ଆହତ ହୋଇପଡ଼ିଥିଲେ। କୋଇଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଥିବା ମେଡିକାଲ ସୂତ୍ରରୁ ଜଣାପଡିଛି।

## ଜମିପଟ୍ଟାରୁ ଅଂଶୀଦାରଙ୍କ ନାଁ କାଟିଦେଲା ତହସିଲ

ହାଟଡ଼ିହୀ, ୫।୭ (ସମିସ): ପୈତୃକ ସମ୍ପତ୍ତିରୁ ଭାଗ ନଦେବା ପାଇଁ ହୋଇଛି ଷଡ଼ଯନ୍ତ୍ର। ଅଂଶୀଦାରଙ୍କ ମୃତ୍ୟୁ ପରେ ପଟ୍ଟାରୁ ଉତ୍ତରାଧିକାରୀଙ୍କ ନାମକୁ ବାଦ୍ ଦିଆଯାଇଥିବା ଅଭିଯୋଗ ପରେ ତହସିଲ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲରେ ଏଭଳି ଜାଲିଆତି ଓ ଚଞ୍ଚକତା ହୋଇଥିବା ଜଣାପଡ଼ିଛି। ମୃତକଙ୍କ ଉତ୍ତରାଧିକାରୀମାନେ ଜମି ଜାଲିଆତି ସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀଙ୍କୁ ଚିଠି ଲେଖି ତହସିଲର ଅସାଧୁ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦାବି କରିଛନ୍ତି। ଉକ୍ତ ତହସିଲ ଅଧୀନ ଭାତକରୁଆ ଗ୍ରାମର ସ୍ୱର୍ଗତ ଅପର୍ତ୍ତି ଜେନା, ସ୍ୱର୍ଗତ ହୃଷି ଜେନା, ସ୍ୱର୍ଗତ ଏକାଦଶୀ ଜେନାଙ୍କ ନାମରେ ବଞ୍ଝୋ ମୌଜାରେ ଖାତା ନଂ-୪୬, ପ୍ଲଟ ନଂ-୪୦୨୦ ରେ ୩୪ ଡିସିମିଲ ଜମି ଥିଲା। ସେମାନଙ୍କ ମୃତ୍ୟୁ ପରେ ଉକ୍ତ ଜମି ଆଇନ ଅନୁଯାୟୀ ଉତ୍ତରାଧିକାରୀଙ୍କ ନାମକୁ ପରିବର୍ତ୍ତନ ହେବା କଥା; କିନ୍ତୁ, ଜମିର ସମସ୍ତ ଅଂଶୀଦାରଙ୍କ ଉତ୍ତରାଧିକାରୀଙ୍କ ନାଁ ବଦଳରେ ସଂଶୋଧିତ ପଟ୍ଟାରେ କେବଳ ସ୍ୱର୍ଗତ ହୃଷି ଜେନାଙ୍କ ବଡ଼ ପୁଅ ଲକ୍ଷ୍ମୀଧରଙ୍କ ନାଁ ଉଲ୍ଲେଖ ଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅନ୍ୟ ଅଂଶୀଦାର ତଥା ସ୍ୱର୍ଗତ ଏକାଦଶୀ ଜେନାଙ୍କ ପୁଅ କାମପାଳ ଜେନା ଏହି ଘଟଣାରେ ହାଟଡିହୀ ତହସିଲର ତତ୍କାଳୀନ ତହସିଲଦାର ମନୋଜ କୁମାର କେରକେଟା, କିରାଣୀ ବସନ୍ତ କୁମାର ରାଉତ, ରେକର୍ଡ କିପର ମାନସ ପାଢ଼ୀ, ବଞ୍ଝୋ ରାଜସ୍ୱ ନିରୀକ୍ଷକ ଦିପ୍ତିମୟୀ ସାହୁଙ୍କ ସମ୍ପୃକ୍ତି ଥିବା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଲକ୍ଷ୍ମୀଧର ଜେନାଙ୍କ ସହ ଷଡଯନ୍ତ୍ର କରି କାମପାଳ ଓ ତାଙ୍କ ୫ ଜଣ ଭଉଣୀଙ୍କ ବିନା ଅନୁମତିରେ ଦାଖଲ ଖାରଜ କେସ ନଂ-୧୨୮/୨୦୨୬ ବଳରେ ଏଭଳି ବେଆଇନ କାର୍ଯ୍ୟ କରିଛନ୍ତି। ଏହି ବେଆଇନ ତଥା ଷଡଯନ୍ତ୍ରରେ ହାଟଡିହି ତହସିଲର କର୍ମଚାରୀଙ୍କୁ ଦାୟୀ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଜେନା ଗତ ମଙ୍ଗଳବାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉତ୍ତରାଧିକାରୀ**





# ଲଗାଣ ବର୍ଷାରେ କଟକ ଉବୁଟୁବୁ

*ଘଣ୍ଟାଏ କି ଦୁଇ ଘଣ୍ଟା ନୁହେଁ; ଲଗାଣ ବର୍ଷାରେ କଟକ ସହରବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଗଳିକନ୍ଦିରୁ ବର୍ଷାଜଳ ନିଷ୍କାସନ ହୋଇ ନପାରି ଘର ଭିତରକୁ ପାଣି ପଶିଯାଇଛି। ବହୁ ତଳିଆ ଅଞ୍ଚଳର ବାସିନ୍ଦା ଜଳମଗ୍ନ ପରିସ୍ଥିତିରେ ହନ୍ତସନ୍ତ ହେଉଛନ୍ତି। ସହରର ପ୍ରମୁଖ ରାସ୍ତାଗୁଡ଼ିକ ଜଳାର୍ଣ୍ଣବ ହୋଇ ରହିଛି। ଗାଡ଼ିମୋଟର ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ଦେଖାଯାଇଛି। କେଉଁଠି ସଂକୀର୍ଣ୍ଣ ରାସ୍ତାରେ ଗାଡ଼ି ଜାମ୍ ହୋଇ ରହୁଛି ତ ମୁଖ୍ୟରାସ୍ତାଗୁଡ଼ିକରେ ଡ୍ରେନ୍ ପାଣି ଉଛୁଳିବାରୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ସହରର ତଳିଆ ଅଞ୍ଚଳର ବାସିନ୍ଦା ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି।*

## ପ୍ରବଳ ବର୍ଷା ଆଶଙ୍କା ▶ ଆଜି ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

**କଟକ,୫।୭ (ସମିସ):** ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ କଟକ ଜିଲ୍ଲା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷାର ଅରେଞ୍ଜ ୱାର୍ଣ୍ଣ ଜାରି ହେବା ପରେ ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ସମ୍ଭାବ୍ୟ ବନ୍ୟା, ଜଳବନ୍ଦୀ ଏବଂ ନଦୀ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା–୩୪ ଅନୁଯାୟୀ ଏକାଧିକ କଟକଣା ଜିଲ୍ଲାପାଳ ନିର୍ଦ୍ଦେଶନାମାରେ ଜାରି କରିଛନ୍ତି। ଏହି ଆଦେଶ ଅନୁସାରେ ଆସନ୍ତାକାଲି ଅର୍ଥାତ୍ ୬ ଜୁଲାଇରେ ଜିଲ୍ଲାର ସମସ୍ତ ସରକାରୀ, ସହାୟତାପ୍ରାପ୍ତ ଓ ବେସରକାରୀ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ। ଛାତ୍ରଛାତ୍ରୀ ଓ ଶିଶୁମାନଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ପକ୍ଷରୁ ମହାନଦୀ ଏବଂ ଏହାର ସମସ୍ତ ଶାଖା ନଦୀରେ ପହଁରିବା, ଗାଧୋଇବା ସହିତ ସମସ୍ତ ପ୍ରକାର ମନୋରଞ୍ଜନ ଓ ବାଣିଜ୍ୟିକ କାର୍ଯ୍ୟକଳାପକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଡ଼ାକଡ଼ି ଭାବେ ନିଷିଦ୍ଧ କରାଯାଇଛି। କଟକ ମହାନଗର ନିଗମ ଓ ବିଭିନ୍ନ ବ୍ଲକ ପ୍ରଶାସନକୁ ନଦୀ ଘାଟ ନିକଟରେ ଜନସଚେତନତା କାର୍ଯ୍ୟକ୍ରମ କରିବା ସହ ନିୟମିତ ତଦାରଖ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତ କରିବାକୁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି, ସମ୍ପୃକ୍ତ ଥାନାଧିକାରୀ ଏବଂ ପୁଲିସ ପାଟ୍ରୋଲିଂ ଦଳକୁ ନଦୀ ଘାଟଗୁଡ଼ିକରେ ସାଧାରଣ ଲୋକଙ୍କ ପ୍ରବେଶ ରୋକିବା ଏବଂ ନିଷେଧାଜ୍ଞାକୁ କଡ଼ାକଡ଼ି ପାଳନ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

### ମହାନଦୀରେ ପହଁରିବା ଓ ଗାଧୋଇବା ନିଷିଦ୍ଧ

ପ୍ରବଳ ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ପ୍ରମୁଖ ନିର୍ମାଣ କାର୍ଯ୍ୟକୁ ମଧ୍ୟ ୬ ଜୁଲାଇ ପାଇଁ ସ୍ଥଗିତ ରଖାଯାଇଛି। ତେବେ ବନ୍ୟା ପରିଚାଳନା, ଜରୁରିକାଳୀନ ରିଲିଫ୍ ଏବଂ ବିପର୍ଯ୍ୟୟ ପ୍ରଶମନ ସହ ସିଧାସଳଖ ଜଡ଼ିତ କାର୍ଯ୍ୟ ଉପରେ ଏହି କଟକଣା ଲାଗୁ ହେବ ନାହିଁ। ଅନ୍ୟପକ୍ଷରେ, ଜିଲ୍ଲାର ସମସ୍ତ ବାଲି ସୈରାତ କାର୍ଯ୍ୟକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ ଏହି ଆଦେଶର ଉଲ୍ଲଂଘନ କରୁଥିବା ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ବିଭିନ୍ନ ଧାରା ଅନୁଯାୟୀ କଠୋର ଆଇନଗତ ପଦକ୍ଷେପ ନିଆଯିବ। ଜନସାଧାରଣଙ୍କୁ ଅନାବଶ୍ୟକ ଭାବେ ଘରୁ ବାହାରକୁ ନ ଯିବା, ନଦୀ ଓ ଜଳାଶୟ ନିକଟକୁ ନ ଯିବା ଏବଂ ପ୍ରଶାସନ ପକ୍ଷରୁ ଜାରି ସମସ୍ତ ସତର୍କବାଣୀକୁ ପାଳନ କରିବାକୁ ଅନୁରୋଧ କରାଯାଇଛି।



କଟକ ସୟଦ ସେମିନାରୀ ସ୍କୁଲ୍ ପରିସର ଜଳମଗ୍ନ



କଟକ ସହରର ପ୍ରବେଶପଥ ଲିଙ୍କ୍‌ରୋଡ୍-ବାଦାମବାଡ଼ି ମୁଖ୍ୟରାସ୍ତା ଜଳମଗ୍ନ

## ଘର ଭିତରେ ବର୍ଷା ଜଳ; ତଳିଆ ଅଞ୍ଚଳରେ ସ୍ଥିତି ସଂଗୀନ





## ସ୍ଥିତି ପରଖିଲେ କେଏମ୍‌ସି କର୍ତ୍ତୃପକ୍ଷ

**କଟକ,୫।୭ (ସମିସ)**



ଲଗାଣ ବର୍ଷା ଫଳରେ କଟକ ସହରର ତଳିଆ ଅଞ୍ଚଳ ସ୍ଥିତି ସଂଗୀନ ହୋଇଛି। ଘର ଭିତରେ ଆଣ୍ଠୁଏ ଲେଖାଁଏ ବର୍ଷା ଜଳ ଜମା ହୋଇରହିଛି। ପଟ୍ଟାପୋଲ, ପିଠାପୁର, ଛତ୍ରବଜାର, କୃଷକ ବଜାର ଓ ଜଗତପୁର ବୁଲି ଆଜି ସିଏମସି କମିସନର ଓ ବରିଷ୍ଠ ଅଧିକାରମାନେ ସ୍ଥିତି ଅନୁଧ୍ୟାନ କରିଥିଲେ। ୪ଟି ସ୍ଥାନରେ ପ୍ରଭାବିତ ଲୋକଙ୍କୁ ରିଲିଫ୍ ବଣ୍ଟାଯାଇଛି। ସିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌ରେ ଅଭିଯୋଗ ଗ୍ରହଣ କରାଯାଉଛି। ଲଘୁଚାପଜନିତ ଲଗାଣ ବର୍ଷାରେ କଟକ ସହରର ବିଭିନ୍ନ ସ୍ଥାନରେ ଏବଂ କିଛି ତଳିଆ ଅଞ୍ଚଳରେ ପାଣି ଜମିରହିଥିବା ଦେଖିବାକୁ ମିଳିଥିଲା। ଏହାର ତ୍ୱରିତ ମୁକାବିଲା ପାଇଁ ଗତକାଲି ରାତିଠାରୁ ଆଜି ପର୍ଯ୍ୟନ୍ତ କଟକ ମହାନଗର ନିଗମର କଣ୍ଟ୍ରୋଲ ରୁମ୍‌କୁ ବହୁ ସଂଖ୍ୟକ ଅଭିଯୋଗ ଆସୁଛି। ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଉଛି ଏବଂ ତୁରନ୍ତ ପଦକ୍ଷେପ ନିଆଯାଉଛି।

ଗତକାଲି ରାତିରେ ସିଏମ୍‌ସିର କର୍ମଚାରୀମାନେ ସମ୍ଭାବ୍ୟ ଜଳବନ୍ଦୀ ଅଞ୍ଚଳରେ ମୁତୟନ ରହିଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ବିଭିନ୍ନ ୱାର୍ଡରେ ପମ୍ପସେଟ୍ ମାଧ୍ୟମରେ ଜମି ରହିଥିବା ପାଣି ନିଷ୍କାସନ କାର୍ଯ୍ୟ ଜୋରଦାର କରାଯାଉଛି। ବିଶେଷକରି ତଳିଆ ଅଞ୍ଚଳରୁ ଶୀଘ୍ର ପାଣି ବାହାର କରିବାକୁ ଉଦ୍ୟମ ଚାଲିଛି। ଆବଶ୍ୟକ ସ୍ଥାନରେ ସେସପୁଲ୍ ଗାଡ଼ିର ମଧ୍ୟ ସହାୟତା ନିଆଯାଉଛି। କଣ୍ଟ୍ରୋଲ ରୁମକୁ ଯେଉଁ ସ୍ଥାନରୁ ଜଳବନ୍ଦୀ ସମ୍ପର୍କିତ ସୂଚନା ମିଳୁଛି, ସେଠାରେ ତୁରନ୍ତ କଟକ ମହାନଗର ନିଗମର ଅଧିକାରୀ, ସଂପୃକ୍ତ ଜୁନିୟର ଇଞ୍ଜିନିୟର ଏବଂ ରାପିଡ୍ ରେସ୍ପନ୍ସ ଟିମ୍ ପହଞ୍ଚି ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରୁଛନ୍ତି। ଜଳବନ୍ଦୀ ପ୍ରଭାବିତ ଲୋକମାନଙ୍କ ନିକଟରେ ରିଲିଫ୍ ପହଞ୍ଚାଇବା କାର୍ଯ୍ୟ ମଧ୍ୟ କଟକ ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଛି। ୨୭ ନମ୍ବର ୱାର୍ଡର ନୂଆସାହି ଅଞ୍ଚଳ, ସତିଗୁମ୍ଫା ଅଞ୍ଚଳ, କୃଷକ ବଜାର ଅଞ୍ଚଳ ଏବଂ ୫୪ ନମ୍ବର ୱାର୍ଡକୁ ରିଲିଫ୍ ସାମଗ୍ରୀ ପଠାଯାଇଛି। ଆବଶ୍ୟକ ସ୍ଥଳେ ଅନ୍ୟ ପ୍ରଭାବିତ ଅଞ୍ଚଳକୁ ରିଲିଫ୍ ପଠାଇବା ପାଇଁ ବ୍ୟବସ୍ଥା କରାଯିବ ଓ ଅଧୀକ୍ଷଣ ଯନ୍ତ୍ରୀ ଅତନୁ ସାମନ୍ତ, ସିଟି ଇଞ୍ଜିନିୟର, ଏକଜିକ୍ୟୁଟିଭ୍ ଇଞ୍ଜିନିୟର, ଜୁନିୟର ଇଞ୍ଜିନିୟରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଜଗତପୁର ସମେତ ସହରର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ଅନ୍ୟପଟେ କଟକ ମହାନଗର ନିଗମ କମିଶନର କିରନ୍‌ଦୀପ୍ କୌର ସହୋତା ପଟ୍ଟାପୋଲ, ପିଠାପୁର, ଛତ୍ରବଜାର, କୃଷକ ବଜାର ଓ ଜଗତପୁର ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ଡ୍ରେନେଜ୍ ବ୍ୟବସ୍ଥା, ପାଣି ନିଷ୍କାସନ କାର୍ଯ୍ୟ ଏବଂ ମହାନଗର ନିଗମ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପର ତଦାରଖ କରିଛନ୍ତି। ଡେପୁଟି କମିସନର ସରୋଜ ଆଚାର୍ଯ୍ୟ ଏବଂ ଶ୍ରଦ୍ଧାରଞ୍ଜନା ଗ୍ରହାଚାର୍ଯ୍ୟ ପାଣି ଜମିଥିବା ସ୍ଥାନକୁ ଯାଇ ଲୋକଙ୍କ ସହିତ ସିଧାସଳଖ ଆଲୋଚନା କରି ସେମାନଙ୍କ ଭଲମନ୍ଦ ବୁଝିଛନ୍ତି। କଟକ ମହାନଗର ନିଗମ ଅଧୀନସ୍ଥ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ମହାନଗର ନିଗମ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସେହିପରି ସମସ୍ତ ଅଧିକାରୀଙ୍କୁ ସଜାଗ ରହି ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବାକୁ କମିସନର ନିର୍ଦ୍ଦେଶ ଦେଇଛନ୍ତି। ଜଳବନ୍ଦୀଜନିତ ସମସ୍ୟା ଲାଗି କେଏମସି ପକ୍ଷରୁ ୨୪ ଘଣ୍ଟିଆ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ୍ ଖୋଲାଯାଇଛି।

## ଡମ୍ବରୁଧର ମହାନ୍ତି ମେମୋରିଆଲ ଟ୍ରଷ୍ଟ ପାଳିଲା ‘ବାପାଙ୍କ ପାଇଁ ଦିନଟିଏ’



**କଟକ,୫।୭ (ସମିସ):** ବାପା ହେଉଛନ୍ତି ହୃଦୟର ଅଯୁତ ଆବେଗ। ବାପା’ ଶବ୍ଦର ପରିସୀମା ବ୍ୟାପକ। ଜୀବନରେ ବାପାଙ୍କ ଋଣ କେବେ ବି ପରିଶୋଧ କରି ହେବନାହିଁ। ସେ ଆମର ଜୀବନ୍ତ ଠାକୁର ବୋଲି ଡମ୍ବରୁଧର ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ‘ବାପାଙ୍କ ପାଇଁ ଦିନଟିଏ’ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ସ୍ୱମତ ପ୍ରକାଶ କରିଛନ୍ତି। ଏହି ମହୋତ୍ସବର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ କଟକ ମେୟର ସୁବାସ ସିଂ ଯୋଗ ଦେଇ ‘ବାପା’ ଶବ୍ଦର ବ୍ୟାଖ୍ୟା କରିଥିଲେ। ଏଥିରେ ମୁଖ୍ୟବକ୍ତା ‘ସମ୍ବାଦ’ ଏବଂ ‘କନକ’ର ସମ୍ପାଦିକା ତନୟା ପଟ୍ଟନାୟକ କହିଲେ ଯେ ବୃଦ୍ଧାବସ୍ଥାରେ ବାପା ଓ ମା’ମାନେ ଜରାଶ୍ରମରେ ଆଶ୍ରୟ ନେଉଛନ୍ତି। ତୀର୍ଥ କରାଇବା ନାଁରେ କାଶୀ, ବୃନ୍ଦାବନ, ପୁରୀ ଏବଂ ହରିଦ୍ୱାରଠାରେ ଥିବା ଆଶ୍ରମରେ ଛାଡି ଦେଇ ଆଉ ନିଜ ପାଖକୁ ନେଉନାହାନ୍ତି। ଏଭଳି ନିମ୍ନ ମାନସିକତାକୁ ଏଡେଇବା ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏଣୁ ବାପା ଓ ମା’ଙ୍କ ପାଇଁ ଦିନଟିଏ ନୁହେଁ ବରଂ ପ୍ରତ୍ୟେକ ଦିନର ଆବଶ୍ୟକତା ରହିଛି। ଅନ୍ୟତମ ଅତିଥି ଭାବେ ଶ୍ରୀମନ୍ଦିରର ବରିଷ୍ଠ ସେବକ ଗଙ୍ଗାଧର ପ୍ରତିହାରୀ, ମାହାଙ୍ଗା ବିଧାୟକ ସାରଦା ନାୟକ, ବିଜେପି ନେତା ନୟନ କିଶୋର ମହାନ୍ତି, ଜଗନ୍ନାଥ ଚାରଣ ଗୋଷ୍ଠୀର ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଟ୍ରଷ୍ଟର ସଭାପତି ଡକ୍ଟର ଶୁଭେନ୍ଦୁ ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେଣ୍ଟ୍ ଜାଭିୟର୍ସର ସ୍କୁଲର ଛାତ୍ର ପାର୍ଥ ପ୍ରୀତମ ପତିଙ୍କୁ ‘ଶ୍ରୀ ଶାରଳା ମେଧା ସମ୍ମାନ’, କେଡବ୍ଲୁଏସର +୨ଟପ୍ପର ଶୁଭଶ୍ରୀ ସାହୁ, ଆଠଗଡ ସେଣ୍ଟ ଜାଭିୟର୍ସର ଛାତ୍ର ଏସଏନ ସମ୍ବିତ, ମାଟ୍ରିକ ଟପ୍ପର ରୁଦ୍ରନାରାୟଣ ସାହୁଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯିବା ସହିତ ୧୦ ହଜାର ଟଙ୍କା ଲେଖାଁଏ ଆର୍ଥିକ ରାଶି ପ୍ରଦାନ କରାଯାଇଛି। ସେହିପରି ପ୍ରଭାକର ବାରିକ୍‌ଙ୍କୁ ‘ଶ୍ରୀ ସାରଳା କୃଷକ ସେବା ସମ୍ମାନ’, ବିଜ୍ଞାନ ଆକିଞ୍ଚନ ମହାରାଜଙ୍କୁ ‘ଶାରଳା ଜଗନ୍ନାଥ ସେବା ସମ୍ମାନ’, ସମାଜସେବା ପାଇଁ ସମାଜର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର ଜେନାଙ୍କୁ ‘ସାରଳା ସମାଜ ସେବା ସମ୍ମାନ’, ଏସ୍‌ସିବି ଡିଏଭିର ଅଧ୍ୟକ୍ଷ ଶିକ୍ଷାବିତ୍ ଡକ୍ଟର ନିରଞ୍ଜନ ସ୍ୱାଇଁଙ୍କ ‘ସାରଳା ଶିକ୍ଷାବିତ୍ ସମ୍ମାନ’, ସର୍ଜନ ହରମୋହନ ବାରିକଙ୍କୁ ସାରଳା ଚିକିତ୍ସା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଶିକ୍ଷାବିତ୍ ରବୀନ୍ଦ୍ର ମହାନ୍ତିଙ୍କୁ ‘ଶାରଳା ଶିକ୍ଷା ସମ୍ମାନ’, ଚାର୍ଟାଡ ସମୀର ପରିଜାଙ୍କୁ ସାରଳା ସମ୍ମାନ ପ୍ରଦାନ କରାଯାଇଛି। ଅତିଥିମାନେ ଟ୍ରଷ୍ଟର ସ୍ମରଣିକା ‘ବାପା’ ଉନ୍ମୋଚନ କରିଥିଲେ। ଟ୍ରଷ୍ଟର ସମ୍ପାଦକ ଇଂ ସମ୍ୟକ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ଟ୍ରଷ୍ଟି ରଞ୍ଜିତ୍ ମହାନ୍ତି, ସ୍ନିଗ୍ଧା ମହାନ୍ତି ଓ ଆୟେଶା ଦାସ, ସେଣ୍ଟ୍ ଜାଭିୟର୍ସ ସ୍କୁଲ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉଲ୍ଲାସ ବେହୁରା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

**ଚାଉଳିଆଗଞ୍ଜ ଆଇଆଇସିଙ୍କ ଆତ୍ମହତ୍ୟା ଘଟଣା**

## ଉଚ୍ଚସ୍ତରୀୟ ତଦନ୍ତ ସହିତ ୩୦ ଦିନ ଭିତରେ ରିପୋର୍ଟ ସାର୍ବଜନୀନ ହେଉ

**କଟକ,୫।୭ (ସମିସ):** ଓଡ଼ିଶା ପୁଲିସ ମହାସଂଘ ଇନ୍ସପେକ୍ଟର ବିଯୁଟି ମହାନ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଏହାକୁ ସାଧାରଣ ଅପମୃତ୍ୟୁ ମାମଲା ଭାବେ ହାଲୁକାରେ ନିଆ ନଯାଉ। ସ୍ୱତନ୍ତ୍ର ଟିମ କିମ୍ବା ତଦନ୍ତକାରୀ ସଂସ୍ଥା ମାଧ୍ୟମରେ ଘଟଣାର ନିରପେକ୍ଷ ତଦନ୍ତ କରାଯାଉ। ମୃତ୍ୟୁ ପଛରେ କାର୍ଯ୍ୟଭାର ହେଉ ଅବା ଅନ୍ୟ କିଛି କାରଣ ଯାହାବି ଥାଉ ସାମ୍ନାକୁ ଆସିବା ଜରୁରୀ ବୋଲି ମହାସଂଘ ପକ୍ଷରୁ ରାଜ୍ୟ ସରକାର ଏବଂ ପୁଲିସ ଡିଜିଙ୍କ ନିକଟରେ ଦାବି କରାଯାଇଛି।

ଚାଉଳିଆଗଞ୍ଜ ଥାନାର ତତ୍କାଳୀନ ଥାନା ଅଧିକାରୀ ବିଯୁଟି ମହାନ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ରବିବାର ପୁଲିସ ମହାସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ମହାସଂଘ ପକ୍ଷରୁ ପୁଲିସ କର୍ମଚାରୀଙ୍କ ଅତ୍ୟଧିକ କାର୍ଯ୍ୟଭାରକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ଏନସିଆରବି ରିପୋର୍ଟ ଅନୁସାରେ, ସମଗ୍ର ଦେଶରେ ଓଡ଼ିଶା ପୁଲିସ ସର୍ବାଧିକ ୧୮ ଘଣ୍ଟା କାମ କରୁଛି। ଓଡିଶା ପୁଲିସର ଅଧିକାରୀ ଓ କର୍ମଚାରୀମାନେ ନିଜ ପରିବାରଠାରୁ ଦୂରରେ ରହି ବିନା ଛୁଟିରେ ଦିନ ରାତି କାମ କରୁଛନ୍ତି। ଆଇନ ଶୃଙ୍ଖଳା, ପର୍ବପର୍ବାଣୀ, ଭିଆଇପି ଡ୍ୟୁଟି, ଅପରାଧ ନିୟନ୍ତ୍ରଣ ଓ ଜନସେବାର ଅବିରତ ଦାୟିତ୍ୱ ମଧ୍ୟରେ ଅନେକ ସମୟରେ ଶାରୀରିକ ଓ ମାନସିକ ଚାପ ଅତ୍ୟଧିକ ବଢ଼ିଯାଉଛି। ପୁଲିସ ବିଭାଗରେ ସାପ୍ତାହିକ ଛୁଟି ନଥିବା ବେଳେ ବାର୍ଷିକ ୨୦ ଦିନ ସିଏଲ ଏବଂ ୪୫ ଦିନ ଇଏଲ ବା ଛୁଟିର ବ୍ୟବସ୍ଥା ରହିଛି। ମାତ୍ର ବିଗତ ଦୁଇ ବର୍ଷରେ ରାଜ୍ୟର କୌଣସି ଥାନା ଅଧିକାରୀ ନିଜର ୪୫ ଦିନର ଇଏଲର ସୁବିଧା ନେଇପାରିନାହାନ୍ତି। ଏହାର ମୁଖ୍ୟ କାରଣ ହେଉଛି ଅତ୍ୟଧିକ କାର୍ଯ୍ୟଭାର ବୋଲି ମହାସଂଘ ଅଭିଯୋଗ କରିଛି। କୌଣସି ପୁଲିସ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଜରୁରୀ ସମୟରେ ଛୁଟି ମିଳୁନାହିଁ। ତେଣୁ ଇନ୍ସପେକ୍ଟର ବିଯୁଟି ମହାନ୍ତିଙ୍କ ମୃତ୍ୟୁ ଘଟଣାର ପ୍ରକୃତ କାରଣ ଏବଂ କେଉଁ ପରିସ୍ଥିତିରେ ଏଭଳି ଘଟିଲା ତାହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରାଯାଇଛି। ୩୦ ଦିନ ମଧ୍ୟରେ ତଦନ୍ତ ଶେଷକରି ରିପୋର୍ଟ ସାର୍ବଜନୀନ ଭାବେ ପ୍ରକାଶ କରାଯାଉ। ତଦନ୍ତରେ ଯଦି କୌଣସି ବ୍ୟକ୍ତି, ପ୍ରଶାସନିକ ଅବହେଳା, ଅଯଥା କାର୍ଯ୍ୟଚାପ, ମାନସିକ ନିର୍ଯାତନା ବିଷୟ ସାମ୍ନାକୁ ଆସିଲେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ତତ୍‌ସହିତ କମିସନରେଟ ପୁଲିସ ସହ ସମଗ୍ର ରାଜ୍ୟରେ ଡ୍ୟୁଟି ପରିଚାଳନା, କାର୍ଯ୍ୟ ସମୟ, ବିଶ୍ରାମ ବ୍ୟବସ୍ଥା ଓ ମାନସିକ ସ୍ୱାସ୍ଥ୍ୟ ସହାୟତା ବ୍ୟବସ୍ଥାର ସମୀକ୍ଷା କରାଯିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ମହାସଂଘର ସଭାପତି ଅସିତ ଜେନା କହିଛନ୍ତି ଯେ ବିଯୁଟୀ ମହାନ୍ତିଙ୍କ ଅକାଳ ବିୟୋଗ ସମଗ୍ର ଓଡ଼ିଶା ପୁଲିସ ପରିବାରକୁ ସ୍ତବ୍ଧ କରିଦେଇଛି। ଜଣେ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱବାନ ପୁଲିସ ଅଧିକାରୀଙ୍କ ଏପରି ଅସ୍ୱାଭାବିକ ମୃତ୍ୟୁ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସ୍ୱଚ୍ଛ, ନିରପେକ୍ଷ ତଦନ୍ତ ହିଁ ସ୍ୱର୍ଗତା ବିଯୁଟି ମହାନ୍ତିଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ଏବଂ ସମଗ୍ର ପୁଲିସ ବାହିନୀର ମନୋବଳକୁ ସୁଦୃଢ଼ କରିବ। ଭବିଷ୍ୟତରେ ଏପରି ଦୁଃଖଦ ଘଟଣାର ପୁନରାବୃତ୍ତି ରୋକିବା ନିମନ୍ତେ ଘଟଣାରେ ସଂପୃକ୍ତ ଦୋଷୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ଶ୍ରୀ ଜେନା କହିଛନ୍ତି।



### ପୁଲିସ ଛୁଟି ବ୍ୟବସ୍ଥାର ସମୀକ୍ଷା ଦାବିକଲା ମହାସଂଘ

### ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ଘଟଣା

## ବରମୁଣ୍ଡାରୁ ମାଷ୍ଟରମାଇଣ୍ଡ ଗିରଫ



**ଯଖପୁରା/ଦାନଗଦି, ୫।୭ (ସମିସ):** ଯଖପୁରା ଥାନା ଅଞ୍ଚଳରେ ଚାଲିଥିବା ଏକ ବଡ଼ଧରଣର ଗଞ୍ଜେଇ ଚୋରା ଚାଲାଣ ର୍‍ୟାକେଟର ମୁଖ୍ୟ ମାଷ୍ଟରମାଇଣ୍ଡ ଦୁଃଶାସନ ଦଳେଇ (୪୨)କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱରର ବାରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରୁ ଯଖପୁରା ପୁଲିସ ତାକୁ ଗିରଫ କରିଥିଲା। ଦୁଃଶାସନର ଘର ପାଣିକୋଇଲି ଥାନା ଅନ୍ତର୍ଗତ ନାମିଟକିରି ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗତ ଜୁନ୍ ୨୯ ତାରିଖରେ ପୁଲିସ ମନୋହରପୁର ଅଞ୍ଚଳରୁ ପ୍ରାୟ ୧ କ୍ୱିଣ୍ଟାଲ ୩ କିଲୋଗ୍ରାମ ଗଞ୍ଜେଇ (ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା) ଓ ଏକ ପଲସର ବାଇକ୍ ଜବତ କରିବା ସହ ବିଶ୍ୱଜିତ ଦଳେଇ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା। ବିଶ୍ୱଜିତକୁ ପଚରାଉଚରା କରିବା ପରେ ଶିଳ୍ପାଞ୍ଚଳରେ ଚାଲିଥିବା ଏହି ବେଆଇନ 'ପିଇସା-ପୁତୁରା' ରାକେଟ ସମ୍ପର୍କରେ ସବିଶେଷ ତଥ୍ୟ ମିଳିଥିଲା। ସମ୍ପର୍କରେ ପିଇସା ହେଉଥିବା ଦୁଃଶାସନ ହିଁ ଏହି କାରବାରର ମୁଖ୍ୟ ମାଷ୍ଟରମାଇଣ୍ଡ ଥିଲା। ସେ ପେଶାରେ ଜଣେ ବସ୍ ଡ୍ରାଇଭର ହୋଇଥିବାରୁ, ବିଭିନ୍ନ ସ୍ଥାନକୁ ଯିବା ଆସିବା ବେଳେ ଏହି ଗଞ୍ଜେଇ ନେଟୱର୍କ ଗଢ଼ିଥିଲା। ବାହାରୁ ଗଞ୍ଜେଇ ଆଣି ସେ ମନୋହରପୁରରେ ଗଚ୍ଛିତ ରଖୁଥିଲା ଏବଂ ପୁତୁରା ବିଶ୍ୱଜିତ ମାଧ୍ୟମରେ ଛୋଟ ପୁଡ଼ିଆ କରି ଶିଳ୍ପାଞ୍ଚଳରେ ବିକ୍ରି କରୁଥିଲା। ଏହି ର୍‍ୟାକେଟ୍ ସହ ଜଡ଼ିତ ଅନ୍ୟମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି। କେସ ନମ୍ବର ୧୧୯/୨୬ରେ ଆଜି ବିଶ୍ୱଜିତ କୁ କୋର୍ଟଚାଲାଣ କରାଯାଇଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

**କବାଟବନ୍ଧ, ୫।୭ (ସମିସ):** ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ତାରିଣୀ ଛକ ନିକଟରେ ରବିବାର ଅପରାହ୍ନରେ ଏହି ଦୁର୍ଘଟଣାରେ ଯୁବକ ଜଣକ ଗୁରୁତର ହୋଇଥିଲେ। ଆହତ ଯୁବକ ଜଣକ ସୁକିନ୍ଦା ଅଞ୍ଚଳର ତପନ ମହାନ୍ତ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ତପନ କୌଣସି କାମରେ ଏକ ବାଇକରେ ଡୁବୁରୀରୁ ଚଣ୍ଡିଖୋଲ ଆଡ଼କୁ ଯାଉଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଟ୍ରକ୍ ପଛରେ ଧକ୍କା ଲାଗିଥିଲା। ଫଳରେ ତପନ ଆହତ ହୋଇଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଧର୍ମଶାଳା ମେଡ଼ିକାଲ ନିଆ ଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ।

## ବ୍ରହ୍ମବରଦା ପ୍ରେସ୍ କ୍ଲବ୍ ସମ୍ମାନିତ

**ବ୍ରହ୍ମବରଦା, ୫।୭ (ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଅନ୍ତର୍ଗତ ଚାରିଗାଁରପୁର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ 'ଲୋକଙ୍କ ସ୍ୱର' ଖବରକାଗଜର ଲୋକାର୍ପଣ ଉତ୍ସବ ଅବସରରେ ବ୍ରହ୍ମବରଦା ପ୍ରେସ୍ କ୍ଲବକୁ ସମ୍ମାନିତ କରାଯାଇଛି। ଖବରକାଗଜର ସମ୍ପାଦକ ପ୍ରତାପ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତା ଉମେଶ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ




ଉତ୍କଳ ମେଲର ସମ୍ପାଦକ ପିତବାସ ମିଶ୍ର, ସମ୍ମାନୀୟ ଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ଶ୍ରମିକ ନେତା ପ୍ରଦୀପ ଦାସ, ବିଜେପି ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ଗିରି ଓ ସାଂସଦଙ୍କ ପ୍ରତିନିଧି ଫନିନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ରହ୍ମବରଦା ପ୍ରେସ୍ କ୍ଲବ, ଯୁବନେତା ରାକେଶ ଦେଓ, ହେଲପିଙ୍ଗ ହ୍ୟାଣ୍ଡ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସମାଜସେବୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବ୍ରହ୍ମବରଦା ପ୍ରେସ କ୍ଲବର ସଭାପତି ବାପୁଜୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମାଜିକ କର୍ମୀ ତିଲନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରାକାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମୁନା ସାହୁ, ଉମେଶ ଚନ୍ଦ୍ର ସାହୁ, କୃଷ୍ଣପ୍ରସାଦ ସଡଙ୍ଗି, ଲିଜାରାଣୀ ସାହୁ, ଭୂମିକା ସାହୁ, ଗିରିଧାରୀ ଦାସ, ଭାସ୍କର ମୁଦୁଲି ଓ ଗୋକୁଳାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାରତୀୟ ବିଦ୍ୟାନିକେତନରେ ରକ୍ତଦାନ ଶିବିର

**ସୁକିନ୍ଦା, ୫।୭ (ସମିସ):** ସୁକିନ୍ଦା ସ୍ଥିତ ଭାରତୀୟ ବିଦ୍ୟାନିକେତନ ଓ ପତିତପାବନ ସେବାସଂଘ ପୁରୀର ମିଳିତ ସହଯୋଗରେ ରବିବାର ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କିଶୋର ଚନ୍ଦ୍ର ଦାଶ ଏବଂ ଡ. ବୈରାଗୀ ଚରଣ ଦ୍ୱିବେଦୀ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଲଘୁଚାପ ଜନିତ ଲଗାଣ ବର୍ଷା ସତ୍ତ୍ୱେ କଟକ



ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲର ଡାକ୍ତରୀ ଟିମ୍ ଦ୍ୱାରା ମୋଟ୍ ୨୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭାରତୀୟ ବିଦ୍ୟାନିକେତନର ସମ୍ପାଦକ ମନୋରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପତିତପାବନ ସେବା ସଂଘର କର୍ମକର୍ତ୍ତା ଗୋପବନ୍ଧୁ ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ଲେଙ୍କା, ସୁକିନ୍ଦାର ସ୍ୱେଚ୍ଛାସେବୀ ମୃତ୍ୟୁଞ୍ଜୟ ପରିଚ୍ଛା, ମନୋଜିତ ଦାସଙ୍କ ଉଦ୍ୟମ ଓ ସହଯୋଗରେ ଏହି ରକ୍ତଦାନ ଶିବିର ସୂଚାରୁରୂପେ ପରିଚାଳିତ ହୋଇଥିଲା।

## ସମାଜସେବୀଙ୍କ ସ୍ମୃତିଚାରଣ

**ସିଂହପୁର, ୫।୭ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ସମାଜସେବୀ ଗୌରାଙ୍ଗ ଚରଣ ସାମଲଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଜନେତା ଶିଶିର କୁମାର ନାୟକଙ୍କ ସଭାପତିତ୍ୱରେ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଥିରେ ଡ. ପଦ୍ମଚରଣ ଧଳ, ସୁଶାନ୍ତ କୁମାର ନାୟକ, କୃଷ୍ଣଚନ୍ଦ୍ର ଜେନା, ପୁରୁଷୋତ୍ତମ ବେହେରା, ଚନ୍ଦ୍ରଶେଖର ନାୟକ, ପ୍ରଦୀପ କୁମାର ଜେନା, ବାସୁଦେବ ସାମଲ, ମେଘନାଦ ମହାଳିକ, ତ୍ରିଲୋଚନ ବେଉରିଆ, ସନ୍ତୋଷ ବେଉରିଆ, ପ୍ରକାଶ ଦାସ, ରବି ନାରାୟଣ ସାମଲ, ସରୋଜ କୁମାର ମଲ୍ଲିକ, ପ୍ରମୋଦ କୁମାର ସାମଲ, ଗନ୍ଧର୍ବ ଦାସ, ଅକ୍ଷୟ ବେହେରା, ବେଣୁଧର ଦାସ, ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆଶୀର୍ବାଦ ସାମଲ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ।



### କେବଳ ଚିଠିପତ୍ର ଦିଆନିଆରେ ଚାଲିଛି ପଥର ମାଫିଆ ଦମନ ପ୍ରକ୍ରିୟା

# ଲୁଟ୍ ଖାଦାନର ଠିକଣା ପାଉନି ଜେନାପୁର ପୁଲିସ

**ଯାଜପୁର, ୫।୭ (ସମିସ)**

ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ପଥର ଖାଦାନ ଅଞ୍ଚଳରେ ମାଫିଆ ମାନେ ଦିନ ରାତି ଲୁଟ କରିବାରେ ଲାଗିଛନ୍ତି। ଏ ସଂପର୍କରେ ବାରମ୍ବାର ଅଭିଯୋଗ ହେବା ପରେ ପ୍ରଶାସନ ଉକ୍ତ ଅଞ୍ଚଳର ୧୧ ନମ୍ବର ଖାଦାନରେ ୧୬୩ ଧାର ଲାଗି କରି ଏହାକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛି। କିନ୍ତୁ ଏହାକୁ ଜେନାପୁର ପୁଲିସ ଠିକଣା ଭାବେ କାର୍ଯ୍ୟକରୁନଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ ବିଛାଖଣ୍ଡୀ ପାହାଡ଼ର ୧୧ ନମ୍ବର ଖାଦାନରୁ ବେଆଇନ ଭାବେ ଖଣି ଖନନ ଓ କଳାପଥର ଲୁଟ୍ ବେଳେ ଗତ ୬ ଜୁନରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟି ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ଦୁର୍ଘଟଣାର ଦୁଇଦିନ ପର୍ଯ୍ୟନ୍ତ ଏହି ଶ୍ରମିକମାନଙ୍କ କୌଣସି ପତ୍ତା ମିଳି ନଥିଲା। ଏହା ପରଦିନ ଦୁଇଜଣ ଶ୍ରମିକ ଗୁରୁତର ଆହତ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାର ଜଣା ପଡିଥିଲା। ହେଲେ ଆଉ ଜଣେ ଶ୍ରମିକଙ୍କର ଅଦ୍ୟାବଧି କୌଣସି ପତ୍ତା ମିଳିନାହିଁ। ଏହାପରେ ଯାଜପୁର ଡିଡିଏମ୍‌ଙ୍କ ତରଫରୁ ଏଥିନେଇ ପତ୍ର ନମ୍ବର-୩୭୩୭ ତା୯-୬-୨୬ ଯାଜପୁର ଉପଜିଲ୍ଲାପାଳ ତାପସ କୁମାର ଦେହୁରୀଙ୍କୁ ପ୍ରଦାନ କରିଥିଲେ। ଏଠାରୁ ନିୟମିତ କଳାପଥର ଲୁଟ୍ ପାଇଁ ସରକାର ବ୍ୟାପକ ଆର୍ôଥକ କ୍ଷତିଗ୍ରସ୍ତ ହେଉଥିବାରୁ ଭାରତୀୟ ନ୍ୟାୟ ସଂହିତାରର ୧୬୩ ଧାରା ଲାଗୁ କରି ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା



ପାଇଁ ଅନୁରୋଧ କରିଥିଲେ। ହେଲେ ଯାଜପୁର ଉପଜିଲ୍ଲାପାଳ ଜାଣିଶୁଣି ମାଫିଆଙ୍କ ସ୍ୱାର୍ଥରକ୍ଷା ତଥା ଲୁଟ୍ ପାଇଁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଖାଦାନକୁ ନିଷିଦ୍ଧାଞ୍ଚଳ ଘୋଷଣା ପାଇଁ ୧୬୩ ଜାରି କରିବାକୁ ନିର୍ଦ୍ଦେଶ ଦେଇ ନଥିଲେ। ଜୁଲାଇ ୧ ତାରିଖ ରାତିରେ ଏଥିନେଇ ସମାଜସେବୀ ସତୀଶ ବିଶ୍ୱାଳ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଥିଲା। ଏହା ପରଦିନ ସକାଳୁ ଅର୍ଥାତ ୨ ତାରିଖ ସକାଳୁ କ୍ରିମିନାଲ ମିସ କେସ ନିର୍ଦ୍ଦେଶ ନଂ-୧୨୩୧ ତା୦୨-୭-୨୬ ଲାଗୁ କରିଛନ୍ତି। ଅଦ୍ୟାବଧି

**ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ରୁଜୁ**

ଏହି ଖାଦାନ ଉପରେ ୧୬୩ ଧାରା ଲାଗୁ ହୋଇ ନଥିବା ବେଳେ ଏଠାରୁ ଦୈନିକ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳାପଥର ଲୁଟ ଚାଲିଛି। ସବୁଠାରୁ କୌତୁହଳର ବିଷୟ ହେଉଛି, ଖୋଦ ପୁଲିସ ଏସ୍‌ଡିପିଓ, ଜେନାପୁର ଥାନା ଅଧିକାରୀ ଓ ଧର୍ମଶାଳା ତହସିଲଦାରଙ୍କ ସହ ୭ ଜୁନରେ ଖଣି ବିଭାଗର ମିଳିତ ତଦନ୍ତରେ ଏଠାରୁ କଳାପଥର ଲୁଟ ପ୍ରମାଣିତ ହୋଇଛି ବୋଲି ଯାଜପୁର ଡିଡିଏମ ପତ୍ର ନଂ-୩୭୨୬ ତା. ୯-୬-୨୬ ଜେନାପୁର ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏଠାରୁ କଳାପଥର ଲୁଟ ବନ୍ଦ ପାଇଁ ପୁଲିସ ପଦକ୍ଷେପ ନେବାକୁ ଡିଡିଏମ୍ ଏହି ପତ୍ରରେ ପରାମର୍ଶ ଦେଇଛନ୍ତି। ଏହାପରେ ଡିଡିଏମଙ୍କ ପତ୍ର ଆଧାରରେ ଏଠାରୁ କଳାପଥର ଲୁଟ ନେଇ ଭାରତୀୟ ନ୍ୟାୟ ସଂହିତା ୩୦୩(୨) ଏବଂ ୫୧ ଓଏମଏମସି ଧାରାରେ ଜେନାପୁର ଥାନାରେ ଏକ କେସ ନଂ- ୧୫୭ ତା.୧୨-୬-୨୬ ରୁଜୁ କରିଛନ୍ତି। ଏହାପରେ ବି ପୁଲିସ ପାହାଡ଼ଟିକୁ ଲୁଟି ନେଉଥିବା ମାଫିଆଙ୍କ ବିରୋଧରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉକ୍ତ ଖାଦାନର ଅବସ୍ଥିତି ଜେନାପୁର ଥାନା ଅଧିନରେ ଆସୁଛି; କିନ୍ତୁ ଡିଡିଏମଠାରୁ ଚିଠି ପାଇବା ପରେ ଉକ୍ତ ଖାଦାନଟି କେଉଁଠି ବୋଲି ଓଲଟି ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ଡିଡିଏମଙ୍କୁ ପ୍ରଶ୍ନ କରିଛନ୍ତି। (ଚିଠି ନଂ ୧୯୦୩/୩-୭-୨୬)। ସେହି ଖାଦାନ ଅଞ୍ଚଳକୁ ନେଇ ପୂର୍ବରୁ ଏକାଧିକ ମାମଲା ମଧ୍ୟ ଜେନାପୁର ଥାନାରେ ରୁଜୁ ହୋଇଛି। ବେଆଇନ ପଥର ଖାଦାନ ପ୍ରତିବାଦରେ ଆନ୍ଦୋଳନ କରିବାକୁ ଯାଇ ପାହାଡ଼ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କୁ ଆକ୍ରମଣ କରାଯାଇଥିଲା। ସତିଶ ଏ ସଂକ୍ରାନ୍ତରେ ଜେନାପୁର ଥାନାରେ ମଧ୍ୟ ମାମଲା ରୁଜୁ କରିଥିଲେ ମଧ୍ୟ ମାଫିଆମାନଙ୍କ ବିରୋଧରେ ସେଭଳି କିଛି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବେଳେ ଓଲଟି ସତିଶଙ୍କ ବିରୋଧରେ ୪ଟି ମାମଲା ରୁଜୁ ହୋଇଥିବା ଜଣାପଡିଛି। ଏଭଳି ବେଆଇନ ପଥର ଲୁଟ ସଂପର୍କରେ ଡିଡିଏମଙ୍କ ବାରମ୍ବାର ଜେନାପୁର ପୁଲିସକୁ ଚିଠି ଲେଖି ନିଜର କାମ ସାରି ଦେଇଥିବା ବେଳେ ପୁଲିସ ଉକ୍ତ ଖାଦାନର ଅବସ୍ଥିତି ଜାଣି ନ ପାରିବା ପୁଲିସର ସଙ୍କୋଚତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

## ବିପଦପୂର୍ଣ୍ଣ ଅବସ୍ଥାରେ ଜନିନ୍ଦାପାଳ ରେଲୱେ ଫାଟକ



**ଦାନଗଦି, ୫।୭ (ସମିସ):** ଟମକା-ବ୍ରାହ୍ମଣୀପାଳ ଜାତୀୟ ରାଜରାସ୍ତାର ଜନିନ୍ଦାପାଳ ଗ୍ରାମ ପାଖରେ ଥିବା ରେଳବାଇ ବିଭାଗର ରେଲୱେ ଲେବୁଲ କ୍ରସିଂ ଗେଟ୍‌ଟି ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି। କିଛିଦିନ ହେଲା ଗେଟ୍‌ର ଉଭୟ ପାର୍ଶ୍ୱରେ ସୁରକ୍ଷା ଦୃଷ୍ଟିରୁ ଲୁହା ପୋଲ ଖୁଣ୍ଟ ଉପରେ ଲୁହା ବିମ୍ କରାଯାଇଛି। କିନ୍ତୁ ଗତ ସାତ ଦିନ ପୂର୍ବରୁ ରାସ୍ତାରେ ଯାଉଥିବା ଭାରୀଯାନ ବୋଝେଇ ଏକ ଟ୍ରେଲରଟି ବ୍ରାହ୍ମଣୀପାଳ ଆଡୁ ଆସୁଥିବା ସମୟରେ ଲେବୁଲ କ୍ରସିଂ ପାଖରେ ଥିବା ଲୁହା ଖୁଣ୍ଟରେ ପିଟି ହେବା ଫଳରେ ଖୁଣ୍ଟଟି ନଇଁ ଯାଇଛି। ତାର ମୂଳ ଭିତ୍ତିଭୂମି ଦୁର୍ବଳ ଅବସ୍ଥାରେ ଅଛି। କେଉଁ ମୁହୂର୍ତ୍ତରେ ଯାନବାହନ ବା ବାଇକ୍ ଉପରେ ପଡ଼ି ଜୀବନ ହାନି ହେବାର ଆଶଙ୍କା ଦେଖାଦେଇଛି। ସେ ରାସ୍ତାରେ ପ୍ରତିଦିନ ଶହ ଶହ ଟିପ୍ପର, ବସ୍, ଭାରୀଯାନ ବାଇକ୍ ସବୁବେଳେ ଭୟ ଓ ଆଶଙ୍କା ଭିତରେ ଯାତାୟତ କରୁଛନ୍ତି। ହେଲେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଲୁହା ଖୁଣ୍ଟକୁ ସ୍ଥାୟୀ ମରାମତି ନ କରି ଏତେଦିନ ଧରି ନୀରବରେ ବସିଛନ୍ତି। ଯାହା ସାଧାରଣରେ ଚକିତ କରିଛି। ଦୈତାରୀ ରେଲୱେ ସାଇଡିଂରୁ କୋଟି କୋଟି ଟଙ୍କା ଆୟ କରୁଥିବା ବେଳେ ରେଳବିଭାଗର ଏପରି ବୈମାତୃକ ମନୋଭାବ କ'ଣ ପାଇଁ। ନା ନିକଟ ଭବିଷ୍ୟତରେ ଆଉ ଗୋଟେ ବଡ଼ ଦୁର୍ଘଟଣାକୁ ଅପେକ୍ଷା କରିଛି। ତୁରନ୍ତ ମରାମତି କରି ଉନ୍ନତମାନର ସେବା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା; ଯୁବକ ଗିରଫ



**ସୁକିନ୍ଦା, ୫।୭ (ସମିସ):** ସୁକିନ୍ଦା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ତାଙ୍କ ସହ ପ୍ରତାରଣା କରିବା ଅଭିଯୋଗରେ ସୁକିନ୍ଦା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଗିରଫ ଯୁବକ ସୁକିନ୍ଦା ପଞ୍ଚାୟତ ସାପୁଆପଦା ଗ୍ରାମ ଉମାକାନ୍ତ ମହାନ୍ତଙ୍କ ପୁଅ ରାଧେଶ୍ୟାମ ମହାନ୍ତ(୨୬)। ସୂଚନା ଅନୁଯାୟୀ, ରାଧେଶ୍ୟାମ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ସ୍ଥାପନ କରି ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହୋଇଥିବା ବେଳେ ରାଧେଶ୍ୟାମ ବିଭିନ୍ନ ବାହାନା ଦେଖାଇ ବିବାହ କରିବାକୁ ଅରାଜି ହୋଇଥିବା ପୀଡ଼ିତା ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୁଲିସ ୧୩୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ଅଭିଯୁକ୍ତ ରାଧେଶ୍ୟାମକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଥିବା ଜଣାପଡିଛି।

## ରେଖିଦେଇପୁରରେ ଭିଜିଲାନ୍ସ ତଦନ୍ତ

**କବାଟବନ୍ଧ, ୫।୭ (ସମିସ):** ଯାଜପୁର ଜିଲ୍ଲାରେ ଆଲୋକୀକରଣରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଭିଜିଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ପହଞ୍ଚିଛି। ଶନିବାର ଭିଜିଲାନ୍ସ ଅଧିକାରୀ ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁର ପଞ୍ଚାୟତରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତ ୨୦୨୨ ମସିହାରେ ଗାଁ ଗାଁରେ ଲାଗିଥିବା ଏହି ଷ୍ଟ୍ରିଟଲାଇଟରେ ବ୍ୟାପକ ଦୁର୍ନୀତି ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ ରେଖିଦେଇପୁର ପଞ୍ଚାୟତରେ ଲାଗିଥିବା ୧୦ ଗୋଟି ଲାଇଟ୍‌କୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଉକ୍ତ ଲାଇଟ ଏବଂ କେବୁଲର ମାନ ସହିତ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରୁଥିବା ଜଣାପଡିଛି।

## ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ବ୍ୟାସନଗର, ୫।୭ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର ସର୍ବପୁରାତନ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖଚିଲାର ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୫୦ ମସିହା ପ୍ରତିଷ୍ଠିତ ଏହି ବିଦ୍ୟାଳୟଟି ତାର ୭୭ ବର୍ଷ ଅବଧି ମଧ୍ୟରେ ଅନେକ ଡାକ୍ତର, ଇଞ୍ଜିନିୟର, ରାଜନେତା, ଶିକ୍ଷାବିତ, ବ୍ୟବସାୟୀ ଗଢି ତୋଳିଛି। ବିଦ୍ୟାଳୟ ପରିସରରେ କୋରେଇ ବ୍ଲକ ବିଇଓ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦ୍ୟାଳୟର ପ୍ରତିଷ୍ଠା ଦିବସ ବିଷୟରେ ଆଲୋକପାତ କରିଥିଲେ। ଏତଦ୍ ବ୍ୟତୀତ ବିଦ୍ୟାଳୟର ଏକ ନୂତନ ଗୃହକୁ ପ୍ରତିଷ୍ଠା ଦିବସରେ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପଞ୍ଚଶାଖା ସେତୁର ସଭାପତି ଦିଲୀପ କୁମାର ସାହୁ ପୁରାତନ ଛାତ୍ର ସଂଘର ବୈକୁଣ୍ଠ ଚରଣ ଜେନା, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଙ୍କୁ ଉପହାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘର ରଘୁନାଥ ସାହୁ, ବିନୋଦ ବିହାରୀ ସାହୁ, ଆର୍ଯ୍ୟ ବିଭାସ କୁମାର, ସାମ୍ବାଦିକ ଭାଗୀରଥି ବାରିକ, ସୁବାସ ଧଳ, ମଳୟ କୁମାର ମଲ୍ଲିକ, ପ୍ରଧାନ ଶିକ୍ଷକ ଅଭିଜିତ୍ ବାରିକ, ବାବୁଲାଲ ଦାସ, ବିଜୟ କୁମାର ଖିଲାର, ଘନଶ୍ୟାମ ନାୟକ, ହରପ୍ରିୟା ସାହୁ, ଜୋସ୍ନାରାଣୀ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ମଧୁସ୍ମିତା ମାଝୀ, ମଧୁସ୍ମିତା ମହାନ୍ତି, ରଶ୍ମିତା ବେହେରା, ଶୁଭଶ୍ରୀ ସରଗଫୁଲ ପଣ୍ଡା, ଶୁଭସ୍ମିତା ସାହୁ, ସୁଚିସ୍ମିତା ନାୟକ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

# ୪୦୭ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି

**ଯାଜପୁର, ୫।୭ (ସମିସ)**

ଜିଲ୍ଲାର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ପ୍ରକ୍ରିୟା ଅଧୀନରେ ସଂଶୋଧିକ ନୂତନ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏହା ସହିତ ଜିଲ୍ଲାରେ ଭୋଟରମାନଙ୍କ ସୁବିଧା ପାଇଁ ମତଦାନ କେନ୍ଦ୍ର ଗୁଡ଼ିକର ସଂଶୋଧନ ଓ ନୂତନ ବୁଥ୍ ପୁନଃନିର୍ଦ୍ଧାରଣ ସମ୍ପର୍କରେ ଜିଲ୍ଲାପାଳ ଏକ ବୈଠକରେ ସୂଚନା ଦେଇଛନ୍ତି।

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଦ୍ୱାରା ପ୍ରକାଶିତ ଚିଠା ତାଲିକାରେ କାହାର ନାମ ସାମିଲ ହୋଇଛି ଏବଂ କାହାର ନାମ ବାଦ୍ ପଡ଼ିଛି, ସେ ସମ୍ବନ୍ଧରେ ନାଗରିକମାନେ ଯାଞ୍ଚ କରିପାରିବେ ଏବଂ ନିଜର ଦାବି କିମ୍ବା ଆପତ୍ତି ଅଭିଯୋଗ ପାଇଁ ଆବେଦନପତ୍ର ଦାଖଲ କରିପାରିବେ। ଏହି ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହେବ। ସେପ୍ଟେମ୍ବର ୬ ତାରିଖ ଦିନ ଚୂଡ଼ାନ୍ତ ଭୋଟର ତାଲିକା ଚିଠା ପ୍ରକାଶିତ କରାଯିବ। ୭ଟି ନିର୍ବାଚନ ମଣ୍ଡଳୀର ଇଆର୍‌ଓମାନେ ବ୍ଲକ୍ ହେଡ କ୍ୱାଟରରେ ସମସ୍ତ ସୁବିଧା ପ୍ରଦାନ ପୂର୍ବକ ନୋଟିସ୍ ଜାରି କରିବେ। ଏହି ପ୍ରକ୍ରିୟାରେ ପ୍ରଥମେ ଅବଜେକ୍ସନ୍ ପିରିଅଡ ରହିବ। ଯେଉଁ ମାନଙ୍କର କିଛି ଆପତ୍ତି



ଥିବ ସେମାନେ ଆପତ୍ତି ଅବଧି ମଧ୍ୟରେ ଅଭିଯୋଗ ଗ୍ରହଣ କରାଯିବ ଏବଂ ନୋଟିସ୍ ମାଧ୍ୟମରେ ଏହାର ଶୁଣାଣି କରାଯିବ। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରାଯିବା ସହ ପ୍ରତି ୧୨୦୦ ଭୋଟରଙ୍କ ପାଇଁ ଏକ ମତଦାନ କେନ୍ଦ୍ର ବ୍ୟବସ୍ଥାକୁ ଆଧାର କରି ବୁଥ୍‌ଗୁଡ଼ିକର ପୁନଃନିର୍ଦ୍ଧାରଣ କରାଯାଇଛି। ଏହାଦ୍ୱାରା ଜିଲ୍ଲାରେ ମୋଟ ୪୦୭ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି ହୋଇଛି, ଯାହାଫଳରେ ପୂର୍ବରୁ ଥିବା ୧୬୩୯ଟି ବୁଥ୍ ସଂଖ୍ୟା ଏବେ ବୃଦ୍ଧି ପାଇ ୨୦୪୬ରେ ପହଞ୍ଚିଛି। ଜିଲ୍ଲାପାଳ ଆହୁରି ମଧ୍ୟ କହିଛନ୍ତି ଯେ, ଭୋଟର ତାଲିକାର ସ୍ୱଚ୍ଛତା ଓ ଶୁଦ୍ଧତା ବଜାୟ ରଖିବା ଏବଂ ଜଣେ ହେଲେ

**ତାଲିକାରୁ ବାଦ୍ ପଡ଼ିବେ ୧,୦୫,୦୧୪ ଭୋଟର**

ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ତାହା ନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ଏହି ପ୍ରକ୍ରିୟାରେ କୌଣସି ପ୍ରକୃତ ଭୋଟର ଯେପରି ହଇରାଣ ନ ହୁଅନ୍ତି, ସେଥିପାଇଁ ସମସ୍ତ ଶ୍ରବଣ କେନ୍ଦ୍ର ଗୁଡ଼ିକରେ ସ୍ୱଚ୍ଛ ଓ ସହଜ ପ୍ରକ୍ରିୟାରେ ଆପତ୍ତିର ଶୁଣାଣି କରିବାକୁ ଇଆର୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ସ୍ଥାନୀୟ ଯାଞ୍ଚ ପରେ ତହସିଲଦାରମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରିବାକୁ କୁହାଯାଇଛି।

ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ପୂର୍ବରୁ ଜିଲ୍ଲାରେ ମୋଟ ଭୋଟର ସଂଖ୍ୟା ୧୫,୩୭,୧୦୧ ଥିବାବେଳେ ସଂଶୋଧନ ପରେ ଏବେ ମୋଟ ସଂଖ୍ୟା ୧୪,୩୨,୦୮୭ ହୋଇଛି। ଏହି ପ୍ରକ୍ରିୟାରେ ବିଭିନ୍ନ କାରଣରୁ ୧,୦୫,୦୧୪ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନର ସଂଶୋଧିତ ତାଲିକାରେ ୭,୪୬,୫୨୯ ଜଣ ପୁରୁଷ ଭୋଟର, ୬,୮୫,୫୦୧ ଜଣ ମହିଳା ଭୋଟର ଏବଂ ୫୩ ଜଣ ଟ୍ରାନ୍ସଜେଣ୍ଡର ଭୋଟର ସାମିଲ ଅଛନ୍ତି। ଯାଜପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୨,୨୮,୪୪୫ ଭୋଟର ଥିବାବେଳେ ବଡ଼ଚଣାରେ ସର୍ବନିମ୍ନ ୧,୭୩,୬୫୦ ଭୋଟର ରହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଉପଜିଲ୍ଲାପାଳ ପଲ୍ଲବୀରାଣୀ ରାଜ, ଡେପୁଟି କଲେକ୍ଟର (ଇଲେକ୍ସନ) ଅଶୋକ କୁମାର ଦେହୁରୀ, ଜିଲ୍ଲା ସଭାପତି ବିଜେପି ଦେବଯାନୀ ପ୍ରଧାନ, ବିଜେଡି ପ୍ରତିନିଧି ରମଣୀ ରଞ୍ଜନ ରାଉତରାୟ, କଂଗ୍ରେସ ପ୍ରତିନିଧି ସଂଗ୍ରାମ ସାହାଣୀ, ବିଏସ୍‌ପି ପ୍ରତିନିଧି ଅକ୍ଷୟ କୁମାର ଜେନା, ସିପିଆଇଏମ୍ ପ୍ରତିନିଧି ନିର୍ମଳ ରଥ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## ଲଘୁଚାପ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

# ଜିଲ୍ଲାରେ ପ୍ରବଳ ବର୍ଷା



କୋରାପୁଟ,୬।୭(ସମିସ): କୋରାପୁଟରେ ଛେଚୁଛି ବର୍ଷା। ଲଘୁଚାପ ପ୍ରଭାବରେ ଜିଲ୍ଲାରେ ଦିନତମାମ ବର୍ଷା ଲାଗି ରହିଛି। ଲଗାଣ ଝିପିଝିପି ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ଜିଲ୍ଲାରେ ଆଜି ଗୋଟିଏ ଦିନରେ ସର୍ବାଧିକ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାରେ ହାରାହାରି ୯୭.୯୬ ମିଲିମିଟର ବର୍ଷା ହୋଇଥିବା ବେଳେ କୋରାପୁଟ ବ୍ଲକରେ ୧୨୭.୨,ଲମତାପୁଟ ବ୍ଲକରେ ୧୧୯.୩, ପଟ୍ଟାଙ୍ଗୀ ବ୍ଲକରେ ୬୯.୨, ବନ୍ଧୁଗାଁ ବ୍ଲକରେ ୩୧, ନନ୍ଦପୁର ବ୍ଲକରେ ୫୫,ଦଶମନ୍ତପୁର ବ୍ଲକରେ ୧୧୪,ନାରାୟଣପାଟଣା ବ୍ଲକରେ ୭୩.୨, ଲକ୍ଷ୍ମୀପୁର ବ୍ଲକରେ ୮୯.୨, ସେମିଲିଗୁଡା ବ୍ଲକରେ ୧୨୭.୧, ଜୟପୁର ବ୍ଲକରେ ୧୩୦.୪, କୋଟପାଡ ବ୍ଲକରେ ୭୨, କୁନ୍ଦୁରା ବ୍ଲକରେ ସର୍ବାଧିକ ୧୦୦.୬,ବୋରିଗୁମ୍ମା ବ୍ଲକରେ ୧୪୨.୨ ଏବଂ ବୈପାରୀଗୁଡା ବ୍ଲକରେ ୧୨୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ଜନିତ ବର୍ଷାରେ କୋରାପୁଟ ଜିଲ୍ଲାର ସ୍ଥିତି ବେହାଲ ହୋଇଛି। ଜିଲ୍ଲାରେ ସମସ୍ତ ବ୍ଲକରେ ବର୍ଷାର ପ୍ରଭାବରେ ରାସ୍ତା ଘାଟରେ ପାଣି ଯାତାୟାତକୁ ପ୍ରଭାବିତ କରିଛି। ଚାଷ ଜମି ଜଳାର୍ଣବ ହୋଇ ତଳିଆ ବର୍ଷକର ଚାଷ ଉଜୁଡେଇ ନଷ୍ଟ ହେବା ସ୍ଥିତି ଉପୁଜିଛି। ବିଭିନ୍ନ ସ୍ଥାନରେ ଗଛପଡି ରାସ୍ତା ଘାଟ ବନ୍ଦ ହୋଇଯିବାରୁ ଯାତାୟାତ ରେ ବାଧା ସୃଷ୍ଟି ହୋଇଛି।ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକର ତହସିଲଦାର ଓ ବିଡ଼ିଓ ମାନଙ୍କୁ ସଜାଗ ରହିବା ସହ ଭୂସ୍ଖଳନ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖା ଯାଇଥିବା ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଯେକୌଣସି ପରିସ୍ଥିତି ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ରହିଛି। ଲଘୁଚାପ ପ୍ରଭାବରେ ଜିଲ୍ଲାରେ ଦିନତମାମ ବର୍ଷା ଲାଗି ରହିଥିବା ବେଳେ କୋରାପୁଟ ସହରରେ ପ୍ରବଳ ବର୍ଷା ହୋଇଛି। ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ରାସ୍ତାଘାଟ ଜଳମୟ ହୋଇଯାଇଥିବା ବେଳେ ପଥଚାରୀ ଏବଂ ଉଠାଦୋକାନୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ବର୍ଷା ଜନିତ କ୍ଷୟକ୍ଷତି ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ସଜାଗ ଥିବା ବେଳେ ବ୍ଲକ ବିଡିଓ ଓ ତହସିଲଦାର ମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ମଧ୍ୟ ପ୍ରଶାସନିକ ପ୍ରସ୍ତୁତି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପାହାଡିଆ ପାଖ ଅଞ୍ଚଳରେ କଚ୍ଚା ଘରେ ରହୁଥିବା ଲୋକମାନେ ପାଖରେ ଥିବା ଆଶ୍ରୟସ୍ଥଳୀରେ ରହିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷା ଜନିତ କ୍ଷୟକ୍ଷତି ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ସଜାଗ ଥିବା ବେଳେ ବିଡିଓ ମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି।

# ବର୍ଷାରେ ଧୋଇଗଲା ଟ୍ରାନ୍ସଫର୍ମର ଭିତ୍ତିପ୍ରସ୍ତର ମାଟି



ଜୟପୁର, ୫ ।୭(ସମିସ): କୋରାପୁଟ ଜିଲ୍ଲାରେ ଗତ ତିନି ଦିନ ହେଲାଣି ପ୍ରବଳ ବର୍ଷାର ତାଣ୍ଡବ ଜାରି ରହିଛି। ଗତ ଶନିବାର ଏବଂ ରବିବାର ୨୪ ଘଣ୍ଟାରେ ଜିଲ୍ଲାରେ ୧୩୧୬ ମିଲିମିଟର ବର୍ଷା ହୋଇଛି। ସେହିପରି ଜୟପୁର ସହର ଏବଂ ଆକପାଖ ଗ୍ରାମାଞ୍ଚଳରେ ରବିବାର ୧୩୦.୪ ମିମି ବର୍ଷା ହୋଇଯାଇଛି। ଫଳରେ ଜୟପୁର ସହର ଏବଂ ଆଖପାଖରେ ପ୍ରବଳ ବର୍ଷାରେ ରାସ୍ତା ଦବିଯାଇଥିବା ବେଳେ ନବନିର୍ମିତ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଛକ ଠାରୁ ଜୟନଗର ଛକ ପର୍ଯ୍ୟନ୍ତ ନବ ନିର୍ମିତ ରାସ୍ତାର ବିଭିନ୍ନ ସ୍ଥାନରେ ମାଟି ଦବିଯାଇଛି। ସେହିପରି ଏହି ନବ ନିର୍ମିତ ରାସ୍ତାର ମଧ୍ୟରେ ରହିଥିବା ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫରମର ପାଶ୍ୱର୍କୁ ସ୍ଥନାନ୍ତରିତ କରାଯାଇଥିଲା। ଏହିପରି ନବନିର୍ମିତ ଟ୍ରାନ୍ସଫରମର ପିଣ୍ଡିର ପାଶ୍ୱର୍ରେ ରହିଥିବା ମାଟି ଗୁଡିକ ଧୋଇ ହୋଇଯାଇଥିବା ଯୋଗୁଁ ଏହି ଟ୍ରାନ୍ସଫରମର ପିଣ୍ଡି ଓ ବିଦ୍ୟୁତ ଖୁଣ୍ଟ ଭୁଷୁଡିବା ଅବସ୍ଥାରେ ରହିଛି । ଫଳରେ ବିଦ୍ୟୁତ ଟ୍ରାନ୍ସଫରମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହିପରି ଏହି ଟ୍ରାନ୍ସଫରମ ଓଲଟି ପଡିଲେ ଜୟଗନର, ମେଘମାଳ ତୋଟା, ହାମ୍ନାଗୁଡା, ପାଇକ ସାହି ଅଞ୍ଚଳରେ ବିଦ୍ୟୁତ ଯୋଗାଣରେ ସମସ୍ୟା ସୃଷ୍ଟି ହେବା ସହିତ ଅନ୍ଧାରହେବାର ଆଶଙ୍କା ରହିଛି। ତେଣୁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବିଦ୍ୟୁତ ସଙ୍କଟ ହେବାର ଆଶଙ୍କା ନେଇ ଆତଙ୍କିତ ହୋଇଯାଇଛନ୍ତି । ଏଥିନେଇ ଟିପିଏସଓଡିଏଲ ସାଉଥକୋ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଖଟେଇ କହିଛନ୍ତି ଯେ, ଏଥିନେଇ ଯନ୍ତ୍ରୀ ଓ କର୍ମଚାରୀ ମାନେ ଘଟଣାସ୍ଥଳକୁ ଯାଇ ଅନୁଧାନ କରିଛନ୍ତି ଏବଂ ତୁରନ୍ତ ପଦକ୍ଷପ ଗ୍ରହଣ କରାଯିବ। ଏହିପରି ଜୟପୁର ବ୍ଲକର କମ୍ପାରପୁଟ, ସୌରଗୁଡା. ବଡପଡା ଗୋଟିଏ ଲେଖଏଁ ଘରର ମାଟି ଓ ଇଟା କାନ୍ଥ ଏବଂ ବାରିଣିପୁଟ ଗ୍ରାମର ଦୁଇଟି ଘରର କାନ୍ଥ ଭାଙ୍ଗି ଯାଇଛି । ଏହିପରି ତହସିଲ ବିଭାଗ ପକ୍ଷରୁ ଟାର୍ପୋଲିନ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି ବୋଲି ରାଜସ୍ୱ ନରୀକ୍ଷକ ହରିହର ଶତପଥି ପ୍ରକାଶ କରିଛନ୍ତି।

# ଚବେରି ନଦୀ ପୋଲ ନିକଟରେ ମାଟି ଧସିଲା

ପୋଡ଼ାଗଡ଼,୬।୭(ସମିସ):

କୋରାପୁଟ ରାୟଗଡା ଜିଲ୍ଲାକୁ ସଂଯୋଗ କରୁଥିବା ୩୨୬ ନଂ ଜାତୀୟ ରାଜପଥ ବଙ୍ଗଳାଗୁଡା ନିକଟସ୍ଥ ଚବେରି ନଦୀ ଉପରେ ନିର୍ମିତ ନୂତନ ପୋଲର ଦୁଇ ପାଶ୍ୱର୍ରେ ମାଟି ଧସିବା ସହ ରାସ୍ତାର ପିଚୁ ସ୍ତର ଦବିବା ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ିଛି। ଯଦି ଏହି ସମସ୍ୟା ପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ନ ଦେଇ ଆବଶ୍ୟକ ମରାମତି କାର୍ଯ୍ୟ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଚବେରି ନଦୀ ଉପରେ ନିର୍ମିତ ଏହି ପୋଲ ମାଧ୍ୟମରେ ପ୍ରତିଦିନ ଶତାଧିକ ଛୋଟ ଓ ବଡ଼ ଯାନବାହନ ଚଳାଚଳ କରୁଛି। ଏହା କୋରାପୁଟ, ରାୟଗଡା ଓ ପଡ଼ୋଶୀ ଅଞ୍ଚଳମାନଙ୍କ ମଧ୍ୟରେ ଯାତାୟାତ ଓ ବାଣିଜ୍ୟିକ କାର୍ଯ୍ୟକଳାପର ଏକ ପ୍ରମୁଖ ସଡ଼କ ସଂଯୋଗ ହୋଇଥିବାରୁ ଏହାର

### ୩୨୬ ନମ୍ବର ଜାତୀୟ ରାଜପଥ ପ୍ରତି ବିପଦ

ଗୁରୁତ୍ୱ ଅଧିକ ରହିଛି। କିନ୍ତୁ ସମ୍ପ୍ରତି ପୋଲର ଉପର ରାସ୍ତା କେତେକ ସ୍ଥାନରେ ମାଟି ଧସିଯାଇଥିବା ସହ ପିଚୁ ରାସ୍ତାରେ ଫାଟ ସୃଷ୍ଟି ହେବା ଓ ଦବିଯିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବର୍ଷା ଦିନରେ ପାଣି ଜମି ରହିବା ଏବଂ ପାଶ୍ୱର୍ ସୁରକ୍ଷା ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ସମସ୍ୟା ଅଧିକ ଗୁରୁତର ରୂପ ନେଉଛି। ରାସ୍ତାର ଏହି ଅଂଶ ଦୁର୍ବଳ ହୋଇପଡ଼ିଥିବାରୁ ଭାରୀ ଯାନବାହନ ଚଳାଚଳ ସମୟରେ ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ରାତ୍ରି ସମୟରେ ଏହି ରାସ୍ତା ଦେଇ ଅନେକ ଦୂରଗାମୀ ବସ ଯାତାୟାତ କରୁଛନ୍ତି କେତେବେଳେ କଣ ହେବ କହିହେବ ନାହିଁ। ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ସମସ୍ୟା ଦୃଶ୍ୟମାନ ହେଇ ଛି ଏହାକୁ ତୁରନ୍ତ ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ସାମାଜିକ କର୍ମୀ ଓ ସ୍ଥାନୀୟ ପ୍ରତିନିଧିମାନେ ମଧ୍ୟ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ବିଶେଷକରି ବର୍ଷା ଋତୁରେ ମାଟି ଧସିବା ପ୍ରକ୍ରିୟା ଅଧିକ ବଢ଼ିପାରେ ବୋଲି ସେମାନେ ସତର୍କ କରିଛନ୍ତି। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ବୈଷୟିକ ଯାଞ୍ଚ ସହ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

# ଲଗାଣ ବର୍ଷାରେ ବେହାଲ ଦଶମନ୍ତପୁର ବ୍ଲକ୍

ପୋଡ଼ାଗଡ଼,୬।୭(ସମିସ): କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକରେ ଗତ କିଛି ଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ସମଗ୍ର ଅଞ୍ଚଳର ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଲଗାତାର ବର୍ଷାରେ ବିଭିନ୍ନ ଗ୍ରାମର ରାସ୍ତାଘାଟ କାଦୁଅମୟ ହୋଇପଡ଼ିଥିବା ବେଳେ ଅନେକ ସ୍ଥାନରେ ରାସ୍ତା ଉପରେ ପାଣି ଚାଲୁଥିବାରୁ ଯାତାୟାତ ବ୍ୟବସ୍ଥା ବ୍ୟାହତ ହୋଇଛି। ଏହାର ପ୍ରଭାବ ସାଧାରଣ ଜୀବନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଓ କୃଷି କାର୍ଯ୍ୟ ଉପରେ ମଧ୍ୟ ପଡ଼ିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଛୋଟ ବଡ଼ ନାଳ ଓ ଝରଣାର ଜଳସ୍ତର ବଢ଼ିଯିବାରୁ ଗ୍ରାମଗୁଡ଼ିକର ସଂଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଦୈନନ୍ଦିନ କାମରେ ବାହାରକୁ ଯାଉଥିବା ଲୋକମାନେ ବିପଦପୂର୍ଣ୍ଣ ପରିସ୍ଥିତିରେ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ରୋଗୀମାନଙ୍କୁ ହସ୍ପିଟାଲ ପହଞ୍ଚାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଲଗାଣ ବର୍ଷାରେ ଚାଷଜମିରେ ପାଣି ଜମି ରହିଥିବାରୁ ଚାଷୀମାନଙ୍କ ଚିନ୍ତା ବଢ଼ିଛି। ଧାନ ଚାଷ ସହିତ ଅନ୍ୟାନ୍ୟ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ବର୍ଷା ଯଦି ଏଭଳି ଜାରି ରହେ, ତେବେ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପଟେ ବର୍ଷାର ପରିସ୍ଥିତିକୁ ନେଇ ପ୍ରଶାସନ ସତର୍କ ରହିଥିବା ସୂଚନା ମିଳିଛି। ବ୍ଲକ ପ୍ରଶାସନ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ସ୍ଥିତି ଉପରେ

### ଅସ୍ତବ୍ୟସ୍ତ ଜନଜୀବନ

ନଜର ରଖିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ନଦୀ, ନାଳ ଓ ପୋଲ ନିକଟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥାନରେ ରିଲିଫ୍ ଓ ଉଦ୍ଧାରକାର୍ଯ୍ୟ ପାଇଁ ପ୍ରସ୍ତୁତି ମଧ୍ୟ ଜାରି ରହିଛି। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ବର୍ଷା ଜନିତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମାଞ୍ଚଳର ରାସ୍ତାଘାଟର ଉନ୍ନତି, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଆବଶ୍ୟକ ସ୍ଥାନରେ ପୋଲ ଓ କଲଭର୍ଟ ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେବା ଦରକାର। ବର୍ତ୍ତମାନ ବର୍ଷା ଜାରି ରହିଥିବାରୁ ଦଶମନ୍ତପୁର ବ୍ଲକବାସୀଙ୍କ ମନରେ ଆଗାମୀ ଦିନକୁ ନେଇ ଚିନ୍ତା ବଢ଼ିଛି।

# ଶ୍ରୀରାମା ଶାସ୍ତ୍ରୀଙ୍କୁ ଓଡ଼ିଶାର ଅଦ୍ୱିତୀୟ ଗୌରବ ସମ୍ମାନ




ନବରଙ୍ଗପୁର,୬।୭(ସମିସ): ଭୁବନେଶ୍ୱର ସ୍ଥିତ ଉତ୍କଳ ରଙ୍ଗମଞ୍ଚ ଠାରେ ନ୍ୟାସନାଲ ଏକାଡେମୀ ଅଫ୍ ଏକାଡେମୀ ଅଫ୍ ସାକ୍ଷରତା ମିଶନ ତରଫରୁ ଆୟୋଜିତ ୱାର୍ଲ୍ଡୱାଇଡ ଆୱାଡର୍ ଗ୍ରୁପଙ୍କ ଉପସ୍ଥିତିରେ ଓଡ଼ିଶାର ଅଦ୍ୱିତୀୟ ଗୌରବ ସମ୍ମାନ ରେ ସମ୍ମାନିତ ହେଲେ ନବରଙ୍ଗପୁର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଶ୍ରୀରାମା ଶାସ୍ତ୍ରୀ। ଏଜ୍ୟୁକେଟିଙ୍ଗ୍ ମାଇଣ୍ଡ ଏଣ୍ଡ ଏମ୍ପାୱାରିଙ୍ଗ ଫ୍ୟୁଚର ଉପରେ ସ୍ୱତନ୍ତ୍ର ଅଧ୍ୟୟନ କରି ଶିକ୍ଷା କ୍ଷେତ୍ରରେ କିଭଳି ଭାବେ ଆଗାମୀ ଭବିଷ୍ୟତ ପିଢ଼ି ଏକ ଉଜ୍ଜଳ ଭବିଷ୍ୟତ ପାଇପାରିବେ, ଏହି ବିଷୟରେ ସେ ନିଜ ଲେଖନୀ ଓ ମତ ଉପସ୍ଥାପନ କରି ସମ୍ମାନିତ ହୋଇଥିଲେ। ତଙ୍କରି ଏହି ସଫଳତା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଧ୍ୟାପକ, ପରିବାର ବର୍ଗ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

● ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

# ବାଦ୍‌ପଡ଼ିଲେ ୭୨,୨୯୦ ଭୋଟର

କୋରାପୁଟ,୬।୭(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଅଭିଯାନ ମାଧ୍ୟମରେ ଜିଲ୍ଲାରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ବିଭିନ୍ନ ରାଜନୈତିକ ଦଳ ନେତାମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନ ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନା ଅନୁସାରେ ଜିଲ୍ଲାରେ ସମୁଦାୟ ୯ ଲକ୍ଷ ୭୬ ହଜାର ୪୨୪ ଜଣ ଭୋଟର



ରହିଛନ୍ତି। ଏହି ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୯୩.୫୫ ପ୍ରତିଶତ ଫର୍ମ ସଫଳତାର ସହ ଡିଜିଟାଇଜେଡ୍ ହୋଇସାରିଛି। ଅର୍ଥାତ୍ ୯ ଲକ୍ଷ ୪ ହଜାର ୧୩୪ ଜଣ ଭୋଟରଙ୍କ ଡିଜିଟାଇଜେସନ କରାଯାଇଛି। ସମୁଦାୟ ୭୨ ହଜାର ୨୯୦ ଜଣ ଭୋଟର ବାଦ ପଡ଼ିଛନ୍ତି। ଏଥିରେ ୩୦ ହଜାର ୪୮ ଜଣ ମୃତ ବ୍ୟକ୍ତି ବାଦ ପଡିଛନ୍ତି। ଯଦି ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ କୌଣସି ଆପତ୍ତି କିମ୍ବା ଦାବି ରହିଛି, ତେବେ ଅଭିଯୋଗ ଦାଖଲ କରିପାରିବେ। ଆଜି ଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଇଆରଓ ବିଡିଓ, ତହସିଲଦାର ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ଏବଂ ଏଇଆରଓ ମାନେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଦାଖଲ କରିବାକୁ ସମୟ ଦିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। କୋରାପୁଟ ଉପଜିଲ୍ଲାପାଳ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏଇଆରଓ ରହିଥିବା ବେଳେ ସହାୟକ ଉପ ଜିଲ୍ଲାପାଳ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ, ଜୟପୁର ଉପ ଜିଲ୍ଲାପାଳ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ, ଅତିରିକ୍ତ ଜିଲ୍ଲାପାଳ କୋଟପାଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ଅତିରିକ୍ତ ଜିଲ୍ଲାପାଳ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏଇଆରଓ ରହିଥିବା ସେ କହିଛନ୍ତି। କୋରାପୁଟ ବିଧାୟକ ରଘୁରାମ ମାଛ, ବିଜେଡି ଜିଲ୍ଲା ସଭାପତି ଝିନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ ଜିଲାପାଳଙ୍କ ସହ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ୍ ଏବଂ ଡେପୁଟି କଲେକ୍ଟର ନିର୍ବାଚନ ଉପସ୍ଥିତ ଥିଲେ।

# ଆଇନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଜୟପୁର, ୫ ।୭(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଓ ରାଜ୍ୟ ଆଇନଜୀବି ସଂଘ ମିଳିତ ପ୍ରୟାସରେ ମାସିକ ଆଇନଜୀବି ମାନଙ୍କୁ ବିଭିନ୍ନ ଆଇନ ଓ କୋର୍ଟ ସମ୍ବନ୍ଧୀୟ ପ୍ରଶିକ୍ଷଣ କେନ୍ଦ୍ର ଆଜି ଉଦଘାଟିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ଜଷ୍ଟିସ ଶଶିକାନ୍ତ ମିଶ୍ର ଏବଂ ଜଷ୍ଟିସ ଶିବ ଶଙ୍କର ମିଶ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ ସହିତ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଆଇନଜୀବି ସଂଘର ସଭାପତି ବିଜୟ କୁମାର ରାୟଜେନା ଦେଓଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ଆଇନଜୀବି ସଂଘର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରଥମ ମାସିକ ପ୍ରଶିକ୍ଷଣ କେନ୍ଦ୍ର ଭାବେ ଜୟପୁର ଠାରେ ଏହା ଶୁଭାରମ୍ଭ ହୋଇଛି। ଆଜି ଉଦଘାଟନୀ ଦିବସରରେ "ଫୌଜଦାରୀ ମାମଲାରେ ପ୍ରମାଣର ଭାର' ବିଷୟକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହିପରି ପ୍ରତ୍ୟେକ ମାସରେ କେଉଁ ବିଷୟକୁ ନେଇ ପ୍ରଶିକ୍ଷଣ ଓ ପାଠଚକ୍ର ହେବ ସେଥିନେଇ ବରିଷ୍ଠ ଆଇଜୀବିଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏଥିରେ ଆଇନଜୀବୀ ବିରେଶ ପଟ୍ଟନାୟକ, ନୃସିଂହ ପ୍ରସାଦ ଦାସ, ସରୋଜ ଦାଶ, ଲାଲମୋହନ ମିଶ୍ର, ଭିଭିଏସ ନାନାଜୀ ଆଚାରୀ, ତ୍ରିନାଥ ପ୍ରସାଦ ସିଂଲାଲ ରହିଛନ୍ତି। ଏହି ମାସିକ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ଆଇନଜୀବି ମାନେ ଯୋଗଦେଇ ଶିବିରାର୍ଥୀଙ୍କୁ ଆଇନ ସମ୍ବନ୍ଧିୟ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି ଅବସରରେ ଜଷ୍ଟିସ ଶଶୀକାନ୍ତ ମିଶ୍ର ଏବଂ ଜଷ୍ଟିସ ଶିବ ଶଙ୍କର ମିଶ୍ର ନିଜ ବକ୍ତବ୍ୟରେ ଜୟପୁର ଠାରେ ମାସିକ ଶିବିର ଆଇନଜୀବି ମାନଙ୍କୁ ବିଭିନ୍ନ ଆଇନ ସମ୍ବନ୍ଧିୟ ଓ କୋର୍ଟ ବିଷୟରେ ଜ୍ଞାନ ଆହରଣରେ ଏବଂ ବିଭିନ୍ନ ମାମଲାରେ ସେମାନଙ୍କୁ ପ୍ରସ୍ତୁତ ହେବାକୁ ସହାୟତା ହେବ ବୋଲି କହିଥିଲେ। ଏହି ଅବସରରେ ମଞ୍ଚରେ ରାଜ୍ୟ ଆଇନଜୀବି ସଂଘର ସଦସ୍ୟ ପି.ରମେଶ ପାତ୍ର, ସମ୍ପାଦକ ସହଦେବ ପଟ୍ଟନାୟକ, ଉପସଭାପତି ଶରତ କୁମାର ମାଝି, ମଞ୍ଚାସୀନ ରହିଥିଲେ। ଏହି ଅବସରରେ ଆଇନଜୀବି ପ୍ରଜ୍ଞାମୟୀ ମିଶ୍ର, ଆଶୁତୋଷ ସାହୁ, ଦୀପଙ୍କର ପାଣିଗ୍ରାହୀ, ଚନ୍ଦନ ନାୟକ, ଟି ଗୋପୀନାଥ ମୂର୍ତ୍ତି ଆଜିର ବିଷୟ ନେଇ ନିଜି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ସେମିଲିଗୁଡ଼ା,୬।୭(ସମିସ):

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ପରଜା ମୁଠାଇ, ସେମିଲିଗୁଡା ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଜୁନିଅର ରେଡକ୍ରସ ଛାତ୍ରଛାତ୍ରୀ, ଅନ୍ୟାନ୍ୟ ଛାତ୍ରଛାତ୍ରୀ, ଅଭିଭାବକ, ମାଆ ସମିତି ସଦସ୍ୟ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବନବିଭାଗର ଅଧିକାରୀମାନଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ବରାଡ ଅଧ୍ୟକ୍ଷତା କରି ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ସଚେତନ କରିଥିଲେ। ଜୁନିଅର ରେଡକ୍ରସ ଶିକ୍ଷକ ଜ୍ୟୋତିରଞ୍ଜନ ନନ୍ଦଙ୍କ ସଂଯୋଜନାରେ ସୁଶାନ୍ତ କୁମାର ପାଙ୍ଗି, ପରମାନନ୍ଦ ବାରିକ, ଜ୍ୟୋତିର୍ମୟୀ ନାଥଶର୍ମା, ସୁନୀଲ ପେଡ଼ାକାପୁ, ପରିଚାଳନା ସମିତିର ସଭାପତି ଉଦ୍ଧବ ଖରା, ବନ ବିଭାଗ ଅଧିକାରୀ ଗୌତମ ବେନିଆ ଏବଂ ବନବିଭାଗର ଅନ୍ୟ ଆଠଜଣ ଅଧିକାରୀ ଉପସ୍ଥିତ ରହିଥିଲେ। ବହୁ ସଂଖ୍ୟକ ଅଭିଭାବକ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ପରିବେଶ ସନ୍ତୁଳନ ରକ୍ଷା, ସବୁଜିମା ବୃଦ୍ଧି ଓ ଗଛ ଲଗାଇବା ସହ ତାହାର ଯତ୍ନ ନେବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଏଭଳି ଜନସଚେତନତାମୂଳକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ମାଲକାନଗିରି ଜିଲ୍ଲା ଚିଠା ଭୋଟର ତାଲିକା ପ୍ରକାଶିତ

ମାଲକାନଗିରି, ୬।୭(ସମିସ):




ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏସ୍‌ଆଇଆର୍ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇ ବିଭିନ୍ନ ରାଜନୈତିକ ଦଳକୁ ହସ୍ତାନ୍ତର କରାଯାଇଛି। ଜିଲ୍ଲାରେ ଚାଲୁ ରହିଥିବା ଏସ୍‌ଆଇଆର ପ୍ରକ୍ରିୟା ସହ ଗତ ମଇ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ଚାଲିଥିବା ଘରକୁ ଘର ବୁଲି ଗଣନା ପର୍ଯ୍ୟାୟର ସଂଗୃହିତ ତଥ୍ୟ ସମ୍ପର୍କରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଛନ୍ତି। ଏହି ଗଣନା ପ୍ରକ୍ରିୟାରେ ଜିଲ୍ଲାର ସମୁଦାୟ ୪,୬୨,୧୭୧ ଭୋଟରଙ୍କ ମଧ୍ୟରୁ ୮୯.୭୫ ପ୍ରତିଶତ ଅର୍ଥାତ୍ ୪,୧୪,୮୧୬ ଜଣ ଭୋଟର ସଫଳତାର ସହ ନିଜର ଫର୍ମ ଦାଖଲ କରିଛନ୍ତି। ଏହାସହିତ ସର୍ଭେ ସମୟରେ ଜିଲ୍ଲାରେ ୨୫,୮୪୯ ଜଣ (୫.୫୯ ପ୍ରତିଶତ) ମୃତ ଭୋଟର, ୧୨,୩୧୮ ଜଣ (୨.୬୭ ପ୍ରତିଶତ) ସ୍ଥାନାନ୍ତରିତ ଭୋଟର, ୫,୩୦୮ ଜଣ (୧.୧୫ ପ୍ରତିଶତ) ଏକାଧିକ ସ୍ଥାନରେ ନାମ ଲେଖାଇଥିବା ଭୋଟର ଏବଂ ୩,୭୫୨ ଜଣ (୦.୮୧ ପ୍ରତିଶତ) ଅନୁପସ୍ଥିତ ଭୋଟର ଚିହ୍ନଟ ହୋଇଥିବା ବେଳେ ଅନ୍ୟାନ୍ୟ ବର୍ଗରେ ୧୨୮ ଜଣ (.୦୩ ପ୍ରତିଶତ) ଭୋଟର ରହିଛନ୍ତି। ଜିଲ୍ଲାପାଳ ଶ୍ରୀ ରାଜଶିର୍କେ ଏହି ସଂଶୋଧନ ପ୍ରକ୍ରିୟାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯାହା ହେଉଛି ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା କରି ତାଲିକାରୁ ସମସ୍ତ ଅଯୋଗ୍ୟ, ମୃତ ଓ ଏକାଧିକ ସ୍ଥାନରେ ଥିବା ନାମଗୁଡ଼ିକୁ ବାଦ୍ ଦେବା। ଏହି ବ୍ୟାପକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ଜିଲ୍ଲାର ୨ ଜଣ ଇଆରଓ, ୨୦ ଜଣ ଏଇଆରଓ , ୫୪ ଜଣ ବିଏଲଓ ସୁପରଭାଇଜର, ୬୬୬ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ୧,୭୧୦ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ ନିରନ୍ତର କାର୍ଯ୍ୟ କରୁଛନ୍ତି। ଯଦି ଜୁଲାଇ ୫ରେ ପ୍ରକାଶିତ ଚିଠା ଭୋଟର ତାଲିକାରେ କାହାର ନାମ ନାହିଁ, ତେବେ ସେମାନେ ଆଦୌ ବ୍ୟସ୍ତ ନହୋଇ ଘୋଷଣାନାମା ଫର୍ମ ସହ ଫର୍ମ-୬ ପୂରଣ କରି ନୂତନ ଭୋଟର ଭାବେ ଆବେଦନ କରିପାରିବେ। ଏହାଛଡ଼ା ପ୍ରବାସୀ ଭାରତୀୟଙ୍କ ପାଇଁ ଫର୍ମ ୬ଏ, ନାମ ବାଦ୍ ଦେବା କିମ୍ବା ଆପତ୍ତି ପାଇଁ ଫର୍ମ ୭ ଏବଂ ସଂଶୋଧନ କିମ୍ବା ବାସସ୍ଥାନ ସ୍ଥାନାନ୍ତର ପାଇଁ ଫର୍ମ ୮ ଉପଲବ୍ଧ ରହିଛି। ନାଗରିକମାନେ ନିଜର ସ୍ଥାନୀୟ ବିଏଲଓଙ୍କ ନିକଟରେ କିମ୍ବା ଅନଲାଇନରେ ଭୋଟର ହେଲ୍ପଲାଇନ୍ ଆପ୍ ଏବଂ ୱେବସାଇଟ୍ ମାଧ୍ୟମରେ ଫର୍ମ ଦାଖଲ କରିପାରିବେ। ଯେଉଁ ଯୁବ ନାଗରିକମାନେ ଜୁଲାଇ ୧ ସୁଦ୍ଧା ୧୮ ବର୍ଷ ବୟସ ହାସଲ କରିଛନ୍ତି ବା କରିବେ, ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ଜିଲ୍ଲା ସାରା ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯିବ। ଚିଠା ଭୋଟର ତାଲିକା ସିଇଓଙ୍କ ୱେବସାଇଟ୍‌ରେ ଉପଲବ୍ଧ ଅଛି। ନାଗରିକମାନେ ୫ ଜୁଲାଇରୁ ୪ ଅଗଷ୍ଟ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ୨ ଜଣ ଇଆରଓ ଏବଂ ୨୦ ଜଣ ଏଆଇଆରଓ ୨ ସେପ୍ଟେମ୍ବର ସୁଦ୍ଧା ଏହି ସମସ୍ତ ମାମଲାର ଯାଞ୍ଚ ଓ ସମାଧାନ କରିବେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ।

## ଏସ୍ଆଇଆର୍‌ର ଚିଠା ଭୋଟର ତାଲିକା ପ୍ରକାଶିତ



ଜୟପୁର, ୫।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ୨୦୨୬ର ଚିଠା ତାଲିକା ପ୍ରକାଶ ପାଇଛି। ଏଥିରେ କେବଳ ଜୟପୁର ବିଧାସଭା ନିର୍ବାଚନ ମଣ୍ଡଳୀ ସୂଚନା ଦିଆଯାଇଛି। ଏହି ଅବସରରେ ଡେପୁଟି କଲେକ୍ଟର ସସ୍ମିତା କୁମାରୀ ଜେନା, ସହକାରୀ ସବକଲେକ୍ଟର ବାଲାଜୀ ପ୍ରସାଦ ବ୍ରହ୍ମା, ସୋନିଆ ନାୟକ, ନିର୍ବାଚନ ବିଭାଗର ସେକ୍ସନ ଅଧିକାରୀ ମୋନଜ କୁମାର ବାରିକ, କର୍ମଚାରୀ ରଶ୍ମିତା ସାହୁ, ଶରତ ନାୟକ, ରମେଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏହି ଛିଠା ତାଲିକା ପ୍ରକାଶ କରାଯାଇଥିଲା। ପୂର୍ବରୁ ଜୟପୁର ବିଧାନସଭାରେ ୨୪୧ଟି ପୋଲିଂ କେନ୍ଦ୍ର ରହିଥିବା ବେଳେ ବର୍ତ୍ତମାନ ୫୧ଟି ବୃଦ୍ଧି ପାଇ ୨୯୨ ବୁଥରେ ପରିଣତ ହୋଇଛି। ଏଥିରେ ଜୟପୁର ପୌରାଞ୍ଚଳରେ ୧୫ଟି, ଜୟପୁର ବ୍ଲକରେ ୨୭ଟି ଏବଂ ବୋରିଗୁମ୍ମା ବ୍ଲକରେ ୯ଟି ବୁଥ ବୃଦ୍ଧି ପାଇଛି। ସେହିପରି ପୂର୍ବରୁ ୨ ଲକ୍ଷ୮ ହଜାର ଭୋଟର ରହିଥିବା ବେଳେ ଏସଆଇଆର ମ୍ୟାପିଂ ଓ ଯାଞ୍ଚ ପରେ ୧୪ ୭୩୧ ଭୋଟର କମ ହୋଇ ୧ ଲକ୍ଷ ୯୩ ହଜାର ୨୯୦ଜଣ ଭୋଟର ରହିଛନ୍ତି। ସେଥିମଧ୍ୟରୁ ପୂର୍ବରୁ ପୁରୁଷ ଭୋଟର ୧ ଲକ୍ଷ ୫୨୪ ଜଣ ରହିଥିବା ବେଳେ ୬୫୧୪ ଭୋଟର କମ ହୋଇ ୯୪ ହଜାର, ମହିଳା ଭୋଟର ପୂର୍ବରୁ ୧ଲକ୍ଷ ୭ ହଜାର ୪୬୪ ରହିଥିବା ବେଳେ ୮୨୧୩ ଭୋଟର କମ୍ ହୋଇ ୯୯ ହଜାର ୨୫୧ଜଣ ଭୋଟର ରହିଛନ୍ତି। ସେହିପରି ପୂର୍ବରୁ ୩୩ ଜଣ କିନ୍ନର ରହିଥିବା ବେଳେ ବର୍ତ୍ତମାନ ୨୯ ଜଣ ରହିଛନ୍ତି। ଏହି ଯାଞ୍ଚ ପ୍ରକ୍ରିୟାରେ ବୋରିଗୁମ୍ମା ବ୍ଲକ ପାଇଁ ୯୦ ଜଣ ବୁଥ ଲେବଲ ଅଧିକାରୀ (ବିଏଲଓ) ଏବଂ ୮ ଜଣ ସୁପରଭାଇଜର ନିଯୁକ୍ତ ହୋଇଥିଲେ। ସେହିପରି ଜୟପୁର ବ୍ଲକ ପାଇଁ ୧୨୬ ବିଏଲଓ ୧୦ ଜଣ ସୁପରଭାଇଜର ଏବଂ ଜୟପୁର ପୌରାଞ୍ଚଳ ପାଇଁ ୭୬ ବିଏଲଓ ଏବଂ ୬ ଜଣ ସୁପରଭାଇଜର ଗତ ମେ ୩୦ ତାରିଖରୁ ୨୮ ଜୁନ ତାରିଖ ପର୍ଯ୍ୟନ୍ତ ମ୍ୟାପିଂ ଏବଂ ଗୃହ ପରିଦର୍ଶନ କରିବା ସହିତ ଯାଞ୍ଚ କରିଥିଲେ। ଏହିପରି ଦେଶର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନୁସାରେ ଆଜି ଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଯେଉଁ ମାନଙ୍କ ନାମ ଏହି ତାଲିକାରେ ଯୋଗ୍ୟ ଭୋଟର ସାମିଲ ହୋଇନଥିବ, ସେମାନେ ନିଜ ନିଜର ଆବଶ୍ୟକ ପ୍ରମାଣପତ୍ର ଦେଇ ଦାବି, ଆପତ୍ତି ଆବେନଦ କରିପାରିବେ ବୋଲି ସୂଚନା ଦେଇଥିଲେ।

### ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ କାମ ଦେଲା

## ନବରଙ୍ଗପୁରରେ ପ୍ରାଥମିକ ଶିକ୍ଷକ ପଦୋନ୍ନତି ତାଲିକା ପ୍ରକାଶ

ନବରଙ୍ଗପୁର, ୫।୭ (ସମିସ): ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ରାଜ୍ୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ସମେତ ବିଭିନ୍ନ ମହଲରୁ ହସ୍ତକ୍ଷେପ ପରେ ନବରଙ୍ଗପୁର ଜିଲ୍ଲାର ଦୀର୍ଘ ବର୍ଷରୁ ଅଟକି ରହିଥିବା ବହୁ ପ୍ରତୀକ୍ଷିତ ପ୍ରାଥମିକ ଶିକ୍ଷକ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ତେବେ ପ୍ରକାଶିତ ସାରଣୀରେ ଫେବୃୟାରୀ ୧୧, ୨୦୧୧ ରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶିକ୍ଷକମାନଙ୍କୁ ସ୍ତମ୍ଭ୨୧ରେ ୟୁପିଏସ୍ ଭାବେ ସ୍ଥାନିତ କରାଯାଇ ନଥିବାରୁ ସଂଘ ପକ୍ଷରୁ ଏହାର ତ୍ରୁଟି ସଂଶୋଧନ ଦାବି କରାଯାଇଛି। ନବରଙ୍ଗପୁର ଜିଲ୍ଲାରେ ପ୍ରାୟ ୮ ହଜାର ଶିକ୍ଷକ-ଶିକ୍ଷୟିତ୍ରୀ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ୨୦୨୧ ମସିହାରୁ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଅଟକି ରହିଥିଲା। ୨୦୨୩ ମସିହାରେ କେବଳ ଦୁଇ ଚାରିଟି ଜିଲ୍ଲାକୁ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦେଇଥିବା ବେଳେ ଅନ୍ୟ ଆଠରୁ ନଅଟି ଜିଲ୍ଲାରେ ବିଏଡ୍‌କୁ ପାଥେୟ କରି ହେଡପଣ୍ଡିତ ଲେଭେଲ୍ ୩ ପଦକୁ ପଦୋନ୍ନତି ଦିଆଯାଇଥିବା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଘ ଅଭିଯୋଗ କରିଛି ଯେ, ଓଡ଼ିଶାର ଗୋଟିଏ ଜିଲ୍ଲାରେ ନିୟମାନୁଯାୟୀ ପଦୋନ୍ନତି ଦିଆଯାଇଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ବିଏସିଟି ଶିକ୍ଷକମାନଙ୍କୁ ବଦଳି ଦେଇ ଭୁଲ ପଦୋନ୍ନତି ପ୍ରଦାନ କରାଯାଇଥିଲା। ଏହା ବିରୋଧରେ ଅନେକ ଶିକ୍ଷକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ସଫଳତା ହାସଲ କରିଥିଲେ। କିନ୍ତୁ ପରେ ତତ୍କାଳୀନ ଶିକ୍ଷା ନିର୍ଦ୍ଦେଶକ ସରକାରଙ୍କ ପକ୍ଷରୁ ଡବଲ ବେଞ୍ଚରେ ମାମଲା ଦାଖଲ କରି ଏହାକୁ ଆଜି ପର୍ଯ୍ୟନ୍ତ ଝୁଲନ୍ତା ଅବସ୍ଥାରେ ରଖିଥିବା ସଂଘ ଅଭିଯୋଗ କରିଛି। ସଂଘ ଆହୁରି କହିଛି ଯେ, ତତ୍କାଳୀନ ଶିକ୍ଷା ନିର୍ଦ୍ଦେଶକଙ୍କ "ଶିକ୍ଷକ ମାରଣ ନୀତି" ଏବଂ ଶିକ୍ଷକମାନଙ୍କୁ ମାନସିକ, ଆର୍ଥିକ ଓ ଶାରୀରିକ ତାଡ଼ନା ଦେବା ନୀତିର ତଦନ୍ତ ପାଇଁ ବହୁବାର ଦାବି କରାଯାଇଥିଲେ ମଧ୍ୟ ନୂତନ ସରକାର ଏହା ପ୍ରତି ଗୁରୁତ୍ୱ ଦେଇ ନଥିବା ଅଭିଯୋଗ କରାଯାଇଛି। ନ୍ୟାୟ ପ୍ରଦାନରେ ବିଳମ୍ବ ହେବାରୁ ଅନେକ ଶିକ୍ଷକ ଅବସର ଗ୍ରହଣ କରିଥିବା ବେଳେ କେତେକଙ୍କ

### ତ୍ରୁଟି ସଂଶୋଧନ ଓ ପୂର୍ବ ତାରିଖରୁ ପଦୋନ୍ନତି ଦାବି

ମୃତ୍ୟୁ ମଧ୍ୟ ଘଟିଛି ଏବଂ ସେମାନଙ୍କ ପରିବାର ଆର୍ଥିକ ଓ ସାମାଜିକ କ୍ଷତି ସହି ଆସୁଛନ୍ତି। ପ୍ରାଥମିକ ଶିକ୍ଷକ ସଂଘ ଅଭିଯୋଗ କରିଛି ଯେ, ଓଡ଼ିଶା ପରି ଏକ ସଂସ୍କାର ସମ୍ପନ୍ନ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ବିଭିନ୍ନ ନିୟମ ଓ ଆଇନକୁ ଉଲ୍ଲଂଘନ କରି ପଦୋନ୍ନତି ପ୍ରଦାନ କରାଯାଇଛି ଏବଂ ତତ୍କାଳୀନ ଶିକ୍ଷା ନିର୍ଦ୍ଦେଶକ ସମସ୍ତ ପଦୋନ୍ନତି ତାଲିକାକୁ ଅନୁମୋଦନ କରିଥିଲେ। ଏହାର ସମ୍ପୂର୍ଣ୍ଣ ତଦନ୍ତ କରିବା ପାଇଁ ସଂଘ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଏଥିସହ ଯେଉଁ ତାରିଖରୁ ଅନ୍ୟ ଜିଲ୍ଲାଗୁଡ଼ିକରେ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପ୍ରଦାନ କରାଯାଇଛି, ସେହି ତାରିଖରୁ ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ପଦୋନ୍ନତି ଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସଂଘ ଅନୁରୋଧ କରିଛି। ଏହା ଦ୍ୱାରା ବହୁ ସଂଖ୍ୟକ ଶିକ୍ଷକ ଉପକୃତ ହେବେ ବୋଲି ସଂଘ କହିଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଶୁଣାଣିକୁ ଆଧାର କରି ଓଟିଇଟିକୁ ପ୍ରତ୍ୟାଖ୍ୟାନ କରି ବରିଷ୍ଠତା ଭିତ୍ତିରେ ଅସ୍ଥାୟୀ ପଦୋନ୍ନତି ଦେବାକୁ ନୀତିଗତ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ମେ ୨୮ ତାରିଖରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୯୬୭୩ ମାଧ୍ୟମରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚାକିରି ନିଯୁକ୍ତି ତାରିଖକୁ ଆଧାର କରି ବରିଷ୍ଠତା ଭିତ୍ତିରେ ପଦୋନ୍ନତି ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ସଂଘର କହିବା ଅନୁଯାୟୀ, ୨୦୨୧ ମସିହାରେ ସହମତି ପ୍ରଦାନ କରି ବି.ଏସି.ଟି. ଶିକ୍ଷକମାନେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯୁକ୍ତ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକ ଭାବେ ଓଟିଇଟି ବିନା ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପାଇ ଗତ ପାଞ୍ଚ ବର୍ଷ ଧରି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କେଉଁ ନିୟମ ଆଧାରରେ ସେମାନଙ୍କୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ବିଦ୍ୟାଳୟକୁ ଖସାଇ ଆଣିବାକୁ ପ୍ରୟାସ କରୁଛନ୍ତି ବୋଲି ପ୍ରଶ୍ନ ଉଠାଯାଇଛି। ଏହା ଫଳରେ ଅନେକ ଉନ୍ନୀତ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକଙ୍କ ଘୋର ଅଭାବ ଦେଖାଦେବ। ଅଭିଭାବକମାନେ ବାଧ୍ୟ ହୋଇ ନିଜ ସନ୍ତାନଙ୍କୁ ବେସରକାରୀ ବିଦ୍ୟାଳୟରେ ଭର୍ତ୍ତି କରିବେ ଏବଂ ଏଥିପାଇଁ ସରକାର ବଦନାମ ହେବେ ବୋଲି ସଂଘ ସତର୍କ କରିଛି। ଏଥସହ ସଂଘ ଆହୁରି କହିଛି ଯେ, ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବହୁବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ତାରିଖ ଆଧାରିତ ବରିଷ୍ଠତା ଅନୁଯାୟୀ ପଦୋନ୍ନତି ଦେବାକୁ ମୌଖିକ ଅନୁରୋଧ କରାଯାଇଥିଲା। କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀ ଓଟିଇଟିକୁ ଆଧାର କରି ମୋ ଜ୍ଞାନ ହିସାବରେ ପଦୋନ୍ନତି ଦେବ ବୋଲି ସଂଘର ଦାବିକୁ ପ୍ରତ୍ୟାଖ୍ୟାନ କରିଥିବା ଅଭିଯୋଗ କରାଯାଇଛି। ପରେ ସଂଘ ବାଧ୍ୟ ହୋଇ ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ, ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ଅଧ୍ୟକ୍ଷ ରମଣୀ ରଞ୍ଜନ ତ୍ରିପାଠୀ, ଅଖିଳ ଭାରତୀୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଓ ଜିଲ୍ଲା ସଂଘର ଆଇନ ପରାମର୍ଶଦାତା ଶ୍ରୀରାମ ପ୍ରସାଦ ପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲା। ସେମାନଙ୍କ ହସ୍ତକ୍ଷେପ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ନିଜର ଜିଦ୍ ଛାଡ଼ି ବରିଷ୍ଠତା ଭିତ୍ତିରେ ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ପଦୋନ୍ନତି ତାଲିକା ପତ୍ର ସଂଖ୍ୟା ୩୮୩୭କୁ ଜୁଲାଇ ୩ ତାରିଖରେ ପ୍ରକାଶ କରିଥିଲେ। ଏଥିପାଇଁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନତ ପ୍ରହରାଜ, ସମ୍ପାଦକ କ୍ଷେତ୍ର ମୋହନ ବିଷୋୟୀ ଓ କର୍ମକର୍ତ୍ତା ମାନେ ସମସ୍ତ ସହଯୋଗୀ, ସାମ୍ବାଦିକ, ଭ୍ରଷ୍ଟାଚାର ବିରୋଧୀ ସଂଗଠନ, ଜିଲ୍ଲାପାଳ ଓ ଆଇନ ପରାମର୍ଶଦାତାଙ୍କ ପ୍ରତି ବିନମ୍ର କୃତଜ୍ଞତା ଜ୍ଞାପନ କରିଛି। ଏଥିସହିତ ପ୍ରକାଶିତ ତାଲିକାରେ ରହିଥିବା ତ୍ରୁଟିକୁ ଶୀଘ୍ର ସଂଶୋଧନ କରି ସମସ୍ତ ଯୋଗ୍ୟ ଶିକ୍ଷକଙ୍କୁ ନ୍ୟାୟସଙ୍ଗତ ବରିଷ୍ଠତା ଭିତ୍ତିକ ପଦୋନ୍ନତି ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## କେରଳରେ ଦାଦନ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ରାୟଗଡ, ୫।୭ (ସମିସ): ରାୟଗଡ ଜିଲ୍ଲାରୁ ଦାଦନ ଖଟିବାକୁ ଯାଇଥିବା ଆଉ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାମିଲନାଡୁରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଘଟଣା ପରେ ପରିବାର ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ହେଲେ ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ପଞ୍ଚାୟତର ଚାନ୍ଦଗିରି ଗ୍ରାମର କୁଳଧର ଗୌଡ଼। ସେ ତାମିଲନାଡୁର କୋଏମ୍ବାଟୁର ଜିଲ୍ଲାର ପୋଲାଚି ତାଲୁକସ୍ଥିତ ଏମ୍/ଏସ୍ କୋକୋନଟ୍ ଫାର୍ମ ଆଣ୍ଡ ଗୋଦାମରେ କାର୍ଯ୍ୟ କରୁଥିଲେ। ସେଠାରେ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

> ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ସନ୍ଦେହ
> ଗାଁକୁ ଆସିବ ମୃତଦେହ

କରାଯାଇଥିଲା। ତେବେ କୁଳଧର କେଉଁ ପରିସ୍ଥିତିରେ ମୃତ୍ୟୁବରଣ କଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା ଆତ୍ମହତ୍ୟା ନା ହତ୍ୟା ପରେ ମୃତଦେହକୁ ଝୁଲାଇ ଦିଆଯାଇଛି, ସେନେଇ ସମ୍ପୃକ୍ତ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପରିବାର ଲୋକେ ମଧ୍ୟ ଏହି ଘଟଣାକୁ ନେଇ କିଛି କହିପାରୁନାହାନ୍ତି। ସୂଚନା ଅନୁଯାୟୀ, ରବିବାର ମୃତଦେହର ବ୍ୟବଚ୍ଛେଦ କରାଯାଇପାରି ନଥିଲା। ସୋମବାର ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତଦେହକୁ ତାଙ୍କ ଜନ୍ମମାଟି କାଶୀପୁରକୁ ଅଣାଯିବ। ମୃତଦେହ ପରିବହନ ପାଇଁ ଆର୍ଥିକ ସହାୟତା ଲାଗି ସଂସ୍ଥାର ମାଲିକ ଅଥିଶ୍ୱରନଙ୍କ ସହ ଯୋଗାଯୋଗ କରାଯାଇଥିବା ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଠାରୁ ସୂଚନା ମିଳିଛି। ଶବ ଆଣିବା ପାଇଁ ପରିବାର ପକ୍ଷରୁ ଶ୍ରମ ବିଭାଗର ସହାୟତା ଲୋଡ଼ାଯାଇଛି। ଉଲ୍ଲେଖଯୋଗ୍ୟ, ଗତକାଲି ଗୁଣପୁର ବ୍ଲକ ସଗଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଲଙ୍ଗଗଡ଼ା ଗ୍ରାମର ପ୍ରଦୀପ ଶବରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ସେହିପରି ଗତ ମେ ମାସରେ ଗୁଣପୁର ବ୍ଲକ ସଗଡ଼ା ଗ୍ରାମର ବିଲମା ଗମାଙ୍ଗ ଆନ୍ଧ୍ରପ୍ରଦେଶର ଗୋଦାବରୀ ଜିଲ୍ଲା ଭୀମାବରମର ଏକ ଚିଙ୍ଗୁଡ଼ି କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ କମ୍ପାନୀ ହଷ୍ଟେଲ ନିକଟରେ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଲଗାତାର ଭାବେ ରାୟଗଡ ଜିଲ୍ଲାର ଦାଦନ ଶ୍ରମିକମାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଥିବାରୁ ଦାଦନ ଶ୍ରମିକ ଏବଂ ସେମାନଙ୍କ ପରିବାର ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଗତ ୩୫ ଦିନ ମଧ୍ୟରେ ଏଭଳି ୩ଟି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ରାୟଗଡ ଜିଲ୍ଲାରୁ ପ୍ରାୟ ୫୦ ହଜାରରୁ ଅଧିକ ଯୁବକ ଓ ଯୁବତୀ ଦାଦନ ଶ୍ରମିକ ଭାବେ ଦେଶର ବିଭିନ୍ନ ରାଜ୍ୟ, ବିଶେଷକରି ଦକ୍ଷିଣ ଭାରତରେ କାର୍ଯ୍ୟରତ ଅଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକରୁ ସର୍ବାଧିକ ସଂଖ୍ୟକ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଖଣି ଓ ଶିଳ୍ପାଞ୍ଚଳ ହୋଇଥିଲେ ମଧ୍ୟ କାଶୀପୁର ଅଞ୍ଚଳରୁ ବହୁ ସଂଖ୍ୟାରେ ଯୁବକ-ଯୁବତୀ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବା ସହ ସେଠାରେ ବାରମ୍ବାର ଏଭଳି ସନ୍ଦେହଜନକ ମୃତ୍ୟୁ ଘଟଣା ଘଟୁଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

## ଆୟୋଜିତ ହେବ ଅନ୍ତର୍ଜାତୀୟ କର୍ମଶାଳା, କୃଷକ ମେଳା



ସୁନାବେଡ଼ା, ୫।୭ (ସମିସ); ଜୁଲାଇ ୫ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର କୃଷି ବିଭାଗ ପକ୍ଷରୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ଅଧୀନସ୍ଥ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରେପସିଡ୍-ମଷ୍ଟାର୍ଡ ରିସର୍ଚ୍ଚ (ଆଇଆଇଆରଏମଆର), ଭରତପୁର, ରାଜସ୍ଥାନ ସହଯୋଗରେ ଏକ ପାଞ୍ଚଦିନିଆ "ଆନ୍ତର୍ଜାତୀୟ କର୍ମଶାଳା ଓ କୃଷକ ମେଳା' ଆୟୋଜିତ ହେବାକୁ ଯାଉଛି। "ଜନଜାତି ଅଧ୍ୟୁଷିତ ପାହାଡ଼ିଆ ଅଞ୍ଚଳରେ କୃଷି ପରିବେଶ ଆଧାରିତ ଚାଷ ପ୍ରଣାଳୀ ଓ ତୈଳବୀଜଭିତ୍ତିକ ସ୍ଥାୟୀ ବିକାଶ ପାଇଁ ଗବେଷଣା ଓ କ୍ଷେତ୍ରସ୍ତରୀୟ ପ୍ରୟୋଗର ସମନ୍ୱୟ ଶୀର୍ଷକ ଏହି କାର୍ଯ୍ୟକ୍ରମ ଜୁଲାଇ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମଗ୍ର କାର୍ଯ୍ୟକ୍ରମ ଜନଜାତି ଉପଯୋଜନା (ଟିଏସପି) ଅଧୀନରେ ଆୟୋଜନ କରାଯାଉଛି ବୋଲି ଆଜି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍.ସି. ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ସ୍ୱାର୍କସପ୍‌ରେ ଜନଜାତି ଅଞ୍ଚଳର କୃଷକମାନଙ୍କ ଜୀବିକା ବିକାଶ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଉପସ୍ଥାପିତ କରାଯିବ। ଗୁଜରାଟର ନବସାରୀ କୃଷି ବିଶ୍ୱବିଦ୍ୟାଳୟ ସହଯୋଗରେ ୩୫ ପ୍ରଜାତିର ଏକ ବାଉଁଶ ନର୍ସରୀ ସ୍ଥାପନ ଏବଂ ବାଉଁଶ ଆଧାରିତ ଭାଲ୍ୟୁ ଆଡିସନ ଉପରେ କୃଷକମାନଙ୍କ ପାଇଁ ପ୍ରଶିକ୍ଷଣ ଓ କୌଶଳ ବିକାଶ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ସାମିଲ ରହିଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଚଲାଣପୁଟ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିବ। ଏହି ଗ୍ରାମରେ ବୈଜ୍ଞାନିକ କୃଷି ପ୍ରଯୁକ୍ତିର ସଫଳ ପ୍ରୟୋଗ ମାଧ୍ୟମରେ ସ୍ଥାୟୀ କୃଷିର ପ୍ରସାର, ଗ୍ରାମୀଣ ବିକାଶ ଏବଂ କୃଷକଙ୍କ ଜୀବିକାର ସାମଗ୍ରିକ ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ନିରନ୍ତର କାର୍ଯ୍ୟ କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହ ପେରୁ ସ୍ଥିତ ଇଣ୍ଟରନ୍ୟାସନାଲ ପୋଟାଟୋ ସେଣ୍ଟର (ସିଆଇପି) ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଉନ୍ନତମାନର "ଆଳୁ ବିହନ ଉତ୍ପାଦନ କେନ୍ଦ୍ର' ମଧ୍ୟ ସ୍ଥାପନ କରାଯିବ। ଏହା ଓଡ଼ିଶାରେ ଗୁଣାତ୍ମକ ଆଳୁ ବିହନର ଉପଲବ୍ଧତା ବଢ଼ାଇବା ସହିତ ସ୍ଥାନୀୟ କୃଷକଙ୍କ ଆୟ ବୃଦ୍ଧିରେ ବିଶେଷ ସହାୟକ ହେବ। ଏଥିସହିତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧,୫୦୦ରୁ ଅଧିକ ପ୍ରଜାତିର ସମୃଦ୍ଧ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଉଦ୍ୟାନ ବିକଶିତ କରାଯିବ। କୃଷି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ନବସାରୀ କୃଷି ବିଶ୍ୱବିଦ୍ୟାଳୟ, ଆଇସିଏଆରଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସଏଲ୍ ଆଣ୍ଡ ୱାଟର କନଜର୍ଭେସନ୍, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଏବଂ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ସହିତ ଭାଗିଦାରୀକୁ ଆହୁରି ମଜଭୁତ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମ ବୈଜ୍ଞାନିକ ଗବେଷଣାକୁ ସିଧାସଳଖ କ୍ଷେତ୍ରସ୍ତରୀୟ ପ୍ରୟୋଗ ସହ ଯୋଡ଼ି କୃଷକମାନଙ୍କୁ ନୂତନ ଜ୍ଞାନ, ଉଦ୍ଭାବନ, ଉଦ୍ୟୋଗୀକରଣ ଓ ସ୍ଥାୟୀ କୃଷି ପ୍ରଯୁକ୍ତିରେ ସଶକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଆନ୍ତର୍ଜାତୀୟ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍.ସି. ପଣ୍ଡା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଦେଶ-ବିଦେଶର ବୈଜ୍ଞାନିକ, ଶିକ୍ଷାବିତ୍, ବିଶେଷଜ୍ଞ, କୃଷକ ଏବଂ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼. ସଞ୍ଜୟ ପ୍ରଧାନ, ବିତ୍ତ ଅଧିକାରୀ ଡ଼. ଦୁର୍ଯ୍ୟୋଧନ ସେଠୀ, କୃଷି ବିଭାଗର ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ, ଗଣମାଧ୍ୟମ ସମ୍ପର୍କ କମିଟିର ଅଧ୍ୟକ୍ଷ ଶ୍ରୀ ସୁମିତ କୁମାର ବେହେରାଙ୍କ ସମେତ ଡେୟରୀ ସାଇନ୍ସ ବିଭାଗର ଅଧ୍ୟାପକମାନେ ମଧ୍ୟ ଉପସ୍ଥିତ ଥିଲେ।

## ଭାରତୀୟ ଖ୍ରୀଷ୍ଟିଆନ ଦିବସ ପାଳିତ



ସେମିଳିଗୁଡା, ୫।୭ (ସମିସ): ସେମିଳିଗୁଡ଼ାସ୍ଥିତ ନ୍ୟୁ-ଲାଇଫ୍ ଫେଲୋଶିପ୍ ଚର୍ଚ୍ଚରେ ଭାରତୀୟ ଖ୍ରୀଷ୍ଟିଆନ ଦିବସ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ନ୍ୟୁ ଲାଇଫ୍ ଫର୍ ଓଡ଼ିଶାର ସଭାପତି ସୁନୀଲ କ୍ଷତ୍ରିୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକେନ୍ଦ୍ର ଟାକ୍ରି ପରିଚାଳନା କରିଥିଲେ। ଏହି ଅବସରରେ ସୋଲୋମନ ପାଙ୍ଗି, ସୁଶ୍ରୀ ସାଖୀନା କ୍ଷତ୍ରିୟ, ଏଣ୍ଡ୍ରୁ ମଙ୍ଗରାଜ ଏବଂ ଦିନେଶ ପାଙ୍ଗି ମଗ୍ଦଲିନି ଟାକ୍ରି କାଜଲ ଖୋସ୍ଲା ପ୍ରିତି ଖୋସ୍ଲା, କୋଏର ଗୀତଗାନରେ ସହଯୋଗ କରିଥିଲେ। ନିଜ ବକ୍ତବ୍ୟରେ ରେଭ ସୁନୀଲ କ୍ଷତ୍ରିୟ କହିଥିଲେ ଯେ, ଭାରତୀୟ ଖ୍ରୀଷ୍ଟିଆନମାନେ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ ସଂସ୍କାର ଏବଂ ଜାତୀୟ ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଛନ୍ତି। ଡା. ଇଡା ସୋଫିଆ ସ୍କଡର୍ ୧୯୦୦ ମସିହାରେ ଖ୍ରୀଷ୍ଟିୟାନ ମେଡିକାଲ କଲେଜ (ସିଏମ୍‌ସି) ଭେଲୋର ପ୍ରତିଷ୍ଠା କରି ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଐତିହାସିକ ଅଧ୍ୟାୟର ଆରମ୍ଭ କରିଥିଲେ। ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାସ, ଯିଏ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ, ଓଡ଼ିଶା ରାଜ୍ୟ ଗଠନ, ଶିକ୍ଷା, ସାମାଜିକ ନ୍ୟାୟ ଓ ଜନକଲ୍ୟାଣ ପାଇଁ ତାଙ୍କର ଅବର୍ଣ୍ଣନୀୟ ଅବଦାନ ରହିଛି। ସେ ଆହୁରି ଉଲ୍ଲେଖ କରିଥିଲେ ଯେ, କୋରାପୁଟ ଜିଲ୍ଲାରେ ୧୮୮୨ ମସିହାରେ ଜର୍ମାନ ଲୁଥେରାନ୍ ମିଶନାରୀ ରେଭ. ଏର୍ନ୍‌ଷ୍ଟ ପୋହଲ ଏବଂ ରେଭ. ହର୍ମାନ ବୋଥମାନଙ୍କ ନେତୃତ୍ୱରେ ଜେଇଏଲ, ମିଶନ ଶିକ୍ଷା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେମାନେ ଆଦିବାସୀ ଶିଶୁମାନଙ୍କ ପାଇଁ ପ୍ରଥମ ମିଶନ ବିଦ୍ୟାଳୟ ସ୍ଥାପନ କରି ଏହି ଅଞ୍ଚଳରେ ଶିକ୍ଷାର ନୂତନ ଯୁଗର ଶୁଭାରମ୍ଭ କରିଥିଲେ। ସେ କହିଥିଲେ ଯେ, ଅନେକ ଖ୍ରୀଷ୍ଟିଆନ ନିଜ ଜୀବନକୁ ସମର୍ପଣ କରି ଭାରତର ବିକାଶରେ ଅମୂଲ୍ୟ ଅବଦାନ ରଖିଛନ୍ତି। କାର୍ଯ୍ୟକ୍ରମରେ ଲବୋଶ୍ରୀରିଆ ପ୍ରମୁଖଙ୍କ ସମେତ ବହୁ ଗଣ୍ୟମାନ୍ୟ ଖ୍ରୀଷ୍ଟିୟ ବିଶ୍ୱାସୀ ଭାଇ ଓ ଭଉଣୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ତନୁଜା କ୍ଷତ୍ରିୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁକୁ ବାଇଙ୍କ ପରଲୋକ



ପୋଡ଼ାଗଡ଼, ୫।୭ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ବରିଷ୍ଠ ସାମ୍ବାଦିକ ଶୈଳେଶ ଖଡ଼ିଆଙ୍କ ମାତା ସୁକୁ ବାଇଙ୍କ ପରଲୋକ ଘଟିଛି। ଏ ସମ୍ପର୍କରେ ଖବର ପାଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଦଶମନ୍ତପୁର ବ୍ଲକ କଂଗ୍ରେସ କମିଟିର ସଭାପତି ମୋହନପାତ୍ର ହିଆଲ, ଯୁବନେତା ତଥା ପୂର୍ବତନ ସାଂସଦଙ୍କ ପ୍ରତିନିଧି ପଙ୍କଜ ବାଘ ଅଶୋକଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଶୈଳେଶ ଖଡ଼ିଆଙ୍କ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇବା ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ୫ ବର୍ଷ ଧରି ଅବହେଳିତ ମୁଖ୍ୟ ରାସ୍ତା

## ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ଜନଜୀବନ



### ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି

ଗୁଡାରୀ, ୫।୭ (ସମିସ): ଦୀର୍ଘ ପ୍ରାୟ ଚାରି ମାସର ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳି ପରେ ଲଘୁଚାପଜନିତ ବର୍ଷା ଗୁଡାରୀ ଅଞ୍ଚଳବାସୀଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି। ଗତ ୨ ତାରିଖଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିଥିବା ବେଳେ ଗୁଡାରୀ ବ୍ଲକ ଓ ଏନ୍ଏସି ଅଞ୍ଚଳରେ ମଧ୍ୟ ଲଗାତାର ଝିପିଝିପି ବର୍ଷା ଜାରି ରହିଛି। ଏପର୍ଯ୍ୟନ୍ତ ବର୍ଷା ଯୋଗୁଁ ବଡ଼ ଧରଣର କ୍ଷୟକ୍ଷତି ଘଟିନଥିଲେ ମଧ୍ୟ ଭାରି ବର୍ଷାର ଅଭାବ ଯୋଗୁଁ ଚାଷଜମିକୁ ଆବଶ୍ୟକ ପରିମାଣର ପାଣି ମିଳୁନଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ସେହିପରି ଲଗାତାର ବର୍ଷା କାରଣରୁ ସହରରେ ଗ୍ରାହକଙ୍କ ଆଗମନ କମିଯାଇଥିବାରୁ ବ୍ୟବସାୟୀମାନେ ମଧ୍ୟ କ୍ଷତି ସହୁଛନ୍ତି। ଅନ୍ୟପକ୍ଷରେ ବିଜୁ ସେତୁଠାରୁ ଗୁଡାରୀ ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ବର୍ଷା ଦିନରେ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଦେଇଛି। ଦୀର୍ଘଦିନ ଧରି ରାସ୍ତା କାମ ଅଧାରେ ପଡ଼ି ରହିଥିବାରୁ ବର୍ଷା ପାଣିରେ ଖାଲଖମା ରାସ୍ତା କାଦୁଅମୟ ପାଲଟିଯାଇଛି। ଫଳରେ ପାଦଚାରୀ, ଦୁଇଚକିଆ ଓ ଚାରିଚକିଆ ଯାନବାହନ ଚଳାଚଳ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଗୁଡାରୀ ଏନ୍ଏସି ପକ୍ଷରୁ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ କିଛି ଅଂଶରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଅବଶିଷ୍ଟ ଅଂଶ ଆଜି ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି। ରାଜ୍ୟ ସରକାର କିମ୍ବା ଜନପ୍ରତିନିଧିଙ୍କ ପକ୍ଷରୁ ଆବଶ୍ୟକ ଅନୁଦାନ ନ ମିଳିବାରୁ ସମସ୍ୟାର ସମାଧାନ ହୋଇପାରୁନାହିଁ। ଏହାର ସିଧାସଳଖ ପ୍ରଭାବ ସାଧାରଣ ଲୋକ, ବସ୍, ଟ୍ରକ୍ ଚାଳକ ଓ ଆଖପାଖ ପଞ୍ଚାୟତବାସୀଙ୍କ ଉପରେ ପଡ଼ୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ପାଞ୍ଚ ବର୍ଷ ଧରି ଏହି ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଜିଲ୍ଲାପାଳ, ବିଡିଓ ଓ ସମ୍ପୃକ୍ତ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ। ୬୦ ବର୍ଷର ପୁରୁଣା ଗୁଡାରୀ ଏନ୍ଏସିର ମୁଖ୍ୟ ରାସ୍ତାର ଏଭଳି ଦୁରବସ୍ଥାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବର୍ଷା ଋତୁରେ ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଗୁଡାରୀ ମୁଖ୍ୟ ରାସ୍ତାର ତୁରନ୍ତ ମରାମତି ଓ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ସାଧାରଣ ଲୋକ ଜୋରଦାର ଦାବି କରିଛନ୍ତି।

## ତାଲୁକ ଲିଗାଲ ସର୍ଭିସ୍ ପକ୍ଷରୁ ବନ ମହୋତ୍ସବ




ଉମରକୋଟ, ୫।୭ (ସର୍ଭିସ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ତାଲୁକା ଲିଗାଲ ସର୍ଭିସ୍ ପକ୍ଷରୁ ୭୭ତମ ବନ ମହୋତ୍ସବ ସପ୍ତାହ ଉତ୍ସବ ପାଳିତ ହୋଇଯାଇଛି। ମେଦାବେଡାସ୍ଥିତ ପ୍ରସ୍ତାବିତ ନୂତନ କୋର୍ଟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଜେ ସୁନୀତା ପଟ୍ଟନାୟକ, ସବ୍‌ଜଜ୍ ଚିନ୍ମୟ କୁମାର ପାଢ଼ୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଇପ୍ସିତା ଭୋଇ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ ଓ ଆଇନଜୀବୀ ଏବଂ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ପ୍ରତି ନିଜର ଦାୟିତ୍ୱବୋଧ ପ୍ରକାଶ କରିଥିଲେ।। ଏହି ଅବସରରେ ବନ ବିଭାଗର ଅଧିକାରୀଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ କୋର୍ଟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ କାର୍ଯ୍ୟକ୍ରମରେ କୌଣସି ବାଧା ସୃଷ୍ଟି ହୋଇନଥିଲା। ବରଂ ବର୍ଷାକୁ ପ୍ରକୃତିର ଆଶୀର୍ବାଦ ବୋଲି ମାନି ସମସ୍ତେ ଉତ୍ସାହର ସହ ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୋଇଥିଲେ। ଆଇନଜୀବୀ ମାନେ ମଧ୍ୟ ନିଜ ହାତରେ ଚାରା ଲଗାଇ ସେଗୁଡ଼ିକର ଯତ୍ନ ନେବାକୁ ସଂକଳ୍ପ ନେଇଥିଲେ।

## ଖସଡ଼ା ଭୋଟର ତାଲିକା ପ୍ରକାଶିତ

# ଜିଲ୍ଲାରୁ ବାଦ୍ ପଡ଼ିଲେ ୫୬,୭୦୫ ମତଦାତା

ନୟାଗଡ଼, ୫।୭ (ସମିସ)



ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଛି। ମେ ୩୦ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ପ୍ରାଥମିକ କାର୍ଯ୍ୟ ଜୁନ ୨୮ରେ ଶେଷ ହୋଇଥିଲା। ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ଭାବେ ଏସ୍ଆଇଆର୍ କାର୍ଯ୍ୟ ସହ କରାଯାଇଥିଲା। ଆଜି ଡ୍ରାଫ୍ଟ (ଖସଡ଼ା) ଭୋଟର ତାଲିକା ପ୍ରକାଶ ପାଇଥିବା ବେଳେ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଅଭିଯୋଗ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ସେପ୍ଟମ୍ବର ୨ ତାରିଖ ସୁଦ୍ଧା ସମସ୍ତ ଶୁଣାଣି କରାଯିବା ପରେ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ନୟାଗଡ଼ ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, କଂଗ୍ରେସ ଜିଲ୍ଲା ସଭାପତି ରଣଜିତ ଦାଶ, ସିପିଆଇଏମ୍ ନେତା ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜନୈତିକ ଦଳଗୁଡ଼ିକୁ ଭୋଟର ତାଲିକାର ଉଭୟ ସ୍ୱଫ୍ଟ ଓ ହାର୍ଡ କପି ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାରେ ୫୬, ୭୦୫ ଭୋଟର ୨୦୨୫ ତାଲିକା ତୁଳନାରେ ବାଦ୍ ପଡ଼ିଥିବା ସୂଚନା ମିଳିଛି। ଜିଲ୍ଲାରେ ୭ ଲକ୍ଷ ୯୭ ହଜାର, ୨୮୯ ଭୋଟରଙ୍କ ମଧ୍ୟରୁ ଖସଡ଼ା ଭୋଟର ତାଲିକାରେ ୭ ଲକ୍ଷ ୩୮ ହଜାର ୩୧୦ ଜଣଙ୍କ ନାମ ରହିଛି। ୧୮ ହଜାର ୩୩ ଜଣ ଭୋଟରଙ୍କ ମୃତ୍ୟୁ ଘଟିଛି। ୨୬ ହଜାର ୩୩୪ ଜଣ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଛନ୍ତି। ୭୪୧୦ ଜଣ ଅନୁପସ୍ଥିତ ଥିବା କୁହାଯାଇଛି। ୪୧୪୩ ଜଣ ଅନ୍ୟ ସ୍ଥାନରେ ଭୋଟର ତାଲିକାରେ ନିଜ ନାମ ରଖିଛନ୍ତି। ଅନ୍ୟାନ୍ୟ କାରଣ ପାଇଁ ୭୭୫ ଜଣ ବାଦ ପଡ଼ିଛନ୍ତି। କୌଣସି କାରଣରୁ ବାଦ୍ ପଡ଼ିଥିବା ଭୋଟରମାନେ ଫର୍ମ-୬ ଜରିଆରେ ଆବଶ୍ୟକ ତଥ୍ୟ ଦେଇ ତାଲିକାରେ ନିଜ ନାମକୁ ଯୋଡ଼ିପାରିବେ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

# ଅବିଶ୍ରାନ୍ତ ବର୍ଷାରେ ଧାନ ଫସଲ ବୁଡ଼ିଲା



**ଖଣ୍ଡପଡ଼ା, ୫।୭ (ସମିସ):** ଅବିଶ୍ରାନ୍ତ ବର୍ଷା ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଶହ ଶହ ଏକର ଚାଷଜମି ପାଣିରେ ବୁଡ଼ିରହିବା ସହ ଧାନ ଫସଲ ଉଜୁଡ଼ିବା ଭଳି ସ୍ଥିତି ଉପୁଜିଛି। ବ୍ଲକର ବୋଦସା, ବେଣାଗାଡ଼ିଆ, ବାଣପୁର, କଣ୍ଟିଲୋ, ସିଧାମୂଳା, ରାଣୀଛେଲି ପଞ୍ଚାୟତର କିଛି ଚାଷଜମି ଜଳମଗ୍ନ ହୋଇଛି। ଗତ ତିନିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କୁସୁମୀ ଏବଂ କୁଆଁରିଆ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ମହାନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଉପନଦୀଗୁଡ଼ିକର ବନ୍ୟାପାଣି ମହାନଦୀକୁ ଧୀରେ ଧୀରେ ନିଷ୍କାସିତ ହେଉଛି। ବିଶେଷ ଭାବେ ବନମାଳୀପୁର ପଞ୍ଚାୟତ ବାହାଡ଼ା ଗହୀରରେ ଆମ୍ବନାଳ ବନ୍ୟାଜଳ ସହ ସଡ଼େଇପାଟ ଜଳ ପ୍ରବେଶ କରିବାରୁ ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ପୂର୍ବରୁ ଚାଷଜମି ଶୁଖିଲା ଥିବାବେଳେ ଏବେ ସମ୍ପୂର୍ଣ୍ଣ ଅଞ୍ଚଳର ଜମି ଜଳମଗ୍ନ ହେବା ସହ ଦୁଇଦିନ ଧରି ପାଣି ନ ଛାଡ଼ିବା ଯୋଗୁଁ ଧାନ ଫସଲ ନଷ୍ଟ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ବହୁ ପଞ୍ଚାୟତରେ ପନିପରିବା ଚାଷ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।

● ବୈଷ୍ଣୋଦେବୀ ମନ୍ଦିରରୁ ଚୋରିକୁ ଦୁଇମାସ ବିତିଲା

# ଧରାପଡ଼ିଲେନି ଚୋର, ଉଦ୍ଧାର ହେଲାନି ଅଳଙ୍କାର

**ଓଡ଼ଗାଁ, ୫।୭ (ସମିସ):** ଓଡ଼ଗାଁ ବ୍ଲକ ଜାମୁକୋଣସ୍ଥିତ ମା' ବୈଷ୍ଣୋଦେବୀ ମନ୍ଦିରରୁ ଚୋରି ଘଟଣାକୁ ଦୁଇ ମାସ ବିତିଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ନା ଚୋରଙ୍କୁ ଗିରଫ କରିଛି ନା ଚୋରି ସୁନା ଅଳଙ୍କାର ଉଦ୍ଧାର କରିବାରେ ସଫଳ ହୋଇଛି। ଏ ନେଇ ଭକ୍ତଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠାଉଛନ୍ତି। ଗତ ଏପ୍ରିଲ ୩୦ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର କବାଟ ଭାଙ୍ଗି ତିନିଟି ସୁନା ମୁକୁଟ, ତିନିଟି ସୁନା ହାର ଓ ତିନିଟି ଚାନ୍ଦିର ଚାନ୍ଦୁଆ ଚୋରି କରିଥିଲେ। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ବୋଲି କୁହାଯାଉଛି। ପରଦିନ ଶରଣକୁଳ ଥାନାରେ ଏନେଇ ମାମଲା ରୁଜୁ ହେବା ପରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ହେଲେ ଦୁଇ ମାସ ବିତିଯାଇଥିଲେ ମଧ୍ୟ ପୁଲିସକୁ କୌଣସି ସଫଳତା ମିଳିନାହିଁ। ଘଟଣା ଦିନ ରାତିରେ କାଳବୈଶାଖୀ ବର୍ଷା ପବନ ଯୋଗୁଁ ବିଦ୍ୟୁତ ବିଚ୍ଛିନ୍ନ ହେବା, ସିସିଟିଭି ବନ୍ଦ ରହିବା, ଜେନେରେଟର ଚାଲୁ ନ କରିବା ଏବଂ ସୁରକ୍ଷା ବ୍ୟବସ୍ଥା ଅଭାବ ଏହି ଚୋରିର ପ୍ରମୁଖ କାରଣ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ମନ୍ଦିରରେ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା, ସଚଳ ସିସିଟିଭି, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଓ ପ୍ରଶିକ୍ଷିତ ସୁରକ୍ଷାକର୍ମୀ ନିଯୁକ୍ତ କରିବାକୁ ଦାବି ହେଉଛି। ଖୁବ୍ କମ୍‌ଦିନ ମଧ୍ୟରେ ରାଜ୍ୟର ଅନ୍ୟତମ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତି ଲାଭ କରିଥିବା ଜାମୁକୋଣ ବୈଷ୍ଣୋଦେବୀ ମନ୍ଦିରରେ ଘଟିଥିବା ଏହି ଚୋରି ଅଗଣିତ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ତେଣୁ ଘଟଣାର ଶୀଘ୍ର ପର୍ଦ୍ଦାଫାସ କରି ଚୋରଙ୍କୁ ଗିରଫ ଏବଂ ଚୋରି ସାମଗ୍ରୀ ଉଦ୍ଧାର କରିବା ସହ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ପ୍ରଶାସନ ନିକଟରେ ଭକ୍ତ ଓ ସ୍ଥାନୀୟ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

# କଇଁଫୁଲିଆରେ ସର୍ବାଧିକ ଯକ୍ଷ୍ମା ରୋଗୀ

**ଭାପୁର, ୫।୭ (ସମିସ):** ଯକ୍ଷ୍ମା ରୋଗ ନିରାକରଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଏହା ବର୍ତ୍ତମାନ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କାରଣ ଯୁବସମାଜ ମଧ୍ୟରେ ବେଲଗାମ ଭାବେ ତମାଖୁ ସେବନ ବୃଦ୍ଧି ପାଇଛି। ଏହା ଯୋଗୁଁ ଫୁସଫୁସ ଜନିତ ରୋଗ ଦେଖାଦେଇଥାଏ ଓ ବର୍ତ୍ତମାନ ସମାଜରେ ବିଭିନ୍ନ ଖାଦ୍ୟ ସାରଣୀ ଯୋଗୁଁ ଶରୀରର ଅନ୍ୟ ଅଂଶରେ ମଧ୍ୟ ଏହି ରୋଗ ସୃଷ୍ଟି ହୋଇଥାଏ। ଭାପୁର ବ୍ଲକର ୧୭ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ବର୍ତ୍ତମାନ ୩୬ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଥିବା ବେଳେ ଏହା ପ୍ରତିବର୍ଷ ୬୦-୭୦କୁ ଛୁଉଁଛି। କଇଁଫୁଲିଆ କେନ୍ଦ୍ରରେ ସର୍ବାଧିକ ୫ ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ବଡ଼ସହରା କେନ୍ଦ୍ରରେ ୨, ବାଘୁଆପଲ୍ଲୀରେ ୧, ବାଇଗୁଣିଆରେ ୨, ବାରବାଟୀରେ ୩, ଭଗବାନପୁରରେ ୧, ଭାପୁରରେ ୩, ଚକ୍ରଧରପ୍ରସାଦରେ ୨, ଦାରୁଢିପରେ ୨, ଫତେଗଡ଼ରେ ୩, ଗୋଲାପୋଖରୀରେ ୨, କରବରରେ ୩, ଖଇରଗାଡ଼ିଆରେ ୨, ମାରଡ଼ାରେ ୨, ପଦ୍ମାବତୀରେ ୨, ସୁନାଖଳାରେ ୧, ଟିକିରିପଡ଼ାରେ ୧ ଏପରି ମୋଟ ୩୬ ଜଣ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ରାଜ୍ୟ ସରକାର 'ନିକ୍ଷୟ ପୋଷଣ ଯୋଜନା'ରେ ରୋଗୀଙ୍କୁ ମାଗଣା ଔଷଧ ସହ ୬ ମାସ ପର୍ଯ୍ୟନ୍ତ ମାସିକ ଏକ ହଜାର ଲେଖାଏଁ ଟଙ୍କା ପ୍ରଦାନ କରୁଛନ୍ତି। ଏହି ଅର୍ଥରେ ସେମାନେ କ୍ଷୀର, ଅଣ୍ଡା ଭଳି ପୁଷ୍ଟିକର ଖାଦ୍ୟ ଖାଇବେ। ଏହି ରୋଗ ନିରାକରଣୀୟ ହୋଇଥିବାରୁ ଆକ୍ରାନ୍ତ ବ୍ୟକ୍ତିମାନେ ଡାକ୍ତରଙ୍କ ପରାମର୍ଶ ନେବାକୁ ଡାକ୍ତରଖାନା ତରଫରୁ କୁହାଯାଇଛି।

# ବାଣପୁର ଛକ ଜଳାର୍ଣ୍ଣବ: ରାଜପଥରେ ୨ଫୁଟ ପାଣି

**କଣ୍ଟିଲୋ, ୫।୭ (ସମିସ):** ୨ଦିନ ଧରି ଲଗାଣ ବର୍ଷା ଫଳରେ ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ମୁଖ୍ୟ ଛକ ରାସ୍ତା ଜଳାର୍ଣ୍ଣବ ହୋଇଛି। ରାସ୍ତାରେ ୨ ଫୁଟ ଜଳ ପ୍ରବାହିତ ହୋଇଥିଲା। ଫଳରେ ଯାତାୟାତରେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଜଳ ନିଷ୍କାସନ ସମସ୍ୟା ହେତୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି।



ତିନି ଦିଗକୁ ସଂଯୋଗ କରୁଥିବା ବାଣପୁର ଛକ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଖଣ୍ଡପଡ଼ା ଓ ଗଣିଆ ପୂର୍ତ୍ତ ବିଭାଗର ଏହି ଛକ ସଂଯୋଗସ୍ଥଳ। ଏହିଛକ ରାଜଧାନୀ ଭୁବନେଶ୍ୱର ଓ ଦଶପଲ୍ଲା, ନରସିଂହପୁରକୁ ମୁଖ୍ୟ ରାସ୍ତା ଭାବେ ପରିଗଣିତ। ତେବେ ରାସ୍ତାରେ ଡ୍ରେନେଜ ସମସ୍ୟା ହେତୁ ବର୍ଷାଜଳ ତଥା ଗ୍ରାମରୁ ନିର୍ଗତ ନର୍ଦ୍ଦମା ପାଣି ଜମା ହୋଇ ରହିବା ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନେ କଷ୍ଟେମଷ୍ଟେ ଚଳିଯାଉଥିବା ବେଳେ ବର୍ଷା ଋତୁ ଆରମ୍ଭରୁ ରାସ୍ତା ଅବସ୍ଥା ବେହାଲ ହୋଇପଡ଼ିଛି। ରାସ୍ତାରେ ଅବିରତ ଭାବେ ନର୍ଦ୍ଦମା ପାଣିର ସୁଅ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିବା ସହ ବର୍ତ୍ତମାନ ୨ଫୁଟ ପାଣି ବହିଚାଲିଛି। ବାଧ୍ୟହୋଇ ଉକ୍ତ ନର୍ଦ୍ଦମା ପାଣି ଦେଇ ପ୍ରତିଦିନ ଲୋକେ ଯାତାୟାତ କରୁଛନ୍ତି। ବର୍ଷ ବର୍ଷ ଧରି ରାସ୍ତା ଏଭଳି ଅବସ୍ଥାରେ ରହିବା ପରେ ଏବେ ପୂର୍ତ୍ତ ବିଭାଗ ପକ୍ଷରୁ ବାଣପୁର-ଗଣିଆ ରାସ୍ତାରେ ଡ୍ରେନ ନିର୍ମାଣ ମାସେ ତଳୁ ଆରମ୍ଭ ହୋଇଛି। ମାତ୍ର ଆବଶ୍ୟକ ସ୍ଥାନରେ ଏ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ହୋଇନାହିଁ। ଜଳ ନିଷ୍କାସନ ସମସ୍ୟା ସମାଧାନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ପାର୍ଶ୍ୱରେ ମହାନଦୀ ବନ୍ଧରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ ପ୍ରସ୍ତାବ ରହିଛି। ଉକ୍ତ ସ୍ଲୁଇସ୍ ଗେଟ ମଧ୍ୟ ଦେଇ ଗ୍ରାମରୁ ନିର୍ଗତ ଜଳ ନିଷ୍କାସିତ ହେବ। ଏଥିପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସାଂସଦ, ବିଧାୟକଙ୍କ ଦ୍ୱାରା ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ୫ ମାସ ତଳୁ ହୋଇଥିଲେ ହେଁ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଯନ୍ତ୍ରୀ ରାମମୋହନ ବେହେରାଙ୍କ ପ୍ରତିକ୍ରିୟା ନେବାରେ କହିଲେ, ସ୍ଲୁଇସ୍ ଗେଟ ନିର୍ମାଣ ପାଇଁ ବ୍ୟୟ ଅଟକଳ ହୋଇଛି। ଏହି ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟାରେ ରହିଛି। ଚଳିତ ବର୍ଷାଋତୁ ପରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି। ତେବେ ଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ଜଳ ନିଷ୍କାସନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ବାଣପୁର ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବସନ୍ତପୁର ଗାଁ ଦାଣ୍ଡରେ ୨ ଫୁଟ ପାଣି

**ଗଣିଆ, ୫।୭ (ସମିସ):** ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ଗଣିଆରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗାଁ, ଦାଣ୍ଡ, ପୋଖରୀ, ନାଳରେ ବର୍ଷାଜଳ ଭର୍ତ୍ତି ହୋଇଯାଇଛି। ଲୋକେ ଘରୁ ବାହାରି ପାରୁନାହାନ୍ତି।



ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ବସନ୍ତପୁର ଗାଁ ଦାଣ୍ଡରେ ରବିବାର ଅଚାନକ ଦୁଇ ଫୁଟରୁ ଅଧିକ ବର୍ଷା ପାଣି ପ୍ରବାହିତ ହୋଇଥିଲା। ଗାଁର ଉଭୟ ପାର୍ଶ୍ୱରେ ଥିବା ନାଳ ପୋତି ହୋଇଯାଇଥିବାରୁ ନାଳରେ ପାଣି ନ ଯାଇ ଗାଁ ଦାଣ୍ଡରେ ପ୍ରବାହିତ ହେଉଛି। ଫଳରେ ଗାଁରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପନିପରିବା କ୍ଷେତରେ ପାଣି ପଶି ଫସଲ ନଷ୍ଟ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମରେ ଅନେକ ଚାଷୀ ପରିବାର ରହିଥିବା ବେଳେ ସେମାନଙ୍କ ଫସଲ ଉଜୁଡ଼ିଯିବା ଅବସ୍ଥାରେ ରହିଛି। ଅନେକଙ୍କ ଘର ଭିତରେ ମଧ୍ୟ ପାଣି ପଶି କ୍ଷୟକ୍ଷତି ହୋଇଛି। ଏଥିସହ ପାଣିରେ ବିଷାକ୍ତ ସରୀସୃପ ମଧ୍ୟ ଚଳପ୍ରଚଳ କରୁଛନ୍ତି। ଏ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

● ବର୍ଷା ଅନିୟମିତତା

# ତଳି ପକାଇ ନ ଥିବା ଚାଷୀ ଚିନ୍ତାରେ

**ଭାପୁର, ୫।୭ (ସମିସ):** ଲଘୁଚାପ ପ୍ରଭାବରେ ଭାପୁର ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ଏପରି ବର୍ଷା ଚାଷୀଙ୍କୁ ଖୁବ୍ ଖୁସି କରିଛି। ଯେଉଁ ଚାଷୀମାନେ ଖରଡ଼ି ଧାନତଳି ପକାଇଛନ୍ତି ସେଗୁଡ଼ିକ ଆଉ ଏକ ସପ୍ତାହ ମଧ୍ୟରେ ରୁଆରୋଇ ହେବ।



ଅନ୍ୟପଟେ ଯେଉଁମାନେ ତଳି ପକାଇ ନାହାନ୍ତି ସେମାନେ ମନସ୍ତାପରେ ଅଛନ୍ତି। ଏବର୍ଷ ଏଲନିନୋ ସମ୍ଭାବନା ଥିବାରୁ ଧାନଚାଷ ପାଇଁ ବିଭିନ୍ନ ଆଶଙ୍କା କରି ସରକାର ଓ ବିଶେଷଜ୍ଞମାନେ ଚାଷୀଙ୍କୁ ସଚେତନ କରୁଛନ୍ତି। ଏ ପରିସ୍ଥିତିରେ ଯେଉଁ ଚାଷୀମାନେ ଧାନତଳି ପକାଇ ଦେଇଛନ୍ତି ସେମାନେ ଖୁସି ଅଛନ୍ତି। ଭାପୁର ବ୍ଲକ ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଏଠାରେ ବେଉଷଣ ଓ ତଳିରୁଆ ଧାନଚାଷର ପ୍ରଧାନ କାର୍ଯ୍ୟ। ବେଉଷଣ ସରିଗଲେ ଚାଷୀର ଅଧା ଅସୁବିଧା ଦୂର ହୋଇଥାଏ। ବର୍ତ୍ତମାନ ସବୁ ବିଲବାଡ଼ିରେ ପାଣି ଭରି ରହିଛି। ତେଣୁ ଚାଷୀମାନେ ଟ୍ରାକ୍ଟର ମାଧ୍ୟମରେ ବିଲ କାଦୁଅ କରିବା ଆରମ୍ଭ କରିଦେଲେଣି। ଆଉ ସପ୍ତାହକ ପରେ ଆଉ ଏକ ବଡ଼ ବର୍ଷା ଚାଷକାମକୁ ଅଧା ସାରିଦେବ ବୋଲି ଚାଷୀ କହୁଛନ୍ତି।

# ଅଲଟ୍ରାସାଉଣ୍ଡ କ୍ଲିନିକ ସିଲ୍ କଲା ପ୍ରଶାସନ

● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ଭୂମିକା ନେଇ ଚର୍ଚ୍ଚା

**ନୟାଗଡ଼, ୫।୭ (ସମିସ):** ନୟାଗଡ଼ ସହର ଖଣ୍ଡପଡ଼ା ରାସ୍ତାରେ ଥିବା ନିରୋଗ ଡାଇଗ୍ନୋଷ୍ଟିକରେ ରବିବାର ଅନୁମତିପ୍ରାପ୍ତ ଡାକ୍ତରଙ୍କ ବଦଳରେ ଅନ୍ୟ ଦିନ ପାଇଁ ଅନୁମତିପ୍ରାପ୍ତ ଡାକ୍ତରଙ୍କ ଜରିଆରେ ଅଲଟ୍ରାସାଉଣ୍ଡ କରାଯାଉଥିଲା। ଖବର ପାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଚଢ଼ଉ କରି ଉକ୍ତ ଅଲଟ୍ରାସାଉଣ୍ଡ କ୍ଲିନିକକୁ ସିଲ୍ କରିଛି। ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ଚଢ଼ଉ କରିଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ଚଢ଼ଉରେ ସାମିଲ ହୋଇଥିଲେ। ଅଭିଯୋଗ ମୁତାବକ ରବିବାର ଉକ୍ତ ସଂସ୍ଥାରେ ଅଲଟ୍ରାସାଉଣ୍ଡ



କରିବା ପାଇଁ ଯେଉଁ ଡାକ୍ତରଙ୍କୁ ଅନୁମତି ପ୍ରଦାନ କରାଯାଇଥିଲା, ସେ ଅନୁପସ୍ଥିତ ଥିଲେ। ମିଳିଥିବା ସୂଚନାନୁସାରେ, ନିରୋଗ ଡାଇଗ୍ନୋଷ୍ଟିକରେ ସପ୍ତାହକୁ ତିନି ଦିନ ଅଲଟ୍ରାସାଉଣ୍ଡ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ରବିବାର, ଶୁକ୍ରବାର, ବୁଧବାର ପାଇଁ ୩ ଜଣ ଡାକ୍ତରଙ୍କୁ ଅନୁମତି ମିଳିଛି। ଆଜି ରବିବାର ଅଲଟ୍ରାସାଉଣ୍ଡ ପାଇଁ ବହୁ ରୋଗୀ ଆଗୁଆ ନାମ ପଞ୍ଜୀକରଣ କରିଥିଲେ। ତେବେ କୌଣସି କାରଣରୁ ରବିବାର ଅନୁମତିପ୍ରାପ୍ତ ଡାକ୍ତର ଆସିପାରି ନ ଥିଲେ। ଫଳରେ ସଂସ୍ଥା ପକ୍ଷରୁ ରୋଗୀଙ୍କ ସୁବିଧା ପାଇଁ ଶୁକ୍ରବାର ଅନୁମତି ପାଇଥିବା ଡାକ୍ତରଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ କରାଯାଉଥିଲା। ଏନେଇ କୌଣସି ବ୍ୟକ୍ତି ଅଭିଯୋଗ କରିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପିସିପିଏନଡିଟି ଆକ୍ଟ ଅନୁସାରେ ଚଢ଼ଉ କରିଥିଲା। ରବିବାର ପାଇଁ ଅନୁମତିପ୍ରାପ୍ତ ଡାକ୍ତର ଅନୁପସ୍ଥିତ ଥିବା ଦର୍ଶାଇ କ୍ଲିନିକ ସିଲ୍ କରାଯାଇଛି। ତେବେ ଏହି ଚଢ଼ଉ ପଛରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ ଡାକ୍ତରଙ୍କ ଭୂମିକା ରହିଥିବା ଆଲୋଚନା ହେଉଛି। ତାଙ୍କ ବେନାମୀ ମାଲିକାନାରେ ଚାଲିଥିବା ଅନ୍ୟ ଏକ ଅଲଟ୍ରାସାଉଣ୍ଡ କ୍ଲିନିକ୍ କ୍ଷତିଗ୍ରସ୍ତ ହେଉଥିବାରୁ ଜାଣିଶୁଣି ପ୍ରାୟୋଜିତ ଭାବେ ଚଢ଼ଉ କରାଯାଇଥିବା ଚର୍ଚ୍ଚା ହେଉଛି।

# ଚାରା ବିତରଣ କେନ୍ଦ୍ର ଉଦଘାଟିତ



**ଓଡ଼ଗାଁ, ୫।୭ (ସମିସ):** ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ଗାଁ ସେକ୍ସନ ପକ୍ଷରୁ ଏକ ଚାରା ବିତରଣ କେନ୍ଦ୍ର ଉଦଘାଟିତ ହୋଇଛି। ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ ଏହାକୁ ଉଦଘାଟନ କରିବା ସହ ଉପସ୍ଥିତ ଲୋକଙ୍କୁ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରିଥିଲେ। ଲୋକେ ଏହି କେନ୍ଦ୍ରରୁ ପ୍ରତି ଚାରା ମାତ୍ର ୧ ଟଙ୍କାରେ ସଂଗ୍ରହ କରାଯାଇପାରିବେ ବୋଲି ବନପାଳ ସରିତା ବରାଳ ସୂଚନା ଦେଇଛନ୍ତି। ଏହି ପଦକ୍ଷେପକୁ ଲୋକଙ୍କ ପକ୍ଷରୁ ଭଲ ସମର୍ଥନ ମିଳୁଥିବା ବେଳେ ଚାରା ସଂଗ୍ରହ କରି ରୋପଣ କରିବା ପ୍ରତି ଆଗ୍ରହ ମଧ୍ୟ ବୃଦ୍ଧି ପାଉଥିବା ଦେଖାଯାଇଛି।

● ଉଦଘାଟନକୁ ୨ ସପ୍ତାହ ବିତିନି

# ଧୋଇଗଲା ବାଇପାସ୍ ସର୍ଭିସ୍ ରୋଡ୍



**ନୟାଗଡ଼, ୫।୭ (ସମିସ):** ନୟାଗଡ଼ ସହରକୁ ଟ୍ରାଫିକମୁକ୍ତ କରିବାକୁ ନୂତନ ଭାବେ ନିର୍ମାଣ ହୋଇଥିବା ବଡ଼ପଣ୍ଡୁସର ଓ ମାଙ୍କପଲ୍ଲୀ ବାଇପାସ ରାସ୍ତା ଦୁଇ ସପ୍ତାହ ତଳେ ଉଦଘାଟିତ ହୋଇଥିଲା। ତେବେ ଚଳିତ ଲଗାଣ ବର୍ଷାରେ ଏହାର ସର୍ଭିସ ରୋଡ୍ ଧୋଇଯାଇଥିବା ଦେଖାଯାଇଛି। ଶତାଧିକ କୋଟି ଟଙ୍କା ବ୍ୟୟରେ ଏଆର୍ଏସ୍ଏସ୍ କମ୍ପାନୀ ଦ୍ୱାରା ବାଇପାସ ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତା ନିର୍ମାଣ ସମୟରେ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ କର୍ଣ୍ଣପାତ କରି ନ ଥିଲା। ଗୋଟିଏ ବର୍ଷାରେ ଲେଙ୍କୁଡ଼ିପଡ଼ା ନିକଟରେ ସର୍ଭିସ ରୋଡ୍ ଧୋଇଯାଇଥିବା ଦେଖିବାକୁ ମିଳିଛି। ୧୭ କିଲୋମିଟର ବାଇପାସ ନିର୍ମାଣ କରାଯାଇଥିବା ବେଳେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବା ଅବସରରେ ଏହି ରାସ୍ତା ଉଦଘାଟିତ ହୋଇଥିଲା। ଜାତୀୟ ରାଜପଥ ବିଭାଗ ଉକ୍ତ ସ୍ଥାନରେ ଡଷ୍ଟ ପକାଇ ମରାମତି କରିବା ପାଇଁ ଯୋଜନା ଆରମ୍ଭ କରିଛି।

## ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଠିକାସଂସ୍ଥା ଚୟନ ପ୍ରସଙ୍ଗ

# ମୋହରା ସାଜିଛି କି ଚୟନ କମିଟି?

ନୟାଗଡ଼, ୫।୭ (ସମିସ)

ନୟାଗଡ଼ ଜିଲ୍ଲା ଅଧୀନ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ଠିକା କର୍ମଚାରୀ ନିଯୁକ୍ତି ପାଇଁ ଠିକାସଂସ୍ଥା ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ହୋଇଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଜୁଲାଇ ୩ ତାରିଖ ଚୂଡ଼ାନ୍ତ ଚୟନ ପ୍ରକ୍ରିୟାରେ ବ୍ୟାପକ ହେରାଫେରି କରାଯାଇଥିବା ନେଇ ଅନ୍ୟ ଏକ ଠିକାସଂସ୍ଥା ଜିଲ୍ଲାପାଳ ଓ ପିସିସିଏଫ୍‌ଙ୍କୁ ଅଭିଯୋଗ କରିଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ରାମପଦ ଅରବିନ୍ଦ ମିଶ୍ର ଚୟନ କମିଟି ଦ୍ୱାରା ଠିକାସଂସ୍ଥା ଚୟନ ହୋଇଥିବା ସଫେଇ ଦେଉଥିବା ବେଳେ ଚୟନ କମିଟି ମୋହରା ସାଜିଥିବା ଅଭିଯୋଗ ଉଠିଛି। ଚୟନ କମିଟିରେ ନୟାଗଡ଼ ବନଖଣ୍ଡ ଅଧିକାରୀ ସଦସ୍ୟ ଥିବା ବେଳେ ଚୂଡ଼ାନ୍ତ ଚୟନ ସମୟରେ ସେ ଅନୁପସ୍ଥିତ ଥିଲେ। ଡିଏଫ୍ଓଙ୍କ ପ୍ରତିନିଧି ଭାବେ ଉପସ୍ଥିତ ଥିବା ନୟାଗଡ଼ ବନଖଣ୍ଡ ଏସିଏଫ୍ ସତ୍ୟଜିତ କର ଗ୍ରୁପ-୫ ସିକ୍ୟୁରିଟି ସର୍ଭିସ ପ୍ରତିନିଧି ଅବିନାଶ ସାହୁଙ୍କ ଅଭିଯୋଗକୁ ଗ୍ରହଣ ନ କରି ବଳପୂର୍ବକ ଚୁପ କରାଇଥିବା ଅଭିଯୋଗ ହୋଇଛି।

ଜୁନ ୧୮ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୨୨୮ ଠିକା କର୍ମଚାରୀ ନିଯୁକ୍ତି ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ୨୨୮ କର୍ମଚାରୀଙ୍କ ମଧ୍ୟରେ ଡାଟା ଏଣ୍ଟ୍ରି ଅପରେଟର୍, ଫରେଷ୍ଟ ପ୍ରୋଟେକ୍ସନ୍ ସ୍କ୍ୱାଡ୍, ବନ୍ୟପ୍ରାଣୀ ସୁରକ୍ଷା କର୍ମଚାରୀ, ଆପିସିଇଏ ସ୍କ୍ୱାଡ୍, ହାତୀ ସ୍କ୍ୱାଡ୍, ଆଣ୍ଟି ପୋଚିଂ ସ୍କ୍ୱାଡ୍ ରହିଥିଲେ। ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ ପାଇଁ ୪ଟି ସଂସ୍ଥା ଆବେଦନ କରିଥିଲେ।

● କାହିଁକି ଅନୁପସ୍ଥିତ ରହିଲେ ନୟାଗଡ଼ ଡିଏଫ୍ଓ
● କାହା ବଳରେ ବଳିଆନ୍ ଏସିଏଫ୍ ସତ୍ୟଜିତ୍

ଏଲ୍ ଆଣ୍ଡ କେ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍, ନିରାକାର ସିକ୍ୟୁରିଟି ସର୍ଭିସ, କ୍ୟାପିଟାଲ୍ ଆଉଟସୋର୍ସିଂ, ଗ୍ରୁପ ୫ ସିକ୍ୟୁରିଟି ସର୍ଭିସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଠିକାସଂସ୍ଥା ଚୟନ ପାଇଁ ମହାନଦୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିର ଅଧ୍ୟକ୍ଷ ଭାବେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ରହିଥିଲେ। ତାଙ୍କ ସହ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ସମ୍ପାଦକ ରହିଥିଲେ। ସଦସ୍ୟ ଭାବେ ନୟାଗଡ଼ ବନଖଣ୍ଡ ଅଧିକାରୀ, ସିଟି ଜିଏସ୍‌ଟି ଅଫିସର୍, ଜିଲ୍ଲା ଶ୍ରମ ଅଧିକାରୀ, ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସେକ୍ସନ ଅଫିସର, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସେକ୍ସନ ଆସିଷ୍ଟାଣ୍ଟ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଆ କା ଉ ଣ୍ଟା ଣ୍ଟ ରହିଥିଲେ। ତେବେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା ଅନୁପସ୍ଥିତ ରହିବା ଓ ତାଙ୍କ ବଦଳରେ ପ୍ରତିନିଧି ଭାବେ ଏସିଏଫ୍ ସତ୍ୟଜିତ୍ କର ଉପସ୍ଥିତ ହୋଇ ମାମଲାତି କରିବାକୁ ନେଇ ପ୍ରଶ୍ନ ଉଠିଛି।

ଗ୍ରୁପ ୫ ସିକ୍ୟୁରିଟି ସର୍ଭିସ ପକ୍ଷରୁ ଜିଲ୍ଲାପାଳଙ୍କୁ କରାଯାଇଥିବା ଅଭିଯୋଗ ଅନୁସାରେ, ଏଲ୍ ଆଣ୍ଡ କେ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ୨୦୨୬ ମେ ପର୍ଯ୍ୟନ୍ତ ଇଏସ୍ଆଇସି ଚାଲାଣ, ଇସିଆର୍ କପି, ଇଏସ୍ଆଇସି ଅବଦାନ ସ୍ଲିପ୍ ଦାଖଲ କରି ନ ଥିଲା। ଏଲ୍ ଆଣ୍ଡ କେ ସିକ୍ୟୁରିଟି ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା। ଗ୍ରୁପ ୫ ସିକ୍ୟୁରିଟି ସର୍ଭିସ ପ୍ରତିନିଧି ଅବିନାଶ ସାହୁ ଚୂଡ଼ାନ୍ତ ଚୟନ ପ୍ରକ୍ରିୟା ସମୟରେ ବିରୋଧ କରିଥିଲେ ମଧ୍ୟ ତାଙ୍କ କଥାକୁ ଗ୍ରହଣ କରାଯାଇ ନ ଥିଲା। ନୟାଗଡ଼ ବନଖଣ୍ଡ ଏସିଏଫ୍ କିଛି ହେରାଫେରି କରିଥିବା ଅଭିଯୋଗ ହୋଇଛି। ଯାହା ଦ୍ୱାରା ଏଲ୍ ଆଣ୍ଡ କେ ସିକ୍ୟୁରିଟି ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଏଲ୍-୧ ଭାବେ ଚୟନ କରାଯାଇଥିଲା। ଏହାକୁ ନେଇ ଗ୍ରୁପ ୫ ସିକ୍ୟୁରିଟି ସର୍ଭିସ ପକ୍ଷରୁ ଅନିୟମିତତା କରାଯାଇଥିବା ସମ୍ପର୍କରେ ଜିଲ୍ଲାପାଳ ଓ ପିସିସିଏଫ୍‌ଙ୍କୁ ମେଲ୍ ଯୋଗେ ଅଭିଯୋଗ ହୋଇଛି। ଜାଣିଶୁଣି ଉକ୍ତ ଠିକାସଂସ୍ଥା ଚୟନରେ ହେରାଫେରି ହୋଇଥିବା ଏବଂ ଘଟଣାର ତଦନ୍ତ ପାଇଁ ଗ୍ରୁପ ୫ ସିକ୍ୟୁରିଟି ସର୍ଭିସ ଦାବି କରିଛି। ଏ ସମ୍ପର୍କରେ ନୟାଗଡ଼ ଏସିଏଫ୍ ସତ୍ୟଜିତ କରଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ଅନ୍ୟପକ୍ଷେ, ଚୟନ କମିଟିକୁ ମୋହରା ସଜାଯାଇ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି।

## ଭଞ୍ଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା

ଶୁଳିଆପଦା, ୫।୭(ସମିସ): ଶିମିଳିପାଳର ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ସହିତ ସରକାରଙ୍କୁ ଅବଗତ କରାଇବା ନିମନ୍ତେ 'ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ଗତ ମାସ ୧୭ରୁ



ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଭଞ୍ଜସେନା ପକ୍ଷରୁ ମଶାଲ ରାଲି ଆୟୋଜନ ଚାଲିଥିବାବେଳେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ସଂଗଠନ ପକ୍ଷରୁ ଶୁଳିଆପଦା ବ୍ଲକରେ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା କଣ୍ଟିସାହି ପଞ୍ଚାୟତ ଛକରୁ ବାହାରି ମୁଖ୍ୟ ବଜାର ରାସ୍ତା ଅତିକ୍ରମ କରି ବ୍ଲକ ସମ୍ମୁଖରେ ସମାପ୍ତ ହୋଇଥିଲା। ବ୍ଲକ ସଭାପତି ପ୍ରଦୀପ ତୁଙ୍ଗଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭଞ୍ଜସେନାର ଜିଲ୍ଲା ଅଧ୍ୟକ୍ଷ ସଞ୍ଜୀବ ରାଉତ, ଜିଲ୍ଲା ଆବାହକ ରାକେଶ ବେହେରା ପ୍ରମୁଖ ଯୋଗଦେଇ ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ମହାନ୍ତ, ଧୂରଢ଼ ମହାନ୍ତ, ରାଜକୁମାର ମହାନ୍ତ, ଅଞ୍ଜନ ପାତ୍ର, ବସନ୍ତ କୁମାର ନାୟକ, ବିଜୟ ବିନ୍ଧାଣି, ପରିଦର୍ଶନ ମହାନ୍ତ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବର୍ଷାରେ ଉବୁଟୁବୁ ଉଦଳା ଚିକେନ ମାର୍କେଟ

ଉଦଳା, ୫।୭(ସମିସ): ବର୍ଷାରେ ବେହାଲ ହୋଇଛି ଚିକେନ ମାର୍କେଟ। ତିନିଦିନ ହେବ ଲଗାଣ ବର୍ଷା ଲାଗିବା ଦ୍ୱାରା ଉଦଳା ଏନଏସିର ୧୨ ନମ୍ବର ୱାର୍ଡରେ ଥିବା ଚିକେନ ଓ ମଟନ ମାର୍କେଟରେ ପାଣିର ଲହଡି ଭାଙ୍ଗୁଛି। ଯଦ୍ୱାରା କି ଦୋକାନୀମାନେ



ନାହିଁ ନ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଗ୍ରାହକ ଅସୁବିଧାରେ ପଡୁଛନ୍ତି। ଦୋକାନ ଭିତରେ ବର୍ଷା ପାଣି ପଶିବା ଦ୍ୱାରା କିଛି ଦୋକାନୀ ଦୋକାନ ବନ୍ଦ ରଖିଥିବା ଦେଖିବାକୁ ମିଳିଛି। ଏପରିକି ଦୋକାନକୁ ଗ୍ରାହକ ଯିବା ପାଇଁ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ କୃଷକ ବଜାରରେ ଚିକେନ ମାର୍କେଟ ଥିବାବେଳେ ପ୍ରଶାସନ ପକ୍ଷରୁ ଚିକେନ ମାର୍କେଟକୁ ୧୨ ନମ୍ବର ୱାର୍ଡକୁ ସ୍ଥାନାନ୍ତରିତ କରାଇଥିଲା। ତେବେ ଏହି ମାର୍କେଟରେ ଅନୁସଙ୍ଗିକ ବ୍ୟବସ୍ଥା ଓ ଡ୍ରେନେଜର ବ୍ୟବସ୍ଥା ନ ଥିବା ଯୋଗୁଁ ଦୋକାନୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ଏହି ଚିକେନ ମାର୍କେଟର ସମସ୍ୟାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଗ୍ରାହକ କହିଛନ୍ତି।

## ରଜାବସା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

ଖୁଣ୍ଟ, ୫।୭(ସମିସ): ଶୁକ୍ଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ରଜାବସା ସରକାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଦାଶରଥି ଗିରିଙ୍କ ପୌରୋହିତ୍ୟରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶୈକ୍ଷିକ କାର୍ଯ୍ୟକ୍ରମ ଅବସରରେ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ପ୍ରଣାଳୀ ଓ ବୌଦ୍ଧିକ ବିକାଶ ନିମନ୍ତେ ସରକାରଙ୍କ ପ୍ରଣିତ ବହୁବିଧ ଶୈକ୍ଷିକ କାର୍ଯକ୍ରମ ଓ ଯାଦୁପେଡ଼ିରେ ଥିବା ଶିକ୍ଷଣ ସାମଗ୍ରୀର ବ୍ୟବହାର ସମ୍ପର୍କରେ ଅବଗତ ହୋଇଥିଲେ।

## ମଣଦା ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ



ବିଶୋଇ, ୫।୭(ସମିସ): ମଣଦା ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ବିଶୋଇ ବ୍ଲକ ମଣଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ଦିବସ ପାଳିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ବନପାଳ ମାନସ ରଞ୍ଜନ ମହାକୁଡ଼ଙ୍କ ସଂଯୋଜନାରେ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୀବଲୋଚନ ଗିରିଙ୍କ ସଭାପତିତ୍ୱରେ ମା' ପାଇଁ ଗଛଟିଏ ସଭା କାର୍ଯ୍ୟକ୍ରମ ପ୍ରଥମେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏସିଏଫ ତଥା ଭାରପ୍ରାପ୍ତ ମଣଦା ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁ ଉପସ୍ଥିତ ରହି ପରିବେଶ ସନ୍ତୁଳିତ ରଖିବା ପାଇଁ ସମସ୍ତଙ୍କୁ ଗଛଟିଏ ଲଗାଇବା ପାଇଁ ଅନୁରୋଧ କରିଥିଲେ। ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ ତାରାକାନ୍ତ ପଣ୍ଡା ଓ ସଂଯୋଜକ ରାଜୀବଲୋଚନ ପଲେଇ ଆଲୋକପାତ କରିଥିଲେ। ମଣଦା ଗୋଷ୍ଠୀ ମ୍ୟାଲେରିଆ ପ୍ରୋଗ୍ରାମ ସଂଯୋଜକ ସୁମନ୍ତ ବିଶ୍ୱାଳ, ବନରକ୍ଷୀ ମେଘରାୟ ମାରାଣ୍ଡି, ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ମାଝୀ, ରଘୁନାଥ ଟୁଡୁ, ଯଶୋଦା ସେଠୀ, ଅଂଶୁମାନ ଗିରି, ରିତା ପାତ୍ର, ଅଭିଶେଖ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ସଚେତନ କରାଇଥିଲେ। ପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ବନ କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ୫୨୦ଟି ବୃକ୍ଷ ଚାରା ରୋପଣ କରାଯାଇଥିଲା।

### ସମସ୍ୟା ଘେରରେ ପଦ୍ମପୋଖରୀ ଉପେନ୍ଦ୍ରନାଥ ଉଚ୍ଚବିଦ୍ୟାଳୟ

# ଶ୍ରେଣୀ ଗୃହ ବିପଦସଂକୁଳ, ଛାତ୍ରଛାତ୍ରୀଙ୍କୁ ମିଳୁନି ୟୁନିଫର୍ମ

ଶରତ, ୫।୭(ସମିସ)

- ୩୧ ବର୍ଷ ପରେ ମଧ୍ୟ ଦରମା ପାଇନାହାନ୍ତି ଶିକ୍ଷକ/ଶିକ୍ଷୟିତ୍ରୀ
- ଭିତ୍ତିଭୂମିର ଅଭାବ ସତ୍ତ୍ୱେ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା
- ନାହିଁ ପାନୀୟଜଳ ବ୍ୟବସ୍ଥା, ମିଳୁନି ମଧ୍ୟାହ୍ନଭୋଜନ



କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ଉପେନ୍ଦ୍ରନାଥ ଉଚ୍ଚବିଦ୍ୟାଳୟ ପ୍ରତି ସରକାରଙ୍କ ଦୃଷ୍ଟି ପଡ଼ି ନ ଥିବାରୁ ଭିତ୍ତିଭୂମିର ଉନ୍ନତି ହୋଇପାରିନାହିଁ। ବିପଦସଂକୁଳ ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀ ବସି ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏଥିସହ ବିଦ୍ୟାଳୟରେ ମୌଳିକ ସୁବିଧା ଉପଲବ୍ଧ ନ ଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ୩୧ ବର୍ଷ ପରେ ମଧ୍ୟ ଉକ୍ତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦରମା ମିଳିନାହିଁ। ଉକ୍ତ ବିଦ୍ୟାଳୟ ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

୧୯୯୫ରେ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ଆଦିବାସୀ ଅଧ୍ୟୁଷିତ ଶରତ ଅଞ୍ଚଳ ଓ କପ୍ତିପଦା ବ୍ଲକରେ ଶିକ୍ଷାର ଆଲୋକ ବାଣ୍ଟି ଚାଲିଛି। ତେବେ ସରକାରୀ ସ୍ତରରେ ଉଦାସୀନତା ପାଇଁ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଆଜି ପର୍ଯ୍ୟନ୍ତ ସ୍କୁଲ ୟୁନିଫର୍ମ ମିଳିପାରୁନାହିଁ। ବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସ୍କୁଲ ପିଲା ୟୁନିଫର୍ମ ପାଇପାରିନାହାନ୍ତି। ୨୦୨୫-୨୬ ଶିକ୍ଷାବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟର ପାସ ହାର ୧୦୦ ପ୍ରତିଶତ ରହିଛି। ବିଦ୍ୟାଳୟର ସମୀର ମହାନ୍ତ ୫୨୨ ନମ୍ବର ରଖି କପ୍ତିପଦା ବ୍ଲକରେ ଚତୁର୍ଥ ସ୍ଥାନରେ ରହି ଅଞ୍ଚଳ ପାଇଁ ଗୌରବ ଅର୍ଜନ ଆଣିଥିଲେ। ପ୍ରତିବର୍ଷ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ଦୁଇଜଣ ଛାତ୍ରଛାତ୍ରୀ ବ୍ଲକରେ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରି ଶରତ ଅଞ୍ଚଳ ତଥା ସମଗ୍ର କପ୍ତିପଦା ବ୍ଲକରେ ସୁନାମ ଅର୍ଜନ କରିପାରୁଛନ୍ତି। ତତସହିତ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଦ୍ୟାଳୟକୁ ୨୦୨୨ରେ ମିଳିଛି ପ୍ରକୃତି ମିତ୍ର ପୁରସ୍କାର। ୨୦୨୩ରେ ମିଳିଛି ପ୍ରକୃତି ବନ୍ଧୁ ପୁରସ୍କାର। ବିଗତ ପାଞ୍ଚବର୍ଷ ମଧ୍ୟରେ ବିଦ୍ୟାଳୟର ମାଟ୍ରିକ ପାସ ହାର ୧୦୦ ପ୍ରତିଶତ ଥିବା ଦେଖିବାକୁ ମିଳିଛି। ଶରତ ଭଳି ଅନ୍ଧାରୀ ମୁଲକରେ ଅବସ୍ଥିତ ଥିବା ବିଦ୍ୟାଳୟରେ ଶତପ୍ରତିଶତ ପାସହାର ନିଶ୍ଚିତ ଭାବେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ପ୍ରତି ସମର୍ପଣ ମନୋଭାବର ବଳିଷ୍ଠ ଉଦାହରଣ। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ୩୧ ବର୍ଷ ଧରି ଚାକିରି କରୁଥିଲେ ମଧ୍ୟ ସେମାନେ ଆଜି ପର୍ଯ୍ୟନ୍ତ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି।

୨୦୨୩ ନଭେମ୍ବର ୨୩ରୁ ୨୦୨୬ ନଭେମ୍ବର ୨୬ ତାରିଖ ମଧ୍ୟରେ ୧୭ ବର୍ଷରୁ କମ୍ ବାଳକ/ବାଳିକା ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ମାଲକାନଗିରି ଜିଲ୍ଲାର ପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଉପେନ୍ଦ୍ରନାଥ ବିଦ୍ୟାଳୟର ସୁନୀଲ ପୂର୍ତ୍ତି, ଶିବ ଟୁଡୁ ଓ କୌଶଲ୍ୟା ଟୁଡୁ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କପ୍ତିପଦା ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟ ସ୍ତରରେ ଗୌରବାନ୍ୱିତ କରିଥିଲେ। ୨୦୧୦ରେ ଉକ୍ତ ବିଦ୍ୟାଳୟର ୫ ଜଣ ଛାତ୍ର ମିଥୁନ ମହାନ୍ତ, ନିର୍ମଳ ନାୟକ, କୁଶଳ ହେମ୍ବ୍ରମ, ଗୋବିନ୍ଦ ମୁଣ୍ଡାରୀ ଓ ସଞ୍ଜୀବ କୁମାର ସିଂ ଯୋଗ୍ୟ ବିବେଚିତ ହୋଇଥିଲେ। କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ୨୦୧୪ରେ ଉକ୍ତ ବିଦ୍ୟାଳୟର ଛାତ୍ର ଦୁର୍ଗାଚରଣ ମାରାଣ୍ଡି ରାଜ୍ୟସ୍ତରୀୟ ଖୋଖୋରେ ଅଂଶଗ୍ରହଣ କରି ଶିକ୍ଷାନୁଷ୍ଠାନ ପାଇଁ ଗର୍ବ ଅର୍ଜନ କରିଥିଲେ।

ଉପେନ୍ଦ୍ରନାଥ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ୩୧ ବର୍ଷରେ ପଦାର୍ପଣ କରିଥିଲେ ସୁଦ୍ଧା ଭିତ୍ତିଭୂମିର ବିକାଶ ହୋଇପାରି ନ ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ପ୍ରାଙ୍ଗଣରେ ପାନୀୟ ଜଳର ସୁବିଧା ନିମନ୍ତେ ନଳକୂପର ମଧ୍ୟ ବ୍ୟବସ୍ଥା ନାହିଁ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବ୍ୟବହାର ନିମନ୍ତେ ୧୨ ବର୍ଷ ପୂର୍ବେ ଖୋଳାଯାଇଥିବା ନଳକୂପ ଏବେ ଅଚଳ ହୋଇପଡ଼ିଥିବାରୁ ଛାତ୍ରଛାତ୍ରୀ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ନିମନ୍ତେ ସରକାରଙ୍କ ତରଫରୁ କୌଣସି ଅନୁଦାନ ନାହିଁ। ବିଦ୍ୟାଳୟକୁ ଅଣ୍ଡା, ଚାଉଳ ଦିଆଯାଉନାହିଁ। ଛାତ୍ରଛାତ୍ରୀ ଭୋକ ଉପାସରେ ରହୁଥିବା ଦେଖିବାକୁ ମିଳୁଛି। ହାଫ୍ ଟାଇମ ପରବର୍ତ୍ତୀ କ୍ଲାସ ଭୋକ ଉପାସରେ ବସୁଛନ୍ତି। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯିବା ନିମନ୍ତେ ଦାବି ହେଉଛି। ବିଦ୍ୟାଳୟରେ ରହିଛି ସ୍ୱୀକୃତିପ୍ରାପ୍ତ ଛାତ୍ରାବାସ ଓ ଏଠାରେ ୧୦୦ ଜଣ ଛାତ୍ର ରୁହନ୍ତି। ଛାତ୍ରାବାସରେ ରହୁଥିବା ପିଲା ମଧ୍ୟ ୧ କିଲୋମିଟର ଦୂରତରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଗାଧୋଇବାକୁ ଛାତ୍ରାବାସ ପିଲା ବିଦ୍ୟାଳୟଠୁ ଅଧ କିଲୋମିଟର ଦୂରରେ ଥିବା ପୋଖରୀକୁ ବିପଦପୂର୍ଣ୍ଣ ଅବସ୍ଥାରେ ଯାଉଛନ୍ତି। ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ଉକ୍ତ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ୪୦ ଜଣ, ନବମ ଶ୍ରେଣୀରେ ୭୦ ଜଣ ଓ ଦଶମ ଶ୍ରେଣୀରେ ୩୦ ଜଣ ମିଶାଇ ୧୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ପାଇଖାନାର ଟିଣ ଛପର ୨୦୨୧ ୟାସ ବାତ୍ୟାରେ ଉଡ଼ି ଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ତେଣୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଫଳରେ ଛାତ୍ରଛାତ୍ରୀ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ପଢ଼ିବା ନିମନ୍ତେ ଇଚ୍ଛା କରୁଥିଲେ ମଧ୍ୟ ହଷ୍ଟେଲର ରହଣି ସୁବିଧା ନ ଥିବାରୁ ଅଧାରୁ ପଢ଼ା ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଉକ୍ତ ବିଦ୍ୟାଳୟ ନିମନ୍ତେ ଏକ ୨୦୦ ସଂଖ୍ୟା ବିଶିଷ୍ଟ ଛାତ୍ରାବାସ ଓ ୨୦୦ ସଂଖ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଖୋଲାଯିବାକୁ ଦାବି ହୋଇଛି। ନିର୍ବାଚିତ ଜନପ୍ରତିନିଧିଙ୍କଠାରୁ ଜିଲ୍ଲା ପ୍ରଶାସନ ସମସ୍ତେ ଏହି ବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ତତ୍ପରତା ପ୍ରକାଶ କରିବା ନିମନ୍ତେ ଅଭିଭାବକ ମହଲରେ ଦାବି ହୋଇଛି। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନ କରାଯିବା ସହିତ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବା ନିମନ୍ତେ ନଳକୂପ ଖନନ, ନୂତନ ଗୃହ, ପାଇଖାନା ନିର୍ମାଣ, ବିଦ୍ୟାଳୟର ପାଚେରି ନିର୍ମାଣ, ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ସହିତ ଉକ୍ତ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ସରକାରୀକରଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଗାମାଏ ରିମିଲ ସିଂ ଗୋଇପାଇ ନିବେଦନ କରିଛନ୍ତି।

## ସୁନାମୁହିଁ ଗ୍ରାମଦେବତୀ ପୀଠରେ ବନ ମହୋତ୍ସବ

ବାରିପଦା, ୫।୭(ସମିସ): ପରିବେଶ ପତ୍ରିକା ନବ ସବୁଜିମା ଓ ନିଖିଳ ଉତ୍କଳ ଗୋଲା ସମାଜର ମିଳିତ ଆନୁକୂଲ୍ୟରେ ସୁନାମୁହିଁ ଗ୍ରାମଦେବତୀ ପୀଠରେ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଭ



ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ଡଃ ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ବନଜା ମହାନ୍ତି ମୁଖ୍ୟବକ୍ତା, ପ୍ରକୃତି ବନ୍ଧୁ ଡଃ ଶ୍ୟାମସୁନ୍ଦର ଦାସ, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ଝାନସୀରାଣୀ କଲେଜ ଅଧ୍ୟକ୍ଷ ଅନନ୍ତ କୁମାର ବେହେରା, ସମାଜସେବୀ ଗୀତା ସ୍ୱାଇଁ, ଡ ରଜନୀକାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନିଖିଳ ଉତ୍କଳ ଗୋଲା ସମାଜର ସଭାପତି ହରିହର ଦାସ ବନ ମହୋତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ବୃକ୍ଷ ରୋପଣ ତଥା ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନାମୁହିଁ ଉପ୍ରା ବିଦ୍ୟାଳୟ, ବିଦ୍ୟାବିହାର ହାଇସ୍କୁଲ, ଶ୍ରୀଶ୍ରୀ ହରିବଳଦେବଜୀଉ ଶିଶୁ ମନ୍ଦିର, ସେଣ୍ଟ ଆନିଜ୍ କନଭେଣ୍ଟ ସ୍କୁଲ, ସେଣ୍ଟ ଜାଭିଏର ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଏ ଅବସରରେ ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଆଦ୍ୟାଶା ଦାଶ, ଲିଲି ରାଉତ, ସାଇକୃଷ୍ଣା ସାହୁ, ସାଇ ଶୁଭମ ଦାସ, ଭବ୍ୟରାଜ ବେହେରା କୃତିତ୍ୱ ଅର୍ଜନ କରି ପୁରସ୍କୃତ କରିଥିଲେ। ତତ୍‌ସହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ଦେଇ ପ୍ରୋତ୍ସାହିତ କରାଯାଇଥିଲା। ସମାଜସେବୀ ସଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘୋଳମୁହାଁରେ ଆଇନ ସଚେତନତା ଶିବିର

ମୋରଡା, ୫।୭(ସମିସ): ଓଡ଼ିଶା ସୂଚନା ଅଧିକାର ଅଭିଯାନ, ମୟୂରଭଞ୍ଜ ଜିଲ୍ଲା ଶାଖା ଆନୁକୂଲ୍ୟରେ ମୋରଡା ବ୍ଲକର ଘୋଳମୁହାଁ ପଞ୍ଚାୟତ ଅଧୀନସ୍ଥ ଆଣୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର



ଜିଲ୍ଲା ଆବାହକ ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ମହେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ମୋରଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଣାକର ନାୟକ ଏକ ସୁସ୍ଥ ସମାଜ ଗଠନରେ ଜନସାଧାରଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମୋରଡା ଥାନା ସବଇନ୍ସପେକ୍ଟର ନିବେଦିତା ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ମାନବାଧିକାର କର୍ମୀ ସଚିନ୍ଦ୍ର ନାଥ ସାହୁ, ସମ୍ମାନିତ ଅତିଥି ଭାବେ ଘୋଳମୁହାଁ ସରପଞ୍ଚ ବିରୁଆ ମୁର୍ମୁ, ଓସାର ସଦସ୍ୟ ଆଶିଷ କୁମାର ବଶା, ସମାଜସେବୀ ସୋମନାଥ ସିଂହ, ଜୟ ପ୍ରକାଶ ରାଉଳ, ଗୟା ପ୍ରସାଦ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପାଳ ଓ ଅଶ୍ୱନୀ କୁମାର ସେନାପତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାର ମିତ୍ର ରବୀନ୍ଦ୍ର ମହାନ୍ତି, ନିଶାମୁକ୍ତ କେନ୍ଦ୍ର ଅଧ୍ୟକ୍ଷ ସୁବ୍ରତ ତରେଇ ପ୍ରମୁଖ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ସମେତ ମାନବାଧିକାର, କିଶୋର ଓ କିଶୋରୀଙ୍କ ପାଇଁ ଆଇନ, ଶିଶୁ ସୁରକ୍ଷା ଆଇନ, ଭିଡ଼ ମଧ୍ୟରେ ହିଂସା ନିୟନ୍ତ୍ରଣ, ସାଇବର ଅପରାଧ, ଗୁଜବ ଓ ସାମାଜିକ କୁସଂସ୍କାର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ବିଶ୍ୱବିଦ୍ୟାଳୟରେ ମେଗା ବୃକ୍ଷରୋପଣ

ବାରିପଦା, ୫।୭(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ ଓ ଏନ୍‌ଏସ୍‌ଏସ୍ ପିଜି ୟୁନିଟ୍ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବାରିପଦାସ୍ଥ ଏକଲବ୍ୟ ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ୍ ପରିସରରେ 'ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। 'ଦି ଫ୍ରେଣ୍ଡସ୍, ବାରିପଦା' ଓ 'ବ୍ଲେସ୍‌ଡ୍ ଏମ୍‌ପିସିଆନ୍ସ୍ ୭୬୮୦'ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି



ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଓ ପରିବେଶ ସଂରକ୍ଷଣର ଅପରିହାର୍ଯ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀ ଓ ଉପସ୍ଥିତ ସମସ୍ତଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଜଣାଇବା ସହ ବୃକ୍ଷ ହିଁ ପରିବେଶର ସନ୍ତୁଳନ ରକ୍ଷା ଓ ଏକ ସ୍ଥାୟୀ ଭବିଷ୍ୟତ ଗଠନର ମୂଳ ଆଧାର ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନର ସଦସ୍ୟ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ପ୍ରିୟରଞ୍ଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳ, ପ୍ରୋଗ୍ରାମ ଅଧିକାରୀ ଡ. ଯତୀନ୍ଦ୍ର ନାଥ ବେଶ୍ରା, ଡ. ପ୍ରିୟଙ୍କା ଦାସ, ଅଜୟ କୁମାର ବଳ, ସୁସ୍ମିତା ପାତ୍ର, ସୁନେଲିକା ପ୍ରହରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଲଗାଣ ବର୍ଷା, ଚାଷୀ ଚଳଚଞ୍ଚଳ

ମୋରଡା, ୫।୭(ସମିସ): ଲଗାଣ ବର୍ଷା ହେବାପରେ ଖରିଫ ଧାନଚାଷ ପାଇଁ ଏବେ ଚଳଚଞ୍ଚଳ ଚାଷୀ। ମୋରଡା ବ୍ଲକର ପ୍ରତ୍ୟେକ ଚାଷ ଜମିରେ ଏବେ ହଳ ଲଙ୍ଗଳ ଦେଖିବାକୁ ମିଳୁଛି। ଧାନ ଚାଷ ସହ ମାଣ୍ଡିଆ ଚାଷ ପାଇଁ ମଧ୍ୟ ନିଜର ଡଙ୍ଗର ଜମିକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ



କରିବାରେ ଲାଗିପଡ଼ିଛନ୍ତି କିଛି ଲୋକ। ତେବେ ମୋରଡା ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ଭାଗରେ ଚାଷ ଜମି ନେଇ ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି।

### ଜଙ୍ଗଲରେ ମିଳୁନି ଖାଦ୍ୟ, ଗାଁ ମୁହାଁ ହାତୀ

# ଫଳ ଗଛ ପର୍ଯ୍ୟାପ୍ତ ପରିମାଣରେ ରୋପଣ ଦାବି

ମୋରଡା, ୫।୭(ସମିସ)



ମୋରଡା ବ୍ଲକରେ ହାତୀ-ମଣିଷ ସଂଘର୍ଷ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଛି। ପ୍ରତ୍ୟେକ ଦିନ ହାତୀ ଆକ୍ରମଣରେ ମଣିଷର ଜୀବନ ହାନୀ ଅଞ୍ଚଳ ପାଇଁ ଏକ ସାଧାରଣ ଘଟଣା ପାଲଟିଛି। ହାତୀ ଗାଁ ମୁହାଁ ହୋଇ ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ତେବେ ଏହାକୁ ରୋକିବା ପାଇଁ ବନ ବିଭାଗର ସମସ୍ତ ଯୋଜନା ଫେଲ୍ ମାରିଛି। ଯାହା ପ୍ରକୃତିପ୍ରେମୀ, ଚାଷୀ ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଜଙ୍ଗଲରେ ଖାଦ୍ୟ ମିଳୁ ନ ଥିବାରୁ ହାତୀ ଗାଁ ମୁହାଁ ହେଉଛନ୍ତି। ଏହାକୁ ରୋକିବାକୁ ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣର ଫଳ ଗଛ ରୋପଣ କରାଯିବାକୁ ସାଧାରଣରେ ହେଉଛି।

ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି ନେଇ ବନ ବିଭାଗ ପ୍ରତିବର୍ଷ କୋଟି କୋଟି ଟଙ୍କା ଚାରା ରୋପଣରେ ଖର୍ଚ୍ଚ କରୁଛି। ତେବେ ପୂର୍ବରୁ ଅଧିକ ଲାଭ ଆଶାରେ ଜଙ୍ଗଲରେ ଶାଗୁଆନ ଚାରାରୋପଣ କରାଯାଉଥିଲା। ଯାହାକି ବଡ଼ ହୋଇଯାଇଥିବାରୁ ହାତୀ ଓ ବନ୍ୟ ପ୍ରାଣୀଙ୍କ ବାସସ୍ଥଳି ପାଇଁ ସମସ୍ୟା ଦେଖାଦେଉଛି। ଶାଗୁଆନ ମୂଳରେ ଅନ୍ୟକୌଣସି ଗୁଳ୍ମ ଲତା ଓ ଅନ୍ୟାନ୍ୟ ଗଛ ତିଷ୍ଠି ପାରେନାହିଁ। ଫଳରେ ଜୈବ ବିବିଧତାରେ ରକ୍ଷା ସୁରକ୍ଷା ଦିଗରେ ଶାଗୁଆନ ଗଛର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶାଗୁଆନ ଗଛ ଥିବା ଜଙ୍ଗଲରେ ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ବସତି ସ୍ଥାପନ ଓ ଜୀବନ ଧାରଣର ଅନୁକୂଳ ପରିବେଶ ନୁହେଁ। ଫଳରେ ହାତୀ ସମେତ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି ହେଉଛି। ଗ୍ରାମବାସୀ ଜୀବନଜୀବିକା ପାଇଁ ଆମ୍ବ, ପିଜୁଳି, ପଣସ, କଦଳୀ ଚାଷ କରୁଥିବାବେଳେ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ପାଇଁ ଆଦୌ ଖାଦ୍ୟ ନାହିଁ। ତେବେ ବର୍ତ୍ତମାନ ରାସଗୋବିନ୍ଦପୁର ରେଞ୍ଜ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲରେ ଶାଗୁଆନ ସହିତ ଆକାଶିଆ, ଚାକୁଣ୍ଡା, ଶାଳ, ସାଗୁଆନ ଆଦି ଗଛ ଭରପୁର ରହିଛି। ବନ୍ୟଜନ୍ତୁଙ୍କ ଖାଦ୍ୟ ପାଇଁ କୌଣସି ଚାରାରୋପଣ କରାଯାଉ ନ ଥିବାରୁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବା ଜଣାପଡ଼ିଛି। ତେଣୁ ସଂରକ୍ଷିତ ଜଙ୍ଗଲରେ ଆମ୍ବ, ବେଲ, କଇଥ, ବଣ କଦଳୀ, ଜଙ୍ଗଲୀ ପଣସ ଆଦି ଫଳ ଗଛ ଲଗାଇବା ସହିତ ଶାଳୀୟ ବାଉଁଶ ବଣ ସୃଷ୍ଟି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ● ଏମ୍‌ସିଏମ୍‌ରେ ବନ ମହୋତ୍ସବ

# ମାସ ବ୍ୟାପୀ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ

ବାରିପଦା, ୫।୭(ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍) ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତା କରି ବୃକ୍ଷ କେବଳ ପରିବେଶର ସନ୍ତୁଳନ ରକ୍ଷା କରେ ନାହିଁ, ବରଂ




ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତିବର୍ଷ ଅତି କମ୍‌ରେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ। ଏ ଅବସରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଡ. ବନଜା ମହାନ୍ତି, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ ପୁଷ୍ପା ପାତ୍ର, କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମ୍ପର୍କ ନିର୍ଦ୍ଦେଶକ ଡ ରାଜେନ୍ଦ୍ର କୁମାର ଦାସ, କିଟ୍ ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ଯାନ୍ତ୍ରିକ ବିଭାଗର ନିର୍ଦ୍ଦେଶକ ଡ ଚିନ୍ମୟ କୁମାର ପାଣିଗ୍ରାହୀ ଓ ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ ସୁନୀଲ କୁମାର ଜେନା ଯୋଗଦେଇ କ୍ୟାମ୍ପସରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରିଥିଲେ। ଅତିଥିମାନଙ୍କ ସହିତ ୫୦ରୁ ଅଧିକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ସୂଚନା ଦେଇଥିଲେ ଯେ, ବନ ମହୋତ୍ସବକୁ କେବଳ ଗୋଟିଏ ଦିନରେ ସୀମିତ ନ ରଖି ଆଗାମୀ ଏକ ମାସ ଧରି ବୃକ୍ଷରୋପଣ ଓ ସଚେତନତା ଅଭିଯାନ ଚାଲିବ। ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗ୍ରାମାଞ୍ଚଳରେ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ସମ୍ବଲପୁର ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ

## ଦାବି ଓ ଆପତ୍ତି ଜଣାଇବା ପାଇଁ ନିବେଦନ





**ସମ୍ବଲପୁର,୫।୭(ସମିସ):**

ଆଜି ୨୦୨୬ ମସିହା ପାଇଁ 'ଖସଡ଼ା ଭୋଟର ତାଲିକା' ପ୍ରକାଶ ପାଇଛି। ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ଅଧୀନ ସମ୍ବଲପୁର ଜିଲ୍ଲାରେ ଘରକୁଘର ବୁଲି ସର୍ବେକ୍ଷଣ ଏବଂ ତଥ୍ୟର ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ହେବାପରେ ଏହି ତାଲିକା ପ୍ରକାଶ ପାଇଛି। ଏନେଇ ସମ୍ବଲପୁର ଜିଲ୍ଲା ମୁଖ୍ୟାଳୟରେ ସ୍ଥିତ ଏସ୍‌ଏସ୍‌ଏସ୍‌ଏ ସମ୍ମିଳନୀ କକ୍ଷରେ ରାଜନୈତିକ ଦଳମାନଙ୍କୁ ନେଇ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ସର୍ବଦଳୀୟ ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଖସଡ଼ା ଭୋଟର ତାଲିକାର ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ କପି ପ୍ରଦାନ କରାଯାଇଛି। ସମସ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରାଯାଇଛି ଯେ ସେମାନେ ନୂତନ ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକ ପାଇଁ ନିଜର ବୁଥ୍ ଲେଭେଲ୍ ଏଜେଣ୍ଟ ନିଯୁକ୍ତ କରନ୍ତୁ। ଏହି ବି.ଏଲ୍.ଏ.ମାନେ ଦାବି ଓ ଆପତ୍ତି ସମୟରେ ବି.ଏଲ୍.ଓମାନଙ୍କୁ ସହଯୋଗ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କ ଅନ୍ତର୍ଭୁକ୍ତି ଏବଂ ଅଯୋଗ୍ୟ ନାମର ବାଦ୍ ପଡିବା ସୁନିଶ୍ଚିତ କରିବେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ, ଉପ ଜିଲ୍ଲାପାଳ ଡ଼ ପୁଷ୍ପାଞ୍ଜଳି ପଣ୍ଡା, ଡେପୁଟି କଲେକ୍ଟର ଇଲେକ୍ସନ ଗିତିକା ନାଏକ, ଡେପୁଟି କଲେକ୍ଟର ଶୁଭ୍ରାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖସଡ଼ା ତାଲିକାରେ ନିଜର ନାମ ଓ ବିବରଣୀ ଯାଞ୍ଚ କରିବା ସହ କୌଣସି ପ୍ରକାରର ତ୍ରୁଟି ଥିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ପ୍ରଶାସନ ପକ୍ଷରୁ ନେବେଦନ କରାଯାଇଛି। ଏହି ତାଲିକା ଜିଲ୍ଲାର ସମସ୍ତ ୧୧୬୬ ଟି ଭୋଟ୍ ଗ୍ରହଣ କେନ୍ଦ୍ର ବା ବୁଥ୍ ଏବଂ ଇ.ଆର.ଓ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଯାଞ୍ଚ ନିମନ୍ତେ ଉପଲବ୍ଧ କରାଯାଇଛି। ଭୋଟର ତାଲିକା ସଂଶୋଧନ ଓ ଆବେଦନ ପ୍ରକ୍ରିୟା ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଏହି ଖସଡ଼ା ତାଲିକାରୁ ବାଦ୍ ପଡ଼ିଥାଏ, ତେବେ ସେମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆବେଦନ କରିପାରିବେ। ନୂତନ ଭୋଟର କିମ୍ବା ବାଦ୍ ପଡିଥିବା ଯୋଗ୍ୟ ଭୋଟରମାନେ ୨୦୨୬ ଅଗଷ୍ଟ ୪ ତାରିଖ ମଧ୍ୟରେ ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ। ଏଥିପାଇଁ ୨୦୦୨ ଭୋଟର ତାଲିକାକୁ ଆଧାରକରି ଏକ ଘୋଷଣାନାମାରେ ବାର୍ଥ ସାର୍ଟିଫିକେଟ୍ କିମ୍ବା ପାସପୋର୍ଟ, କିମ୍ବା ମାଟ୍ରିକ ସାର୍ଟିଫିକେଟ୍ ଦାଖଲ କରିବାକୁ ପଡ଼ିବ। ଅଯୋଗ୍ୟ କିମ୍ବା ମୃତ ଭୋଟରଙ୍କ ନାମ ବାଦ୍ ଦେବାପାଇଁ ଫର୍ମ-୭ ବ୍ୟବହାର କରାଯିବ। ଭୋଟର ତାଲିକାରେ ତ୍ରୁଟି ସଂଶୋଧନ, ସ୍ଥାନାନ୍ତର କିମ୍ବା ପରିଚୟ ପତ୍ର ବଦଳାଇବା ପାଇଁ ଫର୍ମ-୮ ବ୍ୟବହାର କରାଯିବ। ଦାବି ଓ ଆପତ୍ତି ଆହ୍ୱାନ ପାଇଁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସମୟ ସୀମା ରହିଛି। ଦାବି ଓ ଆପତ୍ତିର ଶୁଣାଣି ତଥା ଫଇସଲା ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ରହିଛି। ଚୂଡ଼ାନ୍ତ ଭୋଟରତାଲିକା ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ। ଜିଲ୍ଲାରେ ଭୋଟରମାନଙ୍କ ସୁବିଧା ନିମନ୍ତେ ବୁଥ୍ ଗୁଡ଼ିକର ପୁନର୍ବିନ୍ୟାସ କରାଯାଇଛି। ପୂର୍ବରୁ ଥିବା ୯୫୮ ଟି ବୁଥ୍ ସହିତ ନୂତନ ଭାବେ ୨୦୮ ଟି ବୁଥ୍ ସୃଷ୍ଟି କରାଯାଇଛି। ଫଳରେ ଜିଲ୍ଲାରେ ମୋଟ ବୁଥ୍ ସଂଖ୍ୟା ୧୧୬୬ ରେ ପହଞ୍ଚିଛି। କୁଚିଣ୍ଡା (୧୫)ରେ ୩୨୯ ଟି ବୁଥ୍ରେ, ରେଙ୍ଗାଲି (୧୬) ରେ ୨୭୨ ଟି ବୁଥ, ସମ୍ବଲପୁର (୧୭)ରେ ୨୭୦ ଟି ବୁଥ୍,"ରେଢ଼ାଖୋଲ (୧୮)ରେ ୨୯୫ ଟି ବୁଥ୍ ରହିଛି। ଜିଲ୍ଲାରେ ସମୁଦାୟ ୮,୪୪,୭୪୧ ଜଣ ଭୋଟର ଅଛନ୍ତି। ସେଥିମଧ୍ୟରୁ ୭,୯୧,୯୬୬ (୯୩.୭୫%) ଭୋଟରଙ୍କ ମ୍ୟାପିଂ ସମ୍ପୂର୍ଣ୍ଣ ହୋଇଛି ଏବଂ ୫୨,୭୭୫ ଜଣଙ୍କର ମ୍ୟାପିଂ ବାକି ରହିଛି। ସମୁଦାୟ ୨,୧୦,୮୬୨ ଭୋଟରଙ୍କ ତଥ୍ୟରେ ବିସଙ୍ଗତି ଚିହ୍ନଟ ହୋଇଛି, ଯାହାର ସମାଧାନ ପ୍ରକ୍ରିୟା ଜାରି ରହିଛି। କୁଚିଣ୍ଡା (୧୫)ରେ ୨୧୯୬୦୧, ଭୋଟରଙ୍କ ମ୍ୟାପିଂ ସମ୍ପୂର୍ଣ୍ଣ ହୋଇଛି ଏବଂ ୬୪୪୦ ଜଣଙ୍କର ମ୍ୟାପିଂ ବାକି ରହିଛି। ରେଙ୍ଗାଲି (୧୬) ୧୮୭୩୭୧ ଭୋଟରଙ୍କ ମ୍ୟାପିଂ ସମ୍ପୂର୍ଣ୍ଣ ହୋଇଛି ଏବଂ ୧୩୯୨୭ ଜଣଙ୍କର ମ୍ୟାପିଂ ବାକି ରହିଛି। ସମ୍ବଲପୁର (୧୭)ରେ ୧୮୭୧୧୯ ଭୋଟରଙ୍କ ମ୍ୟାପିଂ ସମ୍ପୂର୍ଣ୍ଣ ହୋଇଛି ଏବଂ ୨୫୯୮୧ ଜଣଙ୍କର ମ୍ୟାପିଂ ବାକି ରହିଛି। ରେଢ଼ାଖୋଲ (୧୮) ରେ ୧୯୭୯୨୫ ଭୋଟରଙ୍କ ମ୍ୟାପିଂ ସମ୍ପୂର୍ଣ୍ଣ ହୋଇଛି ଏବଂ ୬୪୨୭ ଜଣଙ୍କର ମ୍ୟାପିଂ ବାକି ରହିଛି।

## ସମ୍ବଲପୁରର ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାଁ କଟିଲା

**ସମ୍ବଲପୁର,୫। ୭(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲ୍ଲାର ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଛି। ଏଥିରେ ପଚାଶ ହଜାରରୁ ଅଧିକ ଭୋଟରଙ୍କ ନାମ କାଟି ଦିଆ ଯାଇଥିବା ସୂଚନା ମିଳିଛି। ଏ ନେଇ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ରାଜନୈତିକ ଦଳର ସଭାପତି ଏବଂ ସମ୍ପାଦକମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଖସଡ଼ା ଭୋଟର ତାଲିକାର ଉଭୟ 'ସଫ୍ଟ କପି' ଏବଂ 'ହାର୍ଡ କପି' ପ୍ରଦାନ କରାଯାଇଛି। ରାଜନୈତିକ ଦଳର ପ୍ରତିନିଧିମାନେ ଜିଲ୍ଲା ନିର୍ବାଚନ ବିଭାଗରୁ ଏହି ହାର୍ଡ କପି ସଂଗ୍ରହ କରିପାରିବେ। ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜିଲ୍ଲାରେ ସମୁଦାୟ ୮,୪୪,୭୪୧ ଭୋଟର ଥିଲେ। ତେବେ ଯାଞ୍ଚ ପ୍ରକ୍ରିୟାରେ ବିଭିନ୍ନ କାରଣରୁ ସମୁଦାୟ ୫୬,୭୧୬ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ବାଦ୍ ପ?ଥିବା ଭୋଟରଙ୍କ ମଧ୍ୟରୁ ମୃତ୍ୟୁକାରଣରୁ ୨୫,୩୮୦ ଜଣ, ଅନ୍ୟତ୍ର ସ୍ଥାନାନ୍ତରିତ ହେବା କାରଣରୁ ୨୭,୬୦୦ ଜଣ, ପୂର୍ବରୁ ପଞ୍ଜୀକୃତ ଥିବା କାରଣରୁ ୩,୪୯୮ ଜଣ ଏହିପରି ଭାବରେ ସମୁଦାୟ ୫୬,୭୧୬ ଜଣଙ୍କ ନାମ ତାଲିକାରୁ କଟିବା ପରେ ବର୍ତ୍ତମାନ ସମ୍ବଲପୁର ଜିଲ୍ଲାରେ ମୋଟ ଭୋଟରଙ୍କ ସଂଖ୍ୟା ୭,୮୮,୦୨୫ ରେ ପହଞ୍ଚିଛି।

## ରକ୍ତଦାନ ଶିବିର; ୧୫୦ ୟୁନିଟ୍ ସଂଗ୍ରହ

**ସମ୍ବଲପୁର, ୫। ୭(ସମିସ):** ରୋଟାରୀ କ୍ଲବ୍ ଅଫ ସମ୍ବଲପୁର ଗ୍ରେଟର ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ହଲ୍‌ରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କ୍ଲବ ପକ୍ଷରୁ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଅବସରରେ କ୍ଲବ୍‌ର ସଭାପତି ରୋଟେରିଆନ୍ ଜିଜି ଜୋସେଫ, ସମ୍ପାଦକ ରୋଟେରିଆନ୍ ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରକଳ୍ପ ଅଧ୍ୟକ୍ଷ ରୋଟେରିଆନ୍ ଡ. କଲ୍ପେଶ କକ୍କଡ଼, କ୍ଲବ୍ ସର୍ଭିସ ଡାଇରେକ୍ଟର ରୋଟେରିଆନ୍ ଅମିତାଭ ପରିଡ଼ାଙ୍କ ସହ ରୋଟାରୀ ଜିଲ୍ଲା ୩୨୬୧ର ପିପି ରୋଟେରିଆନ୍ ଏମ୍.ଡି. ପରୱେଜ ଅଲିଖାନ୍ ଏମ୍‌ପିଏଚଏଫ, ପିପି ରୋଟେରିଆନ୍ ପ୍ରଶାନ୍ତ ରଥ, ପିପି ରୋଟେରିଆନ୍ ଘନଶ୍ୟାମ ମେହେର, ପିପି ରୋଟେରିଆନ୍ ବିଲାଲ ମଲ୍ଲିକ, ଆଇପିପି ରୋଟେରିଆନ୍ ରାଜୀବ ଜୈନ, ପିପି ରୋଟେରିଆନ୍ ଭଗତ ସିଂହ, ପିପି ରୋଟେରିଆନ୍ ଦୀପକ ପାଣିଗ୍ରାହୀ, ରୋଟେରିଆନ୍ ସତ୍ୟନାରାୟଣ ବେହେରା, ରୋଟେରିଆନ୍ ସମ୍ବିତ ସ୍ୱାଇଁ, ରୋଟେରିଆନ୍ ଲିପିକା ଦାସ, ରୋଟେରିଆନ୍ ଉର୍ମିଳା ବେହେରା, ରୋଟେରିଆନ୍ ସୁମିତ ନାୟକ, ରୋଟେରିଆନ୍ ସନ୍ତୋଷ ହୋତା, ରୋଟେରିଆନ୍ ରାଜକିଶୋର ଅଗ୍ରୱାଲ, ରୋଟେରିଆନ୍ ଦୁଷ୍ମନ୍ତ ବେହେରା, ରୋଟେରିଆନ୍ ଗୀତମ ସିଂହ, ରୋଟେରିଆନ୍ ନିଶାନ୍ତ ବୋହିଦାର, ରୋଟେରିଆନ୍ ସଫିନା ନାଜ, ରୋଟେରିଆନ୍ ଇଶା ପାଢ଼ୀ ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ ସମ୍ବଲପୁରରେ ଅନେକ ଜନହିତକର ଓ ସେବାମୂଳକ ପ୍ରକଳ୍ପ କାର୍ଯ୍ୟକରୀ କରାଯିବ ବୋଲି ସୂଚନା ଦିଆଯାଇଛି।




## 'ସମ୍ବଲପୁରୀ ଦିନ୍' ଲାଗି ପ୍ରସ୍ତୁତି



**ସମ୍ବଲପୁର, ୫। ୭(ସମିସ):** ଆଜି ବୁର୍ଲା ସ୍ଥାନୀୟ ପାୱାରହାଉସ କ୍ଲବ୍‌ରେ ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନ ପାଳନ ନିମନ୍ତେ ସମ୍ବଲପୁରୀ ଏକତା ମଞ୍ଚ, ବୁର୍ଲା ପକ୍ଷରୁ ଏକ ପ୍ରସ୍ତୁତି ବୈଠକରେ ପ୍ୟାରୀମୋହନ ପୁଝାରୀଙ୍କ ସଭା ପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଉପଦେଷ୍ଟା ଭୀମସାର ବୁର୍ଲାର ପ୍ରାକ୍ତନ ଅଧକ୍ଷ୍ୟ ପ୍ରଫେସର ବ୍ରଜ ମୋହନ ମିଶ୍ର, ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ତରଣୀସେନ ଚାନ୍ଦ, କୋଷାଧକ୍ଷ ସତ୍ୟବ୍ରତ ନାୟକ, ଆବାହକ ସୁବ୍ରତ ପଟ୍ଟନାୟକ , ସ୍ୱତନ୍ତ୍ର କମିଟି ସଭ୍ୟ ବାଲା ମାଝୀ, ଅର୍ଜୁନ ମେହେର, ଚନ୍ଦ୍ରାବତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠକ ସମ୍ପାଦକ ଦେବାଶିଷ ନନ୍ଦଙ୍କର ଅସୁସ୍ଥତା କାରଣରୁ ଆସି ପାରିନଥିଲେ। ସର୍ବସମ୍ମତି କ୍ରମେ ସଭ୍ୟ ନୟନ ପଟେଲଙ୍କୁ ଅସ୍ଥାୟୀ ଭାବେ ସଂଗଠନ ସମ୍ପାଦକ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଚଳିତଥର ସମ୍ବଲପୁରୀ ଦିନ ଦୁଇଦିନ ଧରି ଚାଲିବା ପାଇଁ ନିଷ୍ପତ୍ତିଗ୍ରହଣ କରାଯାଇଥିଲା। ପୂର୍ବବର୍ଷ ପରି ସମ୍ବଲପୁରର କଳାକାରଙ୍କ ସମେତ, ବିଦ୍ୟାଳୟ ଓ କଲେଜ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ସହ ସ୍ଥାନୀୟ ବିଭିନ୍ନ ଅନୁଷ୍ଠାନଙ୍କ ଦ୍ୱାରା ସମ୍ବଲପୁରୀ ଖାଦ୍ୟର ଆୟୋଜନ କରାଯିବା ଲାଗି ଅନୁଷ୍ଠାନମାନେ ମତାମତ ରଖିଥିଲେ। ଏହି ଅବସରରେ ଆନ୍ତଃବିଦ୍ୟାଳୟ ଏବଂ କଲେଜର ଛାତ୍ର, ଛାତ୍ରୀଙ୍କ ଦ୍ୱାରା ଏକ ଚିତାଙ୍କନ ପ୍ରତିଯୋଗିତା ସହ ଦଳଗତ ନୃତ୍ୟ ପ୍ରତିଯୋଗିତା ପାଇଁ ସ୍ଥିରୀକୃତ ହୋଇଥିଲା। ଅଶ୍ୱିନ ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହ ସମ୍ପାଦକ ଜୟନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ● ସଦର ଥାନା ଅଞ୍ଚଳରେ ବଢୁଛି ଲୁଟ୍

## ଚୋର ଧରିବାରେ ପୁଲିସ ବିଫଳ

**ସମ୍ବଲପୁର, ୫।୭(ସମିସ):** ସଦର ଥାନା ଅଞ୍ଚଳରେ ଏବେ ସୁନା ଲୁଟେରାଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଛି। ଗୋଟିଏ ପରେ ଗୋଟିଏ ଲୁଟ୍ ଘଟଣା ଘଟୁଥିଲେ ମଧ୍ୟ ପୁଲିସ ପ୍ରଶାସନ ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ଅସମର୍ଥ ସାବ୍ୟସ୍ତ ହୋଇଛି। ଜଣେ ପ୍ରତିଷ୍ଠିତ ସୁନା ଦୋକାନୀଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେବା ଘଟଣାସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସର ନିଷ୍କ୍ରିୟତା ଯୋଗୁଁ ଅପରାଧୀମାନେ ବେପରୁଆ ଭାବେ ବୁଲୁଥିବାବେଳେ, ସାଧାରଣ ଜନତା ଏବେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ମିଳିଥିବା ସୂଚନା ମୁତାବକ, ଗତ ୨୭ ତାରିଖ ସଦର ଥାନା ଅଞ୍ଚଳରେ ସୁନା ଦୋକାନୀ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଲୁଟେରାମାନେ ତାଙ୍କୁ ଟାର୍ଗେଟ୍ କରିଥିଲେ। ରାସ୍ତାରେ ଏକ ନିଛାଟିଆ ସ୍ଥାନ ଦେଖି ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଅଟକାଇବା ସହ ଭୟଭୀତ କରି ତାଙ୍କ ପାଖରେ ଥିବା ସମସ୍ତ ସୁନା ଅଳଙ୍କାର ଲୁଟି ନେଇ ଚମ୍ପଟ ମାରିଥିଲେ। ତାଙ୍କ ବ୍ୟାଗରେ ପ୍ରାୟ ୪ କେଜି ରୁପା ଅଳଙ୍କାର ଓ ୧ ଭରି ସୁନା ଅଳଙ୍କାର ରହିଥିଲା। ଏହି ଘଟଣା ପରେ ସ୍ଥାନୀୟ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଞ୍ଚଳରେ ଲୁଟ୍‌ର ସିରିଜ୍ କୌଣସି ନୂଆ କଥା ନୁହେଁ। ଗତ ଫେବୃଆରୀ ମାସରେ ମଧ୍ୟ ଏକ ବଡ଼ ଧରଣର ଲୁଟ ମାମଲା ସାମ୍ନାକୁ ଆସିଥିଲା। କିଛି ଯାଯାବର ଶ୍ରେଣୀର ଲୋକ ଦିନ ବେଳେ ମାନେଶ୍ୱର ଅଞ୍ଚଳର ଏକ ଘରେ ପଶି କଳାକାନା ବୁଲାଇଥିଲେ। ସେମାନେ ଘରର ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଏବଂ ନଗଦ ଟଙ୍କା ଲୁଟି ନେଇଥିଲେ। ଏହି ଯାଯାବର ଗ୍ୟାଙ୍ଗର ଆତଙ୍କ ଯୋଗୁଁ ଲୋକେ ରାତିରେ ଶୋଇବା ମଧ୍ୟ ଭୁଲିଗଲେଣି। ପୀଡ଼ିତା ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ଫଳ ପାଇ ନ ଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ ପୁଲିସ ପାଟ୍ରୋଲିଂ କେବଳ କାଗଜପତ୍ରରେ ସୀମିତ ଅଛି। ଦିନକୁ ଦିନ ଚୋରି ବଢୁଥିବାରୁ ଆମେ ଘରେ ସୁନା ଗହଣା ରଖିବାକୁ ଭୟ କରୁଛୁ। ଏଭଳି ଦୁଇ ଦୁଇଟି ବଡ଼ ଘଟଣା ଘଟିଯାଇଥିଲେ ମଧ୍ୟ ସଦରଥାନା ପୁଲିସର ହାତ ଏ ପର୍ଯ୍ୟନ୍ତ ଖାଲି ଅଛି। ଫେବୃଆରୀ ମାସର ଯାଯାବର ଲୁଟ୍ ମାମଲା ହେଉ କିମ୍ବା ସାମ୍ପ୍ରତିକ ଦୋକାନୀଙ୍କଠାରୁ ହୋଇଥିବା ଲୁଟ୍ କୌଣସି ଗୋଟିଏ ବି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ କିମ୍ବା ସୁନା ଉଦ୍ଧାର କରିବାରେ ସଫଳ ହୋଇନାହିଁ। ପୁଲିସର ଏହି ମନ୍ଥର ଏବଂ ନିଷ୍କ୍ରିୟ କାର୍ଯ୍ୟାନୁଷ୍ଠାନ ଅପରାଧୀଙ୍କ ମନବଳକୁ ଆହୁରି ବଢ଼ାଇ ଦେଇଛି। ପ୍ରଶାସନର ଏଭଳି ଆଭିମୁଖ୍ୟକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଞ୍ଚଳବାସୀ ସଦର ଥାନା ଅଧିକାରୀଙ୍କଠାରୁ ତୁରନ୍ତ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଏବଂ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ଅପରପକ୍ଷରେ, ପୁଲିସ ଘଟଣାର ତଦନ୍ତ ଚାଲିଛି ବୋଲି କହି ନିଜ ଦାୟିତ୍ୱ ସାରିଦେଉଛି।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ରେଢ଼ାଖୋଲ,୫।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅଧୀନ ଚାରମାଳ ଥାନା ଅଧୀନ ବଡ଼ମାଳ ଗ୍ରାମପଞ୍ଚାୟତ ଦେବାହାଳୀ ଗ୍ରାମରେ ବଜ୍ରାଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣଙ୍କ ହେଲେ ସନ୍ତୋଷ କୁମାର ଭୋଇ। ସୂଚନା ଯୋଗ୍ୟ ଯେ, ଉକ୍ତ ଯୁବକ ଜଣଙ୍କ ନିଜ ନିତ୍ୟଦିନ କାର୍ଯ୍ୟ ସାରି ଘରେ ପହଞ୍ଚିଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଯୁବକ ଜଣଙ୍କ ଘଟଣାସ୍ଥଳରେ ଟଳି ପଡିଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଖବରପାଇ ଚାରମାଳ ପୁଲିସ ରେଢ଼ାଖୋଲ ମେଡିକାଲରେ ପହଞ୍ଚି ଶବ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସେପଟେ ମୃତକ ସନ୍ତୋଷଙ୍କ ଦୁଇଟି ଛୋଟ ଶିଶୁ ଅଛନ୍ତି ଓ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପବ୍ଲିକ ଲାଇବ୍ରେରୀରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର

## ସହାବସ୍ଥାନ ଓ ସହଯୋଗିତା ଶାନ୍ତିପୂର୍ଣ୍ଣ ଜୀବନର ମୂଳଦୁଆ



**ସମ୍ବଲପୁର, ୫। ୭(ସମିସ):** ଆଜି 'ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର' ଆନୁକୂଲ୍ୟରେ ଆୟୋଜିତ ହେଉଥିବା 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିରର ଦ୍ୱାଦଶତମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୨୪ ଟି ବିଦ୍ୟାଳୟରୁ ୪୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅବସରପ୍ରାପ୍ତ ଭାଷା-ଶିକ୍ଷକ ପଦ୍ମନାଭ ମହାକୁଡ଼ "ଆସ ନିର୍ଭୁଲ୍ ଇଂରାଜୀ କହିବା ଉପରେ ଶିକ୍ଷାଦାନ କରିଥିଲେ। ପ୍ରଥମ ଅଧିବେଶନରେ 'ଜୀବନ କୌଶଳ ଶିକ୍ଷା' କାର୍ଯ୍ୟକ୍ରମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ, ସମ୍ବଲପୁରର ପ୍ରାକ୍ତନ ଅଧ୍ୟକ୍ଷ ଡ. ନିଳେନ୍ଦ୍ରୀ ପଣ୍ଡା 'ସହାବସ୍ଥାନ ଓ ସହଯୋଗିତା' ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ,"ସମାଜରେ ଉତ୍ତମ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ପରସ୍ପର ମଧ୍ୟରେ ନିର୍ଭରଶୀଳତା ଓ ସହଯୋଗିତା ଏକାନ୍ତ ଆବଶ୍ୟକ୍ୟ ଦ୍ୱିତୀୟ ଅଧିବେଶନରେ 'ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା' କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭୀମସାର), ବୁର୍ଲାର ଡାକ୍ତର ଶତରୂପା ଦାଶ' ଶରୀରର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗର ଯତ୍ନ' ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ମଣିଷ ଶରୀରର ପ୍ରତ୍ୟେକ ଅଙ୍ଗ ଅତ୍ୟନ୍ତ ଉପଯୋଗୀ ଅଟେ। ତେଣୁ ସେଗୁଡ଼ିକର ସୁରକ୍ଷା ଓ ଯତ୍ନର ଯଥେଷ୍ଟ ଆବଶ୍ୟକତା ରହିଛି। ନିଜର ଶାରୀରିକ ସୁସ୍ଥତା ଆମ ନିଜ ହାତରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରର ସଭ୍ୟ-ସଂପାଦକ ରଘୁନାଥ ମିଶ୍ର, ସଦସ୍ୟ ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ନିରୂପମା ବଡ଼ପଣ୍ଡା ତଥା ଅଶୋକ କୁମାର ମିଶ୍ର ଉପସ୍ଥିତ ରହି ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ-ସଂଯୋଜକ ଶିବଶଙ୍କର ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ, ଡ.ଗିରିଧାରୀ ହୋତା, ହରି ନାରାୟଣ ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ। ଅଫିସ ସହକାରୀ ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିବା ବେଳେ ଭୁବନ କୁମୁରା ସହଯୋଗ କରିଥିଲେ।

# ସମ୍ବଲପୁରୀ ସଂସ୍କୃତି ଭବନ ପାଇଁ ଭୂମିପୂଜା



**ସମ୍ବଲପୁର,୫।୭(ସମିସ):**

ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହର ପ୍ରଚାରପ୍ରସାର ଓ ସୁରକ୍ଷା ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ କରୁଥିବା ସଂଗ୍ରାମରେ ସହଯୋଗର ହାତ ବଢେଇଛନ୍ତି ମଞ୍ଚର ବରିଷ୍ଠ ଉପଦେଷ୍ଟା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର। ସମ୍ବଲପୁର ଜେଲଛକ ନିକଟରେ ଥିବା ଗୁରୁଶ୍ରୀ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାରେ ବିଗତ ୨୦୧୩ରୁ ଅଞ୍ଚଳର ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପଶ୍ଚିମାଞ୍ଚଲ୍ ଏକତା ମଞ୍ଚ ପକ୍ଷରୁ ନିଜସ୍ୱ ପ୍ରୟାସରେ ଓ ନିଜସ୍ୱ ପାଣ୍ଠିରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଗତ ଡିସେମ୍ବରରେ ମଞ୍ଚ ପକ୍ଷରୁ ଆୟୋଜିତ ପଞ୍ଚମ ଜାତୀୟ ସମ୍ବଲପୁରୀ ସମ୍ମିଳନୀରେ ସମ୍ବଲପୁର ବିଧାୟକ ଯୋଗ ଦେଇ ଏକ ସଂସ୍କୃତି ଭବନ ନିର୍ମାଣ ପାଇଁ ଦଶ ଲକ୍ଷ ଟଙ୍କା ସହାୟତା ରାଶି ଯୋଗେଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ଆର୍ଥିକବର୍ଷରେ ବିଧାୟକ ନିଜ ବିଧାୟକ ପାଣ୍ଠିରୁ ସେହି ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି ମର୍ମରେ ରବିବାର ବିଧାୟକ ଶ୍ରୀ ମିଶ୍ର ଡେରାରେ ଉକ୍ତ ଭବନ ନିର୍ମାଣ ପାଇଁ ଶୁଭ ଦେଇଛନ୍ତି। ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ ପାଇଁ କରାଯାଉଥିବା ମହାଯଜ୍ଞରେ ଏହା ମୋର ଛୋଟିଆ ଆହୁତି ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି। ତେବେ ଡେରା ପରିସରରେ ନିଶୁଳ୍କ ସମ୍ବଲପୁରୀ ଲୋକନୃତ୍ୟ ପ୍ରଶିକ୍ଷଣ ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ କିକ୍ ବକ୍ସିଂ ପ୍ରଶିକ୍ଷଣ ଦିଆଯାଉଛି। ତେଣୁ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଉଦ୍ୟମକୁ ସହଯୋଗ କରି ଡେରାରେ ସମ୍ବଲପୁରୀ ଗବେଷଣା, ପ୍ରଶିକ୍ଷଣ ଏବଂ ପ୍ରଦର୍ଶନ ପାଇଁ ଭବନର ଆବଶ୍ୟକତା ପୂରଣ ପାଇଁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ନିଜ ବିଧାୟକ ପାଣ୍ଠିରୁ ଦଶଲକ୍ଷ ଟଙ୍କା ଆର୍ଥିକ ସହାୟତାରେ ସମ୍ବଲପୁରୀ ସଂସ୍କୃତି ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଶୀଘ୍ର ନିର୍ମାଣ ଶେଷ କରି ସମ୍ବଲପୁରୀର ପ୍ରଚାରପ୍ରସାର ପାଇଁ ଉପଯୋଗ କରିବା ପାଇଁ କହିଥିଲେ। ଏହି ଅବସରରେ ମଞ୍ଚର ଅନ୍ୟତମ ଉପଦେଷ୍ଟା ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ ବରିଷ୍ଠ ବିଜେପି ନେତା ଅନୀଲ ବେହେରା ଉପସ୍ଥିତ ରହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ପଶ୍ଚିମାଞ୍ଚଲ୍ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଲ୍ ଏକତା ମଞ୍ଚର ସଦସ୍ୟ ସଦସ୍ୟାଙ୍କ ସମେତ ସମ୍ବଲପୁରୀ ଲୋକ ନୃତ୍ୟ ପ୍ରଶିକ୍ଷାର୍ଥୀ ଏବଂ କିକ୍ ବକ୍ସିଂ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ।

# ସିଟି ଭୁବନେଶ୍ୱର



## ପିପିଲି ଗଣଦୁଷ୍କର୍ମ ଓ ହତ୍ୟା ମାମଲା

# ଥାନାଧିକାରୀଙ୍କୁ ୬ ମାସ ଜେଲଦଣ୍ଡ

ଭୁବନେଶ୍ୱର, ୫।୭ (ସମିସ)

ବହୁଚର୍ଚ୍ଚିତ ପିପିଲି ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ଆଜି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। କାର୍ଯ୍ୟରେ ଅବହେଳା ପାଇଁ ତତ୍କାଳୀନ ଥାନା ଅଧିକାରୀ ଅମୂଲ୍ୟ ଚମ୍ପତିରାୟଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ମିଳିଛି। ନିଜ କାର୍ଯ୍ୟରେ ଅବହେଳା ଓ ମାମଲା ରୁଜୁ ନ କରିବା କାରଣରୁ ଅତିରିକ୍ତ ସେସନ୍ସ ଜଜ୍-୧ ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହି ମାମଲାରେ, ଅବହେଳାର ସୀମା ଅତିକ୍ରମ କରିଛି ଏବଂ ଅଭିଯୁକ୍ତ ଜାଣିଶୁଣି କର୍ତ୍ତବ୍ୟରେ ଅବହେଳା କରିଥିବା ସ୍ପଷ୍ଟ ହେଉଛି। ଆଇନର ଧାରା ୪ ଅନୁଯାୟୀ କର୍ତ୍ତବ୍ୟରେ ଇଚ୍ଛାକୃତ ଅବହେଳା ପାଇଁ ପୂର୍ବତନ ଥାନା ଅଧିକାରୀ ଅମୂଲ୍ୟ କୁମାର ଚମ୍ପତିରାୟଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି।

୨୦୧୧ ମସିହାର ପିପିଲି ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ଜଣେ ୧୯ ବର୍ଷୀୟା ଦଳିତ ଝିଅ ଆକ୍ରମଣର ଶିକାର ହୋଇ ପରେ ମୃତ୍ୟୁବରଣ କରିଥିଲେ। ମୁଖ୍ୟ ଅଭିଯୁକ୍ତମାନଙ୍କୁ ପ୍ରମାଣ ଅଭାବରୁ ୨୦୧୮ ମସିହା ଡିସେମ୍ବରେ ଏକ ଆଦାଲତ ଦୋଷମୁକ୍ତ କରିଥିଲେ। ପରେ ରାଜ୍ୟ ଅପରାଧ ଶାଖା ୨୦୧୯ ମସିହା ଜାନୁଆରୀରେ ଏହି ଦୋଷମୁକ୍ତି ବିରୁଦ୍ଧରେ ଓଡ଼ିଶା ହାଇକୋର୍ଟରେ ଆବେଦନ କରିଥିଲା।

ପୁରୀ ଜିଲ୍ଲା ପିପିଲିର ଅର୍ଜୁନଗୋଡ଼ା ଗାଁର ଜଣେ ୧୯ ବର୍ଷୀୟା ଯୁବତୀ ଧାନ କ୍ଷେତରେ ଗୁରୁତର ଅବସ୍ଥାରେ ମିଳିଥିଲେ। ସ୍ଥାନୀୟ ଦୁଇ ଭାଇ ପ୍ରଶାନ୍ତ ଓ ସୁକାନ୍ତ ପ୍ରଧାନ ତାଙ୍କୁ ବଳାତ୍କାର କରି ଗଳା ଚିପି ହତ୍ୟା କରିବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ହାଇପୋକ୍ସିଆ ଯୋଗୁଁ ତାଙ୍କ ମସ୍ତିଷ୍କ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ସେ ମାସେ ଧରି କୋମାରେ ରହିଥିଲେ। ୨୦୧୨ ମସିହା ଜୁନ ୨୧ ତାରିଖରେ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା।

# ମରଣାନ୍ତକ ଆକ୍ରମଣ କରି ବନ୍ଧାହେଲେ

ଭୁବନେଶ୍ୱର, ୫।୭ (ସମିସ)



ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ରବିବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଶଙ୍କର ନାଏକ (୨୭) ଓ ତାଙ୍କ ଘର କାର୍ଗିଲ ବସ୍ତିରେ। ଏନେଇ ରବି ଗୌଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ଶନିବାର ମଧ୍ୟାହ୍ନରେ ଲିଙ୍ଗରାଜ ରେଲ ଷ୍ଟେସନ ନିକଟରେ ସମ୍ପୃକ୍ତ ଅଭିଯୁକ୍ତମାନେ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ଥିଲା। ଅଭିଯୋଗକାରୀ ସେଠାରେ ପହଞ୍ଚି ବିବାଦର ସମାଧାନ କରିବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ଏହାକୁ କେନ୍ଦ୍ର କରି ପୁନର୍ବାର ଅଭିଯୋଗକାରୀଙ୍କ ସହ ବଚସା ଆରମ୍ଭ ହୋଇଥିଲା। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଶଙ୍କର ନାଏକ ତାଙ୍କ ସହଯୋଗୀମାନଙ୍କ ସହ ମିଶି ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିଲେ।

ଶଙ୍କର ନାଏକ ଅଭିଯୋଗକାରୀଙ୍କ ମୁଣ୍ଡରେ ଆଘାତ କରି ରକ୍ତାକ୍ତ ଆହତ କରିଥିବା ବେଳେ, ଅନ୍ୟ ସହଅଭିଯୁକ୍ତମାନେ ମଧ୍ୟ ଆକ୍ରମଣ ଓ ହତ୍ୟା ଧମକ ଦଦେଇଥିଲେ। ତଦନ୍ତ ସମୟରେ ପୋଲିସ ଏକ ବିଶ୍ୱସ୍ତ ସୂଚନା ଆଧାରରେ ଚଢ଼ଉ କରି ଅଭିଯୁକ୍ତ ଶଙ୍କର ନାୟକଙ୍କୁ ଗିରଫ କରିଥିଲେ। ପଚରାଉଚରାରୁ ଅଭିଯୁକ୍ତ ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ।

# ଟ୍ରାଫିକ କର୍ମଚାରୀଙ୍କୁ ଆକ୍ରମଣ ୨ ଗିରଫ

ଭୁବନେଶ୍ୱର, ୫।୭ (ସମିସ): ଟ୍ରାଫିକ୍ କର୍ମଚାରୀଙ୍କୁ ଆକ୍ରମଣ ଓ ମହିଳା ଟ୍ରାଫିକ୍ ପୁଲିସଙ୍କୁ ଦୁଃବ୍ୟବହାର ଅଭିଯୋଗରେ ନୟାପଲ୍ଲୀ ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଚିରଞ୍ଜୀବ ରାଉତରାୟ ଓ ଶିବ ପ୍ରସାଦ ସାହୁ। ଶିବ ନାମରେ ପୂର୍ବରୁ ୩ଟି ମାମଲା ଥିବା ଜଣାପଡ଼ିଛି। ଟିମ ପାଟ୍ରୋଲିଂ କରୁଥିବାବେଳେ ୨ ଅଭିଯୁକ୍ତ ଏକ ସ୍କୁଟି ଯୋଗେ ଆସି ସିଆରପି ଛକରେ ନିୟୋଜିତ ଟ୍ରାଫିକ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଖଣ୍ଡା ଓ କଟୁରୀରେ ଆକ୍ରମଣ ଲାଗି ପ୍ରୟାସ କରୁଥିଲେ। ଜଣେ ମହିଳା ଟ୍ରାଫିକ କର୍ମଚାରୀଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ କଣ୍ଟ୍ରୋଲ ରୁମରୁ ପୁଲିସ ସୂଚନା ପାଇଥିଲେ। ୨ ଜଣ ସ୍କୁଟିରେ ରାସ୍ତାର ଭୁଲ ପାଶ୍ୱର୍ରେ ଗାଡ଼ି ଚଲାଇଥିଲେ। ଟ୍ରାଫିକ୍ ହାବିଲଦାର ଅଭିମନ୍ୟୁ ସେଠୀ ସେମାନଙ୍କୁ ଭୁଲ ପାଶ୍ୱର୍ରେ ଗାଡି ନଚଲାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଉଭୟ ବ୍ୟକ୍ତି କ୍ରୋଧିତ ହୋଇ ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀଙ୍କୁ ଗାଳି ଦେଇ ଘଟଣାସ୍ଥଳ ଛାଡି ଚାଲିଗଲେ। କିଛି ସମୟ ପରେ ସେମାନେ ଖଣ୍ଡା ଏବଂ କଟୁରୀ ଧରି ଫେରି ଆସିଲେ। ସେମାନେ ପୁଲିସ କର୍ମଚାରୀଙ୍କୁ ମାରାତ୍ମକ ଅସ୍ତ୍ର ପ୍ରଦର୍ଶନ କରିଥିଲେ। ଏନେଇ ଅଭିଯୋଗ ହୋଇଥିବାବେଳେ ପୁଲିସ୍ ଉଭୟ ଅଭିଯୁକ୍ତଙ୍କୁ ବାନ୍ଧି ଜେଲ ପଠାଇଛି।

## ମହିଳା ବେଶରେ ଛିନତାଇ ଯୁବକ ଓ ତାର ପ୍ରେମିକା ଗିରଫ

ଭୁବନେଶ୍ୱର, ୫।୭ (ସମିସ): ଡେଲଟା ଛକରେ ଚେନ୍ ଛିନତାଇ ଘଟଣାରେ କମିଶନରେଟ୍ ପୁଲିସ୍ ମହିଳା ବେଶରେ ଲୁଟ କରୁଥିବା ପୁରୁଷକୁ ଗିରଫ କରିଛି। ନୟାପଲ୍ଲୀ ଥାନା ପୁଲିସ୍ ଏବଂ କମିସନରେଟ ପୁଲିସ୍ ମିଳିତ ଭାବେ ଅଭିଯୁକ୍ତ ପ୍ରେମୀ ଯୁଗଳଙ୍କୁ ଗିରଫ କରିଛି। ଅଭିଯୁକ୍ତ ପୁରୁଷ ମହିଳା ପୋଷାକ ପିନ୍ଧି ଏବଂ ଓଢଣୀ ଲଗାଇ ମହିଳାଙ୍କ ନିକଟରେ ପହଞ୍ଚି ସେମାନଙ୍କ ଗଳାର ସୁନା ହାର ଛିନତାଇ କରି ପଳାଇ ଯାଉଥିଲା। ତାହାର ସହଯୋଗୀ ମହିଳା ଅର୍ଥାତ୍ ତାର ପ୍ରେମିକା ମଧ୍ୟ ଏହି ଲୁଟରେ ସହଯୋଗ କରୁଥିଲା। ଉଭୟଙ୍କୁ ଗିରଫ କରାଯାଇ ପଚରାଉଛି। ସିସିଟିଭି ଫୁଟେଜରେ ଲୁଟ ଧରାପଡିବା ପରେ ପୁଲିସ୍ ଉଭୟଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଘଟଣାସ୍ଥଳର ସିସିଟିଭି ଫୁଟେଜରେ ଅଭିଯୁକ୍ତ ସ୍କୁଟର୍ ବା ବାଇକରେ ଆସି ଲୁଟ କରି ପଳାଇ ଯାଉଛି। ଅଭିଯୁକ୍ତଙ୍କ ଫଟୋ ଏବଂ ଭିଡିଓ ପ୍ରମାଣ ସହ ପୁଲିସ୍ ତଦନ୍ତ ଜାରି ରଖିଛି।

# ଫ୍ଲାଟ ଦେବା ନାଁରେ ୫୪ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୫।୭ (ସମିସ)




ଫ୍ଲାଟ ଦେବା ନାଁରେ ୫୪ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଭରତପୁର ଥାନା ପୁଲିସ ରବିବାର ପ୍ରିୟଙ୍କ ପାଟଯୋଶୀଙ୍କୁ ଗିରଫ କରିଛି। ତାଙ୍କ ଘର ବରମୁଣ୍ଡା ଅଞ୍ଚଳରେ। ଏନେଇ ଲିପ୍ସା ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀ ପରିବାର ସହ ବରମୁଣ୍ଡା, ବିଡିଏ ଡୁପ୍ଲେକ୍ସ ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତ ପ୍ରିୟଙ୍କ ପାଟଜୋଶୀ ନିଜକୁ ମେସର୍ସ ଯୁଗ ଯନ୍ତ୍ରୀ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ବୋଲି ପରିଚୟ ଦେଇ ତାଙ୍କୁ "ଆଶ୍ରୟ କୁଞ୍ଜ" ପ୍ରକଳ୍ପରେ ୧୪୦୦ ବର୍ଗଫୁଟ ବିଶିଷ୍ଟ ଏକ ୩ ବିଏଚକେ ଫ୍ଲାଟ୍ କିଣିବା ପାଇଁ ପ୍ରବର୍ତ୍ତାଇଥିଲେ। ଏହି ବାବଦରେ ଅଭିଯୋଗକାରିଣୀ, ୨୦୨୪ମସିହା ସେପ୍ଟେମ୍ବର ମାସରେ ରେ ୧୫ ଲକ୍ଷ ଟଙ୍କା, ଡିସେମ୍ବର ମାସରେ ୫ ଲକ୍ଷ ଟଙ୍କା ଏବଂ ଗତ ମାର୍ଚ୍ଚ ମାସରେ ୩୪ ଲକ୍ଷ ଟଙ୍କା ନଗଦ ଆକାରରେ ମୋଟ ୫୪ ଲକ୍ଷ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ସେହି ଦିନ ଉଭୟ ପକ୍ଷ ସାକ୍ଷୀମାନଙ୍କ ଉପସ୍ଥିତିରେ ଫ୍ଲାଟ୍ ବିକ୍ରୟ ସମ୍ପର୍କିତ ଏକ ନୋଟାରୀ ଚୁକ୍ତିନାମା ମଧ୍ୟ ସମ୍ପାଦନ କରିଥିଲେ। କିନ୍ତୁ ସମ୍ପୂର୍ଣ୍ଣ ଅର୍ଥ ଗ୍ରହଣ କରିବା ସତ୍ତ୍ୱେ ଅଭିଯୁକ୍ତ ଫ୍ଲାଟ୍‌ର ଦଖଲ ଦେଇନଥିଲେ କିମ୍ବା ଅଭିଯୋଗକାରିଣୀଙ୍କ ସପକ୍ଷରେ ପଞ୍ଜିକୃତ ବିକ୍ରୟ ଦଲିଲ କାର୍ଯ୍ୟକାରୀ କରିନଥିଲେ। ଏନେଇ ଅଭିଯୋଗ ହେବାପରେ ପୋଲିସ ରବିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ବ୍ରାଉନସୁଗର ବିକ୍ରି କରି ୧ ଗିରଫ

ଭୁବନେଶ୍ୱର, ୫।୭ (ସମିସ): ବେଆଇନ ଭାବେ ବ୍ରାଉନସୁଗର ବିକ୍ରି କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ରବିବାର କିଷାନ ଦାସଙ୍କୁ ଗିରଫ କରିଛି। ତାଙ୍କ ଘର ହଳଦୀପଡ଼ିଆ ବସ୍ତିରେ ବୋଲି ଜଣାପଡ଼ିଛି। ଗିରଫ ନିଶା ବେପାରୀଙ୍କ ଠାରୁ ୧୦ ଗ୍ରାମ ଓଜନର ବ୍ରାଉନସୁଗରକୁ ପୁଲିସ ଜବତ କରିଛି। ପୁଲିସ ସୂଚନା ମୁତାବକ, ହଳଦୀପଡିଆ ବସ୍ତି ଅନ୍ତର୍ଗତ ଶୌଚାଳୟ ସମ୍ମୁଖରେ ଅତର୍କିତ ଚଢଉ କରି ସର୍ବସାଧାରଣରେ ବେଆଇନ ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଅଭିଯୁକ୍ତ କିଷାନ ଦାସଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୧୦ ଗ୍ରାମ ଓଜନର ବ୍ରାଉନସୁଗର, ଏକ ମୋବାଇଲ ଫୋନ, ଏକ ସ୍କୁଟି ଏବଂ ୪ ହଜାର ୮ ଶହ ୬୦ ଟଙ୍କା ଜବତ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ଏହି ବେଆଇନ ବ୍ରାଉନସୁଗର ବିକ୍ରୟ ନେଇ ନିଜର ଅପରାଧ ସ୍ୱୀକାର କରିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଲକ୍ଷ୍ମୀସାଗର ଥାନା ପୁଲିସ ଏକ ବେଆଇନ ବ୍ରାଉନସୁଗର ବିକ୍ରୟ ଜନିତ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ କିଷାନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ କିଷାନ ଦାସଙ୍କ ନାମରେ ପୂର୍ବରୁ ମଧ୍ୟ ୨୦୧୮ ମସିହାରେ ଏକ ମାମଲା ରହିଛି।

## ମହିଳାଙ୍କୁ ଆକ୍ରମଣ କରି ଜଣେ ଗିରଫ

ଭୁବନେଶ୍ୱର, ୫।୭ (ସମିସ): ଜଣେ ସମ୍ପର୍କୀୟ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଜ୍ଞାନ ରଞ୍ଜନ ସାହୁ ଓରଫ ଚିଣ୍ଟୁ। ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ଟିକରପଡ଼ାରେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କ ଘର ଧଉଳି ଥାନା ଅନ୍ତର୍ଗତ ଟିକରପଡା ଅଞ୍ଚଳରେ। ଗତ ଜୁଲାଇ ୪ ତାରିଖ ଅପରାହ୍ଣ ପ୍ରାୟ ୪ଟାରେ ତାଙ୍କ ସମ୍ପର୍କୀୟ ଭିଣୋଇ ଜ୍ଞାନରଞ୍ଜନ ସାହୁ ଜୋରପୂର୍ବକ ତାଙ୍କ କୋଠରିରେ ପ୍ରବେଶ କରି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ପ୍ରତିବାଦ କରିବାରୁ ସେ ହାତୁଡ଼ିରେ ତାଙ୍କ ମୁଣ୍ଡକୁ ଆଘାତ କରି ରକ୍ତାକ୍ତ କରିଦେଇଥିଲେ। ତଳେ ପକାଇ ବେକ ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସ୍ୱାମୀଙ୍କ ହସ୍ତକ୍ଷେପ ଓ ପରେ ମାଆ ଏବଂ ଅନ୍ୟ ଭଡ଼ାଟିଆମାନେ ପହଞ୍ଚିବାରୁ ଅଭିଯୋଗକାରିଣୀ ଉଦ୍ଧାର ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ତାଙ୍କ ସ୍ୱାମୀ ଓ ମାଆଙ୍କୁ ମଧ୍ୟ ଆକ୍ରମଣ କରି ହତ୍ୟା କରିବାର ଧମକ ଦେଇଥିଲେ। ଏହି ଘଟଣା ସମ୍ପର୍କରେ ଅଭିଯୋଗକାରିଣୀ ଥାନାରେ ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଘଟଣାର ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରଥିଲେ। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଅଭିଯୋଗକାରିଣୀ, ପିଲାଙ୍କ ଶିକ୍ଷା ଏବଂ ସ୍ୱାମୀଙ୍କ ଚିକିତ୍ସା ପାଇଁ ବରମୁଣ୍ଡାରେ ରହୁଥିବାବେଳେ, ଅଭିଯୁକ୍ତ ଜ୍ଞାନରଞ୍ଜନ ସାହୁ ଟିକରପଡ଼ାସ୍ଥିତ ଘରେ ରହି ତାଙ୍କର ଶୟନକକ୍ଷ ବ୍ୟବହାର କରୁଥିଲେ। ଘଟଣା ଦିନ ଅଭିଯୋଗକାରିଣୀ ପରିବାର ସହ ଘରକୁ ଫେରି କୋଠରି ଖୋଲିବା ପରେ ସେଠାରେ ବିଭିନ୍ନ ଅଳିଆ ପଦାର୍ଥ ପଡ଼ିଥିବା ଦେଖି ପ୍ରତିବାଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିଲା। ଏହି ସମୟରେ ଅଭିଯୁକ୍ତ ଲୁହା ହାତୁଡ଼ିରେ ଅଭିଯୋଗକାରିଣୀଙ୍କ ମୁଣ୍ଡକୁ ଆଘାତ କରିଥିଲେ, ଯାହାଫଳରେ ସେ ରକ୍ତାକ୍ତ ଆହତ ହୋଇଥିଲେ।

## ବାଇକ ଚୋରି କରି ୨ ବନ୍ଧାହେଲେ

ଭୁବନେଶ୍ୱର, ୫।୭ (ସମିସ): ସହିଦନଗର ଥାନା ପୁଲିସ ବାଇକ ଚୋରି କରିବା ଅଭିଯୋଗରେ ଦୁଇଜଣ ଚୋରଙ୍କୁ ଗିରଫ କରିଛି। ଗିରଫ ଦୁଇ ଚୋରଙ୍କ ନାମ ମଞ୍ଚେଶ୍ୱର ବଙ୍ଗାଳୀ କଲୋନୀର ବୁନେଶ ନାୟକ ଓରଫ ବୁନୁ (୨୬) ଓ ସହିଦନଗର ଭୋଇ ନଗରର ଅଖିଳ ନାଏକ (୪୦)। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ଏକ ବାଇକ ଓ କାରକୁ ପୁଲିସ ଜବତ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଚାନ୍ସେଲର ହୋଟେଲର ଉପର ମହଲାରେ ଥିବା




ଏକ କାର୍ଯ୍ୟାଳୟର ବିକ୍ରୟ ବିଭାଗରେ କାର୍ଯ୍ୟରତ। ଗତ ଜୁନ ୨୨ ତାରିଖ ଦିନ ପ୍ରାୟ ୧୨ଟା ସମୟରେ ସେ ଓ ତାଙ୍କ ବନ୍ଧୁ ଦୀପକ ସ୍ୱାଇଁଙ୍କ ସହ ମୋଟରସାଇକେଲ ଯୋଗେ କ୍ୟାପିଟାଲ ହସ୍ପିଟାଲରୁ କାର୍ଯ୍ୟାଳୟକୁ ଫେରୁଥିବା ବେଳେ, ରୂପାଲି ଛକ ନିକଟ ଇପିଏଫଓ କାର୍ଯ୍ୟାଳୟ ସଂଲଗ୍ନ ସାର୍ବଜନୀନ ଶୌଚାଳୟ ପାଖରେ ଅଟକିଥିଲେ। ମୋଟରସାଇକେଲ ରାସ୍ତା କଡ଼ରେ ରଖି ସେ ଶୌଚାଳୟକୁ ଯାଇଥିଲେ। ଫେରିବା ପରେ ମୋଟରସାଇକେଲଟି ସେଠାରେ ଚୋରି ହୋଇଯାଇଥଲା। ଥାନାରେ ଅଭିଯୋଗ ପରେ ବୁନେଶ ଏବଂ ଅଖିଳକୁ ଗିରଫ କରାଯାଇଥିଲା।

## ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟରେ ବନ ମହୋତ୍ସବ

ଭୁବନେଶ୍ୱର, ୫।୭ (ସମିସ): ଓଡିଶା ପରିବେଶ ସମିତି ଆନୁକୂଲ୍ୟରେ ଏବଂ ହାଉସ ଅଫ ନେଚର ଏନଭାୟରନମେଣ୍ଟ ସୋସାଇଟୀ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନୁଷ୍ଠାନର ମିଳିତ ଅନୁକୂଲ୍ୟରେ ଛତ୍ରପୁରସ୍ଥିତ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ, ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ ଓ ଇଣ୍ଡିଆନ କୋଷ୍ଟ ଗାଡର୍ ଗୋପାଳପୁର ଶାଖାର କମ୍ୟାଣ୍ଡିଂ ଅଫିସର ଉତ୍କର୍ଷ ଗୌତମ, ଗୋପାଳପୁର ବନ୍ଦରର ବିଜିନେସ୍ ମୁଖ୍ୟ ପ୍ରଶାନ୍ତ ପାତ୍ର ପ୍ରମୁଖ ସମ୍ମାନୀୟ ଅତିଥି ରୂପେ ଯୋଗଦାନ କରିଥିଲେ। ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ




ଓ ଚାରା ରୋପଣ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା। ପରିବେଶ ବିଭିନ୍ନ ସମସ୍ୟା ନିରାକରଣ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବର୍ଜନ ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀମାନେ ସଚେତନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଓଇଏସ୍ ଆଜୀବନ ସଦସ୍ୟ ତଥା ଏହି ଉତ୍ସବର ସଂଯୋଜକ ସୁକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତିସେନା ପକ୍ଷରୁ ପୁସ୍ତକ ଉତ୍ସବ



ଭୁବନେଶ୍ୱର, ୫।୭ (ସମିସ

ପ୍ରକାଶନୀ ସଂସ୍ଥା ଶାନ୍ତିସେନା ପବ୍ଲିକେଶନ୍ସ ତରଫରୁ ବୁଦ୍ଧ ମନ୍ଦିରରେ ଶାନ୍ତିସେନା ପୁସ୍ତକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ ଲେଖକ ଦାଶ ବେନହୁର ଯୋଗଦେଇ କହିଛନ୍ତି ଯେ ପ୍ରକାଶକ ଓ ଲେଖକମାନେ ବହିର ପ୍ରସାର ତଥା ଆଲୋଚନା ପାଇଁ ପ୍ରୟାସ କରିବା ଉଚିତ୍। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ନେତା ଗୋଲକ ମହାପାତ୍ର, କଥାକାର ରବି ସ୍ୱାଇଁ, ବିଶିଷ୍ଟ କବି ରକ୍ଷକ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥଲେ। ବିଶିଷ୍ଟ ନାଟ୍ୟକାର ତଥା ଶିକ୍ଷାବିତ ଡ. ପୂର୍ଣ୍ଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ରଜତ ରଶ୍ମି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ବିଶିଷ୍ଟ କବି ଓ ଅନୁବାଦକ ସୂର୍ଯ୍ୟ ମିଶ୍ରଙ୍କୁ ତାଙ୍କର ପୁସ୍ତକ 'କବିତା ଗୋଟିଏ ଧର୍ମ' ଏବଂ ଗାଳ୍ପିକା ରଶ୍ମି ସାମଲଙ୍କୁ ନିଜର ପୁସ୍ତକ 'ବୋଝ ଓ

**ପ୍ରକାଶକ ଓ ଲେଖକମାନେ ବହିର ଆଲୋଚନା ପାଇଁ ପ୍ରୟାସ କରିବା ଉଚିତ୍**

ଅନ୍ୟାନ୍ୟ ଗଳ୍ପ'ର ବିକ୍ରି ପାଇଁ ଶାନ୍ତିସେନା ପବ୍ଲିକେଶନ୍ସ ତରଫରୁ ରାଜଭାଗ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଲଳିତ ମୋହନ ମିଶ୍ରଙ୍କ ପୁସ୍ତକ 'ସମୟର ଅନ୍ତରାଳେ', ଡ. ସଚ୍ଚିଦାନନ୍ଦ କରଙ୍କ ପୁସ୍ତକ 'ଡ. ମୀନକେତନ', ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ପୁସ୍ତକ 'ଫର୍ଦ୍ଦ ଫର୍ଦ୍ଦ ପ୍ରତ୍ୟୟନାମା', ତନୁଶ୍ରୀ ମହାରଣାଙ୍କ ପୁସ୍ତକ 'ଜୀବଜଗତ ଓ ଜୀବବିଜ୍ଞାନ' ଓ ନିହାର ରଞ୍ଜନ ପରିଡାଙ୍କ ପୁସ୍ତକ 'ରେନକୋଟ୍' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏଥିରେ କଥାକାର ମଦନ ମହାପାତ୍ର, ନାଟ୍ୟକାର ପୀୟୁଷ ରଞ୍ଜନ ପରିଡ଼ା, ଡ. ସଂଯୁକ୍ତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ଷଣପ୍ରଭା ମହାନ୍ତି ଓ ମଧୁମିତା ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଶ୍ରୁତକୀର୍ତ୍ତି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ୩୦ରୁ ଉର୍ଦ୍ଧ କବି ସ୍ୱରଚିତ କବିତା ପାଠ କରିଥିଲେ।

# ସିପିଆଇ ପକ୍ଷରୁ ଆସନ୍ତା ମାସ ୬ରୁ ୧୫ ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର, ୫।୭ (ସମିସ)




ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ରାଜ୍ୟ ସମ୍ପାଦକ ମଣ୍ଡଳୀ, ରାଜ୍ୟ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦ ବୈଠକ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ କମ୍ରେଡ୍ ଦାମୋଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ କୁମାର ମିଶ୍ର ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ପାଠ୍ୟପୁସ୍ତକ ପ୍ରକାଶନ ଦୁର୍ନୀତିରେ କ୍ଷୋଭ ପ୍ରକାଶ କରିଥିଲେ। ଜାତୀୟ ସମ୍ପାଦକମଣ୍ଡଳୀ ସଦସ୍ୟ ରାମକୃଷ୍ଣ ପଣ୍ଡା କେନ୍ଦ୍ରର ବିଜେପି ଏନ୍‌ଡିଏ ସରକାରଙ୍କ ଜନବିରୋଧୀ ନୀତି, ଦରବୃଦ୍ଧି, ବେକାରୀ, ଶ୍ରମ କୋଡ୍, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ଅବ୍ୟବସ୍ଥା ଏବଂ ସାମ୍ପ୍ରଦାୟିକ ବିଭାଜନ ବିରୋଧରେ ତୀବ୍ର ସମାଲୋଚନା କରିଥିଲେ। ସିପିଆଇ ଜାତୀୟ ପରିଷଦର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ମାସ ୬ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଘରକୁ ଘର ଜନସମ୍ପର୍କ ପଦଯାତ୍ରା ଏବଂ ସେପ୍ଟେମ୍ବର ମାସ ୧ତାରିଖରେ ଦିଲ୍ଲୀରେ ଦେଶର ବ୍ୟବସ୍ଥା ପରିବର୍ତ୍ତନ ଦାବିରେ ମହାସମାବେଶ ଅନୁଷ୍ଠିତ ହେବ। ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଦରବୃଦ୍ଧି ରୋକିବା, ସମସ୍ତଙ୍କୁ ରୋଜଗାର, ବୈଜ୍ଞାନିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି, ଶ୍ରମ କୋଡ୍ ରଦ୍ଦ, ବାଲଟ ପେପରରେ ନିର୍ବାଚନ ଓ ଗଣତନ୍ତ୍ରର ସୁରକ୍ଷା ସମେତ ବିଭିନ୍ନ ଦାବି ନେଇ ଜନ ଜାଗରଣ କରାଇବାକୁ ନିବେଦନ କରିଥିଲେ। ରାଜ୍ୟ ସହ-ସମ୍ପାଦକ କ୍ଷୀରୋଦ ସିଂହଦେଓ ଏବଂ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଦେଶର ବ୍ୟବସ୍ଥା ପରିବର୍ତ୍ତନ ଜରୁରୀ ଓ ଏଥିପାଇଁ ୧ ସେପ୍ଟେମ୍ବର 'ଦିଲ୍ଲୀ ଚାଲ' କାର୍ଯ୍ୟକ୍ରମରେ ଓଡ଼ିଶାର ବ୍ୟାପକ ଅଂଶଗ୍ରହଣ ପାଇଁ ପ୍ରସ୍ତାବ ରଖିଥିଲେ। ଏହି ବୈଠକରେ ଜନଜାଗରଣ ପଦଯାତ୍ରା ଓ ଦିଲ୍ଲୀ ଚାଲ ପରିବର୍ତ୍ତନ ଜରୁରୀ ମହା ସମାବେଶର ପୋଷ୍ଟର ଲୋକାର୍ପଣ କରାଯାଇଛି। ବୈଠକରେ ଏହି ଦେଶବ୍ୟାପୀ ଆନ୍ଦୋଳନକୁ ସଫଳ କରିବାକୁ ଅନ୍ୟମାନଙ୍କ ମଧ୍ୟରେ ଆଶିଷ କାନୁନଗୋ, ଅଶୋକ କୁମାର ଦାଶ, ଏନ୍ ନାରାୟଣ ରେଡ୍ଡୀ, ରମଣୀ ରଞ୍ଜନ ରାଉତରାୟ, ସୁର ଜେନା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଜନସମ୍ପର୍କ ପଦଯାତ୍ରା ଓ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଦିଲ୍ଲୀ ଚାଲର ସଫଳତା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ସରୁନି କଲ୍ୟାଣୀ ନଗରବାସୀଙ୍କ ସମସ୍ୟା

ଭୁବନେଶ୍ୱର, ୫।୭ (ସମିସ)

ଘର ଦୁଆର ମୁହଁରେ ଆଣ୍ଠୁଏ ଉଚ୍ଚର ପାଣି। ଘରୁ ବାହାରିଲେ ପାଦରୁ ଚପଲ ଓହ୍ଲାଇ ହାତରେ ଧରି ଯାଉଛନ୍ତି ଲୋକେ। କାରଣ ରାସ୍ତା ଉପରେ ଲହଡି ଭାଙ୍ଗୁଛି ଭାସୁଛି ବର୍ଷା ପାଣି ସହ ଡ୍ରେନ୍ ପାଣି। ଖାଲ ଖମାରେ ଭର୍ତ୍ତି ହୋଇଥିବା ରାସ୍ତାରେ ନିମୟିତ ଦୁର୍ଘଟଣା ବି ଘଟୁଛି। ହେଲେ ରାସ୍ତା ମରାମତି ପାଇଁ କାହାରି ନଜର ପଡୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିୟମିତ ଯାତାୟତ କରିବାର ଏକମାତ୍ର ରାସ୍ତା ହୋଇଥିବାରୁ ପ୍ରତିଦିନ ଆବର୍ଜନା ପାଣି ଭିତରେ ପଶି ଲୋକେ ସଂକ୍ରମଣର ଶିକାର ହେଉଥିବା ଦେଖିବାକୁ ମିଳିଛି କଲ୍ୟାଣୀ ନଗର ସ୍ଥିତ ଲେନ୍-୨ରେ।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର-୬୫ ଅଧିନରେ ରହିଥିବା କଲ୍ୟାଣୀ ନଗରରେ। ଏଠାରେ ରହିଥିବା ଲେନ୍ ଗୁଡ଼ିକରେ ପ୍ରାୟ ପେଭରବ୍ଲକ ରାସ୍ତା ରହିଥିବା ବେଳେ ମୁଖ୍ୟ ରାସ୍ତା ଉପରେ ବର୍ଷା ପାଣି ଜମି ରହି କୃତ୍ରିମ ପୋଖରୀ ପାଲଟିଛି। ଗତବର୍ଷ ବର୍ଷା ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଅଞ୍ଚଳବାସୀ। ହେଲେ ବର୍ଷ ପରେ ବର୍ଷ ବିତିଯାଇଥିଲେ ବି ସମାଧାନ କରାଯାଉ ନଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ସୁବଠାରୁ ବଡ଼ ହସ୍ପିଟାଲ ଏମସ୍ ହସ୍ପିଟାଲ ଆଣ୍ଡ ମେଡିକାଲ କଲେଜ ରହିଛି। ଫଳରେ ଏହି ଅଞ୍ଚଳରେ ମେଡିକାଲ ଛାତ୍ରଛାତ୍ରୀଙ୍କ ସମେତ ଡାକ୍ତର, ଫାମାସିଷ୍ଟ ନର୍ସ ମାନେ ଭଡ଼ାରେ ରହୁଛନ୍ତି। ହେଲେ ବର୍ଷା ସମୟରେ ସେମାନେ ନିଜର କର୍ମକ୍ଷେତ୍ରକୁ ଯିବାକୁ ନାକେଦମ୍ ହେଉଛନ୍ତି। କିଏ ପାଣିରେ ପଶି ଚାଲି ଚାଲି ଯାଉଛନ୍ତି ତ ଆଉ କେହି ସ୍କୁଟି କିମ୍ବା ପାଇକଯୋଗେ ଯାତାୟତ ସମୟରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ତେବେ ଏହି ଅଞ୍ଚଳର ଅଧିକାଂଶ ଲେନ୍‌ରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ, ଗାଡ଼ି ନେଇ ଯିବାକୁ ରାଜି ହେଉ ନାହାନ୍ତି ଡ୍ରାଇଭର। ଅନଲାଇନ୍ ଯୋଗ ବୁକିଂ ଗାଡ଼ି ଗୁଡ଼ିକ ମଧ୍ୟ କ୍ୟାନସଲ୍ କରିବାକୁ ବାଧ



କରୁଛନ୍ତି ନଚେତ୍ ଦାମ୍ ଦ୍ୱିଗୁଣା ଦାବୀ କରୁଛନ୍ତି। କାରଣ ଏହି ରାସ୍ତାରେ ଡ୍ରେନେଜ୍ ସୁବିଧା ନଥିବାରୁ ଅସରାଏ ବର୍ଷା ହେଲେ ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ବର୍ଷାପଣି ଜମି ରହୁଛି।

ଏମିତିକି ଲୋକଙ୍କ ଘର ଆଗରେ ବି କୃତ୍ରିମ ପୋଖରୀ ସଦୃଶ ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଡ୍ରେନେଜ୍ ନିର୍ମାଣ, ରାସ୍ତା ମରାମତି ନିମନ୍ତେ ବାରମ୍ବାର ଅଭିଯୋଗ ହୋଇଥିଲେ ବି ଏଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ଅଙ୍ଗନବାଡ଼ି ସହାୟିକାଙ୍କୁ ସର୍ପାଘାତ

ତିଗିରିଆ, ୫।୭ (ସମିସ): ତିଗିରିଆ ବ୍ଲକ ହରିଡାପଶି ଅଙ୍ଗନବାଡ଼ି କେନ୍ଦ୍ର-୧ରେ ଖାଦ୍ୟ ପ୍ରସ୍ତୁତି ସମୟରେ ଅଙ୍ଗନବାଡ଼ି ସହାୟିକାଙ୍କୁ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପ୍ରାୟ ୬ ଘଣ୍ଟା ଧରି ଚିକିତ୍ସା ଓ ପର୍ଯ୍ୟବେକ୍ଷଣ ପରେ ସେ ସୁସ୍ଥ ଅଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି କେନ୍ଦ୍ର ପରିସରର ସଫେଇ ଓ ରକ୍ଷଣାବେକ୍ଷଣ ହେଉ ନଥିବାରୁ ସାପ ସମେତ ବିଭିନ୍ନ ବିଷଧର ଓ କ୍ଷତିକାରକ ପ୍ରାଣୀଙ୍କ ବାସସ୍ଥାନ ପାଲଟିଛି। ଘଟଣା ସମ୍ପର୍କରେ ସୁପରଭାଇଜର ବନିତା ଦେହୁରୀ କହିଛନ୍ତି, କେବଳ ଉପରେ ସେ ଖସି ପଡ଼ିଥିଲେ। ଅନ୍ୟପକ୍ଷରେ, ସିଡିପିଓ ବୀଣାପାଣି ଦାସ ଏ ଅବଗତ ନଥିବା ପ୍ରକାଶ କରିଥିଲେ।

# ଡ୍ରିମ୍ସ ପରିବାର ସଦସ୍ୟଙ୍କ ଜନ୍ମଦିନ

କଟକ, ୫।୭(ସମିସ): ଡ୍ରିମ୍ସ ବୋର୍ଡ ଅଫ ଡାଇରେକ୍ଟର ସଦସ୍ୟ ତଥା ସମାଜସେବୀ ଶାନ୍ତନୁ କୁମାର ଶତପଥୀଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ 'ଡ୍ରିମ୍ସ ପରିବାର' ପକ୍ଷରୁ ଅତିଥି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା



ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଶ୍ରୀ ଶତପଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ରମେଶ ବେହେରା, ଦୈତାରୀ ସାହୁ, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେକ୍ କଟାଯାଇ ଶ୍ରୀ ଶତପଥୀଙ୍କ ସହ ସହକର୍ମୀମାନେ ଖୁସି ବାଣ୍ଟିଥିଲେ।

# ସରସ୍ୱତୀ କଳା ପରିଷଦ ପକ୍ଷରୁ ମେଧାବୀ ସମ୍ମାନ ସମାରୋହ



କନ୍ଦରପୁର, ୫।୭(ସମିସ): ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ପକ୍ଷରୁ କଟକ ସଦର ଏବଂ ବାରଙ୍ଗ ବ୍ଲକ୍‌ସ୍ତରୀୟ ମାଟ୍ରିକ ଉତ୍ତୀର୍ଣ୍ଣ ମେଧା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ କନ୍ଦରପୁର ଫୁଲ ମା' ମାର୍କେଟ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୬୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ମେଧାବୀ ପ୍ରତିଭା ସମ୍ମାନ-୨୦୨୬ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାରମ୍ଭରେ ପରିଷଦ କର୍ମକର୍ତ୍ତା ହେମନ୍ତ ପ୍ରଧାନଙ୍କ ମୃତ୍ୟରେ ନିରବ ପାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରିଷଦ ସଭାପତି ତଥା ରାଜ୍ୟ ମହିଳା କମିସନ ସଦସ୍ୟା ପ୍ରତିଭା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବେ ୫ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ୍ତ ମହାଲି, ବଟକୃଷ୍ଣ ବିଶ୍ୱାଳ ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷ ଇଂ ଅଶୋକ ବିଶ୍ୱାଳ, ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ସଭାପତି ଇଂ ଗିରିଜା ଶଙ୍କର ପତି, ଲୋକଭାଷା ସଂପାଦକ ଶୁକଦେବ ପରିଡ଼ା, ସମାଜସେବୀ ଦୀପକ ସାହୁ, ପ୍ରାଧ୍ୟାପକ ଡ଼ଃ.କଳିମୁଲ୍ଲା, ଅଧ୍ୟାପକ ବାସୁଦେବ ସ୍ୱାଇଁ, ଗୋପାଳ ସ୍ମୃତି ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମନୋରମା ତ୍ରିପାଠୀ, ଗୁରୁ ପବିତ୍ର ମୋହନ ପ୍ରଧାନ ସ୍ମୃତି ସଂସଦ ଅଧ୍ୟକ୍ଷ ସତ୍ୟଜିତ୍ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦ ଉପଦେଷ୍ଟାମଣ୍ଡଳୀ, ବହୁ ବୁଦ୍ଧିଜୀବୀ, ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାସୁଦେବପୁରରେ ମା'ରୁକ୍ମଣୀଙ୍କ ଅଷ୍ଟମଙ୍ଗଳା ନୀତି

ସାଲେପୁର,୫।୭(ସମିସ): ବାସୁଦେବପୁର ଗ୍ରାମର ଚଉକିବଟ ନିକଟସ୍ଥ କୁଣ୍ଡିନଗ୍ର ରୁକ୍ମଣୀ କ୍ଷେତ୍ରଠାରେ ରୁକ୍ମଣୀ ହରଣ ଏକାଦଶୀଠାରୁ ୮ଦିନ ବ୍ୟାପୀ ଅଷ୍ଟମଙ୍ଗଳା ବିଧି ପାଳିତ ହୋଇଯାଇଛି। ମା' ରୁକ୍ମଣୀ କ୍ଷେତ୍ର ଉନ୍ନୟନ ପରିଷଦ ପକ୍ଷରୁ କୁଣ୍ଡିନଗ୍ରଠାରେ ମା'ରୁକ୍ମଣୀ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କ ହରିହର କ୍ଷେତ୍ର ମାହାଳଠାରୁ ସଂକୀର୍ତ୍ତନ ମାଧ୍ୟମରେ ଆସି ମା'ଙ୍କର ପିତ୍ରାଳୟ ବାସୁଦେବପୁରସ୍ଥିତ ପ୍ରଭୁ ଅଭୟ ନୃସିଂହ ଓ ଯୋଗେଶ୍ୱର ପୀଠରେ ପହଞ୍ଚି ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବାପରେ ବିଭିନ୍ନ କାର୍ଯ୍ୟକ୍ରମକୁ ଶ୍ରୀକ୍ଷେତ୍ର ପୁରୀର ଶ୍ରୀମନ୍ଦିର ନିଯୋଗ ନିତ୍ୟ ପୂଜକ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ସିଦ୍ଧେଶ୍ୱର ମହାପାତ୍ର, ପୁରୀ ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ପ୍ରମୋଦ କୁମାର ଆଚାର୍ଯ୍ୟ ଓ ଅଷ୍ଟଦିବସ ବ୍ୟାପୀ ଭାଗବତ କଥା ବାଚକର ବ୍ୟାସ ଜ୍ଞାନରଂଜନଜୀ, ମାଣିକପାଟଣା ପୁରୀ ଭାଗବତ ସପ୍ତାଙ୍ଗର ବ୍ୟାସ ମହନ୍ତ ପୂର୍ଣ୍ଣଚନ୍ଦ୍ର ମହାରାଜ, ତୁଳସୀକ୍ଷେତ୍ର କେନ୍ଦ୍ରାପଡା ପୁଷ୍ପାଚାର୍ଯ୍ୟ ଓ ଦୈନନ୍ଦିନ ବେଶ ଶୃଙ୍ଗାରକାରୀ ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେପି ନେତା ଅରିନ୍ଦମ ରାୟ ଓ ବହୁ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ସାମିଲ ହୋଇଥିଲେ।

## ଧୋଇଗଲା ପିଚୁ, ଭାଙ୍ଗିଗଲା ସୁରକ୍ଷା ପାଚେରି

# ଅସରାଏ ବର୍ଷା ଖୋଲିଦେଲା ୧୨ କୋଟି ପ୍ରକଳ୍ପର ଦୁର୍ନୀତି ଗୁମର

ଭଦ୍ରେଶ୍ୱର, ୫।୭(ସମିସ): ଯନ୍ତ୍ରୀ ୧୨ କୋଟିର ଦୁର୍ନୀତି କରି ଖସିଯିବାକୁ ବସିଥିଲେ; ହେଲେ ଅସରାଏ ବର୍ଷା ଖୋଲିଦେଲା ଗୁମର। ନିର୍ମାଣାଧୀନ ରାସ୍ତାରୁ ପିଚୁ ଧୋଇଯାଇଥିବା ସହ ସୁରକ୍ଷା ପାଚେରି ଭୁଶୁଡ଼ି ପଡ଼ିଛି। ଏପରିକି ରାସ୍ତାରେ ବ୍ୟବହୃତ ହୋଇଥିବା ୭୦ ଭାଗ ମାଟି ଧୋଇଯାଇଛି। ଭବାନୀଗଡା ଛକଠାରୁ ମନ୍ଦିର ପର୍ଯ୍ୟନ୍ତ ପାଖାପାଖି ୫୦ ମିଟରରୁ ଉର୍ଦ୍ଧ୍ୱ ରାସ୍ତାରୁ ମାଟି ଧସିଯିବା କାରଣରୁ ପିଚୁ ଧୋଇଯାଇଛି। ଅପରପକ୍ଷରେ ଗୋତରା ବାରିକସାହି ନିକଟରେ ୫୦ ମିଟରରୁ ଉର୍ଦ୍ଧ୍ୱ ଗୋଟିଏ ସୁରକ୍ଷା ପାଚେରି ଧସିଯାଇଛି। ଯାହାକୁ ନେଇ ଗ୍ରାମ ଉନ୍ନୟନ ବିଭାଗର ପାରିବା ପଣିଆ ଏବେ ପଦାରେ ପଡିଛି। ରାସ୍ତା ନିର୍ମାଣରେ ଏପରି ସାଙ୍ଘାତିକ ଦୁର୍ନୀତି ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗରେ।



ସୂଚନା ମୁତାବକ, ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ଉପଖଣ୍ଡ ଅଧୀନରେ ରହିଛି ନିଶ୍ଚିନ୍ତକୋଇଲି-ଡିହିଗୋପ ୮ନମ୍ବର କେନାଲବନ୍ଧ ରାସ୍ତା। ଯେଉଁ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଓ ଅନିୟମିତତା ସମ୍ପର୍କରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ବିଭାଗଠାରୁ ସ୍ଥାନୀୟ ବିଧାୟକ କର୍ଣ୍ଣପାତ କରୁ ନଥିଲେ। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଅପରପକ୍ଷରେ, ଦୁର୍ନୀତିକୁ ଲୁଚାଇବା

### ପଦାରେ ପଡ଼ିଲା ଗ୍ରାମ ଉନ୍ନୟନ ବିଭାଗର କାର୍ଯ୍ୟ; ଭିଜିଲାନ୍ସ ତଦନ୍ତ ଦାବି

ପାଇଁ ବିଭାଗ ଓ ଠିକାଦାରଙ୍କ ପକ୍ଷରୁ ଜୋରଦାର ପ୍ରୟାସ ଦେଖାଯାଉଛି। ତୁ ତୁ ବର୍ଷାରେ ଧସେଇ ଯାଇଥିବା ସୁରକ୍ଷା ପାଚେରିକୁ ଜେସିବିରେ ପୋଖରୀ ମଧ୍ୟକୁ ଠେଲି ଦିଆଯାଇଥିବା ବେଳେ ଧୋଇଯାଇଥିବା ରାସ୍ତାକଡ଼ରେ ବଜୁରୀ ଗୁଣ୍ଡ ପକାଯାଉଛି।

ସୂଚନା ଥାଉ କି, ୮.୫୦୦ ମିଟର ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ମାଧ୍ୟମରେ ମେମର୍ସ ଏ ଓ ଏସଏସ କନଷ୍ଟ୍ରକସନ ନାମକ ଠିକାଦାର ଚୟନ କରାଯାଇଛି। ଅପରପକ୍ଷେ ବିଭାଗ ପକ୍ଷରୁ ୧୨ କୋଟି ୬ ଲକ୍ଷ ୨ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। ନିର୍ମାଣାଧୀନ ଗାର୍ଡୱାଲରେ ଗୋଡି, ବାଲି, ସିମେଣ୍ଟର ଅନୁପାତ ସଠିକ୍ ଢଙ୍ଗରେ ହୋଇ ନଥିବାରୁ ଏପରି ଅଭାବନୀୟ ପରିସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଏହି ଗାର୍ଡୱାର୍ଲରେ ବ୍ୟବହୃତ ଚିପ୍ସ ଆବଶ୍ୟକଠାରୁ ବହୁତ୍ ବଡଆକାରର ବ୍ୟବହୃତ ହୋଇଥିବାରୁ ଆଗାମୀ ଦିନରେ ଅନେକ ସ୍ଥାନରେ ଗାର୍ଡୱାଲ ଗୁଡିକ ଭୁଶୁଡିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ଗାର୍ଡୱାଲରେ ଉଇପ ହୋଲ ପାଇଁ ବିଭାଗ ପକ୍ଷରୁ ବ୍ୟୟବରାଦ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ରାସ୍ତା ନିର୍ମାଣର ଅନିୟମିତତା ସମ୍ବନ୍ଧୀୟ ଏକ ଭିଜିଲାନ୍ସ ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟରେ ସଂପୃକ୍ତ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

● ହିସାବରକ୍ଷକଙ୍କ ଜାଲିଆତି ନେଇ ଡିଇଓଙ୍କୁ ଜଣାଇଲେ ବିଇଓ

# ଅବସରପ୍ରାପ୍ତ ଶିକ୍ଷକଙ୍କ ଜମାଖାତାକୁ ୭ ମାସର ଦରମା

ନିଶ୍ଚିନ୍ତକୋଇଲି, ୫।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ଦିନ ବର୍ଷ ଧରି ଆସ୍ଥାନ ଜମାଇଥିବା ବହୁଚର୍ଚ୍ଚିତ ହିସାବରକ୍ଷକ (ଆକାଉଣ୍ଟାଣ୍ଟ କମ୍ ସପୋର୍ଟିଙ୍ଗ ଷ୍ଟାଫ୍) ବନ୍ଦନ ରାଉତଙ୍କ ଜାଲିଆତି ଧରାପଡ଼ିଛି। ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଜମାଖାତାକୁ ଦୀର୍ଘ ୭ ମାସ ହେଲା ବେଆଇନ ଭାବେ ଦରମା ପଠାଇ ଉକ୍ତ ଅର୍ଥକୁ ଆତ୍ମସାତ କରୁଥିବା ଉଦ୍ୟମ ନେଇ ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ରକରି ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଅବଗତ କରାଇଛନ୍ତି।

ସାହାଡା ସୁନ୍ଦରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହେମନ୍ତ କୁମାର ଷଡ଼ଙ୍ଗୀ ଗତ ୨୦୨୫ ଜୁନ ୩୦ ତାରିଖରୁ ଅବସର ଗ୍ରହଣ କରିସାରିଲେଣି; କିନ୍ତୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ହିସାବ ରକ୍ଷକ ବନ୍ଦନ କୁମାର ରାଉତ ୨୦୨୫ ସେପ୍ଟେମ୍ବରରେ ଶିକ୍ଷକ ତାଙ୍କ ଜମାଖାତାକୁ ୩୪୨୪୩ ଟଙ୍କା, ଅକ୍ଟୋବରରେ ୩୦୭୬୭, ନଭେମ୍ବରରେ ୩୬୫୯୬ ଟଙ୍କା, ଡିସେମ୍ବରରେ ୩୬୩୫୦ ଟଙ୍କା, ଜାନୁଆରୀରେ ୩୬୨୫୦ ଟଙ୍କା, ଫେବୃଆରୀରେ ୩୬୩୫୦ ଟଙ୍କା, ମାର୍ଚ୍ଚରେ ୩୬୨୫୦ ଟଙ୍କା ପଠାଇଛନ୍ତି। ଏପରିକି ରାତ୍ରର ବିଳମ୍ବିତ ପ୍ରହରରେ ତାଙ୍କ ମୋବାଇଲକୁ କଲ କରି ଏହି ଟଙ୍କା ଉଠାଇ ତାଙ୍କୁ ଦେବାକୁ ବାଧ୍ୟ କରିଆସୁଥିଲେ। ଏହିଭଳି ଭାବେ ୭ ମାସ ମଧ୍ୟରେ ଶ୍ରୀ ଷଡ଼ଙ୍ଗୀଙ୍କ ଜମାଖାତାକୁ ୨୪୬୯୦୬ ଟଙ୍କା ପଠାଯାଇଛି। ତେବେ ଅସୁସ୍ଥ ରହିଥିବା ଶ୍ରୀ ଷଡ଼ଙ୍ଗୀ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ ନିକଟରେ ଗତ ଜୁନ ୧ ତାରିଖ ଲିଖିତ ଅଭିଯୋଗ ଓ ନିର୍ଦ୍ଦିଷ୍ଟ ପ୍ରମାଣ ଦେଇଥିଲେ; ଯାହାକି ଏବେ ତଦନ୍ତ ସାପେକ୍ଷ। ସମ୍ପୃକ୍ତ କର୍ମଚାରୀଙ୍କ ଏହି ଘୋଟାଲାରେ ଶିକ୍ଷା ବିଭାଗ ତରଫରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରୁଛି ତାକୁ ନେଇ ଅପେକ୍ଷା ରହିଛି।

# ଓଗାଳ ଗାୟକ ନଟବର ଦାସଙ୍କ ସ୍ମୃତିସଭା

ନେମାଳ, ୫।୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତର ବିଶିଷ୍ଟ ଓଗାଳ ଗାୟକ ତଥା ନେମାଳ ଯାଦବ ମହାସଭାର ବରିଷ୍ଠ ସଭ୍ୟ ସ୍ୱର୍ଗତ ନଟବର ଦାସଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଦାସଙ୍କ ବାସଭବନରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ପ୍ରାକ୍ତନ



ଜିଲ୍ଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ସମାଜସେବୀ ନୃସିଂହ ଚରଣ ମୁଦୁଲି, ଆଇନଜୀବୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ସଭାପତି ନାରାୟଣ ଦ୍ୱିବେଦୀ, ସାମ୍ବାଦିକ କ୍ଷମାନିଧି ପୂଝାରୀ, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କରପ୍ରସାଦ ନାୟକ, ଅଶୋକ ସାହୁ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ଶିକ୍ଷାବିତ ଭୈରବଚନ୍ଦ୍ର ଜେନା, ଅମୂଲ୍ୟ କୁମାର ମହାନ୍ତି, ଅମୀୟ ମହାନ୍ତି, ନେମାଳ ଯାଦବ ମହାସଭା ପକ୍ଷରୁ କାର୍ତ୍ତିକଚନ୍ଦ୍ର ଦାସ, ପ୍ରସାଦ ଦାସ, ସାଲେପୁର ଯାଦବ ମହାସଭା ସଭାପତି ଅନନ୍ତ ଗୋପାଳ ଦାସ, ଗଣମାଧ୍ୟମ ସଂଯୋଜକ ଦୀପକ ବେହେରା, ସାହିତ୍ୟିକ ତନ୍ମୟ କିଶୋର ଦାସ, ପ୍ରାକ୍ତନ ସରପଞ୍ଚ ବିଶ୍ୱନାଥ ପଣ୍ଡା, ଉମେଶ ଭୂୟାଁ, ମନ୍ମଥନାଥ ସ୍ୱାଇଁ, ଶଶିକାନ୍ତ ପୁଝାରୀ, ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବଡ଼ପୁଅ ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ଦାସ ଓ ସାନପୁଅ ପ୍ରସନ୍ନ ଦାସ ଓ ପରିବାର ସଦସ୍ୟ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

# ଚୋରି ବୋଲେରୋ ଉଦ୍ଧାର

ତିଗିରିଆ, ୫।୭ (ସମିସ): ଗତ ମାସ ୩୦ ତାରିଖ ବିଳମ୍ବିତ ରାତିରେ ତିଗିରିଆ ଥାନା ନୂଆପାଟଣା ଅଞ୍ଚଳରୁ ଚୋରି ହୋଇଯାଇଥିବା ବୋଲେରୋ ନଂ ଓଡି୦୫ଏସ୦୦୩୧କୁ ତିଗିରିଆ ପୁଲିସ ଆଜି ଭୁବନେଶ୍ୱର ଉପକଣ୍ଠ ଭରତପୁର ଅଞ୍ଚଳରୁ ଉଦ୍ଧାର କରି ସଂପୃକ୍ତ ମାଲିକଙ୍କୁ ହସ୍ତାନ୍ତର କରିଛି। ଗାଡ଼ିର ମାଲିକ ବଡମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମର ମୃତ୍ୟୁଞ୍ଜୟ ସାହୁ ଦୀର୍ଘ ବର୍ଷ ନୂଆପାଟଣା ଅଞ୍ଚଳରେ ରହୁଛନ୍ତି। ତାଙ୍କର ବୋଲେରୋଟି ନୂଆପାଟଣା ଅଞ୍ଚଳର ବ୍ରହ୍ମାନନ୍ଦ ସାହୁ ନାମକ ଜଣେ ବ୍ୟକ୍ତି ଚଳାଉଥିଲେ। ୩୦ ତାରିଖ ଅପରାହ୍ନ ୨ଟା ବେଳେ ବ୍ରହ୍ମାନନ୍ଦ ଗାଡିକୁ ନିଜ ଘର ପାଖରେ ଗାଡିକୁ ଚାବି ପକାଇ ରଖିଥିବା ବେଳେ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଏହାକୁ ଚୋରି କରିନେଇଥିଲା। ବ୍ରହ୍ମାନନ୍ଦଙ୍କ ଅଭିଯୋଗକୁ କେନ୍ଦ୍ରକରି ତିଗିରିଆ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଆଜି ତିଗିରିଆ ପୁଲିସ ଉକ୍ତ ବୋଲେରୋକୁ ଉଦ୍ଧାର କରିଥିବା ଥାନା ଆଇଆଇସି ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ପଞ୍ଚମୁଖୀ ଛକ ନିକଟରେ ଦୁର୍ଘଟଣା; ଜଣେ ମୃତ, ୩ଗୁରୁତର

ନରସିଂହପୁର, ୫।୭(ସମିସ): ନରସିଂହପୁର ଥାନା ଅନ୍ତର୍ଗତ ପଞ୍ଚମୁଖୀ ଛକ ନିକଟରେ ଅସାବଧାନତା ଯୋଗୁଁ ଏକ କାର୍‌ର ଚାଳକ ଗୋଟିଏ ଅଟୋ ଏବଂ ବାଇକକୁ ଧକ୍କା ଦେଇଛି। ଯାହାଫଳରେ ଅଟୋରେ ଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ନୟାଗଡ ଜିଲ୍ଲା ଘଣାଶାଳିଆସ୍ଥିତ ରତନପୁର ଗ୍ରାମର ଅହଲ୍ୟା ମହାରଣା (୮୦)। ସେ ନରସିଂହପୁର ଥାନା ରଣସିଂହପୁର ଗ୍ରାମରେ ତାଙ୍କ ଝିଅ ଘରକୁ ଆସିଥିଲେ। ନରସିଂହପୁର ଡାକ୍ତରଖାନାକୁ ଯାଉଥିବା ବେଳେ ପଛ ପାଖରୁ ଭାରସାମ୍ୟ ହରାଇ ଏକ କାର ପାଖରେ ଥିବା ବାଇକ ଏବଂ ଚଳନ୍ତା ଅଟୋକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିବା ବେଳେ ରଣସିଂହପୁର ପୁରୁଣାସାହି ଗ୍ରାମର ମୃତଙ୍କ ଝିଅ ସୁମିତ୍ରା ମହାରଣା (୪୦), ସ୍ୱାମୀ ଅଲେଖ ମହାରଣା, ଘଣ୍ଟପଡା ଗ୍ରାମର ଅଟୋ ଡ୍ରାଇଭର ଉପେନ୍ଦ୍ର ସାହୁ (୫୪) ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ନରସିଂହପୁର ପୁଲିସ କାର ଚାଳକ ରାଉତଭୂଇଁ ଗ୍ରାମର ଅମର ନାୟକଙ୍କୁ ଅଟକ ରଖିଛି। ଉକ୍ତ ବୃଦ୍ଧାଙ୍କ ଶବକୁ ଆସନ୍ତାକାଲି ବ୍ୟବଚ୍ଛେଦ ପାଇଁ ବଡମ୍ବା ପଠାଯିବ ବୋଲି ଥାନାଧିକାରୀ ତପନ କୁମର ପତିଙ୍କ ସୂତ୍ରରୁ ପ୍ରକାଶ।

● ୪.୫ କୋଟି ଯନ୍ତ୍ରାଂଶ ବିକ୍ରି ଘଟଣା

# ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୁଲିସ

ଆଠଗଡ଼/ତିଗିରିଆ, ୫।୭ (ସମିସ): ଭଲବୋ କନଷ୍ଟ୍ରକସନ୍ ଇକ୍ୟୁପମେଣ୍ଟ ଓଡ଼ିଶାର ଏକମାତ୍ର ଅଧିକୃତ ବିକ୍ରେତା ପଲ୍ୟୁଟେକ ଇଞ୍ଜିନିୟରିଂର ବିଭିନ୍ନ ଶାଖାରୁ କାଗଜପତ୍ର ଜାଲିଆତିରେ ପ୍ରାୟ ସାଢେ ଚାରି କୋଟି ଟଙ୍କାର ଅର୍ଥ ତୋଷାରପାତ କରିବା ଅଭିଯୋଗରେ ଗିରଫ ହୋଇ ଆଠଗଡ଼ର ରାଧାରମଣପୁର ଆଦର୍ଶ କାରାଗାରରେ ବିଚାରାଧୀନ କଏଦୀ ଭାବେ ଥିବା ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ଗୁରୁଡ଼ିଝାଟିଆ ପୁଲିସ। ମାମଲାରେ ମାଷ୍ଟରମାଇଣ୍ଡ ଆଠଗଡ଼ ହାଉସିଙ୍ଗ ବୋର୍ଡ କଲୋନୀର ବିମଳେନ୍ଦୁ ପଣ୍ଡାଙ୍କ ସହ ରାଧାନାଥପୁରଶାସନର ସୁରଜିତ ରଥ ଓ ରାଧାଗୋବିନ୍ଦପୁର ଅବିନାଶ ପ୍ରଧାନଙ୍କୁ ଗୁରୁଡ଼ିଝାଟିଆ ପୁଲିସ ଗତ ମାସ ୨୫ ତାରିଖରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ରାଧାରମଣପୁର ଜେଲ୍‌କୁ ପଠାଇ ଦେଇଥିଲେ। ୩ ଅଭିଯୁକ୍ତ ଜମି, କୋଠା, ଗାଡ଼ି ଓ ସୁନା ଅଳଙ୍କାର କ୍ରୟ କରିଥିବା ପୁଲିସ ପ୍ରମାଣ ପାଇଛି। ସେହିଭଳି ଅନ୍ୟ କେଉଁମାନେ ଅଭିଯୁକ୍ତଙ୍କ ସହ ସମ୍ପୃକ୍ତ ଅଛନ୍ତି, ପୁଲିସ ପଚରାଉଚରା କରିବ।

# ଘରୁ କାଟି ନେଉଛନ୍ତି ଏସି ପାଇପ୍

ଚୌଦ୍ୱାର,୫।୭(ସମିସ): ଚୌଦ୍ୱାର ଥାନାଞ୍ଚଳରେ କମିସନରେଟ ପୁଲିସ ପକ୍ଷରୁ ପିସିଆର ସହିତ ୧୧୨ ପୁଲିସ ଗାଡି ରହିଛି। ହେଲେ ସଠିକ ଢଙ୍ଗରେ ଡ୍ୟୁଟି କରାଯାଉ ନଥିବା ଯୋଗୁଁ ଏଠାରେ ଚୋରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ନୁନଟିକିରିସ୍ଥିତ ବଜରଙ୍ଗ ବିହାର କଲୋନୀ ଅଞ୍ଚଳରେ ରହୁଥିବା ଲୋକଙ୍କ ଘରୁ ଏସି ଆଉଟଡୋରରୁ ବ୍ଲୋୟରକୁ ସଂଯୋଗ କରୁଥିବା ତମ୍ବା ପାଇପଗୁଡିକ ଦୁର୍ବୃତ୍ତ କାଟି ନେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଉକ୍ତ ଅଞ୍ଚଳର ନିରଞ୍ଜନ ରାଉତରାୟ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୩ତାରିଖ ରାତିରେ ତାଙ୍କ ଏସି ଆଉଟଡୋରରୁ କିଏ ପାଇପ କାଟି ନେଇଥିବା ଜାଣିବା ପରେ ଶ୍ରୀ ରାଉତରାୟ ଥାନାରେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ସେହି ଦିନ ତାଙ୍କ ପଡୋଶୀ ନରସିଂହଚରଣ ରାଉତ ଓ ଭକ୍ତଚରଣ ରଥଙ୍କ ଘରୁ ମଧ୍ୟ ଏସି ପାଇପ କିଏ କାଟିନେଇଥିବା ଜଣାପଡିଛି। ସୂଚନା ଥାଉକି ଏହି ଅଞ୍ଚଳରୁ ଜୁନ ୧୩ତାରିଖରେ ପ୍ରଦୀପ ଦାସ, ଅଲେଖଚନ୍ଦ୍ର ସ୍ୱାଇଁ, ଅଶୋକ ଆଗାରିଆଙ୍କ ଘରୁ ମଧ୍ୟ ଏସି ପାଇପ ଚୋରି ହୋଇଥିଲା।

# ପାଣିରେ ବୁଡ଼ିଛି ଶହ ଶହ ଏକର ଚାଷଜମି



ନରସିଂହପୁର, ୫।୭ (ସମିସ): ନରସିଂହପୁର ବ୍ଲକ ଅଞ୍ଚଳ ଦୁଇଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି। ବାଲିସାହି ପଞ୍ଚାୟତର ଅନେକ ସ୍ଥାନରେ ଶହଶହ ଏକର ଚାଷ ଜମି ପାଣିରେ ବୁଡି ରହିଛି। ଆଜି ମଧ୍ୟ ଦିନତମାମ ଏହି ଅଞ୍ଚଳରେ ବର୍ଷା ହୋଇଛି। ଅନେକ ସ୍ଥାନରେ ଜଳବନ୍ଦୀ ସ୍ଥିତି ଉପୁଜିଥିବା ବେଳେ କିଛି ସ୍ଥାନରେ ପରିବା ଫସଲ ନଷ୍ଟ ହୋଇଯାଇଛି। ସେଇଭଳି ଲଘୁଚାପ ପ୍ରଭାବରେ ଆହୁରି ୪୮ ଘଣ୍ଟା ପ୍ରବଳ ବର୍ଷା ହେବା ନେଇ ଅନୁମାନ କରିଛି ପାଣିପାଗ ବିଭାଗ। ଯାହାକୁ ନେଇ ବାଲିସାହି ଗ୍ରାମରେ ଏବେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏବେ କିପରି ଚାଷ କରିବେ ଓ ଚଳିବେ, ତାକୁ ନେଇ ଚିନ୍ତାରେ ଚାଷୀ।

# ଅବିଶ୍ରାନ୍ତ ବର୍ଷାରେ ନିଶ୍ଚିନ୍ତକୋଇଲି ଅଞ୍ଚଳ ବେହାଲ୍

ନିଶ୍ଚିନ୍ତକୋଇଲି, ୫।୭ (ସମିସ): ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ମୂଷଳଧାରା ଅବିଶ୍ରାନ୍ତ ବର୍ଷା ଯୋଗୁ ନିଶ୍ଚିନ୍ତକୋଇଲି ଅଞ୍ଚଳ ବେହାଲ ହୋଇଛି। ଅତ୍ୟଧିକ ବର୍ଷା ଯୋଗୁ ପ୍ରତେକ ଗହୀର ବିଲଗୁଡିକ ଜଳମଗ୍ନ ହୋଇ ରହିଛି। ଜନଜୀବନ ଚଳପ୍ରଚଳ ପାଇଁ ବେଶ୍ ପ୍ରଭାବିତ ହୋଇଥିବା ବେଳେ ଗାଈଗୋରୁ ଛେଳି ମେଣ୍ଢାମାନେ ବାହାରିନପାରି ଗୁହାଳେ ପଶିରହି ଛଟପଟ ହେଉଛନ୍ତି। ଅନେକ ଗାଁରେ ବର୍ଷା ଜଳ ନିଷ୍କାସନ ହୋଇ ପାରୁନଥିବାରୁ ଗ୍ରାମ୍ୟରାସ୍ତାଗୁଡିକରେ ବର୍ଷା ଜଳ ଭରି ହୋଇ ରହିଛି। ଫଳରେ ଯାତାୟାତରେ ସମସ୍ୟା ଉପୁଜିଛି। ଅନେକ ରାସ୍ତା ପାଣିକାଦୁଅରେ ସରସର ହୋଇଥିବାରୁ ଯାତାୟାତରେ ବ୍ୟାହତ ସୃଷ୍ଟି ହୋଇଛି।



ଏହାଛଡ଼ା ବହୁ ଚାଷୀ ଖରିଫ ଧାନଚାଷ ପାଇଁ ତଳିଘେରା ପ୍ରସ୍ତୁତ କରି ବହୁ କଷ୍ଟରେ ମଟର ଦ୍ୱାରା ପାଣି ବୋହି ଧାନତଳି ପ୍ରସ୍ତୁତ କରିଥିଲେ। ସେଥିରେ ବର୍ଷାଜଳ ଭରି ହୋଇରହିଥିବାରୁ ସେଗୁଡିକ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଝିପିଝିପି ବର୍ଷା ଯୋଗୁ ଶନିବାର ସ୍କୁଲ କଲେଜଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମିଯାଇଥିବା ବେଳେ ବଜାରଘାଟକୁ ଲୋକମାନେ ନଆସିବାରୁ ବ୍ୟବସାୟୀମାନଙ୍କର କାରବାର ମଧ୍ୟ ପ୍ରଭାବିତ ହୋଇଛି। ଅନେକ ସ୍ଥାନରେ ବହୁ ପନିପରିବା ଚାଷ ବର୍ଷାଜଳରେ ବୁଡ଼ି ରହି ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଅନେକ ଚାଷୀଙ୍କ ପୋଟଳ, କଲରା, ଭେଣ୍ଡି, ବାଇଗଣ, ଝୁଡ଼ଙ୍ଗ ଆଦି ପନିପରିବା ଫସଲ ବର୍ଷାଯୋଗୁ ପ୍ରଭାବିତ ହୋଇଥିବା ଦେଖାଯାଇଛି।

**ଶାରଦାରେ ୨୦ ପରିବାର ଜଳବନ୍ଦୀ**

# ଗୋବରୀ ନଦୀ କୂଅପୋଲ ସଂଯୋଗୀକରଣ ରାସ୍ତା ଦବିଲା

ସାଲେପୁର, ୫।୭(ସମିସ): ଲଘୁଚାପଜନିତ ଲଗାଣବର୍ଷା ଯୋଗୁଁ ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇ ରହିଛି। ସେହିପରି କରମୁଆଁ କୂଅପୋଲର ଆପ୍ରୋଚ୍ ରୋଡ୍ ଦବିଯିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ସଉରୀ ପଞ୍ଚାୟତ ଶାରଦା ଗ୍ରାମର ଜଳନିଷ୍କାସନର ବ୍ୟବସ୍ଥା ନଥିବାରୁ ୫ନଂ ୱାର୍ଡରେ ୨୦ଟି ପରିବାରର ପ୍ରାୟ ୧୫୦ ଲୋକଙ୍କ ପାଇଁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଜମିରହିଥିବା ପାଣିରେ ସାପ ଓ ବିଭିନ୍ନ ବିଷାକ୍ତ ପୋକ କାମୁଡିବା ଭୟ ରହିଥିବାରୁ ସ୍ଥାନୀୟ ଲୋକ ଆତଙ୍କିତ ହୋଇଛନ୍ତି। ଘରୁ ପଦାକୁ ବାହାରିଲେ ଆଣ୍ଠୁଏ ପାଣିରେ





ଯାତାୟାତ କରିବାକୁ ପଡୁଛି। ଶାରଦା ଗ୍ରାମରୁ ବର୍ଷାଜଳ ନିଷ୍କାସନ ଦୀର୍ଘଦିନର ସମସ୍ୟା ହୋଇଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନକୁ ଏ ସଂପର୍କରେ ବାରମ୍ବାର ଅଭିଯୋଗ କରାଯାଇଛି। ୨ ବର୍ଷ ପୂର୍ବରୁ ପ୍ରାୟ ୧ଲକ୍ଷ ୨୦ହଜାର ଟଙ୍କା ବ୍ୟୟରେ ଏକ ଡ୍ରେନ୍ ନିର୍ମାଣ କରାଯାଇଥିବାର ଫଳକ ନିର୍ମାଣ ହୋଇଥିଲେ ମଧ୍ୟ ଏଠାରେ କୌଣସି ଡ୍ରେନ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ୩ମାସ ତଳେ ପ୍ରଧାନମନ୍ତ୍ରୀ ସଡକଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ଗୋବରୀ ନଦୀ ଉପରେ କୂଅପୋଲର ଆପ୍ରୋଚ୍ ରାସ୍ତା ନିର୍ମାଣ କରାଯାଇଥିବାବେଳେ ଲଗାଣ ବର୍ଷା ଫଳରେ ଏହା ପ୍ରାୟ ୪ଫୁଟ ଦବିଯାଇଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ ସଂପୂର୍ଣ୍ଣ ଠପ୍ ହୋଇଯାଇଛି। ରାସ୍ତାର ଉଭୟ ପାଶ୍ୱର୍‌ରେ ସାଇଡ୍‌ୱାଲ ନିର୍ମାଣ କରି ପୋଲର ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାର ବ୍ୟବସ୍ଥା ଥିବାବେଳେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରିଥିବାରୁ ସାମାନ୍ୟ ବର୍ଷାରେ ଏହି ରାସ୍ତାଟି ଦବି ଯାଇଛି। ଏହି ରାସ୍ତା ଦେଇ ପଟୁଆ, ଭୀମଦାସପୁର, ସିର୍ଲୋ, ମିର୍ଜାପୁର, କାଳିଦହି, ମାହାଙ୍ଗା ବ୍ଲକ୍‌ର ଭେଡା, ନୃର୍ତ୍ତାଙ୍ଗ ଅଞ୍ଚଳକୁ ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି। ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ଜମି ରହିଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଜଳବନ୍ଦୀ ଅବସ୍ଥାରେ ଧୂମାବତୀବିହାରବାସୀ

ଚୌଦ୍ୱାର, ୫।୭(ସମିସ): ଲଗାଣ ବର୍ଷା ଯୋଗୁଁ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡର ଧୂମାବତୀ ବିହାର ବାସିନ୍ଦା। ପୌରପାଳିକା ତରଫରୁ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ପ୍ରାୟ ଦୁଇଶହ ପରିବାର ବର୍ଷା ଯୋଗୁଁ ହୀନସ୍ତା ହୋଇଛନ୍ତି। ଧୂମାବତୀ



ବିହାର ନିକଟରେ ଜାତୀୟ ରାଜପଥ ଡ୍ରେନ ଯାଇଛି; ମାତ୍ର ନିର୍ମାଣରେ ତ୍ରୁଟି ଥିବାରୁ ଅଞ୍ଚଳର ବର୍ଷପାଣି ନିଷ୍କାସିତ ହୋଇପାରୁନାହିଁ। ଓଲଟି ଜାତୀୟ ରାଜପଥ ପାଣି ଡ୍ରେନରୁ ଉଛୁଳି ଏହି ଅଞ୍ଚଳରେ ପ୍ରବେଶ କରି ଜଳବନ୍ଦୀ ସମସ୍ୟା ସୃଷ୍ଟି କରୁଛି। ଏଥିସହ ସ୍ଥାନୀୟ ଏକ କାରଖାନା ବିଷାକ୍ତ ରାସାୟନିକ ମିଶା ପାଣି ବର୍ଷାର ବାହାନାରେ ଛାଡି ଦେଉଥିବାରୁ ଅବସ୍ଥା ଆହୁରି ସଂଗୀନ ହୋଇପଡୁଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍ଯରେ ବାରମ୍ବାର ପୌରପାଳିକା, ବିଧାୟକଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ବାସିନ୍ଦା ସତ୍ୟବ୍ରତ ଦାସ, ଅଜୟ ସାହୁ, ରାଜେନ୍ଦ୍ର କର, ପ୍ରଭାକର ନାୟକ, ବାସୁଦେବ ମାହାଳିଆ, ମୁରଲୀ ପୈଟାଲ, ରଞ୍ଜନ ସାହୁ, କବିତା ମହାନ୍ତି, ସସ୍ମିତା କର, ଧରିତ୍ରୀ ଅଟୋଇ, ମନୋରଞ୍ଜନ ଓଝା, ବିକାଶ ଜେନା ପ୍ରାମୁଖ ଅଭିଯୋଗ କରିଛନ୍ତି। ସମସ୍ୟାର ସମାଧାନ କରା ନଗଲେ ପୌର କାର୍ଯ୍ୟାଳୟ ଆଗରେ ଧାରଣରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



# ଭୁବନେଶ୍ୱର + କଟକ

## ଲଗାଣବର୍ଷା ପ୍ରଭାବ

# ଘରେ ପଶିଲା ଆବର୍ଜନା ପାଣି, ଅତିଷ୍ଠ ଅଞ୍ଚଳବାସୀ





- ଘରୁ ଗୋଡ଼ କାଢ଼ିପାରୁନାହାନ୍ତି ଲୋକେ
- ସ୍ଥାୟୀ ସମାଧାନ କରିବାକୁ ଦାବି

ଭୁବନେଶ୍ୱର,୫।୭ (ସମିସ)

ସାରା ରାଜ୍ୟ ବର୍ଷାରେ ଉବୁଟୁବୁ । ସେପଟେ ଖୋଦ୍ ରାଜଧାନୀ ଭୁବନେଶ୍ୱରର ସ୍ଥିତି ସଙ୍ଗୀନ ଦେଖିବାକୁ ମିଳୁଛି । କେଉଁଠି ବର୍ଷା ପାଣି ଘର ଭିତରେ ପଶିଲାଣି ତ ଆଉ କେଉଁଠି ଜନଜୀବନ ପୂରା ଠପ୍ ହେଇଗଲାଣି । ବର୍ଷା ଋତୁ ଆରମ୍ଭରୁ ସବୁ ପ୍ରକାରର ପ୍ରସ୍ତୁତିରେ ଲାଗି ରହିଥିବା ବ୍ୟବସ୍ଥାକୁ ଏବେ ଏ ଅସହଜ ପରିସ୍ଥିତି ଉପହାସ କରୁଛି ଯେମିତି । ସହରର ଡ୍ରେନେଜ ବ୍ୟବସ୍ଥା ତଥା ଜଳ ନିଷ୍କାସନ ବ୍ୟବସ୍ଥାର ବିକଳ ଚିତ୍ର ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି ।

ଯାହାର ଉଦାହରଣ ଏବେ ୩୯ ନଂ ୱାର୍ଡରେ ପରିଲକ୍ଷିତ ହେଉଛି । ଏହି ୱାର୍ଡ ଅନ୍ତର୍ଗତ ଶାସ୍ତ୍ରୀ ନଗରବାସୀ ଏବେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଲଗାଣ ବର୍ଷା ଯୋଗୁ ଏବେ ଅଞ୍ଚଳରେ ଜଳମଗ୍ନ ପରିସ୍ଥିତି ଉପୁଜିଛି । ଫଳରେ ଲୋକଙ୍କ ଯାତାୟତ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଥିବାବେଳେ, ସେହି ଅଞ୍ଚଳର କିଛି ଲୋକଙ୍କ ଘରେ ବର୍ଷା ପାଣି ପଶି ଲହରୀ ଭାଙ୍ଗୁଛି । ସେହି ଅଞ୍ଚଳର ବାସିନ୍ଦାଙ୍କ ବାସନ୍ତୀ ସାମନ୍ତରାୟଙ୍କ କହିବା ଅନୁଯାୟୀ ୨ ଦିନ ହେଲାଣି ଏହି ସମସ୍ୟା ବଢ଼ିଯାଇଛି । କାରଣ ବର୍ଷା ଯୋଗୁ ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଥିବାବେଳେ ଏବେ ସେହି ଅପରିଷ୍କାର ପାଣି ଏବେ ଘରେ ପଶିଲାଣି । ଫଳରେ ସରୀସୃପ ମଧ୍ୟ ଘରେ ପଶିବା ଭୟ ମଧ୍ୟ ଲାଗିରହୁଛି । ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ ଏହି ସମସ୍ୟା ଅନେକ ଦିନ ଧରି ଲାଗି ରହିଲାଣି । ଯେଉଁ ସ୍ଥାନ ଦେଇ ପାଣି ନିଷ୍କାସନ ହେଉଥିଲା, ସେହି ସ୍ଥାନକୁ ଏବେ ଜଣେ ବିଲ୍ଡର କିଣିନେଇଥିବାବେଳେ ସେଠାରେ ଏବେ ନିର୍ମାଣ କାର୍ଯ୍ୟ ଚାଲିଛି । ଫଳରେ ସେଠାରେ ଯେଉଁ ପିଲିଙ୍ଗ କାର୍ଯ୍ୟ ହୋଇଛି ତା ଯୋଗୁ ପାଣି ନିଷ୍କାସିତ ନହୋଇପାରି ଏବେ ଏହି ଅଞ୍ଚଳରେ ହିଁ ଜମି ରହୁଛି । ଫଳରେ ସେହି ଅଞ୍ଚଳ ଲୋକଙ୍କୁ ହିଁ ସମସ୍ୟା ଭୋଗିବାକୁ ପଡୁଛି । ପିଲା ଏବଂ ବରିଷ୍ଠ ନାଗରିକମାନେ ଯାତାୟତ କରିପାରୁନାହାଁନ୍ତି । କର୍ପୋରେଟରଙ୍କ ସହାୟତାରେ ମଟର ଯୋଗେ ପାଣି କଢ଼ା ଯାଉଥିଲେ ମଧ୍ୟ ବର୍ଷା ଯୋଗୁ ପାଣି ସମ୍ପୂର୍ଣ୍ଣ ଭାବେ ନିଷ୍କାସିତ ହୋଇପାରୁନି । ତୁରନ୍ତ ଏହି ସମସ୍ୟାର ସମାଧାନ ହେଉ ବୋଲି ସେମାନେ ଦାବି କରିଛନ୍ତି ।

ଏ ନେଇ ସେହି ୱାର୍ଡର କର୍ପୋରେଟର ଗୀତାଞ୍ଜଳି ସାହୁ କହିଛନ୍ତି, ମଟର ଯୋଗେ ପାଣି କଢ଼ା ଚାଲିଛି । ତଥାପି ବର୍ଷା ଯୋଗୁ ଏହା ତୁରନ୍ତ ସମ୍ଭବ ହେଉ ନାହିଁ । ଏହାଛଡ଼ା ଏହି ସମସ୍ୟା ଉପୁଜିବାର କାରଣ ହେଉଛି ଯେଉଁ ବାଟ ଦେଇ ପାଣି ନିଷ୍କାସନ ହେଉଥିଲା, ସେଠାରେ ଏବେ ନିର୍ମାଣ କାର୍ଯ୍ୟ ଚାଲିଛି ।

ବର୍ତ୍ତମାନ ସେହି ସ୍ଥାନକୁ ବିଲ୍ଡର କିଣି ସେଠାରେ ନିର୍ମାଣ କାର୍ଯ୍ୟ କରୁଛନ୍ତି । ସେଥିପାଇଁ ଯେଉଁ ପିଲିଙ୍ଗ କରାଯାଇଛି, ତା କାରଣରୁ ପାଣି ନିଷ୍କାସନ ନହୋଇପାରି ଅଞ୍ଚଳରେ ଜମିରହୁଛି । ଏ ନେଇ ବାରମ୍ବାର ସେହି ବିଲ୍ଡରଙ୍କୁ ଅସ୍ଥାୟୀ ବ୍ୟବସ୍ଥା ଯୋଗେ ନାଳ କରି ପାଣି ନିଷ୍କାସନ ପାଇଁ ବାଟ କାଢ଼ିବାକୁ କୁହାଗଲାଣି । ହେଲେ ସେମାନଙ୍କ କହିବା କଥା ତାଙ୍କ କାମ ସଇଲେ ଡ୍ରେନ ପାଇଁ ଜାଗା ଦେବେ । ଏହା ସହିତ ମେୟର, କମିଶନର ଆଦି ସମସ୍ତଙ୍କୁ ଲେଟର ଲେଖିକି ଦିଆଯାଇଛି ଏବଂ ପ୍ରତିଶୃତି ମିଳିଛି ସମାଧାନ ପାଇଁ । ସେତେ ଯାଏଁ ଅସ୍ଥାୟୀ ନାଳ ଏବଂ ମଟର ଯୋଗେ ପାଣି କାଢ଼ା କାର୍ଯ୍ୟ ଚାଲିଛି ।

# ଲଗାଣ ବର୍ଷାରେ ଉପୁଡ଼ିଛି ଦୀର୍ଘ ବର୍ଷର ଗଛ




- ପ୍ରତିରୋପଣ ପାଇଁ ପରିବେଶବିତ୍‌ଙ୍କ ଦାବି
- ସରକାର କିଣନ୍ତୁ 'ଟ୍ରି ଟ୍ରାନ୍ସପ୍ଲାଣ୍ଟର'
- ଉପୁଡ଼ି ପଡୁଥିବା ବୃକ୍ଷକୁ ନ କାଟିବାକୁ ଜାରି କରନ୍ତୁ ନିର୍ଦ୍ଦେଶନାମା

ଭୁବନେଶ୍ୱର,୫।୭ (ସମିସ)

ରାଜ୍ୟରେ ଏବେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିଛି । ଅପରପକ୍ଷରେ, ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ଅନେକ ସ୍ଥାନରେ ଦୀର୍ଘ ବର୍ଷର ବଡ଼ ବଡ଼ ଗଛ ଉପୁଡ଼ି ପଡୁଥିବା ଦେଖିବାକୁ ମିଳୁଛି । ବିଭାଗୀୟ ଅଧିକାରୀମାନେ ରାସ୍ତା ସଫା କରିବା ଆଳରେ ଅତ୍ୟାଧୁନିକ ମେସିନ୍ ଲଗାଇ ଏହି ଉପୁଡ଼ି ପଡ଼ିଥିବା ଗଛ ଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟି ଦେଉଛନ୍ତି । ଏହି ବୃକ୍ଷ ଗୁଡ଼ିକୁ କାଟିବା ବଦଳରେ ପୁନଃ ପ୍ରତିରୋପଣ କରାଯିବାକୁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ପରିବେଶ କର୍ମୀ ସୁଶାନ୍ତ ସାହୁ ନିବେଦନ କରିଛନ୍ତି । ଗୋଟିଏ ଗଛ ବଡ଼ ହେବା ପାଇଁ ଦୀର୍ଘ ବର୍ଷ ଲାଗୁଥିବା ବେଳେ ସରକାର ଆଧୁନିକ 'ଟ୍ରି ଟ୍ରାନ୍ସପ୍ଲାଣ୍ଟର' ମେସିନ୍ ମାଧ୍ୟମରେ ଗଛ ଗୁଡ଼ିକ ପୁନର୍ବାର ସୁରକ୍ଷିତ ଭାବେ ଲଗାଯାଇପାରିବ । ଓଡ଼ିଶା ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେଉଥିବାରୁ ପ୍ରତିବର୍ଷ ବହୁ ସଂଖ୍ୟାରେ ଗଛ ନଷ୍ଟ ହେଉଛି । କେବଳ ନୂଆ ଚାରା ଲଗାଇ ଏହାର ଭରଣା କରାଯାଇ ପାରିବ ନାହିଁ । ଏଥିପାଇଁ ପ୍ରକୃତ ସବୁଜ ଚିନ୍ତାଧାରା ଆବଶ୍ୟକ ସହ ପ୍ରାକୃତିବ ବିପର୍ଯ୍ୟରେ ଉପୁଡ଼ି ପଡୁଥିବା ବୃକ୍ଷ ଗୁଡ଼ିକ ପୁନରୁଦ୍ଧାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିବାକୁ ଶ୍ରୀ ସାହୁ ଦାବୀ କରିଛନ୍ତି ।

## ଡ୍ରେନ୍‌ରେ ନିଖୋଜ ଘଟଣାକୁ ୨୪ ଘଣ୍ଟା ବିତିଲା

# ଅନୀଲଙ୍କ ପତ୍ତା ମିଳୁନି

ଭୁବନେଶ୍ୱର, ୫।୭ (ସମିସ): ବାଣୀବିହାରସ୍ଥିତ ଡ୍ରେନ୍ ନମ୍ବର-୪ରେ ନିଖୋଜ ହୋଇଯାଇଥିବା ଯୁବକ ଅନିଲ ସିଂହ ପତ୍ତା ମିଳୁନି । ତାଙ୍କ ନିଖୋଜ ହେବାକୁ ଏହା ମଧ୍ୟରେ ୨୪ ଘଣ୍ଟାରୁ ଅଧିକ ସମୟ ବିତି ଗଲାଣି । ହେଲେ ତାଙ୍କର କୌଣସି ଖୋଜଖବର ନାହିଁ । ସେ ଜୀବିତ ନା ମୃତ ଏହାକୁ ନେଇ ପରିବାର ଲୋକ ଆଶାଆଶଙ୍କାରେ ରହିଛନ୍ତି । ସାଧାରଣତଃ ପାଣି ଭିତରେ ବୁଡିଗଲେ ୮ରୁ ୨୪ ଘଣ୍ଟା ମଧ୍ୟରେ ମୃତଦେହ ଭାସିଥାଏ; ହେଲେ ଅନିଲଙ୍କ କ୍ଷେତ୍ରରେ ସେଭଳି କିଛି ହେଲା ନାହିଁ । ପରିବାର ଲୋକେ ଘଟଣାସ୍ଥଳରେ ଚାହିଁ ବସିଥିଲା ବେଳେ ଅନିଲଙ୍କ ପତ୍ତା ନ ମିଳିବା ସେମାନଙ୍କୁ ନିରାଶା କରିଛି । ଶନିବାର ଅନିଲ ଡ୍ରେନ୍ ଭିତରେ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରୁଥିଲା ବେଳେ ପାଣି ସୁଅରେ ଭାସି ଯାଇଥିଲେ । ତାଙ୍କୁ ଖୋଜାଖୋଜି କରିବାକୁ ଅଗ୍ନିଶମ ଏବଂ ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇଥିଲେ । ନିଖୋଜ ଅନିଲ ପଙ୍କ ଭିତରେ ଦବିଯିବା ଅନୁମାନ କରି ଖୋଜାଖୋଜି ଆରମ୍ଭ ହେଲା । ଉଦ୍ଧାରକାରୀ ଦଳ ୬ ଘଣ୍ଟା କସରତ କରିବା ପରେ ବିଫଳ ହୋଇ ଅପରେସନ ବନ୍ଦ କଲେ । ରବିବାର ମଧ୍ୟ ତାଙ୍କୁ ଖୋଜାଖୋଜି କରାଯାଇଥିଲା । ରାତି ୮ଟା ପର୍ଯ୍ୟନ୍ତ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ; ହେଲେ କିଛି ସୁଫଳ ମିଳିପାରି ନାହିଁ । ଅନିଲ ଡ୍ରେନ୍‌ର ପଙ୍କ, କାଦୁଅ ଏବଂ ଆବର୍ଜନା ଭିତରେ ଦବି ଯାଇଥିବାରୁ ତାଙ୍କ ଶରୀର ବାହାରକୁ ଆସିପାନି ବୋଲି ପୁଲିସ ଅନୁମାନ କରୁଛି ।

# ରୋଟାରୀ କ୍ଲବ୍ ମିଡୋଜ୍‌ର ଅଧିଷ୍ଠାନ ଦିବସ



ଭୁବନେଶ୍ୱର,୫।୭ (ସମିସ): ରୋଟାରୀ କ୍ଲବ ମିଡୋଜ ପକ୍ଷରୁ ଏହାର ଅଧିଷ୍ଠାନ ଦିବସ ପାଳିତ ହୋଇଛି । ସ୍ଥାନୀୟ ପ୍ରାଚୀ ହୋଟେଲରେ ଅନୁଷ୍ଠିତ ଏକ ଚିତ୍ତାକର୍ଷକ ଉତ୍ସବରେ କ୍ଲବର ନୂତନ ସଭାପତି ଓ ସମ୍ପାଦକ ରୂପେ ରୋଟାରିଆନ ବିକାଶ ଗରାବଡୁ ଓ ଦୀପକ ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଆଗାମୀ ବର୍ଷ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ସହିତ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା । ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତଃପାଳ ରୋଟାରିଆନ ଅନୀଲ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆସିଷ୍ଟାଣ୍ଟ ଗଭର୍ନର ରୋଟାରିଆନ ଶିବାନାରାୟଣ ମହାପାତ୍ର ଓ କ୍ଲବ୍ ପରାମର୍ଶଦାତା ତଥା ପୂର୍ବତନ ରୋଟାରୀ ପ୍ରାନ୍ତଃପାଳ ରୋଟାରିଆନ ଅଶ୍ୱିନୀ କର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ରୋଟାରିଆନ ଇଶା ମିଶ୍ର ପରିଚାଳନା କରିଥିଲେ । - ସଂପୂର୍ଣ୍ଣା

# ସାହିତ୍ୟିକ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତିଚାରଣ



ଭୁବନେଶ୍ୱର,୫।୭ (ସମିସ): ଋଷିକୂଲ୍ୟା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଏଥେନା ବୁକ୍ସ ପରିସରରେ ବିଶିଷ୍ଟ ସାହିତ୍ୟିକ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତିରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ, ସୃଜନଶୀଳ ପ୍ରତିଭା ଓ ଅମ୍ଳାନ ସ୍ମୃତିକୁ ମନେ ପକାଇ ସାହିତ୍ୟିକ, କବି, ଲେଖକ ଓ ସାହିତ୍ୟପ୍ରେମୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭାରେ ବକ୍ତାମାନେ ସ୍ୱର୍ଗତ ତ୍ରିପାଠୀଙ୍କ ସାହିତ୍ୟିକ ଜୀବନ, ସୃଜନଶୀଳ ଚେତନା ଓ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ସତ୍ୟନାରାୟଣ ମହାପାତ୍ର, ରମେଶ ପଟ୍ଟନାୟକ, ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସ୍ୱର୍ଗତଃ ସଦାନନ୍ଦ ତ୍ରିପାଠୀଙ୍କ ସହ ଜଡ଼ିତ ସ୍ମୃତି ଓ ତାଙ୍କ ସାହିତ୍ୟ ସାଧନା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଶରତ କୁମାର ଜେନା, ସୁନନ୍ଦା ପ୍ରଧାନ, ଲକ୍ଷ୍ମୀ ଚାନ୍ଦ ପ୍ରମୁଖ ଗଳ୍ପ ପାଠ କରିଥିଲେ । ଶର୍ମିଷ୍ଠା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଶେଷରେ ଏଥେନା ବୁକ୍ସର ପ୍ରକାଶକ ରାଜକିଶୋର ଦାସ ସମସ୍ତ ଅତିଥି ଓ ଉପସ୍ଥିତ ସାହିତ୍ୟପ୍ରେମୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓସ୍‌ମେ ଖୋର୍ଦ୍ଧା ଚାପ୍ଟରର ବାର୍ଷିକ ବୈଠକ

ଭୁବନେଶ୍ୱର,୫।୭ (ସମିସ): ଓସ୍‌ମେ ଖୋର୍ଦ୍ଧା ଚାପ୍ଟରର ବାର୍ଷିକ ବୈଠକ ଏକ ହୋଟେଲ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶିଳ୍ପପତି ସରୋଜ ପାତ୍ର ସ୍ୱାଗତ ଭାଷଣ ଦେବା ସହ ନୂତନ ଶିଳ୍ପଦ୍ୟୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇ ସଭା ଆରମ୍ଭ କରିଥିଲେ । ଓସ୍‌ର ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଓସ୍‌ର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରି ନୂତନ ଶିଳ୍ପଦ୍ୟୋଗୀମାନଙ୍କୁ ସେମାନଙ୍କ ସମସ୍ୟାର ସମାଧାନ ଏବଂ ପନ୍ଥାର ବାଟ ଦେଖାଇଥିଲେ । ଏଥିରେ ୨୦ ଜଣ ମହିଳା ଓ ପୁରୁଷ ନୂତନ ଶିଳ୍ପଦ୍ୟୋଗୀ ସଦସ୍ୟତା ଗ୍ରହଣ କରିଥିଲେ । ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ପୁରୁଷ ଚାପ୍ଟର ସଭାପତି ରୂପେ ସଭାପତି ଅଜୟ କିଶୋର ମହାପାତ୍ର, ସମ୍ପାଦକ ଚାର୍ବାକ ସୁବୁଦ୍ଧି, ସମ୍ପାଦକ (ଅର୍ଥ) ପାର୍ଥସାରଥି ମଣ୍ଡଳ, କାର୍ଯ୍ୟକାରୀ ପରାମର୍ଶଦାତା ସୁଧାଂଶୁ ଦାସ ଅଧିକାରୀ, ପରାମର୍ଶଦାତା ଏ ବି ପଟ୍ଟନାୟକ ଏବଂ ମହିଳା ଚାପ୍ଟର ସଭାପତି ରୂପେ ସଭାପତି ପ୍ରତିଶ୍ରୁତି ଜେନା, ସମ୍ପାଦକ ବିନ୍ଧ୍ୟବାସିନୀ ଜେନା, ସଂଗଠନ ସଂପାଦକ ମମତା ମହାନ୍ତି, ସମ୍ପାଦକ (ଅର୍ଥ) ଶିବାନୀ ପଣ୍ଡା, କାର୍ଯ୍ୟକାରୀ ପରାମର୍ଶଦାତା ବନସ୍ମିତା ଦାସ ଏବଂ ପ୍ରଜ୍ଞାନ ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଶେଷରେ କେନ୍ଦ୍ରୀୟ କମିଟିର ସମ୍ପାଦକ ଅନ୍ୱେଷା ରାଉତ ଧନ୍ୟବାଦ ଦେଇଥିଲେ । ଏଥିରେ ପୂର୍ବତନ ସଭାପତି ସରୋଜ ପାତ୍ରଙ୍କୁ ସେଣ୍ଟ୍ରାଲ କମିଟିର ଜୋନ୍ ଭାଇସ୍ ଚେୟାରମ୍ୟାନ ଭାବରେ ମନୋନୀତ କରାଯାଇଥିଲା ।

# ପରିବେଶ ଓ ଶିକ୍ଷା ସଂସ୍କାର ଦାବିରେ ଉଠ ଓଡ଼ିଆ ପକ୍ଷରୁ ଦିନିକିଆ ଗଣ ଉପବାସ




## ଆସନ୍ତା ୧୧ ଓ ୧୨ ତାରିଖରେ ଭୁବନେଶ୍ୱରରେ ଦୁଇ ଦିନିଆ ସତ୍ୟାଗ୍ରହ

ଭୁବନେଶ୍ୱର,୫।୭ (ସମିସ)

ପରିବେଶ, ଶିକ୍ଷା ସଂସ୍କାର ସହ ଯୁବବର୍ଗଙ୍କ ବିଭିନ୍ନ ଦାବୀକୁ ନେଇ ଉଠ ଓଡ଼ିଆ ସଂଗଠନ ପକ୍ଷରୁ ଭୁବନେଶ୍ୱରରେ ଏକ ଦିନିକିଆ ଗଣ ଉପବାସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ଅନେକ ସଦସ୍ୟ ନିରନ୍ତର ରାଜ୍ୟ ତଥା ଦେଶର ଶିକ୍ଷା ବ୍ୟବସ୍ଥାରେ ଅବନତି ହୋଇଚାଲିଥିବା ଦର୍ଶାଇ ଶିକ୍ଷାର ବ୍ୟବସାୟୀକରଣକୁ ଏବଂ ସରକାରଙ୍କ ଭୁଲନୀତି ଯୁବ ବର୍ଗଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେବାକୁ ବିରୋଧ କରିଥିଲେ । କେନ୍ଦ୍ରରେ ନିଟ୍ ପେପର ଲିକ୍ ଠାରୁ ଆରମ୍ଭ କରି ରାଜ୍ୟରେ ବହି ତ୍ରୁଟି, ତିନିମାସ ଅତିକ୍ରମ ହେବାପରେ ବିଳମ୍ବରେ ତ୍ରୁଟିପୂର୍ଣ୍ଣ ବହି ଦିଆଯିବା, ଅନେକ ନିଯୁକ୍ତି ଭିତ୍ତିକ ପ୍ରବେଶିକା ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ସେହିସବୁ ପ୍ରକ୍ରିୟା ଧୀରେଧୀରେ ଯୁବ ବର୍ଗଙ୍କ ବ୍ୟବସ୍ଥା ପ୍ରତି ବିଶ୍ୱାସ ହରାଉଛି । ଅନ୍ୟପଟେ ଦେଶରେ ପ୍ରାୟ ନବେହଜାର ବିଦ୍ୟାଳୟ ବନ୍ଦ କରାଯିବା, ନିଟ ପ୍ରଶ୍ନପତ୍ର ଲିକ୍ ଏବଂ ଏଥିପାଇଁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା, ସିବିଏସି ଘୋଟାଲା ଆଦି ଅନେକ ଘଟଣା ବର୍ତ୍ତମାନ ରାଜ୍ୟ ତଥା ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ବିରାଟପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତାକୁ ଦର୍ଶାଉଛି । ଏପରି ପରିସ୍ଥିତିରେ ଶିକ୍ଷା ସଂସ୍କାର ଓ ପରିବେଶ ସୁରକ୍ଷା ଦାବୀ କରି ଦେଶର ସୁନାମଧନ୍ୟ ବୈଜ୍ଞାନୀକ ସୋନମ୍ ୱାଂଚୁକଙ୍କ ଗତ ୮ ଦିନ ଧରି ଦିଲ୍ଲୀ ଜନ୍ତର ମନ୍ତରରେ କରୁଥିବା ଆମରଣ ଅନଶନ ସମର୍ଥନରେ ଉଠ ଓଡ଼ିଆ ପକ୍ଷରୁ ଏକଦିନିଆ ଗଣ ଉପବାସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜ୍ଞାନ ରଞ୍ଜନ ଦାସ, ସୌମ୍ୟରଞ୍ଜନ ମହାନ୍ତି, ଅଶୋକ ଜେନା, ଦୂର୍ଗାଦାସ ,ଶ୍ରୀମନ୍ତ ମହାନ୍ତି,ଡ. ରତିକାନ୍ତ ନାୟକ ପ୍ରମୁଖ ଆଗକୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାକୁ ଆହ୍ୱାନ ଦିଆଯିବା ସହ ଆଗାମୀ ୧୧ ଓ ୧୨ ତାରିଖରେ ଦୁଇ ଦିନିଆ ସତ୍ୟାଗ୍ରହ ପାଇଁ ଡାକରା ଦିଆଯାଇଛି ।

# କବିତା ପୁସ୍ତକ 'ମୁଠାଏ ଅବସୋସ' ଲୋକାର୍ପିତ



ଭୁବନେଶ୍ୱର,୫।୭ (ସମିସ): ପ୍ରତ୍ୟେକଟି ସାହିତ୍ୟିକଙ୍କ ଜୀବନ ଅବସୋସ । ବିନା ଅବସୋସରେ ସାହିତ୍ୟିକ ଜୀବନ ନାହିଁ । ଜଣେ ସାହିତ୍ୟିକ ଜୀବନ କାଳ ମଧ୍ୟରେ ଅନେକ ସାହିତ୍ୟ ରଚନା କରିଥାଏ । ୧୦୦ ଖଣ୍ଡ ବହି ପ୍ରକାଶିତ ହୋଇ ସାରିବା ପରେ ବି ମନରେ ଅବସୋସ ଥାଏ ଯେ ଆଉ କିଛି ରହିଗଲା । ଏହି ଅବସୋସ ହିଁ ନୂତନ ସାହିତ୍ୟ ସୃଷ୍ଟି କରେ । ଏ ଅବସୋସ ସାହିତ୍ୟିକ ମାନଙ୍କ ପାଇଁ ମୂଲ୍ୟବାନ ଉପହାର । ଅବସୋସ ନରହିଲେ ସାହିତ୍ୟିକ ଜୀବନ ସଫଳ ହେବ ନାହିଁ ବୋଲି ସୁସାହିତ୍ୟିକା ତଥା କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ କହିଛନ୍ତି । ଆଜି ପଟିଆ ସ୍ଥିତ ତ୍ରିଷ୍ଟା ମଣ୍ଡପରେ ଆୟୋଜିତ କବି ନାରାୟଣ ସେଠୀଙ୍କ ଦ୍ୱିତୀୟ କବିତା ସଙ୍କଳନ 'ମୁଠାଏ ଅବସୋସ'ର ଲୋକାର୍ପଣ ଉତ୍ସବରେ ପ୍ରଫେସର ଡ. ଇତି ସାମନ୍ତ ଏହା କହିଛନ୍ତି । କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ତଥା ସମାଲୋଚକ ପ୍ରଫେସର ପ୍ରଦୀପ୍ତ କୁମାର ବାରିକ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ । ଅନ୍ୟତମ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ଦାସ, ବନଫୁଲ ପ୍ରକାଶନୀର ମୁଖ୍ୟ ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ । ଶେଷରେ କବି ନାରାୟଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରିଜିଓନାଲ ଏଆଇଏମ୍ ସମ୍ବାଦ ଇଷ୍ଟ ଚାପ୍ଟର

ଭୁବନେଶ୍ୱର,୫।୭ (ସମିସ): ଅଟଳ ଇନୋଭେଶନ ମିଶନ, ନିତି ଆୟୋଗ, ଭାରତ ସରକାରଙ୍କ ପକ୍ଷରୁ ଏକ ରିଜିଓନାଲ ଏଆଇଏମ ସମ୍ବାଦ ଇଷ୍ଟ ଚାପ୍ଟର ଭୁବନେଶ୍ୱରର ଓ-ହବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଆଇଏଏସ ଚିତ୍ରା ଅରୁମୁଗମ୍ ଯୋଗଦେଇ ମୁଖ୍ୟ ଅଭିଭାଷଣରେ ଭାରତର ଉଦ୍ଭାବନ କ୍ଷେତ୍ରରେ ପୂର୍ବାଞ୍ଚଳର ମହତ୍ତ୍ୱ ବିଷୟରେ ବୁଝାଇଥିଲେ । ସେ ଷ୍ଟାର୍ଟ୍‌ଅପ ଇକୋସିଷ୍ଟମକୁ ମଜବୁତ କରିବା ଏବଂ ରାଜ୍ୟରେ ଉଦ୍ଭାବନ ଭିତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସହଭାଗୀ ଇକୋସିଷ୍ଟମ, ଆନୁଷ୍ଠନିକ ସହଭାଗିତା ଓ ନୀତି ଚାଳିତ ହସ୍ତକ୍ଷେପର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଉଦ୍‌ଘାଟନୀ ସମାରୋହରେ ଅଟଳ ଇନୋଭେଶନ ମିଶନର ପ୍ରୋଗ୍ରାମ ଡାଇରେକ୍ଟର ପ୍ରମିତ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏଆଇଏମର ମିଶନ ଡାଇରେକ୍ଟର ଡା. ଦୀପକ ବାଗ୍‌ଲା ଭର୍ଚୁଆଲ ବାର୍ତ୍ତା ମାଧ୍ୟମରେ ଆଞ୍ଚଳିକ ଉଦ୍ଭାବନ କ୍ଷେତ୍ରକୁ ବିକଶିତ କରିବା ଏବଂ ବ୍ୟାପକ ସ୍ତରରେ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ପାର୍ଟନର ଇନ୍‌କ୍ୟୁବେଟରଙ୍କ ମଧ୍ୟରେ ଓଡିଶା, ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର ଓ ଅଟଳ କମ୍ୟୁନିଟି ଇନୋଭେଶନ ସେଣ୍ଟର ଗୁଡିକ ସାମିଲ ରହିଥିଲେ । ଏହି ଦିନିକିଆ ସମ୍ମିଳନୀରେ 'ପୂର୍ବୋଦୟ-ବିଲ୍ଡିଂ ଆନ ଇକୋସିଷ୍ଟମ ଫର ସନ୍‌ରାଇଜ ସେକ୍ଟର୍ସ' ଅଧିନରେ ନୀତି ବିବରଣୀ, ଶିଳ୍ପ ଆଲୋଚନା, ଇକୋସିଷ୍ଟମ ପ୍ରାସଙ୍ଗିକ ଉପସ୍ଥାପନା କରାଯାଇଥିଲା । ଏହି ଇଭେଣ୍ଟରେ ପୂର୍ବ ଭାରତର ଷ୍ଟାର୍ଟଅପ, ଇନ୍‌କ୍ୟୁବେଟର, ଏକାଡେମିକ ଇନ୍‌ଷ୍ଟିଚ୍ୟୁଶନ, ଶିଳ୍ପ ପ୍ରତିନିଧି, ନୀତିନିର୍ମାତା ଓ ଇକୋସିଷ୍ଟମ ସକ୍ଷମକାରୀ ଉପସ୍ଥିତ ରହିଥିଲେ ।

# ଚେତୁନାହାଁନ୍ତି ଅମାନିଆ; ବିପଦସଙ୍କୁଳ ସ୍ଥାନରେ ରିଲ୍ସ

## ପୁଣି ନରାଜସ୍ଥିତ କାଠଯୋଡ଼ି ନଦୀରେ ରିଲ୍ସ କରି ବୁଡ଼ିଗଲେ ୩ ଯୁବକ | ୨ ଜୀବନ୍ତ ଉଦ୍ଧାର, ଜଣେ ନିଖୋଜ

- ପୂର୍ବରୁ ରେଳଧାରଣାରେ ରିଲ୍ସ କରି ୨ ହୋଇଥିଲେ ଗିରଫ
- ନରାଜ ବ୍ରିଜ୍ ତଳେ ରିଲ୍ସ ଭାଇରାଲ ପରେ ଆକ୍ସନ୍ ମୁଡ୍‌ରେ ଥିଲା ପୁଲିସ



କଟକ,୫।୭ (ସମିସ)

ସହରର ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ସେଲ୍-ଫି' ନେବା ଏବଂ ରିଲ୍ସ କରିବା ଉପରେ କମିସନରେଟ୍ ପୁଲିସ କଟକଣା ଲଗାଇଛି । ଏହି ନିୟମକୁ ଅମାନିଆ ମାନୁନାହାନ୍ତି । ଆଜି ନରାଜସ୍ଥିତ କାଠଯୋଡ଼ି ନଦୀ ଭିତରେ ରିଲ୍ସ କରି ଅପରାହ୍ଣରେ ୩ ଜଣ ଯୁବକ ବୁଡ଼ିଯାଇଥିଲେ । ସେମାନଙ୍କ ମଧ୍ୟରୁ ୨ଜଣ ଯୁବକଙ୍କୁ ସ୍ଥାନୀୟ ମାଛ ମାରୁଥିବା ଯୁବକ ଡଙ୍ଗା ସାହାଯ୍ୟରେ ଉଦ୍ଧାର କରିଥିବା ବେଳେ ଜଣେ ନିଖୋଜ ରହିଛନ୍ତି ।

ମୁଖ୍ୟତଃ ନଦୀ ଭିତରେ, ନଦୀ ବନ୍ଧ, ରେଳ ଧାରଣା, ପାହାଡ଼, ଉଚ୍ଚ ଅଟ୍ଟାଳିକା ଉପରେ ରିଲ୍ସ ନକରିବା ପାଇଁ ବାରମ୍ବାର କମିସନରେଟ୍ ପୁଲିସ ପକ୍ଷରୁ ୱେବ୍‌ସାଇଟ୍, ଟୁଇଟର୍ ପେଜ୍ ମାଧ୍ୟମରେ ବାରଣ କରାଯାଉଛି । କେତେକ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନାଫଳକ ଲଗାଯାଇଛି । ବିପଦସଙ୍କୁଳ ସ୍ଥାନରେ ରିଲ୍ସ କରି ପୂର୍ବରୁ ଅନେକ ଦୁର୍ଘଟଣା ଘଟିଥିବା ବେଳେ ଏପର୍ଯ୍ୟନ୍ତ ଅମାନିଆମାନେ ଚେତୁ ନାହାନ୍ତି । ଗତବର୍ଷ କଟକ ରେଳଷ୍ଟେସନ୍ ବାହାରେ ରେଳ ଧାରଣା ଉପରେ ଓଡ଼ିଆ ବଜାର ଅଞ୍ଚଳର ୨ ଜଣ ଯୁବକ ରିଲ୍ସ କରୁଥିବା ସମୟରେ ଆରପିଏଫ୍ ପୁଲିସ ସେମାନଙ୍କୁ ଗିରଫ କରିଥିଲା । ଅଭିଯୁକ୍ତଦ୍ୱୟ ହେଲେ ସେକ୍ ସାହିଲ ଓରଫ୍ ସୋନୁ ଏବଂ ସେକ୍ ସୋହେଲ୍ ଓରଫ୍ ବାବୁ । ରିଲ୍ସ କରିବା ନିଶାରେ ରେଳ ଧାରଣା ଉପରେ ନାଚୁଥିଲେ । ମାତ୍ର ସ୍ୱଳ୍ପ ସମୟ ବ୍ୟବଧାନରେ ଟ୍ରେନ୍ ଆସୁଥିବା ବେଳେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ମହାନଦୀ ରେଳ ବ୍ରିଜ୍, ଷ୍ଟେସନ୍ ନିକଟବର୍ତ୍ତୀ ରେଳ ଧାରଣା ଏବଂ କାଠଯୋଡି ହଲ୍ଟଠାରେ ଯୁବକ/ଯୁବତୀମାନେ ରେଳ ଧାରଣା ଉପରେ ବାରମ୍ବାର ରିଲ୍ସ କରୁଛନ୍ତି । ଏହାଉପରେ ଆରପିଏଫ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ନଜରକୁ ଆସୁଛି । ଫେଜ୍-୨ ଥାନା ପକ୍ଷରୁ 'ନରାଜ' ଆଇବିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ବରଗଛ ନିକଟସ୍ଥ ଏରିଆକୁ 'ନୋ-ମ୍ୟାନ୍' ଜୋନ୍ ଘୋଷଣା କରାଯାଇଛି । ସେହିପରି ଶ୍ରୀ ଶ୍ରୀ ୟୁନିଭର୍ସିଟି ଯିବା ରାସ୍ତାର ନଦୀ ବନ୍ଧ ତଳକୁ ଯିବାକୁ ବାରଣ କରାଯାଇଛି । ଏସବୁ ନିୟମ କମିସନରେଟ୍ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିଲେ ମଧ୍ୟ ଆଜି ୩ଜଣ ଯୁବକ ନଦୀ ଭିତରେ ରିଲ୍ସ କରି ବୁଡ଼ିଯାଇଥିଲେ । ଏ ସମ୍ପର୍କରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପାରିବାରୁ ସେ କହିଛନ୍ତି, ବିପଦସଙ୍କୁଳ ସ୍ଥାନରେ ରିଲ୍ସ କରିବାକୁ ବାରଣ କରାଯାଇଛି । ଏସବୁ ସ୍ଥାନଗୁଡ଼ିକରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବ । ସେଠାକୁ ଯାଉଥିବା ଲୋକମାନେ ସଚେତନ ହେବା ଜରୁରୀ ।

ଅନ୍ୟପଟେ ଗତବର୍ଷ ନରାଜ ବ୍ରିଜ୍ ତଳେ କିଛି ଯୁବକ/ଯୁବତୀ ରିଲ୍ସ କରୁଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା । ଏହା ପରେ ଫେଜ୍-୨ ଥାନା ପୁଲିସ ସକାଳ ଓ ଅପରାହ୍ଣ ସମୟରେ ନରାଜ ବ୍ରିଜ୍ ନିକଟରେ ଜଗି ରହିଥିଲେ । ମାତ୍ର ୭/୮ ଦିନ ସେଠାରେ ଯାଞ୍ଚ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ କରାଗଲା ନାହିଁ । ସହରରେ ରିଲ୍ସ କରିବାକୁ ନେଇ ପୂର୍ବରୁ ଯଦିଓ ଚେତାବନୀ ଦିଆଯାଇଥିଲା, କୌଣସି ଅମାନିଆଙ୍କୁ ଗିରଫ କରାଯାଇ ନଥିଲା । ପ୍ରଥମକରି ଗତବର୍ଷ ଆରପିଏଫ୍ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଆକ୍ସନ୍ ମୁଡ୍‌କୁ ଆସିଥିଲା କମିସନରେଟ୍ ପୁଲିସ । ୨୦୨୪-୨୫ ବର୍ଷରେ ଗଡ଼ଗଡ଼ିଆ ଘାଟରେ ପାଣି ଉଠାଉଥିବା କାଉଡିଆଙ୍କୁ ପାଣି ଭିତରେ ରିଲ୍ସ କରିବାକୁ ବାରଣ କରାଯାଇଥିଲା । କ୍ୟାଣ୍ଟନ୍‌ମେଣ୍ଟ ଥାନା ପକ୍ଷରୁ ଏକ ଟିମ୍ କାଉଡିଆଙ୍କୁ ସଚେତନ କରାଇଥିଲେ । ନଦୀରୁ ପାଣି ଉଠାଇଲା ବେଳେ ବିପଦସଙ୍କୁଳ ଅବସ୍ଥାରେ ପାଣି ଭିତରେ ରିଲ୍ସ କଲେ ପୁଲିସ ଗିରଫ କରିବ ବୋଲି କାଉଡିଆଙ୍କୁ ଚେତାବନୀ ଦିଆଯାଇଥିଲା । ବର୍ଷା ଯୋଗୁଁ ଆଗକୁ କାଠଯୋଡି ଓ ମହାନଦୀର ଜଳସ୍ତର ବୃଦ୍ଧି ପାଇବ । ଏହାକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ମାଲଗୋଦାମ ଥାନା ସମ୍ମୁଖସ୍ଥ ଘାଟ, ଗଡ଼ଗଡ଼ିଆ, ଓଟିଡିସି ପକ୍ଷରୁ ଚାଲିଥିବା ବୋର୍ଟ-କ୍ଲବ୍ ଅଞ୍ଚଳ, ହାଡିଆପଠା, କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖସ୍ଥ ଘାଟ, ଚହଟା ଘାଟ, ଧବଳେଶ୍ୱର ଗଡ଼ା, ଭୁଆସୁଣୀ ମନ୍ଦିର ଗଡ଼ା, ନରାଜ ନିକଟରେ ୪ଟି ଘାଟ, ଲ' ୟୁନିଭର୍ସିଟିଠାରୁ ଜୁଡିସିଆଲ ଏକାଡେମୀ ପର୍ଯ୍ୟନ୍ତ ରହିଥିବା ସମସ୍ତ ନଦୀ ଘାଟଗୁଡ଼ିକରେ ରିଲ୍ସ ନକରିବାକୁ ବାରଣ କରି ସୂଚନା ଫଳକ ଲଗାଯିବାର ବ୍ୟବସ୍ଥା କରଯାଉଛି ବୋଲି ଅତିରିକ୍ତ ଡିସିପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି । ପୂର୍ବରୁ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଯେମିତି କୌଣସି ପ୍ରକାର ଅଘଟଣ ନଘଟେ, ସେନେଇ କମିଶନରେଟ୍ ପୁଲିସ ପକ୍ଷରୁ ଏକ ପର୍ଯ୍ୟଟକ ସୁରକ୍ଷା ମାର୍ଗଦର୍ଶିକା ଜାରି କରାଯାଇଥିଲା । ସହରରେ ଥିବା ସମସ୍ତ ପଞ୍ଜିକୃତ ଏବଂ ଅଣପଞ୍ଜିକୃତ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ 'ନୋ ରିଲ୍ସ ଜୋନ୍' ସୂଚନା ଫଳକ ଲଗାଯିବାର ବ୍ୟବସ୍ଥା କମିସନେରଟ୍ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ହେବା ନିମନ୍ତେ ପଦକ୍ଷେପ ନିଆଯାଉଛି ।

### ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣକୁ ନେଇ ନୂଆ ବିବାଦ

# ସେକ୍ଟର-୧୩, ୧୪ ଓ ୧୫ର ସମସ୍ତ କ୍ୱାର୍ଟର୍ସ ଉଚ୍ଛେଦ ଆଶଙ୍କା

ରାଉରକେଲା, ୫।୭ (ସମିସ)

**ସହର ବାହାରେ ନୂଆ ବିମାନବନ୍ଦର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି**

ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ ଏବଂ ସହରରୁ ବଡ଼ ଯାତ୍ରୀବାହୀ ବିମାନ ଚଳାଚଳକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ଅନିଶ୍ଚିତତା ମଧ୍ୟରେ ଏବେ ଏକ ନୂଆ ବିବାଦ ସାମ୍ନାକୁ ଆସିଛି।

ସୂଚନା ଅନୁସାରେ, ପ୍ରସ୍ତାବିତ ବିମାନବନ୍ଦର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ବର୍ତ୍ତମାନର ବିମାନବନ୍ଦର ନିକଟବର୍ତ୍ତୀ ସେକ୍ଟର-୧୩, ୧୪ ଓ ୧୫ରେ ଥିବା ବସ୍ତି ଅଞ୍ଚଳ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସପି)ର କ୍ୱାର୍ଟର୍ସକୁ ଉଚ୍ଛେଦ କରାଯିବାର ଆଶଙ୍କା ଥିବାରୁ ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଛନକା ପଶିଛି।

ସୂଚନାଯୋଗ୍ୟ ଯେ, ରାଉରକେଲାରୁ ପୂର୍ବରୁ ଚାଲୁଥିବା ୭୨ ଆସନ ବିଶିଷ୍ଟ ବିମାନ ସେବା ବର୍ତ୍ତମାନ ବନ୍ଦ ରହିଛି। ଏପରି ପରିସ୍ଥିତିରେ ନିୟମିତ ବାଣିଜ୍ୟିକ ବିମାନ ସେବା ଅନିଶ୍ଚିତ ଥିବାବେଳେ କେବଳ ବିମାନବନ୍ଦର ସମ୍ପ୍ରସାରଣ ପାଇଁ ବାସଗୃହ ଏବଂ ବସ୍ତି ଅଞ୍ଚଳ ଉଚ୍ଛେଦ କରିବାର ଯଥାର୍ଥତାକୁ ନେଇ ଅନେକ ନାଗରିକ ପ୍ରଶ୍ନ ଉଠାଇଛନ୍ତି।

ଏପରି ସ୍ଥଳେ ସମାଜସେବୀ ଅମିତାଭ ସାମଲ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ବର୍ତ୍ତମାନର ବିମାନବନ୍ଦରକୁ ସହର ଭିତରେ ସମ୍ପ୍ରସାରଣ କରିବା ପରିବର୍ତ୍ତେ ସହର ବାହାରେ ଏକ ନୂତନ ବିମାନବନ୍ଦର ନିର୍ମାଣ ପ୍ରସ୍ତାବ ଉପରେ ବିଚାର କରିବାକୁ ଅନୁରୋଧ କରିଛନ୍ତି। ସେ ଏହି ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୁ ମଧ୍ୟ ଆଣିଛନ୍ତି ଏବଂ ଭିତ୍ତିଭୂମି ବିକାଶ ସହିତ ଜନସ୍ୱାର୍ଥର ସନ୍ତୁଳନ ରକ୍ଷା କରିପାରିବା ଭଳି ଏକ ଦୀର୍ଘମିଆଦି ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ଅନୁରୋଧ ଜଣାଇଛନ୍ତି।

ଏହି ପ୍ରସ୍ତାବକୁ ନେଇ ବର୍ତ୍ତମାନ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ସହର ଭିତରେ ଥିବା ବର୍ତ୍ତମାନର ବିମାନବନ୍ଦରକୁ ସମ୍ପ୍ରସାରଣ କରିବା ରାଉରକେଲାର ଭବିଷ୍ୟତ ବିମାନ ପରିବହନ ଆବଶ୍ୟକତା ପାଇଁ ସର୍ବୋତ୍ତମ ବିକଳ୍ପ କି? ନା ସହର ଉପକଣ୍ଠରେ ଏକ ନୂତନ ବିମାନବନ୍ଦର ନିର୍ମାଣ କଲେ ବିସ୍ଥାପନ ଓ ସାମାଜିକ ପ୍ରଭାବକୁ କମାଇ ଅଧିକ ଦୀର୍ଘସ୍ଥାୟୀ ସମାଧାନ ମିଳିପାରିବ ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି।

# ଡକାୟତି ଯୋଜନା ପଣ୍ଡ; ୯ ଜଣ ଗିରଫ

**ରାଉରକେଲା, ୫।୭ (ସମିସ):** ରାଉରକେଲାରେ ଏକ ବଡ଼ ଧରଣର ଅପରାଧକୁ ରୋକିବାରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ସଫଳ ହୋଇଛି। ଜୁଲାଇ ୪ ଓ ୫ ତାରିଖ ମଧ୍ୟରାତ୍ରିରେ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ୯ ଜଣ ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ କରିଛି।



**୩ ଖଣ୍ଡା, ୨ ଭୁଜାଲି ଓ ଲୁହାରଡ଼ ଜବତ**

ପୁଲିସ ସୂଚନାନୁସାରେ, ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ବିଶ୍ରା ଛକ ନିକଟ ଫଳ ମାର୍କେଟ ପଛପାର୍ଶ୍ୱର ଏକ ନିଛାଟିଆ ସ୍ଥାନରେ କିଛି ସଶସ୍ତ୍ର ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିବା ସୂଚନା ପାଇ ପ୍ଲାଣ୍ଟସାଇଟ୍ ପୁଲିସ ଚଢ଼ଉ କରି ସମସ୍ତ ୯ ଜଣଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଆଲୋକ ଗାର୍ଡିଆ ଓରଫ ଲାଲା (୧୯), ଅମନ ସାହୁ (୨୭), ଆଦିତ୍ୟ ସେନାପତି ଓରଫ ଡମ୍ବରୁ (୨୨), ସତ୍ୟ ପ୍ରସାଦ (୧୯), ମହମ୍ମଦ ୟୁସୁଫ (୨୬), ସାଗର ବାଲ୍ମିକୀ (୨୮), ଶଙ୍କର ଅମନ୍ତ (୨୪), ରୋଶନ ପ୍ରସାଦ (୨୩) ଏବଂ ବାବୁଲୁ ବେହେରା ଓରଫ କଣା ଛୋଟୁ (୨୫)। ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୋପବନ୍ଧୁପାଲ୍ଲୀ, ରେଳୱେ କଲୋନୀ, ଟିମ୍ବର କଲୋନୀ ଓ ରାଉରକେଲାର ଆଖପାଖ ଅଞ୍ଚଳର ବାସିନ୍ଦା ବୋଲି ପୁଲିସ କହିଛି।

ଅଭିଯୁକ୍ତମାନେ ମାରଣାସ୍ତ୍ର ଧରି ରାସ୍ତାରେ ଯାଉଥିବା ଲୋକ, ନିକଟସ୍ଥ ଘର, ଦୋକାନ ଏବଂ ଏକ ପେଟ୍ରୋଲ ପମ୍ପକୁ ଟାର୍ଗେଟ କରି ଡକାୟତି କରିବାକୁ ଯୋଜନା କରୁଥିଲେ। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ସେମାନଙ୍କ ଯୋଜନା ବିଫଳ ହୋଇଥିଲା।

ଚଢ଼ଉ ସମୟରେ ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩ଟି ଖଣ୍ଡା, ୨ଟି ଭୁଜାଲି ଏବଂ ୪ଟି ଲୁହା ରଡ଼ ଜବତ କରିଛି। ଘଟଣାରେ ପ୍ଲାଣ୍ଟସାଇଟ୍ ଥାନାରେ ମାମଲା ରୁଜୁ କରାଯିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ରଥଯାତ୍ରା ପାଇଁ ବଣାଇଁରେ ଶାନ୍ତି କମିଟିର ବୈଠକ

**ବଣାଇଁ, ୫।୭ (ସମିସ):** ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ବଣାଇଁ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ରଥଯାତ୍ରା କମିଟିର ସଦସ୍ୟମାନଙ୍କୁ ନେଇ ଗତକାଲି ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ରଥଯାତ୍ରା କମିଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଯାତାୟାତ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ଜରୁରୀକାଳୀନ ସେବା, ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଅଗ୍ନିଶମ ବ୍ୟବସ୍ଥା ସମେତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଶାସନ, ପୁଲିସ ଏବଂ ରଥଯାତ୍ରା କମିଟିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଉପଜିଲ୍ଲାପାଳ ଅଶୋକ କୁମାର ଦାସ ରଥଯାତ୍ରା ପରିଚାଳନାରେ ସମସ୍ତ କମିଟି ସଦସ୍ୟଙ୍କ ସକ୍ରିୟ ସହଯୋଗ ଲୋଡ଼ିବା ସହ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ, ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ କହିଥିଲେ ଯେ, ଭକ୍ତମାନଙ୍କ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲା ପ୍ରଶାସନ ଓ ସମସ୍ତ ରଥଯାତ୍ରା କମିଟି ସହ ଘନିଷ୍ଠ ସମନ୍ୱୟ ରକ୍ଷା କରି ପ୍ରତ୍ୟେକ ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ନିର୍ବିଘ୍ନ ରଥଯାତ୍ରା ପାଳନ ସୁନିଶ୍ଚିତ କରିବାକୁ ପୁଲିସ ସଦା ପ୍ରତିବଦ୍ଧ ରହିଛି।

# ସଲ୍‌ଫର୍ ପେଲେଟ୍ ଯୋଗାଣ ପାଇଁ ଆର୍‌ଏସ୍‌ପି ଓ ଆଇଓସିଏଲ୍ ମଧ୍ୟରେ ଏମ୍‌ଓୟୁ

**ରାଉରକେଲା, ୫।୭ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସପି) ଓ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍) ମଧ୍ୟରେ ସଲଫର ପେଲେଟ୍‌ର ଦୀର୍ଘମିଆଦୀ ଯୋଗାଣ ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ସଲଫର ପେଲେଟ୍, କୋଲ୍ କେମିକାଲ୍ସ ବିଭାଗ (ସିସିଡି)ରେ ସଲଫ୍ୟୁରିକ୍ ଏସିଡ୍ ଉତ୍ପାଦନ ପାଇଁ ବ୍ୟବହୃତ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ।

ନିର୍ବାହୀ ନିର୍ଦ୍ଦେଶକ ସାମଗ୍ରୀ ପ୍ରବନ୍ଧନଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଏମଓୟୁ ସ୍ୱାକ୍ଷର ସମାରୋହରେ ଆର୍‌ଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ, ସାମଗ୍ରୀ ପ୍ରବନ୍ଧନ ଅନିଲ କୁମାର ଉପସ୍ଥିତ ଥିଲେ। ଆର୍‌ଏସ୍‌ପି ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ମେଟେରିଆଲ୍ସ ମ୍ୟାନେଜମେଣ୍ଟ) ଟି. ବିନୋଦ ଏବଂ ଆଇଓସିଏଲ୍‌ର ସମ୍ବଲପୁର ଡିଭିଜନ୍‌ର ଡିଭିଜନାଲ୍ ଇନଷ୍ଟିଚ୍ୟୁସନାଲ୍ ବିଜନେସ୍ ହେଡ୍ ପ୍ରକାଶ ଭାରତୀ ନିଜ ନିଜ ସଂସ୍ଥା ପକ୍ଷରୁ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆଇଓସିଏଲ୍‌ର ଇନଷ୍ଟିଚ୍ୟୁସନାଲ୍ ବିଜନେସ୍‌ର ମହାପ୍ରବନ୍ଧକ ଦେବଦତ୍ତ ରାଉତରାୟ, ଆର୍‌ଏସ୍‌ପିର ସିଜିଏମ୍ (ସିଓ ଆଣ୍ଡ ସିସିଡି) ରାକେଶ ଯୋଶୀଙ୍କ ସମେତ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ଏହି ବୁଝାମଣାପତ୍ର ପ୍ରାରମ୍ଭିକ ଭାବେ ତିନି ବର୍ଷ ପାଇଁ ବୈଧ ରହିବ ଏବଂ ପରବର୍ତ୍ତୀ ଦୁଇ ବର୍ଷ ପର୍ଯ୍ୟନ୍ତ ଏହାକୁ ସମ୍ପ୍ରସାରଣ କରାଯିବାର ବ୍ୟବସ୍ଥା ରହିଛି। ଏହି ଚୁକ୍ତି ଅନୁଯାୟୀ, ଆଇଓସିଏଲ୍ ପ୍ରତିବର୍ଷ ଆରଏସପିକୁ ୭, ୫୦୦ ମେଟ୍ରିକ୍ ଟନ୍ ସଲଫର ପେଲେଟ୍ ଯୋଗାଇବ।

ଆଇଓସିଏଲ୍ ସହିତ ଏହି ବୁଝାମଣାପତ୍ର, ସର୍ବୋତ୍ତମ ପ୍ରଯୁକ୍ତିର ଅନୁସରଣ, କ୍ରୟ ପ୍ରକ୍ରିୟାର ସରଳୀକରଣ ଏବଂ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ପ୍ରତି ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସଲଫର ପେଲେଟ୍‌ର ନିଶ୍ଚିତ ଯୋଗାଣ କୋଲ୍ କେମିକାଲ୍ସ ବିଭାଗରେ ନିରନ୍ତର ଉତ୍ପାଦନ, କାର୍ଯ୍ୟପରିଚାଳନାର ନିର୍ଭରଯୋଗ୍ୟତା ବୃଦ୍ଧି ଏବଂ ସାମଗ୍ରିକ ଦକ୍ଷତା ବୃଦ୍ଧିରେ ସହାୟକ ହେବ।

ଏହି ବୁଝାମଣାପତ୍ରର ସମ୍ପୂର୍ଣ୍ଣ ରୂପରେଖା ଓ ସର୍ତ୍ତାବଳୀ, ଜିଏମ୍ (ଏମଏମ୍ପର୍ଚେଜ୍) ଜି.ଏସ୍. ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଏଜିଏମ୍ (ଏମଏମ୍ପର୍ଚେଜ୍) ଏଚ୍. ରାଉତ ଏବଂ ଡେପୁଟି ମ୍ୟାନେଜର (ଏମଏମ୍ପର୍ଚେଜ୍) ଡି.କେ. ଦାସଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା।

### ବନ୍ଧମୁଣ୍ଡା ବିଶ୍ରାବାସୀଙ୍କ ଖୁସି ଖବର

# କୁକୁଡ଼ା ରେଳ ଫାଟକରେ ନିର୍ମାଣ ହେବ ଫ୍ଲାଇଓଭର

**ରାଉରକେଲା, ୫।୭ (ସମିସ):** ରାଉରକେଲାର ବନ୍ଧମୁଣ୍ଡା ଓ ବିଶ୍ରାବାସୀଙ୍କ ପାଇଁ ଖୁସି ଖବର। କୁକୁଡ଼ା ରେଳ ଫାଟକରେ ୧୩୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ୪.୬ କି.ମି. ଲମ୍ବା ରେଳ ଫ୍ଲାଇଓଭର ବ୍ରିଜ୍। ଏହା ଦ୍ୱାରା କୁକୁଡ଼ା ଗେଟ୍‌ଠାରେ ଥିବା ରେଳ ଫାଟକରେ ଆଉ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ।

**୪.୬ କିମି ଲମ୍ବା ଆର୍‌ଓବି ପାଇଁ ୧୩୫ କୋଟି ଟଙ୍କା ବ୍ୟୟବରାଦ**

**ରାଞ୍ଚି-ଚକ୍ରଧରପୁର ମଧ୍ୟରେ ଟ୍ରେନ୍ ଚଳାଚଳ ହେବ ଅଧିକ ଦ୍ରୁତ ଓ ସୁଗମ**

ସୂଚନାଯୋଗ୍ୟ ଯେ ମୁମ୍ବାଇ-ହାୱଡ଼ା ଦକ୍ଷିଣ ପୂର୍ବ ମୁଖ୍ୟ ରେଳ ପଥରେ ବନ୍ଧମୁଣ୍ଡା ଅନ୍ତର୍ଗତ କୁକୁଡା ଗେଟ୍ ନିକଟରେ ବହୁ ସମୟରେ ରେଳ ଫାଟକ ପଡ଼ି ରହୁଥିବାରୁ ବାଇକ ଆରୋହୀ ଓ କାର ଚାଳକମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ସେଠାରେ ଆର୍‌ଓବି ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ତେବେ ଉକ୍ତ ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷିତ ଦାବୀ ଏବେ ପୂରଣ ହେବାକୁ ଯାଉଛି। ଉକ୍ତ ସ୍ଥାନରେ ବଣ୍ଡାମୁଣ୍ଡା ରେଳଖଣ୍ଡର ବିକାଶ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ୪.୬ କିଲୋମିଟର ଲମ୍ବା ରେଳ ଫ୍ଲାଇଓଭର ନିର୍ମାଣକୁ ରେଳବାଇ ମଞ୍ଜୁରି ଦେଇଥିବା ଜଣାପଡ଼ିଛି। ଏହି ବହୁ ପ୍ରତିକ୍ଷୀତ ପ୍ରକଳ୍ପ ପାଇଁ ପ୍ରାୟ ୧୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ ଏହି ଫ୍ଲାଇଓଭର ବଣ୍ଡାମୁଣ୍ଡା ଲିଙ୍କ-ବିରୁ ବଣ୍ଡାମୁଣ୍ଡା ଏ-କେବିନ ମଧ୍ୟରେ ନିର୍ମାଣ କରାଯିବ। ବର୍ତ୍ତମାନ ଏହି ରେଳପଥରେ ସମସ୍ତ ଟ୍ରେନ୍ ଟ୍ରାକ୍ ଦେଇ ଚଳାଚଳ କରୁଛି। ଫ୍ଲାଇଓଭର ନିର୍ମାଣ ପରେ ଟ୍ରେନ୍ ଚଳାଚଳ ଦୁଇ ସ୍ତରରେ ସମ୍ଭବ ହେବ, ଫଳରେ ରେଳ ଯାତାୟାତ ଉପରେ ଚାପ କମିବ ଏବଂ ଟ୍ରେନ୍ ଚଳାଚଳରେ ବାଧା ଅନେକାଂଶରେ ଦୂର ହେବ।

ଏହି ପ୍ରକଳ୍ପର ସବୁଠାରୁ ବଡ଼ ଲାଭ ରାଞ୍ଚିଚକ୍ରଧରପୁର ରେଳପଥରେ ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକୁ ମିଳିବ। ବର୍ତ୍ତମାନ ଅନେକ ସମୟରେ ବଣ୍ଡାମୁଣ୍ଡା ଏ-କେବିନ ନିକଟରେ କ୍ରସିଂ ଓ ସିଗ୍ନାଲ କ୍ଲିୟରାନ୍ସ ପାଇଁ ଟ୍ରେନ୍‌ଗୁଡ଼ିକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିଲା। ଫ୍ଲାଇଓଭର ନିର୍ମାଣ ପରେ ଏହି ସମସ୍ୟା ବହୁ ପରିମାଣରେ ହ୍ରାସ ହେବ।

ଏହା ସହିତ, ଏହି ପ୍ରକଳ୍ପ ଦ୍ୱାରା ମାଲବାହୀ (ଫ୍ରେଟ୍) ଟ୍ରେନ୍‌ର ଚଳାଚଳ ମଧ୍ୟ ଅଧିକ ସୁଚାରୁ ଓ ଦ୍ରୁତ ହେବ।

ଜଣାପଡ଼ିଛି ଯେ, ଚକ୍ରଧରପୁର ରେଳମଣ୍ଡଳର ଅପରେଟିଂ ବିଭାଗ ଦୀର୍ଘ ଦିନ ଧରି ଏହି ଫ୍ଲାଇଓଭର ପ୍ରକଳ୍ପ ପାଇଁ ପ୍ରୟାସ ଜାରି ରଖିଥିଲା। ବର୍ତ୍ତମାନ ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ତରୁଣ ହୁରିଆଙ୍କ ପ୍ରୟାସରେ ପ୍ରକଳ୍ପକୁ ମଞ୍ଜୁରି ମିଳିଛି ଏବଂ ଶୀଘ୍ର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ।

# ପୂର୍ବତନ ବିଧାୟକଙ୍କ ପୁତ୍ର ବିୟୋଗ

**ରାଉରକେଲା, ୫।୭ (ସମିସ):** ରାଉରକେଲା ପୂର୍ବତନ ବିଧାୟକ ସ୍ୱର୍ଗତ ଅଜିତ୍ ଦାସଙ୍କ ପୁତ୍ର ରଞ୍ଜିତ ଦାସ (ପପୁ)ଙ୍କର ଶନିବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୪୯ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ରବିବାର ତାଙ୍କ ମରଶରୀର ରାଉରକେଲାରେ ପହଞ୍ଚିବା ପରେ ଅପରାହ୍ନରେ ବେଦବ୍ୟାସ ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



# ଆର୍‌ଡି ବର୍ମନଙ୍କ ଜନ୍ମଦିନ ଉପଲକ୍ଷେ 'ୟାଦୋଁ କି ବାରାତ୍'

**ରାଉରକେଲା, ୫।୭ (ସମିସ):** ସ୍ଥାନୀୟ ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବ ଠାରେ ସଙ୍ଗୀତ ସମ୍ରାଟ ଆର୍. ଡି. ବର୍ମନ (ପଞ୍ଚମ ଦା)ଙ୍କ ଜନ୍ମଦିନ ଅବସରରେ ଶ୍ରୀ ସାଇ ମ୍ୟୁଜିକ୍ ଗ୍ରୁପ୍ ରାଉରକେଲା ପକ୍ଷରୁ 'ୟାଦୋଁ କି ବାରାତ୍' ନାମରେ ଏକ ସଙ୍ଗୀତ ସନ୍ଧ୍ୟାର ଆୟୋଜନ କରାଯାଇଥିଲା।




କାର୍ଯ୍ୟକ୍ରମରେ ରଷି ଆର୍ଯ୍ୟ ଓ ଜିତେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍.ଡି. ବର୍ମନଙ୍କ ସଙ୍ଗୀତ ଭାରତୀୟ ଚଳଚ୍ଚିତ୍ର ଜଗତକୁ ନୂତନ ଦିଗ ପ୍ରଦାନ କରିଥିବା ମତ ପ୍ରକାଶ କରିଥିଲେ। ସେମାନେ ଏଭଳି ସାଂସ୍କୃତିକ ଆୟୋଜନ ମାଧ୍ୟମରେ ନୂତନ ପିଢ଼ିଙ୍କ ମନରେ କାଳଜୟୀ ସଙ୍ଗୀତ ପ୍ରତି ଆଗ୍ରହ ସୃଷ୍ଟି ହେବ ବୋଲି କହିଥିଲେ।

ପ୍ରସିଦ୍ଧ ଆଙ୍କର ଫିରୋଜ ଆହମ୍ମଦଙ୍କ ଉପସ୍ଥାପନା ଦର୍ଶକଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆକର୍ଷିତ କରିଥିଲା। ଶୁଭେନ୍ଦୁ, ସୌଗତ, ସୋମା, ବର୍ଣ୍ଣାଳୀ ଏବଂ ଦିବାକର ଆର୍.ଡି. ବର୍ମନଙ୍କ ବହୁ ଲୋକପ୍ରିୟ ଗୀତ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ସାଗରଙ୍କ ନେତୃତ୍ୱରେ ଲାଇଭ୍ ବ୍ୟାଣ୍ଡର ସୁନ୍ଦର ସଙ୍ଗୀତ ସଂଯୋଜନ କାର୍ଯ୍ୟକ୍ରମକୁ ଅଧିକ ପ୍ରାଣବନ୍ତ କରିଥିଲା। ଶେଷରେ ଶ୍ରୀ ସାଇ ମ୍ୟୁଜିକ୍ ଗ୍ରୁପ୍ ପକ୍ଷରୁ ସମସ୍ତ ଅତିଥି, କଳାକାର, ସହଯୋଗୀ ଓ ସଙ୍ଗୀତପ୍ରେମୀଙ୍କୁ କୃତଜ୍ଞତା ଜଣାଯାଇଥିଲା। କାର୍ଯ୍ୟକ୍ରମଟି ରାଉରକେଲାର ସଙ୍ଗୀତପ୍ରେମୀଙ୍କ ପାଇଁ ଏକ ସ୍ମରଣୀୟ ସନ୍ଧ୍ୟାରେ ପରିଣତ ହୋଇଥିଲା।

# ପିଏମ୍‌ଶ୍ରୀ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ




**ବଣାଇଁ, ୫।୭ (ସମିସ):** ବଣାଇ ବ୍ଲକ ଅନ୍ତର୍ଗତ ବଇଦପାଲି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟର ଅଡିଟୋରିୟମରେ ସ୍ୱାଗତ ଓ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ୫ ବର୍ଷରୁ ଅଧିକ ସମୟ ଧରି ପ୍ରଧାନ ଶିକ୍ଷୟିତ୍ରୀ ଥିବା ଭାନୁପ୍ରଭା ଆପୋଲୋନିଆ କୁଲୁ ଏବଂ ୨ ବର୍ଷରୁ ଅଧିକ ସମୟ ଧରି ହିନ୍ଦୀ ଶିକ୍ଷକ ଥିବା ମିତ୍ରଭାନୁ ରାଉତଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ସେମାନଙ୍କୁ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ସହ ନବନିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କୁ ସ୍ୱାଗତ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଡିଡବ୍ଲ୍ୟୁଓ ବାବୁଲାଲ ମାଝି, ସମ୍ମାନିତ ଅତିଥି ଭାବେ ବିଇଓ ସୁନିଲ କୁମାର ମୁଣ୍ଡୁ, ଜିନ୍ଦଲ ଟେକ୍ସା ସିଏସ୍ଆର ମୁଖ୍ୟ ରାଜେଶ କୁମାର ଲେଙ୍କା, ପଦ୍ମଲୋଚନ ଦାସ, ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର କିଷାନ, ୱିଇଓ ମୌସୁମୀ ବେହେରା ଏବଂ ବଣାଇ ହକି କୋ-ଅର୍ଡିନେଟର ସୁଧୀର କୁମାର ଜେନା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ସଭାପତିତ୍ୱ କରି ନବନିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଦୋରା ଉପସ୍ଥିତ ଅତିଥିମାନଙ୍କୁ ବ୍ୟାଚ୍ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଶ୍ରୀମତୀ ଭାନୁପ୍ରଭା କୁଲୁଙ୍କ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ।

ଗଣିତ ଶିକ୍ଷକ ସଦାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଙ୍କଜିନୀ ଗରଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ଟିକିଲି ମାହାକୁଡ଼, ବସନ୍ତ ସାମନ୍ତ, ପ୍ରମୋଦ ଆପଟ, ସୋନମ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ବିଦାୟୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଉପହାର ପ୍ରଦାନ କରି ଉଜ୍ଜ୍ୱଳ ଭବିଷ୍ୟତ ସମସ୍ତେ କାମନା କରିଥିଲେ।

# 'ଉଦ୍ୟମୀ ଓଡ଼ିଶା' ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ରାଉରକେଲା, ୫।୭ (ସମିସ) :** ଏମ୍‌ଏସ୍‌ଏମ୍‌ଇ ବିଭାଗ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ରାଉରକେଲାର ମିଳିତ ଉଦ୍ୟମରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା' ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। କାର୍ଯ୍ୟକ୍ରମ ୩୦ ତାରିଖରେ ରାଉରକେଲାସ୍ଥିତ ଉଜିଆଇଇ ଖେଳ ପଡ଼ିଆରେ ଆରମ୍ଭ ହୋଇଥିଲା।




କାର୍ଯ୍ୟକ୍ରମର ଉଦଘାଟନ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ଦୀନା ଦସ୍ତଗୀର କରିଥିଲେ। ଏହି ମେଳାରେ ପ୍ରାୟ ୨୦ଟି ଷ୍ଟଲ୍ ଖୋଲିଥିଲା। ଯେଉଁଥିରେ ବିଭିନ୍ନ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିଥିଲେ। ସମାପନ ଉତ୍ସବରେ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ୟମୀତାର ବିକାଶ ଏବଂ ଆତ୍ମନିର୍ଭର ଓଡ଼ିଶା ଗଠନରେ ଏମଏସଏମଇ କ୍ଷେତ୍ରର ଭୂମିକା ସମ୍ପର୍କରେ ମତ ରଖିଥିଲେ।

ସମ୍ମାନିତ ଅତିଥି ଭାବେ ଓଏଏସ୍‌ଏମ୍‌ଇର ସଚିବ ସନ୍ଦୀପ କୁମାର ପାଲ, ଉଦିତନଗର ଏସବିଆଇ ଶାଖାର ଫିଲ୍ଡ ଅଫିସର ତରୁଣ କୁମାର ସେଠ, ୟୁଜିଆଇଇର ଉପାଧ୍ୟକ୍ଷ ଶିଶିର କୁମାର ଦଳାଇ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ପ୍ରତିନିଧି ଲତିକା ପଟ୍ଟନାୟକ, ସାଂସଦ ପ୍ରତିନିଧି ପ୍ରକାଶ ପାସୱାନ, ଡିଆଇସିର ମହାପ୍ରବନ୍ଧକ ସ୍ମୃତି ରଞ୍ଜନ ରାଉତରାୟ ଉପସ୍ଥିତ ଥିଲେ।

ଏହି ଅବସରରେ ପାଞ୍ଚଜଣ ଉଦ୍ୟମୀଙ୍କୁ ସିଏମ - ଏସଆରଆଇଏମ ଯୋଜନା ଅନ୍ତର୍ଗତ ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ଦୁଇଜଣ ସଫଳ ଉଦ୍ୟମୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ କୁଇଜ୍, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କାର ବିତରଣ କରାଯାଇଥିଲା।

କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି, ଉଦ୍ୟମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଉଦ୍ୟମୀତାକୁ ଆହୁରି ସୁଦୃଢ଼ କରିବାର ଆଶା ବ୍ୟକ୍ତ କରାଯାଇଥିଲା।

### ବିପିୟୁଟିରେ ଜାତୀୟ କର୍ମଶାଳା ଉଦ୍‌ଯାପିତ

# ସେମିକଣ୍ଡକ୍ଟର ଶିକ୍ଷା ଓ ବୈଜ୍ଞାନିକ ଐତିହ୍ୟ ଉପରେ ଗୁରୁତ୍ୱ

ରାଉରକେଲା, ୫।୭ (ସମିସ)

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପରିସରରେ ଚାଲିଥିବା 'ବିକଶିତ ଓଡ଼ିଶା ପାଇଁ ବୈଷୟିକ ଶିକ୍ଷାର ରୂପାନ୍ତରଣ: ଏନ୍‌ଇପି ୨୦୨୦ ଦୃଷ୍ଟିକୋଣ' ଶୀର୍ଷକ ଦୁଇ ଦିନିଆ ଜାତୀୟ କର୍ମଶାଳା ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ବୈଷୟିକ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ସମନ୍ୱୟ ଉପରେ ଆଲୋଚନା କରିବାକୁ ଓଡ଼ିଶାର ବିଭିନ୍ନ ଇଞ୍ଜିନିୟରିଂ ପ୍ରତିଷ୍ଠାନରୁ ୨୦୦ରୁ ଅଧିକ ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକା ଏହି କର୍ମଶାଳାରେ ଏକତ୍ରିତ ହୋଇଥିଲେ।

କର୍ମଶାଳାର ଦ୍ୱିତୀୟ ଦିନରେ ପ୍ରତିଷ୍ଠିତ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ଆଧୁନିକ ବୈଷୟିକ ଶିକ୍ଷା ସହିତ ଭାରତୀୟ ଜ୍ଞାନ ପରମ୍ପରାର ସମନ୍ୱୟ ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ସେମିକଣ୍ଡକ୍ଟର ଶିକ୍ଷା ବିଷୟରେ ଆଲୋକପାତ କରିଥିବା ବେଳେ ରାଜସ୍ଥାନ ବିକାନେର ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଖିଳ ରଞ୍ଜନ ଗର୍ଗ ଭାରତର ବୈଜ୍ଞାନିକ ଐତିହ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଗବେଷଣା-ଭିତ୍ତିକ ବୈଷୟିକ ଶିକ୍ଷା ଉପରେ ଜୋର ଦେଇଥିଲେ। ବୁର୍ଲା ଭିସୁଟ୍‌ର ପ୍ରଫେସର ସିଦ୍ଧାର୍ଥ ପଣ୍ଡା ବିଜ୍ଞାନ ଓ ଇଞ୍ଜିନିୟରିଂରେ ଭାରତୀୟ ଜ୍ଞାନ ପରମ୍ପରାର ସମନ୍ୱୟ ବିଷୟରେ ଆଲୋଚନା କରିଥିଲେ।




ଏନ୍‌ଆଇଟି ନାଗାଲାଣ୍ଡର ନିର୍ଦ୍ଦେଶକ ପ୍ରଫେସର ଏ. ଏଲୟାପେରୁମାଲ ସାମଗ୍ରିକ ସୁସ୍ଥତା ପାଇଁ ଯୋଗ, ଧ୍ୟାନ ଏବଂ ଆୟୁର୍ବେଦ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥିଲେ ଏବଂ କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ସିଭିଲ୍ ଇଞ୍ଜିନିୟରିଂରେ ଭାରତୀୟ ଜ୍ଞାନ ପରମ୍ପରାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରିଥିଲେ।

ଉଦ୍‌ଯାପନୀ ଅଧିବେଶନ ବିପିୟୁଟିର କୁଳସଚିବ ନିଶି ପୁନମ ମିଞ୍ଜଙ୍କ ସ୍ୱାଗତ ଭାଷଣ ସହିତ ଆରମ୍ଭ ହୋଇଥିଲା। ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଅଭିଭାଷଣରେ କହିଥିଲେ ଯେ, ଏହି କର୍ମଶାଳା ଭାରତର ଜ୍ଞାନ ପରମ୍ପରାକୁ ଆଧୁନିକ ବୈଷୟିକ ଶିକ୍ଷା ସହିତ ଯୋଡ଼ିବା ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିଛି। ଏଭଳି ପ୍ରୟାସ ଓଡ଼ିଶାର ସମସ୍ତ ବିପିୟୁଟି ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ରାଉରକେଲା ମ୍ୟୁନିସିପାଲ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ମତବ୍ୟକ୍ତ କରିଥିଲେ ଯେ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ସାର୍ଥକ ସମନ୍ୱୟ ଆଗାମୀ ପିଢ଼ି ମଧ୍ୟରେ ଉଭୟ ଶୈକ୍ଷିକ ଶ୍ରେଷ୍ଠତା ଏବଂ ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିବ। ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ କର୍ମଶାଳାରୁ ଆସିଥିବା ପ୍ରମୁଖ ସୁପାରିସ ଗୁଡ଼ିକର ସଂକ୍ଷିପ୍ତ ସାରାଂଶ ଉପସ୍ଥାପନ କରିବା ସହ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର ଜାତୀୟ କୋଷାଧ୍ୟକ୍ଷ ସୁରେଶ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମକୁ ସହଯୋଗୀ ପ୍ରଫେସର ଡ. ଦେବଶ୍ରୀତ ଦାସ ସଂଯୋଜନା କରିଥିଲେ।

# ଅବିଶ୍ରାନ୍ତ ବର୍ଷା; ଅସ୍ତବ୍ୟସ୍ତ ଜନଜୀବନ

## ପାଇକମାଳରେ ସର୍ବାଧିକ ୧୭୭ ମିମି ରେକର୍ଡ



**ପାଇକମାଲ, ୫।୭(ସମିସ):** ପାଇକମାଳ ବ୍ଲକ ଅଞ୍ଚଳରେ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ବର୍ଷା ରବିବାର ଦିନ ତମାମ ଅବିଶ୍ରାନ୍ତ ଲାଗି ରହିଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ ମଧ୍ୟରୁ ପାଇକମାଳରେ ସର୍ବାଧିକ ୧୭୭ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଝାରବନ୍ଧରେ ୧୦୨ ମିମି ଓ ଗାଇସିଲେଟରେ ୫୫ ମିମି ବର୍ଷା ହୋଇଥିବା ନେଇ ଜିଲ୍ଲା ଜରୁରିକାଳୀନ ଅଧିକାରୀ ସୁଶ୍ରୀ ଚିଲିକା ପଣ୍ଡା ସୂଚନା ଦେଇଛନ୍ତି।

ଲଗାତର ବର୍ଷା ଯୋଗୁଁ ଅଞ୍ଚଳର ବିଭିନ୍ନ ନଦୀ, ନାଳ ଓ ଛୋଟ ଜଳାଶୟଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ପାଇକମାଳ ସହରର କେତେକ ଦୋକାନରେ ବର୍ଷାଜଳ ପ୍ରବେଶ କରିଥିବା ସୂଚନା ମିଳିଛି। ବପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ପାଇକମାଳରୁ ମାଣ୍ଡୋସିଲ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଥିବାବେଳେ ଖାଲ ଖମା ଜଣାପଡୁନଥିବାରୁ ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ଖାଲରେ ପଡ଼ି ହଇରାଣ ହୋଇଥିଲେ। ଚାଷୀମାନଙ୍କ ମତରେ ଧାନ ଚାଷ ପାଇଁ ଏହି ବର୍ଷା ଉପକାରୀ ହୋଇଥିଲେ ମଧ୍ୟ ଅତ୍ୟଧିକ ବର୍ଷା ଜାରି ରହିଲେ ନୂତନ ରୋଇଥିବା ଧାନ ଚାରା ଉପରେ ପ୍ରଭାବ ପଡ଼ିପାରେ।

## ଜଳାଶୟ ପାଲଟିଲା ଘରୋଇ ବସ୍‌ଷ୍ଟାଣ୍ଡ

**ବରଗଡ଼, ୫।୭(ସମିସ):** ସାମାନ୍ୟ ବର୍ଷାରେ ବେହାଲ୍ ବରଗଡ଼ ସହର। ସହରର ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ଏବେ ସମ୍ପୂର୍ଣ୍ଣ ବରଗଡ଼ ସହର ପାଣି ଘେରରେ ରହିଛି। ବିଶେଷ କରି ବରଗଡ଼ ଘରୋଇ ବସ୍ ଷ୍ଟାଣ୍ଡ ଭିତରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହି ଏହା ଜଳାଶୟର ଭ୍ରାମ ସୃଷ୍ଟି କରୁଛି।



ଆଶ୍ଚର୍ଯ୍ୟର କଥା ହେଉଛି, ଏହି ବସ୍ ଷ୍ଟାଣ୍ଡ ପରିସର ମଧ୍ୟରେ ହିଁ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସାଇବର ଥାନା ରହିଛି। ବସ୍‌ଷ୍ଟାଣ୍ଡ ସାରା ପାଣି ଜମି ରହିଥିବାରୁ ସାଧାରଣ ଲୋକେ କିଭଳି ଥାନାକୁ ଯିବେ ଚିନ୍ତାରେ। ବସ୍ ଷ୍ଟାଣ୍ଡକୁ ପ୍ରତିଦିନ ହଜାର ହଜାର ଯାତ୍ରୀ ଯାତାୟାତ କରନ୍ତି। ମାତ୍ର ପାଣି ନିଷ୍କାସନର କୌଣସି ସୁବିଧା ନଥିବାରୁ ଯାତ୍ରୀମାନେ ପଙ୍କ ସଦୃଶ୍ୟ ଦୂଷିତ ପାଣିରେ ପଶି ବସ୍‌କୁ ଚଢ଼ିବାକୁ ବାଧ ହେଉଛନ୍ତି। ଏହା ସହିତ ସ୍ଥାନୀୟ ବ୍ୟବସାୟୀ ମଧ୍ୟ ବେଶ୍ ପ୍ରଭାବିତ ହୋଇଛନ୍ତି।

ସହରବାସୀଙ୍କ ପ୍ରଶ୍ନ ବରଗଡ଼ ଭଳି ଏକ ପ୍ରମୁଖ ସହରର ଡ୍ରେନେଜ୍ ବ୍ୟବସ୍ଥା ଏତେ ଦୁର୍ବଳ କାହିଁକି? ସ୍ଥାନୀୟ ପ୍ରଶାସନର ଉଦାସୀନତା ଯୋଗୁଁ ଆଜି ସହରବାସୀଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଯଦି ତୁରନ୍ତ ଡ୍ରେନେଜ୍ ସଫା କରାନଯାଏ ଏବଂ ବସ୍ ଷ୍ଟାଣ୍ଡରୁ ପାଣି ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର କରାନଯାଏ, ତେବେ ଆଗକୁ ସ୍ଥିତି ଆହୁରି ସଂଘାତିକ ହେବ ଏବଂ ଜନଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିପାରେ।

### କୋଟି କୋଟି ଟଙ୍କା ସ୍ୱାହା

## ଡ୍ରେନ୍ ନିର୍ମାଣ ପରେ ବି ରାସ୍ତା ପାଲଟିଲା ସ୍ୱିମିଂପୁଲ୍





**ବରଗଡ଼, ୫।୭(ସମିସ):** ବରଗଡ଼ ସହରର ବାନ୍ଧୁଟିକିରା ଛକ। ସହରର ଅତ୍ୟନ୍ତ ବ୍ୟସ୍ତବହୁଳ ମୁଖ୍ୟ ରାସ୍ତା। ଶନିବାରର ବର୍ଷା ପରେ ପୁଣି ସାମ୍ନାକୁ ଆସିଲା ସେହି ପୁରୁଣା ଦୃଶ୍ୟ। ରାସ୍ତା ଉପରେ ଆଣ୍ଠୁଏ ପାଣି। ବାଇକ୍ ଚକ ଅଧା ବୁଡ଼ି ଗଲା ଓ ଯାତାୟାତ ପାଇଁ ନାହିଁ ନଥିବା ହୀନସ୍ତା ହେଲେ ଲୋକେ। ସ୍ୱିମିଂପୁଲ୍‌ର ଭ୍ରମ ସୃଷ୍ଟି କରିଥିଲା ଏହିସ୍ଥାନ। କୋଟି କୋଟି ଟଙ୍କାରେ ଡ୍ରେନ୍ ନିର୍ମାଣ ପରେ ବି ଏପରି ଅବସ୍ଥା ଦେଖି ଲୋକେ କହୁଥିଲେ ସବୁ ଟଙ୍କା ସ୍ୱାହା ହୋଇଗଲା।

ପ୍ରକାଶ ଯେ, ସହରର ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତି ପାଇଁ ପ୍ରାୟ ୧୩ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। କିନ୍ତୁ ବାନ୍ଧୁଟିକିରା ଛକର ଏହି ଦୃଶ୍ୟ ଦେଖି ସହରବାସୀଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠୁଛି ଡ୍ରେନର କାମ ପାଣି ନିଷ୍କାସନ ପାଇଁ, ନା ପାଣି ସଂରକ୍ଷଣ ପାଇଁ? ସାଧାରଣ ଲୋକଙ୍କ ମଧ୍ୟରେ ଏବେ ବ୍ୟଙ୍ଗରେ ଗୋଟିଏ କଥା ବେଶ୍ ଚର୍ଚ୍ଚାରେ 'ବରଗଡ଼ ବିକାଶ ଏବେ ରାସ୍ତାରେ ଭାସୁଛି'। ଏହା ସଡ଼କ ସୁରକ୍ଷା, ଛୋଟ ବ୍ୟବସାୟୀଙ୍କ ରୋଜଗାର, ଜନସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଜୀବନ ସହ ସିଧାସଳଖ ଭାବେ ଜଡ଼ିତ। କୋଟି କୋଟି ଟଙ୍କାର ପ୍ରକଳ୍ପର ଫଳ କେବଳ କାଗଜପତ୍ରରେ ନୁହେଁ, ବାସ୍ତବରେ ରାସ୍ତାରେ ଦେଖିବାକୁ ସହରବାସୀ ଆଶା କରୁଛନ୍ତି। ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଓ ସମ୍ପୃକ୍ତ ବିଭାଗଙ୍କୁ ନମ୍ର ଅନୁରୋଧ, ବର୍ଷା ଋତୁକୁ ଦୃଷ୍ଟିରେ ରଖି ବାନ୍ଧୁଟିକିରା ଛକ ସମେତ ସହରର ଡ୍ରେନେଜ୍ ଓ ରାସ୍ତା କାମକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରାଯାଉ। ବିକାଶର ପ୍ରକୃତ ପରିଚୟ କାଗଜପତ୍ରରେ ନୁହେଁ, ବରଂ ଜନସାଧାରଣଙ୍କୁ ସମସ୍ୟା ମୁକ୍ତ ରାସ୍ତା ଉପହାର ଦେବାରେ ରହିଛି।

### ଝାରବନ୍ଧ ମୁଖ୍ୟ ରାସ୍ତା

## ଜବରଦଖଲ ଉଚ୍ଛେଦ ପରେ ବି ଜମିଲା ପାଣି



**ଝାରବନ୍ଧ, ୫।୭(ସମିସ):** ଝାରବନ୍ଧ ମୁଖ୍ୟ ଛକରେ ଜବରଦଖଲ ଉଚ୍ଛେଦ ଅଭିଯାନକୁ ପ୍ରଶାସନ ସହରର ସୌନ୍ଦର୍ଯ୍ୟକରଣ ଓ ଯାତାୟାତ ସୁବିଧା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ଦର୍ଶାଇଥିଲା। ଏବେ ଅସରାଏ ବର୍ଷାରେ ମୁଖ୍ୟ ରାସ୍ତାରେ ପାଣି ଲହଡ଼ି ଭାଙ୍ଗିବା ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜବରଦଖଲ ହଟାଇବା ପରେ ରାସ୍ତା ପାର୍ଶ୍ୱରେ ଜଳ ନିଷ୍କାସନ ବ୍ୟବସ୍ଥା ହୋଇ ନଥିବାରୁ ଏପରି ଅବସ୍ଥା ହୋଇଛି। ଜିଲ୍ଲା ପ୍ରଶାସନ ତଦନ୍ତ କରି ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି ହେଉଛି।

### ବରଗଡ଼ ବନଖଣ୍ଡରେ ରେଞ୍ଜରଙ୍କ ବଦଳିରେ ପାତରଅନ୍ତର

## ୧୦ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି ପଦ୍ମପୁର ରେଞ୍ଜର

**ବରଗଡ଼, ୫।୭(ସମିସ):** ଜଙ୍ଗଲ ଓ ପରିବେଶ ବିଭାଗର ଚିଠି ନମ୍ବର-୨୧୭୭୪/୭୧୨୨୨ରେ ରହିଥିବା ୯ ନମ୍ବର ପାରାରେ କୌଣସି ବିଭାଗୀୟ ଉଚ୍ଚ ଅଧିକାରୀ ରେଞ୍ଜ ଅଫିସର ବା ଡେପୁଟି ରେଞ୍ଜର ଘରୋଇ ଜିଲ୍ଲାରେ ଚାକିରି କରିପାରିବେ ନାହିଁ ବୋଲି ଉଲ୍ଲେଖ ରହିଛି। ମାତ୍ର ଦୀର୍ଘ ୧୦ ବର୍ଷ ହେବ ବରଗଡ଼ ବନଖଣ୍ଡରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ସୂଚନା ଅନୁସାରେ କିଛିମାସ ହେବ ବରଗଡ଼ ବନଖଣ୍ଡ ଭଟଲି ବନାଞ୍ଚଳ ଦାୟତ୍ୱରେ ଥିବା ସହାୟକ ବନ ସଂରକ୍ଷକ ସୁବୋଧ ସାହୁଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। କିନ୍ତୁ ନିଜ ଗୃହ ଜିଲ୍ଲା ବରଗଡ଼ ଛାଡୁ ନାହାନ୍ତି ପଦ୍ମପୁର ବନାଞ୍ଚଳରେ କାର୍ଯ୍ୟରତ ଡେପୁଟି ରେଞ୍ଜର ରମେଶ ଚନ୍ଦ୍ର ସାହୁ। ଚାକିରି ଆରମ୍ଭରୁ ସେ ବରଗଡ଼ ଛାଡୁ ନଥିବା ଅଞ୍ଚଳରେ ଚର୍ଚ୍ଚା ଆଲୋଚନା ହେଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭଟଲି ରେଞ୍ଜ ଦାୟିତ୍ୱରେ ଥିବା ସହାୟକ ବନ ସଂରକ୍ଷକ ଶ୍ରୀ ସାହୁ ନିଜସ୍ୱ ଜିଲ୍ଲାରେ ଚାକିରି କରିପାରିବେ ନାହିଁ, କିନ୍ତୁ ପଦ୍ମପୁର ଡେପୁଟି ରେଞ୍ଜର ରମେଶ ଚନ୍ଦ୍ର ସାହୁ କେମିତି ନିଜ ଗୃହ ଜିଲ୍ଲାରେ ରହି ଚାକିରି କରିପାରିବେ ତାହା ଏବେ ପ୍ରଶ୍ନବାଚୀ। ନିୟମ ଗୋଟିଏ କିନ୍ତୁ ଦୁଇଜଣଙ୍କ କ୍ଷେତ୍ରରେ ଲାଗୁହେବାରେ ପାତରଅନ୍ତର କାହିଁକି ରହସ୍ୟ ବୁଝି ପଡୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସମଲପୁରୀ ସାହିତ୍ୟ ପରିଷଦ ଦ୍ୱାରା ୩ ଉପନ୍ୟାସ ଲୋକାର୍ପିତ

**ବରଗଡ଼, ୫।୭(ସମିସ):** ସାହିତ୍ୟ ଓ ସଂସ୍କୃତିର ପୀଠସ୍ଥଳୀ ବରଗଡ଼ରେ ସମଲପୁରୀ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଏକ ସାହିତ୍ୟିକ ସମାରୋହ ଗାନ୍ଧୀ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। କଥାକାର ଧନପତି ମହାପାତ୍ରଙ୍କ ଲେଖନୀରୁ ସୃଷ୍ଟି ତିନୋଟି ସମଲପୁରୀ ଉପନ୍ୟାସକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରାଯାଇଛି।





କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ର ଏବଂ ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଅଧ୍ୟାପିକା ସୁନନ୍ଦିନି ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମର ସବୁଠାରୁ ବଡ଼ ଆକର୍ଷଣ ଥିଲା ପୁସ୍ତକ ଗୁଡ଼ିକର ଲୋକାର୍ପଣ ଶୈଳୀ। କଥାକାର ଧନପତି ମହାପାତ୍ରଙ୍କ ତିନୋଟି ଯାକ ପୁସ୍ତକକୁ ପାରମ୍ପରିକ ବାଉଁଶରେ ନିର୍ମିତ ଆକର୍ଷଣୀୟ 'ଭୁଗଲି'ରେ ରଖି ମଞ୍ଚକୁ ଅଣାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡକ୍ଟର ଦ୍ୱାରିକାନାଥ ନାଏକ ଯୋଗଦେଇ ସମଲପୁରୀ ସାହିତ୍ୟର ବିକାଶ ଦିଗରେ ଏଭଳି ଅଭିନବ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସମଲପୁରୀ ସାହିତ୍ୟ ପରିଷଦର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଭୋଇ ଆଲୋକପାତ କରିଥିଲେ। କଥାକାର ତେଜୁରୁ ବାରିକ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଡଃ ଶ୍ୟାମସୁନ୍ଦର ଧର, ଡଃ ସଂଘମିତ୍ରା ମିଶ୍ର ଏବଂ ଡଃ ଅଶୋକ ମହାପାତ୍ର ପ୍ରମୁଖ ଯୋଗଦେଇ କଥାକାର ଧନପତି ମହାପାତ୍ରଙ୍କ ସୃଜନଶୀଳତା ଉପରେ ଆଲୋଚନା କରିବା ସହ ଏହି ଉପନ୍ୟାସଗୁଡ଼ିକ କେବଳ କାହାଣୀ ନୁହେଁ, ବରଂ ଆମ ମାଟି, ଆମ ଭାଷା ଓ ଆମ ସଂସ୍କୃତିର ଏକ ଜୀବନ୍ତ ଦଲିଲ ବୋଲି କହିଥିଲେ।

## ବରଗଡ଼ରେ ଚିଠା ଭୋଟର ତାଲିକା ପ୍ରକାଶ

**ବରଗଡ଼, ୫।୭(ସମିସ):** ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିଠା ଭୋଟର ତାଲିକା ଉନ୍ମୋଚନ ସହ ଏହାକୁ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ। ଏଥିସହ ସେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ପ୍ରକ୍ରିୟାର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ବିଷୟରେ ଅବଗତ କରାଇଥିଲେ। ସାଧାରଣ ଜନସାଧାରଣଙ୍କ ପାଇଁ ଦାବି ଓ ଆପତ୍ତି ଦାଖଲ କରିବାର ସମୟସୀମା ଆଜିଠୁ ଆରମ୍ଭ ହୋଇ ୪ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ଏହି ଚିଠା ପ୍ରକାଶନ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଧୁଛନ୍ଦା ସାହୁ, ବରଗଡ଼ ଉପ-ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଏବଂ ପଦ୍ମପୁର ଉପ-ଜିଲ୍ଲାପାଳ ହେମସାଗର ଭୋଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାଛଡ଼ା ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ଏଚ୍.ଆର୍.ଏମ୍.ଏସ୍. ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ମତାମତ ରଖିଥିଲେ।

ତଥ୍ୟ ଅନୁସାରେ ବରଗଡ଼ ଜିଲ୍ଲାର ସମୁଦାୟ ୫ଟି ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ୧୧, ୮୧, ୨୮୧ ଥିଲା। ୧୦୦ ପ୍ରତିଶତ ପଞ୍ଜୀକରଣ ଫର୍ମ ବଣ୍ଟନ ଶେଷ ହୋଇଥିବା ବେଳେ ସେଥିମଧ୍ୟରୁ ୯୩.୭୦ ପ୍ରତିଶତ ଅର୍ଥାତ୍ ୧୧, ୦୬, ୮୭୬ଟିର ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇ ଚିଠା ପ୍ରସ୍ତୁତ ହୋଇଛି। ଚିଠା ଭୋଟର ତାଲିକାକୁ ନେଇ କୌଣସି ଆପତ୍ତି କିମ୍ବା ଅଭିଯୋଗ ଥିଲେ ଜନସାଧାରଣ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୃକ୍ତ ଫର୍ମ ଜରିଆରେ ଆବେଦନ କରିପାରିବେ ବୋଲି ଜିଲ୍ଲା ନିର୍ବାଚନ ବିଭାଗ ତରଫରୁ ସୂଚନା ଦିଆଯାଇଛି।

### ୬ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

## 'ଶିକ୍ଷା ବିଭାଗର ସମ୍ପତ୍ତି ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ'

**ବରଗଡ଼, ୫।୭(ସମିସ):** ଶିକ୍ଷା ହେଉଛି ସମାଜର ମୂଳପିଣ୍ଡ ଶିକ୍ଷକ ହେଉଛନ୍ତି ମେରୁଦଣ୍ଡ। ଆଉ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷା ବିଭାଗର ସମ୍ପତ୍ତି ବୋଲି ସ୍ଥାନୀୟ ନଦୀପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଓଡ଼ିଆ ବାଳକ ବିଦ୍ୟାଳୟ କ୍ଲଷ୍ଟର ଆନୁକୂଲ୍ୟରେ ଅନୁଷ୍ଠିତ ମାସିକ ବୈଠକରେ ମତ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ ଶତପଥୀଙ୍କ ଅଧ୍ୟକ୍ଷତା ଓ ପ୍ରଧାନ ଶିକ୍ଷକ ତେଜରାଜ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସିଆରସିସି ଅର୍ଚ୍ଚିତା ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ଏହି କ୍ଲଷ୍ଟରରୁ ଅବସର ଗ୍ରହଣ କରିଥିବା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ, ଓଡ଼ିଆ ବାଳକ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସେରେନ୍ଦ୍ରି ଆଚାର୍ଯ୍ୟ, ଦାଶପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ, ସମଲେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ ମହାପାତ୍ର ଓ ସହକାରୀ ଶିକ୍ଷୟିତ୍ରୀ ମିନତି ଦେବତା,



ଡ ଆମ୍ବେଦକର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ମହାନ୍ତିଙ୍କୁ କ୍ଲଷ୍ଟର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଗୋପବନ୍ଧୁ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଅଭିଜ୍ଞତାକୁ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଶ୍ରେଣୀ ଗୃହ ପାଠ୍ୟଦାନରେ ବିନିଯୋଗ କରିବାକୁ ଆହ୍ୱାନ ଦେବା ସହ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ବିଭାଗର ସମ୍ପତ୍ତି ବୋଲି ଅଭିହିତ କରି ଅବସର ପରେ ବି ସେମାନେ କ୍ଲଷ୍ଟରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସହିତ ଜଡ଼ିତ ରୁହନ୍ତୁ ବୋଲି ଅନୁରୋଧ କରିଥିଲେ। ନଦୀପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରାଟ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ୩ ଆହତ

**ଅମ୍ବାଭୋନା, ୫।୭(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ସମରଧରାରୁ ଡୁଙ୍ଗୁରିକୁ ଯାଉଥିବା ରାସ୍ତାର ସନ୍ଥରା ଗ୍ରାମ ନିକଟରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଖୋଲା ଗ୍ରାମର ଚିନ୍ତାମଣି ବଢେଇ (୫୦), ତାଙ୍କ ଝିଅ ଟିନା (୧୫) ଏବଂ ସେହି ଗ୍ରାମର ସୁନି (୧୭) ଆହତ ହୋଇଛନ୍ତି। ୩ଜଣ ଗୋଟିଏ ବାଇକରେ ଖୋଲା ଗ୍ରାମରୁ ସମରଧରା ଅଭିମୁଖେ ଯାଉଥିବା ବେଳେ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ବାଇକ ଚାଳକ ଚିନ୍ତାମଣିଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଅନ୍ୟ ୨ଜଣ ମଧ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ସେମାନଙ୍କୁ ମେଡିକାଲ ପଠାଇଥିଲେ।

## ପଦ୍ମପୁରରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା

**ପଦ୍ମପୁର, ୫।୭(ସମିସ):** ପଦ୍ମପୁର ସହରର ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ସାମାନ୍ୟ ବର୍ଷାହେଲେ ମଧ୍ୟ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ସହରର ପ୍ରମୁଖ ଡ୍ରେନ୍‌ଗୁଡ଼ିକ ଅଳିଆ ଆବର୍ଜନାରେ ପୋତି ହୋଇ ପଡ଼ିଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ନାଳର ଦୂଷିତ ପାଣି ରାସ୍ତା ଉପରେ ଲହଡ଼ି ମାରିବା ସହ ଲୋକଙ୍କ ଘରେ ପଶୁଛି। ଏହି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନ୍ ସଫା କରି ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସହରବାସୀ ଏନ୍‌ଏସି ଓ ସ୍ଥାନୀୟ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା



**ବରଗଡ଼, ୫।୭(ସମିସ):** ଆଟିଭର୍ସ ହେଲ୍ଥି ଫାଉଣ୍ଡେସନ୍, ବରଗଡ଼ ଓ ଯୋଗାସନ ସ୍ପୋର୍ଟସ୍ ଆସୋସିଏସନ୍, ବରଗଡ଼ର ମିଳିତ ଉଦ୍ୟମରେ ଜିଲ୍ଲାସ୍ତରୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ୍‌ର ସଭାପତି ଦିବାକର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପେଟ୍ଟନାୟକ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ପାୱାର ଅଫ୍ ଦିବ୍ୟାଙ୍ଗର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ସମାଜସେବୀ କନକ ପ୍ରଧାନ, ସ୍ୱତନ୍ତ୍ର ବାପୁଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଅଭୟ ପ୍ରଧାନ, ଜିଲ୍ଲା ଯୋଗାସନ ଆସୋସିଏସନ୍‌ର ସଭାପତି ରାକେଶ ସ୍ୱାଇଁ ଓ ସମ୍ପାଦକ ଗୋପାଳ ପୋଢ଼ ପ୍ରମୁଖ ଉପସ୍ଥିତ ଥିଲେ।

ଆଟିଭର୍ସ ହେଲ୍ଥି ଫାଉଣ୍ଡେସନ୍‌ର ସମ୍ପାଦକ ଭଗବାନ ପ୍ରଧାନ ଚାରାଗଛ ଓ ଉପଢ଼ୌକନ ପ୍ରଦାନ କରି ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ସୁସ୍ଥ ସମାଜ ଗଠନରେ ଯୋଗର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିବା ସହ ଫାଉଣ୍ଡେସନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ଅର୍ଜନ କରିଥିବା ନିଖିଳ ଶର୍ମାଙ୍କୁ ମାନପତ୍ର ଓ ପଦକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜାତୀୟ ସ୍ତରରେ ସଫଳତା ହାସଲ କରିଥିବା ପ୍ରତ୍ୟାଶା ମହାକୁଡ଼ ଓ ରଞ୍ଜିତା ଭୋଇଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

**ବିଜେପୁର, ୫।୭(ସମିସ)**

ବରଗଡ଼ ଜିଲ୍ଲା ବିଜେପୁର ସ୍ଥିତ ଏକ ଘରୋଇ ନର୍ସିଂ ହୋମରେ ଚିକିତ୍ସା ଅବହେଳାରୁ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ ହୋଇଛି। ବିଜେପୁର ବ୍ଲକର ବେନିଆଚାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟୁହିଲାମାଲ ଗ୍ରାମର ନାରାୟଣ ମହାନନ୍ଦ ଗତ ମାସ ୨୩ ତାରିଖ ଦିନ ତାଙ୍କ ୪ ମାସର ଗର୍ଭବତୀ ପତ୍ନୀ ନଳିନୀ ମହାନନ୍ଦଙ୍କୁ ପେଟ ଯନ୍ତ୍ରଣା ହେବାରୁ ବିଜେପୁର ସ୍ଥିତ ଅମୃତ ଧାରା ନର୍ସିଂ ହୋମ୍‌କୁ ନେଇଥିଲେ। ଡାକ୍ତର ଏବେ ନାହାନ୍ତି ଆସିଲେ ଅଲଟ୍ରାସାଉଣ୍ଡ କରି ଦେଖିବେ ବୋଲି ନର୍ସମାନେ କହିଥିଲେ ଏବଂ ସାଲାଇନ ଇଞ୍ଜେକସନ ଆଦି ଦେଇଥିଲେ। ପରେ ଦିନ ୨ ଟାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା.ପୂର୍ଣ୍ଣ ଶଙ୍କର ମେହେର ପହଞ୍ଚି ଉକ୍ତ ରୋଗୀକୁ ଦେଖି ଅଲଟ୍ରାସାଉଣ୍ଡ କରିଥିଲେ। ଗର୍ଭରେ ଶିଶୁ ଖରାପ ହୋଇଯାଇଛି ଏବଂ ଏହାକୁ ତୁରନ୍ତ କାଢ଼ିବାକୁ ପଡ଼ିବ ବୋଲି କହିଥିଲେ। ଏନେଇ ୧୨ହଜାର ଟଙ୍କା ଲାଗିବ ବୋଲି କର୍ମଚାରୀମାନେ ଜଣାଇଥିବା ନାରାୟଣ କହିଛନ୍ତି। ସେ ଟଙ୍କା ଯୋଗାଡ଼ କରି ଚିକିତ୍ସା କରିବାକୁ ଅନୁରୋଧ କରିଥିବାବେଳେ ଅବସ୍ଥା ସଙ୍କଟପନ୍ନ ହେବାରୁ ତାଙ୍କୁ ଅନ୍ୟତ୍ର ନେବାକୁ କୁହାଯାଇଥିଲା। ଫଳରେ ନାରାୟଣ ତୁରନ୍ତ ବୁର୍ଲା ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ ମଧ୍ୟ ତାଙ୍କ ମୃତ୍ୟୁ ହୋଇଥିଲା।

**ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସ୍ୱାମୀ**

ଅମୃତ ଧାରା ନର୍ସିଂ ହୋମ୍‌ର ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ତାଙ୍କ ସ୍ୱାମୀ ନାରାୟଣ ମହାନନ୍ଦ ବରଗଡ଼ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ସକାଳେ ଡାକ୍ତରଖାନାରେ ପହଞ୍ଚିଥିଲେ ବି ଦିନ ୨ଟା ପର୍ଯ୍ୟନ୍ତ ଡାକ୍ତର ଆସିବେ ବୋଲି କହି ଅଟକାଇ ପରେ ସଂକଟାପନ୍ନ ଅବସ୍ଥାରେ ଅନ୍ୟତ୍ର ପଠାଇବାରୁ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହେଲା ବୋଲି ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଅମୃତ ଧାରା ନର୍ସିଂ ହୋମ୍ ପରିଚାଳକ ଯଶୋବନ୍ତ ମେହେର ଅଭିଯୋଗକୁ ଖଣ୍ଡନ କରି ଗୁରୁତର ଅବସ୍ଥାରେ ଆଣିଥିବା ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଦିଆଯାଇଛି ବୋଲି କହିଛନ୍ତି। ଘଟଣାର ତଦନ୍ତ କରି ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଜିଲ୍ଲାପାଳ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ଜିଲ୍ଲାପାଳ ମଧ୍ୟ ଏକ କମିଟି ମାଧ୍ୟମରେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।